# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୫/୨୦୨୩ (୨୦ ପୃଷ୍ଠା) Bhubaneswar, Thursday, October 5/2023 Page 20 ₹ 7.00

୪୯ଶ ଭାଗ ୩୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 311 ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୫/୨୦୨୩ | Bhubaneswar, Thursday, October 5/2023 | ପୃଷ୍ଠା-୧




**ହରମିଲାନ୍ ବେନ୍ସଙ୍କୁ ୨ୟ ରୌପ୍ୟ**

ଭାରତର ହରମିଲାନ୍ ବେନ୍ସ ୮୦୦ ମିଟର ଦୌଡ଼ ଜିତିବା ସହ ଏସିଆନ ଗେମ୍ସରେ ବ୍ୟକ୍ତିଗତ ଦ୍ୱିତୀୟ ରୌପ୍ୟ ହାସଲ କରିଛନ୍ତି।

୧୬

୧୨

**ରଣବୀର କପୁରଙ୍କୁ ଇଡି ସମନ**

ମହାଦେବ ଅନ୍‌ଲାଇନ୍ ବୁକ୍ ଆପ୍ ସହ ସମ୍ପୃକ୍ତ ବଲିଉଡ୍ ଅଭିନେତା ରଣବୀର କପୁରଙ୍କୁ ଶୁକ୍ରବାର ହାଜର ହୋଇ ଜେରାର ସମ୍ମୁଖୀନ ହେବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ କରିଛି।



# ଏସିଆଡ୍‌ରେ କିଶୋରଙ୍କ କୀର୍ତ୍ତି



ଏସିଆନ ଗେମ୍ସ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ବିଜେତା ନିରଜ ଚୋପ୍ରା ଏବଂ ରୌପ୍ୟ ବିଜୟୀ କିଶୋର ଜେନା ।

- ଜାଭେଲିନ୍ ଥ୍ରୋରେ ଜିତିଲେ ରୌପ୍ୟ ପଦକ
- ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା
- ଦେଢ଼କୋଟି ଟଙ୍କା ପୁରସ୍କାର ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୪।୧୦ (ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ଗେମ୍ସ (ଏସିଆଡ୍)ରେ ବୁଧବାର ଓଡ଼ିଶା ପାଇଁ ଆସିଛି ବଡ଼ ଖବର। ପ୍ରତିଭାସମ୍ପନ୍ନ ଆଥ୍‌ଲେଟ କିଶୋର କୁମାର ଜେନା ଏସିଆନ ଗେମ୍ସ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। କେବଳ ସେତିକି ନୁହେଁ, ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ସେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି। କିଶୋର ନିଜ ୪ର୍ଥ ଉଦ୍ୟମରେ ୮୭.୫୪ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ଅଲିମ୍ପିକ୍ସ ପାଇଁ କ୍ୱାଲିଫିକେଶନ ମାର୍କ ହେଉଛି ୮୫.୫୦ ମିଟର। ପୂର୍ବରୁ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଶୋର ୮୪.୭୭ ମିଟର ଥ୍ରୋ କରି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ। ଏସିଆନ ଗେମ୍ସରେ ତା'ଠାରୁ ଅଧିକ ଦୂର ଥ୍ରୋ ☞ପୃଷ୍ଠା-୨

## ସ୍ୱର୍ଣ୍ଣ ପଦକ ବଜାୟ ରଖିଲେ ନୀରଜ

**ହାଙ୍ଗଝୋ, ୪।୧୦**

ଚଳିତ ଏସିଆନ ଗେମ୍ସର ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଭାରତର ନୀରଜ ଚୋପ୍ରା। ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ନୀରଜ ବୁଧବାର ସିଜନ ଶ୍ରେଷ୍ଠ ୮୮.୮୮ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରି ଟାଇଟଲ ବଜାୟ ରଖିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ନୀରଜଙ୍କ ପ୍ରଥମ ଥ୍ରୋକୁ ରେକର୍ଡଭୁକ୍ତ କରାଯାଇ ନ ଥିଲା। ପୂର୍ବରୁ ନୀରଜ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ଗତ ଅଗଷ୍ଟରେ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ୮୮.୭୭ ମିଟର ଥ୍ରୋ କରି କ୍ୱାଲିଫିକେଶନ ମାର୍କ ଅତିକ୍ରମ କରିଥିଲେ। ନୀରଜଙ୍କ କୀର୍ତ୍ତିମାନ ବ୍ୟତୀତ ୪x୪୦୦ ମିଟର ରିଲେ ରେସ୍‌ରେ ଭାରତ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି।

# ଏଏପି ନେତା ସଞ୍ଜୟ ସିଂ ଗିରଫ

**ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା**

**ନୂଆଦିଲ୍ଲୀ,୪।୧୦(ପି.ଟି.)**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା ସହ ସମ୍ପୃକ୍ତି ଅଭିଯୋଗରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଗିରଫ କରିଛି। ଉକ୍ତ ମାମଲାରେ ଗିରଫ ହେବାରେ ସଞ୍ଜୟ ଦ୍ୱିତୀୟ ହାଇପ୍ରୋଫାଇଲ ନେତା। ପୂର୍ବରୁ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଏହି ମାମଲାରେ ସିବିଆଇ ଏବଂ ଇଡି ଗିରଫ କରିଥିଲା।

ଇଡି ଅଧିକାରୀମାନେ ବୁଧବାର ସକାଳୁ ସଞ୍ଜୟଙ୍କ ନର୍ଥ ଆଭେନ୍ୟୁସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରିଥିଲେ। ତାଙ୍କୁ ଦିନ ତମାମ ଜେରା କରିବା ପରେ ମନିଲଣ୍ଡରିଂ (ନିରାକରଣ ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରି ଇଡି ଜେରା ପାଇଁ ହାଜତକୁ ନେବା ପାଇଁ ଆବେଦନ କରିପାରେ। ଟାଣୁଆ ନେତା ସଞ୍ଜୟଙ୍କ ଗିରଫଦାରିକୁ ନେଇ ଦିଲ୍ଲୀର ଶାସକ ☞ପୃଷ୍ଠା-୨



ଏଏପିର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କୁ ଇଡି ପକ୍ଷରୁ ଗିରଫ କରି ନିଆଯାଉଛି।


**ଆଜିର ସମ୍ପାଦକୀୟ**

ପୁରାଣରେ ଧାନଦେବୀ


## ଆକ୍ରୋଶ ମନୋଭାବ ରଖି ଇଡି ଗିରଫ କରିପାରିବନି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୪।୧୦**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ପ୍ରତ୍ୟେକ କାର୍ଯ୍ୟ ସ୍ୱଚ୍ଛ ହେବା ଆବଶ୍ୟକ। କାହା ପ୍ରତି ଆକ୍ରୋଶ ମନୋଭାବ ରଖିବା ଠିକ୍ ନୁହେଁ। ଏପରି କି କୌଣସି ପ୍ରକାରେ ପ୍ରଭାବିତ ନ ହୋଇ ଇଡି ଏହାର କାର୍ଯ୍ୟ କରିବା ଜରୁରୀ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ-୨୦୦୨ରେ ଯଦି କାହାରିକୁ ସମନ୍ କରାଯାଇଛି ଏବଂ ସେ ବ୍ୟକ୍ତିଗତଭାବେ ତଦନ୍ତରେ ସହଯୋଗ କରୁନାହାନ୍ତି, ତେବେ ସେହି ଆଧାରରେ କାହାକୁ ଇଡି ଗିରଫ କରିପାରିବ ନାହିଁ ବୋଲି ବିଚାରପତି ଏ. ଏସ୍. ବୋପାନ୍ନା ଏବଂ ବିଚାରପତି ☞ପୃଷ୍ଠା-୨

# ଆଜିଠୁ ଦିନିକିଆ କ୍ରିକେଟ ବିଶ୍ୱକପ

**ଇଂଲଣ୍ଡ- ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ମ୍ୟାଚ**

**ଅହମଦାବାଦ, ୪।୧୦**

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ଗତଥରର ଚାମ୍ପିୟନ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଏହା ଗତ ସଂସ୍କରଣ ଫାଇନାଲର ରି ମ୍ୟାଚ ସଦୃଶ। ଗତଥର ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ଚାମ୍ପିୟନ ହୋଇଥିଲା। ଏଥର ଆରମ୍ଭରୁ ଇଂଲଣ୍ଡକୁ ହରାଇ ନ୍ୟୁଜିଲାଣ୍ଡ ଏହାର ମଧୁର ପ୍ରତିଶୋଧ ନେବା ସୁଯୋଗ ଆସିଛି। ଇଂଲଣ୍ଡ କେବଳ ଦିନିକିଆରେ ନୁହେଁ ଟି୨୦ରେ ମଧ୍ୟ ବିଶ୍ୱ ଚାମ୍ପିୟନ। ତେଣୁ ୪ ବର୍ଷ ମଧ୍ୟରେ ତୃତୀୟ ବିଶ୍ୱକପ ହାସଲ ଲକ୍ଷ୍ୟରେ ରହିଛି ଜୋଶ୍ ବଟଲରଙ୍କ ଦଳ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ କେବେହେଲେ ବିଶ୍ୱକପ ଜିତି ପାରିନାହିଁ। ଏଥର ମଧ୍ୟ ଦଳକୁ ଆରମ୍ଭରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଅସ୍ତ୍ରୋପଚାର ☞ପୃଷ୍ଠା-୨

ICC MEN'S CRICKET WORLD CUP INDIA 2023

## ମାନସ ମଙ୍ଗରାଜ ରାଜ୍ୟ ସଭା ମୁଖ୍ୟ ସଚେତକ



**ଭୁବନେଶ୍ୱର,୪।୧୦(ଅନିଲ ଦାସ)**

ଏମ୍‌ପି ମାନସ ମଙ୍ଗରାଜଙ୍କୁ ରାଜ୍ୟ ସଭାରେ ବିଜେଡିର ନୂଆ ମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି । ଏ ନେଇ ବୁଧବାର ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ମାନସ ୨୦୨୨ ଜୁନ୍ ୭ ତାରିଖରେ ରାଜ୍ୟ ସଭାକୁ ☞ପୃଷ୍ଠା-୨

## ସିକିମ୍‌ରେ ବାଦଲଫଟା ବର୍ଷା, ୧୦ ମୃତ

### ଜଣେ ଓଡ଼ିଆଙ୍କ ସହ ୨୨ ଯବାନ ନିଖୋଜ

**ଗ୍ୟାଙ୍ଗଟକ୍ /କାମାକ୍ଷାନଗର, ୪।୧୦ (ସୁଧୀର ପରିଡ଼ା)**

ଉତ୍ତର ସିକିମ୍‌ର ଲୋନାକ ଲେକ୍ ଅଞ୍ଚଳରେ ମଙ୍ଗଳବାର ରାତିରୁ ବାଦଲଫଟା ବର୍ଷା ହୋଇ ତିସ୍ତା ନଦୀ ଅବବାହିକାରେ ହଠାତ୍ ବନ୍ୟା ମାଡ଼ିଆସିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରଖର ବନ୍ୟା ସ୍ରୋତରେ ଭାସିଯାଇ ୨୨ ଯବାନଙ୍କ ସମେତ ୮୨ ଜଣ ନିଖୋଜ ଅଛନ୍ତି। ନିଖୋଜ ଯବାନଙ୍କ ମଧ୍ୟରେ ଢେଙ୍କାନାଳ ଜିଲା ଭୁବନ ବ୍ଲକ ତଥା କାମାକ୍ଷାନଗର ଥାନା ଦିଘି ପଞ୍ଚାୟତ କେନ୍ଦୁଡିପ ଗ୍ରାମର ସରୋଜ କୁମାର ଦାସ ରହିଥିବା ତାଙ୍କ ପରିବାର ସୂତ୍ରରୁ ସୂଚନା ମିଳିଛି। ୨୧ ସେପ୍ଟେମ୍ବର ୨୦୧୨ରେ ସରୋଜ ସେନାରେ ନିଯୁକ୍ତି ପାଇଥିଲେ। ସେ ୭ ମାସ ତଳେ ବିବାହ କରିଥିବା ବେଳେ ୨ମାସ ପୂର୍ବରୁ ଘରକୁ ଆସିଥିଲେ। ମଙ୍ଗଳବାର ରାତି ୧୦ଟାରେ ପରିବାର ଲୋକଙ୍କ ସହ ମୋବାଇଲରେ କଥା ହୋଇଥିଲେ। ବୁଧବାର ମୋବାଇଲ ଫୋନ ନ ଲାଗିବାରୁ ତାଙ୍କ ୟୁନିଟ୍‌କୁ ଯୋଗାଯୋଗ ☞ପୃଷ୍ଠା-୨



ନିଖୋଜ ଓଡ଼ିଆ ଯବାନ ସରୋଜ ଦାସ

# ରସାୟନ ବିଜ୍ଞାନରେ ୩ ବୈଜ୍ଞାନିକଙ୍କୁ ନୋବେଲ

**ଗ୍ୟାଙ୍ଗଟକ୍,୪।୧୦**

କ୍ୱାଣ୍ଟମ୍ ଡଟ୍‌ସ ପାଇଁ କାମ କରିଥିବା ୩ ବୈଜ୍ଞାନିକଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସେମାନେ ହେଲେ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏମ୍‌ଆଇଟି)ର ମୌଙ୍ଗି ଜି. ବାୱେଣ୍ଡି, କଲମ୍ବିଆ ୟୁନିଭର୍ସିଟିର ଲୁଇସ୍ ଇ. ବ୍ରୁସ୍ ଏବଂ ନାନୋକ୍ରିଷ୍ଟାଲସ୍ ଟେକ୍‌ନୋଲୋଜି ଆଇଏନ୍‌ସିର ଆଲେକ୍ସେଇ ଆଇ. ଏକିମୋଭ୍। ଇଲେକ୍ଟ୍ରୋନିକ୍ସ ଏବଂ ମେଡିକାଲ ଇମେଜିଂରେ ବ୍ୟବହୃତ ହେଉଥିବା କ୍ୱାଣ୍ଟମ୍ ଡଟ୍‌ସ ହେଉଛି ଏକ ସୂକ୍ଷ୍ମ କଣିକା, ଯାହା ଅତ୍ୟନ୍ତ ଉଜ୍ଜ୍ୱଳ ଓ ରଙ୍ଗିନ୍ ଆଲୋକ ଛାଡ଼ିଥାଏ। ଏହି କଣିକାର ବ୍ୟାସ ମାତ୍ର କେତୋଟି ପରମାଣୁ ଭଳି ହୋଇଥିବାବେଳେ ଏହାର ଅନନ୍ୟ ଗୁଣ ରହିଛି, ଯାହା ଟେଲିଭିଜନ ସ୍କ୍ରିନ୍ ଏବଂ ଏଲ୍‌ଇଡି ଲାଇଟ୍‌ରୁ ଆଲୋକ ବିଚ୍ଛୁରିତ କରିଥାଏ ବୋଲି ରୟାଲ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସ ପୁରସ୍କାର ଘୋଷଣା କଲାବେଳେ କହିଛି। ☞ପୃଷ୍ଠା-୨



ମୌଙ୍ଗି ଜି. ବାୱେଣ୍ଡି, ଲୁଇସ୍ ଇ. ବ୍ରୁସ୍ ଏବଂ ଆଲେକ୍ସେଇ ଆଇ. ଏକିମୋଭ୍।




**ଆଜିର ମନ୍ତବ୍ୟ**

"ବରିଷ୍ଠ ଏଏପି ନେତା ସଞ୍ଜୟ ସିଂଙ୍କ ଗିରଫଦାରି ସମ୍ପୂର୍ଣ୍ଣ ବେଆଇନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୟଭୀତ ଥିବା ଏଥିରୁ ପ୍ରତିଫଳିତ ହେଉଛି।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାପରା ଯେବେ କରିବସିବ**
**ପାଖରେ ଥିବ ଶାଳୀ**
**ମାରିବ ଦେଖି ଆଖି ମିଟିକା**
**ନ ଦେବ ଯେବେ ଗାଳି।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥିବାବେଳେ ଶାଳୀ ହିଁ ଭିଣୋଇର ଥଟ୍ଟା ମଜାର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଟୋକା ଟୋକିର ଘର**
**ଖପରା ଦି' ଖଣ୍ଡ ଧରା।**

ଘରକୁ ଶୃଙ୍ଖଳିତ ଭାବେ ଚଳେଇବାରେ ଘରର ମୁରବି ଓ ଗୁରୁଜନମାନେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ମୁରବି ବା ବୟସ୍କ ବ୍ୟକ୍ତିଙ୍କ ବିନା କଞ୍ଚାବୁଦ୍ଧିଆ ଅଳ୍ପ ବୟସ୍କ ଯୁବତୀଯୁବକ ଘର ଚଳାଇଲେ ଅନଭିଜ୍ଞ ହିସାବରେ ହନ୍ତସନ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଏସ୍‌ଡିଜେଏମ୍ କୋର୍ଟରେ ବର୍ଷାଙ୍କ ସାକ୍ଷ୍ୟଗ୍ରହଣ

**ଏମ୍‌ପି ଅନୁଭବଙ୍କ ବିରୋଧରେ ଘରୋଇ ହିଂସା ମାମଲା**

କଟକ,୪।୧୦ (କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ତାଙ୍କ ସ୍ୱାମୀ ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ କଟକ ଏସ୍‌ଡିଜେଏମ୍ କୋର୍ଟରେ ଦାଏର ଘରୋଇ ହିଂସା ମାମଲାର ବୁଧବାର ଶୁଣାଣି ହୋଇଛି। ଅଦାଲତରେ ବର୍ଷାଙ୍କ ପକ୍ଷରୁ ସାକ୍ଷ୍ୟଗ୍ରହଣ ଆରମ୍ଭ ହୋଇଛି। ମାମଲାର ଶୁଣାଣିବେଳେ ବର୍ଷା ଏକାଧିକ ନଥିପତ୍ର ଚିହ୍ନଟ କରିଛନ୍ତି। ଗତ ସେପ୍ଟେମ୍ବର ୨୫ରେ ଏସ୍‌ଡିଜେଏମ୍ କୋର୍ଟରେ ବର୍ଷା ଓ ଅନୁଭବଙ୍କୁ କାଉନ୍‌ସେଲିଂ କରାଯାଇଥିଲା। ହେଲେ କାଉନ୍‌ସେଲିଂ ବିଫଳ ହୋଇଥିଲା। ଏହି ମାମଲାରେ ବର୍ଷାଙ୍କ ପକ୍ଷରୁ ପୂର୍ବରୁ କୋର୍ଟରେ ମେଡିଏସନ୍ ଆଫିଡାଭିଟ୍ ଦାଖଲ କରାଯାଇଛି।

ସୂଚନାଯୋଗ୍ୟ, ବର୍ଷାଙ୍କ ପକ୍ଷରୁ ଅନୁଭବ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ୨୦୨୦ରେ ଘରୋଇ ହିଂସା ମାମଲା କଟକ ଏସ୍‌ଡିଜେଏମ୍ କୋର୍ଟରେ ଦାଏର ହୋଇଥିଲା। ସେ ପାରିବାରିକ ହିଂସାର ଶିକାର ହେଉଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଅନୁଭବ ନିଶାସକ୍ତ ଅବସ୍ଥାରେ ତାଙ୍କୁ ମାରପିଟ କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ଏପରିସ୍ଥଳେ ସେ କ୍ଷତିପୂରଣ ବାବଦକୁ ଅନୁଭବଙ୍କ ନିକଟରୁ ୧୫ କୋଟି ଟଙ୍କା, ଘରଭଡ଼ା ବାବଦକୁ ମାସିକ ୩୦ ହଜାର ଓ ତାଙ୍କର ଚଳିବାକୁ ମାସିକ ୫୦ ହଜାର ଟଙ୍କା ଦାବି କରିଥିଲେ। ଏଥିସହ ମହିଳା ହିଂସା ସୁରକ୍ଷା ଆଇନ ୨୦୦୫ ଅନୁସାରେ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବର୍ଷା ପ୍ରାର୍ଥନା କରିଥିଲେ। ଅନ୍ୟପକ୍ଷରେ ସେ କଟକର ପରିବାର ଅଦାଲତରେ ଅନୁଭବଙ୍କ ନିକଟରେ ରହିବାକୁ ଚାହୁଁଥିବା ଦର୍ଶାଇ ସ୍ୱାମୀ-ସ୍ତ୍ରୀ ଭାବେ ସେମାନଙ୍କ ସମ୍ପର୍କ ପୁନଃ ପ୍ରତିଷ୍ଠା ନିମନ୍ତେ ଆବେଦନ କରିଥିଲେ। କଟକ ପରିବାର ଅଦାଲତରେ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ମାମଲାର ଶୁଣାଣି ଚାଲିଥିଲା। ତେବେ ନିକଟରେ ପରିବାର ଅଦାଲତ ବର୍ଷାଙ୍କ ଆବେଦନକୁ ଖାରଜ କରିଥିଲେ। ସେହିପରି ଅନୁଭବଙ୍କ ପକ୍ଷରୁ ବର୍ଷାଙ୍କୁ ଛାଡ଼ପତ୍ର ଦେବା ନିମନ୍ତେ କରାଯାଇଥିବା ଆବେଦନକୁ ମଧ୍ୟ ପରିବାର ଅଦାଲତ ଖାରଜ କରିଥିଲେ।




# ଲଗାଣ ବର୍ଷାରେ ଦବିଲା ଟ୍ରାକ୍, ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ


ରେଳଟ୍ରାକ୍ ମରାମତି ଚାଲିଛି।

ରୂପସା, ୪।୧୦(ବାଞ୍ଛାନିଧି ଦେ)

ରୂପସା, ୪।୧୦(ବାଞ୍ଛାନିଧି ଦେ)-ଲଘୁଚାପଜନିତ ଲଗାଣବର୍ଷା ଫଳରେ ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ବାଲେଶ୍ୱର ଜିଲା ହଳଦୀପଦା ଷ୍ଟେଶନ ନିକଟ ଅମରା ବ୍ରିଜଠାରେ ବୁଧବାର ମାଟି ଅତଡ଼ା ଖାଇ ଡାଉନଲାଇନ ଟ୍ରାକ୍ ଦବିଯାଇଥିଲା। ଫଳରେ ଦିନତମାମ ରେଳଚଳାଚଳ ବାଧାପ୍ରାପ୍ତ ହୋଇଛି। ରେଳପଥ ଜିଏମ୍ ଏ.କେ. ମିଶ୍ର, ଡିଆରଏମ୍ କେ.ଆର୍. ଚୌଧୁରୀ ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଅପରପକ୍ଷରେ ବିଭାଗ ପକ୍ଷରୁ ବିଶେଷଜ୍ଞ ଦଳ ସହ ଇଲେକ୍ଟ୍ରିକାଲ, ସିଗନାଲ, ଅପରେଟିଂ ଓ ଇଞ୍ଜିନିୟରିଂ ଟିମ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଜାରି ରଖିଛନ୍ତି। ସନ୍ଧ୍ୟାସୁଦ୍ଧା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ବିଭାଗ ପକ୍ଷରୁ ୧୯ଟି ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନକୁ ବାତିଲ କରାଯାଇଥିଲା। ରାତି ସାଢେ ୯ଟା ବେଳେ ମରାମତି କାର୍ଯ୍ୟରେ ନିୟୋଜିତ ଏକ ମାଲବାହୀ ଟ୍ରେନ ଡାଉନଲାଇନରେ ମେଟାଲ ପକାଉଥିବା ବେଳେ ୨ ବଗି ଲାଇନଚ୍ୟୁତ ହୋଇ ବିପଦଜନକ ଅବସ୍ଥାରେ ରହିଛି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

**ଅପ୍‌ଲାଇନରେ ୧୦ କି.ମି. ବେଗରେ ଚଳାଚଳ**

ସୂଚନା ଅନୁଯାୟୀ, ୩ଦିନ ଧରି ବର୍ଷା ଲାଗି ରହିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ସକାଳ ୭ଟାରେ ଡାଉନ ଭଦ୍ରକ ହାଓଡ଼ା ବାଘାଯତୀନ ଏକ୍ସପ୍ରେସ ଅମରା ବ୍ରିଜ ପୂର୍ବରୁ ଅଟକି ରହିଥିଲା। ଟ୍ରେନରେ ଥିବା ଯାତ୍ରୀମାନେ ଓହ୍ଲାଇ ରେଳଟ୍ରାକ ଉପରେ ଚାଲି ଚାଲି ନିକଟସ୍ଥ ବସ୍‌ଷ୍ଟାଣ୍ଡକୁ ଯାଇଥିଲେ। ଡାଉନ ଲାଇନ ଦେଇ ଆସୁଥିବା ଟ୍ରେନଗୁଡ଼ିକୁ ଅପ ଲାଇନରେ ଘଣ୍ଟା ପ୍ରତି ୧୦ କି.ମି. ବେଗରେ ଚଳାଚଳ କରି ଚେଞ୍ଜିଂ ଟ୍ରାକ ପଏଣ୍ଟ ପାର୍ ହୋଇ ଡାଉନଲାଇନକୁ ଆସିବା ପରେ ଟ୍ରେନଗୁଡ଼ିକ ଯାତାୟାତ କରିଥିଲା। ଏହାଦ୍ୱାରା ପଛକୁ ପଛ ଥିବା ଟ୍ରେନଗୁଡ଼ିକ ବିଳମ୍ବ ହେବା ସହ ଅପ୍‌ଲାଇନରେ ଆସୁଥିବା ଟ୍ରେନଗୁଡ଼ିକୁ ମଧ୍ୟ ସମାନ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ଫଳରେ ଟ୍ରେନରେ ଥିବା ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୧୦ରେ ତାଳଚେର ବନ୍ଦ ଡାକରା

ତାଳଚେର, ୪।୧୦ (ମନୋଜ ନନ୍ଦ)

ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବିରେ ଆସନ୍ତା ୧୦ ତାରିଖ ଦିନ ତାଳଚେରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସରକାର ଦେଇଥିବା ନିର୍ଦ୍ଧାରିତ ସମୟ ପରେ ବି ମେଡିକାଲ କଲେଜ କାର୍ଯ୍ୟକାରୀ ହୋଇନାହିଁ କିମ୍ବା ସରକାରୀ ଘୋଷଣାନାମା ଜାରି କରାଯାଉ ନାହିଁ। ତେଣୁ ଏହାର ପ୍ରତିବାଦରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସକାଳ ୬ଟା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ଭିଜିଲାନ୍ସ ଜାଲରେ ବ୍ଲକ ଯୋଗାଣ ନିରୀକ୍ଷକ

ଭବାନୀପାଟଣା, ୪।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଯୋଗାଣ ନିରୀକ୍ଷକ (ଏମ୍‌ଆଇ) ସୁମନ୍ତ ମଲ୍ଲିକ ବୁଧବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ବ୍ଲକର ଲୁହୁରାଜୋର୍ ଗାଁର ଜୟ ନାଏକଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ରାଶନ କାର୍ଡ କରାଇ ଦେବା ପାଇଁ ୧୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବ୍ଲକ ଯୋଗାଣ ନିରୀକ୍ଷକ ମଲ୍ଲିକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ପରେ ଯୋଗାଣ ନିରୀକ୍ଷକ ମଲ୍ଲିକଙ୍କୁ ଭିଜିଲାନ୍ସ ବିଭାଗ ଭବାନୀପାଟଣାସ୍ଥିତ ଜିଲା କାର୍ଯ୍ୟାଳୟକୁ ଆଣି ପଚାରାଉଚୁରା କରିବା ପରେ ଗିରଫ କରିଥିଲା। ତାଙ୍କ ସରକାରୀ ବାସଭବନ ଓ ପୈତୃକ ଘର କନ୍ଧମାଳ ଜିଲା ବୁଢ଼ାପଦର ଗ୍ରାମରେ ଚଢାଉ କରିଥିଲା ଭିଜିଲାନ୍ସ ବିଭାଗ। କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୩୨/୨୩) ରୁଜୁ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହସ୍ଥିତି ପାରିବାରିକ ଓ କର୍ମକ୍ଷେତ୍ର ପ୍ରତି ସମସ୍ୟା ସୃଷ୍ଟିକରି ନିରୁତ୍ସାହିତ କରିପାରେ। ସାମାଜିକ ସ୍ତରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱଦେଲେ କ୍ଷତିରେ ପଡ଼ିବେ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା ହେତୁ ମାନସିକ ଅସ୍ଥିରତା ଦୂର ହୋଇଯିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ଓ ଆର୍ଥିକ ଉନ୍ନତି ଘଟିବ।

**ବୃଷ**
ଆତ୍ମୀୟଙ୍କ ସାହାଯ୍ୟ, ସହଯୋଗ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିବେ। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଘରକୁ ବହୁତ ଦିନରୁ ଇଚ୍ଛାକରି ମଧ୍ୟ ଆଣି ପାରି ନ ଥିବା ଜିନିଷଟି ଆଜି ଆଣିପାରନ୍ତି। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସହକର୍ମୀଟିର ମନୋଭାବ ବଦଳି ଯାଇପାରେ।

**ମିଥୁନ**
ଆଜି ନିଜ ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଦେବାକୁ ପଡ଼ିବ। ଯାତ୍ରାରେ ସଫଳତା ପାଇବେ, କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ହେବ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଯେତେପ୍ରକାର ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କର୍କଟ**
ନୂତନ ସ୍ଥାନ, କାମ ଏବଂ ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସି ଆଶ୍ୱସ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧିପାଇବ। ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ପରିଲକ୍ଷିତ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନ ବାଧାପ୍ରାପ୍ତ ହୋଇପାରେ।

**ସିଂହ**
ଆପଣଙ୍କ ପରୋକ୍ଷରେ ଅନ୍ୟମାନେ ବିଭିନ୍ନ ପ୍ରକାର ସମାଲୋଚନା କରିପାରନ୍ତି। କେତେକ ପରିସ୍ଥିତିରେ ଆପଣଙ୍କ ମନକଥା ଅପ୍ରକାଶ୍ୟ ରହିଯିବ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**କନ୍ୟା**
ସତର୍କରେ ନ ଚଳିଲେ ମରୀଚିକା ପଛରେ ଗୋଡ଼ାଇ ହତାଶ ହେବେ। ଭାବୁଥିବା କାମଟିକୁ ଶେଷ କରିବା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡ଼ିବ। ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଯାହା ବିଷୟରେ ଆଲୋଚନା କରୁଥିବେ ତାହାକୁ ହଠାତ୍ ଅତି ନିକଟରେ ଦେଖି ହଡ଼ବଡ଼େଇ ଯାଇପାରନ୍ତି।

**ତୁଳା**
ଆପଣଙ୍କ ସକାଶେ ଘରଲୋକଙ୍କ ବ୍ୟସ୍ତ ଓ ବିବ୍ରତାକୁ ଲକ୍ଷ୍ୟକରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜଆଡ଼କୁ ଅଙ୍ଗୁଳି ଦେଖାଇପାରନ୍ତି। ଆର୍ଥିକ ଅଭାବ ଇଚ୍ଛା ପୂରଣରେ ବାଧା ସୃଷ୍ଟି କରିବ। ସଭାସମିତି କିମ୍ବା ଆନୁଷ୍ଠାନିକ କାମ ସକାଶେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବିଛା**
ନିଜ ପରିସରର ଲୋକମାନେ ଅପଯଶ ଗାଇ ବୁଲିବେ, ଯଦ୍ଦ୍ୱାରା କି ଆପଣଙ୍କ ମନୋବଳ ହ୍ରାସ ପାଇବ। କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧହୋଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଏକପ୍ରକାର ଖୁସି ରହିବ। ଭଲମନ୍ଦର ବିଚାର ଅଭାବରୁ ସଙ୍ଗଦୋଷଜନିତ ସମାଲୋଚିତ ହୋଇପାରନ୍ତି।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ଅର୍ଥହାନି ସାଙ୍ଗକୁ ଶରୀର ପୀଡ଼ାରୁ କଷ୍ଟ ପାଇବେ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟରେ ଆଜି ଋଣସୂତ୍ରରେ ଅର୍ଥଲାଭ କରିବେ। ମାଲି ମକଦ୍ଦମାରେ ରାୟ ଆପଣଙ୍କ ସପକ୍ଷରେ ଯିବାର ସୂଚନା ରହିଛି।

**ମକର**
କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ ଯାହା କରିବା କଥା ଧାରକରି କରିବାକୁ ବାଧ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବ।

**କୁମ୍ଭ**
ବ୍ୟସ୍ତ ନ ହୋଇ ଧୀରସ୍ଥିର ଭାବରେ କାମ କଲେ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବାରୁ ସମ୍ଭାବ୍ୟ ସହଯୋଗର ଆଶା କରାଯାଇପାରେ।

**ମୀନ**
ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ। ଅତୀତରେ ଯିଏ ଶତ୍ରୁତା କରୁଥିଲା ସେ ମଧ୍ୟ ଆପଣାଆଡ଼ୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବ। ସମସ୍ୟା ଆପଣାଛାଏଁ ସୁଧୁରିଯିବ, କିନ୍ତୁ ଶାରୀରିକ ସୁସ୍ଥତା ନ ଥିବାରୁ ଉପଭୋଗ୍ୟ ହେବନାହିଁ। ଅନ୍ୟମାନଙ୍କ ମନକୁ ମନେଇ କିମ୍ବା ପିଠି ଥାପୁଡ଼େଇ କାମ ହାସଲ କରିବେ।

ଆଜି ଆଶ୍ୱିନ କୃଷ୍ଣ ସପ୍ତମୀ ଗୁରୁବାର, ଅକ୍ଟୋବର ୫ ତାରିଖ, ବିଶ୍ୱ ଶିକ୍ଷକ ଦିବସ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୫।୪୧ମି. ଗତେ ଘ.୦୭।୦୬ମି. ମଧ୍ୟେ, ଘ.୦୬।୧୭ମି. ଗତେ ଘ.୦୯।୩୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା ।। ଦିବା ଘ.୦୧।୦୩ମି. ଗତେ ଘ.୦୨।୩୧ମି. ମଧ୍ୟେ ରାହୁକାଳ ।।

## ପ୍ରଥମ ପୃଷ୍ଠାରୁ...

### ସିକିମ୍‌ରେ ବାଦଲଫଟା ...

କରାଯାଇଥିଲା। ସେଠାରୁ ସରୋଜଙ୍କ ନିଖୋଜ ଖବର ମିଳିଥିଲା ବୋଲି ମନୋଜ କହିଛନ୍ତି। ରାତି ୧ଟା ୩୦ ମିନିଟ୍ ସମୟରେ ବନ୍ୟା ଆସିବା ସହ ଚୁଙ୍ଗଥାଙ୍ଗ ଡ୍ୟାମ୍ ପାଣି ଛାଡ଼ିଦେବାରୁ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଥିଲା। ୧୪ଟି ବ୍ରିଜ୍ ଭୁଶୁଡ଼ିଥିବାବେଳେ ୩,୦୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବିଭିନ୍ନ ସ୍ଥାନରେ ଫସିରହିଥିବା ଆଶଙ୍କା କରାଯାଉଛି। ଗୋଲିଟାର ଏବଂ ସିଙ୍ଗଟାମ୍ ଅଞ୍ଚଳରୁ ୧୦ ମୃତଦେହ ମିଳିଥିବାବେଳେ ଗୋଲିଟରରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ସ୍ଥାନୀୟ ଏସ୍‌ଡିଏମ୍ କହିଛନ୍ତି। ଗାଙ୍ଗଟକ୍‌ଠାରୁ ୩୦ କି.ମି.ଦୂରରେ ଥିବା ଇନ୍ଦ୍ରେନୀ ବ୍ରିଜ୍ ତିସ୍ତା ବନ୍ୟାଜଳରେ ସମ୍ପୂର୍ଣ୍ଣ ଭାସିଯାଇଛି। ଆକସ୍ମିକ ବନ୍ୟାବିପ୍ରାତକୁ ସିକିମ୍ ସରକାର ବିପର୍ଯ୍ୟୟ ଘୋଷଣା କରିଛନ୍ତି। ଚୁଙ୍ଗଥାଙ୍ଗ ଡ୍ୟାମ୍ ପାଣି ଛାଡ଼ିଦେବାରୁ ନଦୀର ତଳଭାଗରେ ଜଳସ୍ତର ହଠାତ୍ ୧୫ରୁ ୨୦ ଫୁଟ୍ ବଢ଼ିଯାଇଥିଲା। ୨୩ ଯବାନ ଭାସିଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଛି। ୪୧ଟି ଗାଡ଼ି ବନ୍ୟାପାଣିରେ ବୁଡ଼ିଯାଇଥିବା ପ୍ରତିରକ୍ଷା ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ କଲୋନେଲ ମହେନ୍ଦ୍ର ରାୱତ୍ କହିଛନ୍ତି। ତିସ୍ତା ଅବବାହିକାରେ ଥିବା ଡିକ୍‌ଚୁ, ସିଙ୍ଗଟାମ୍ ଏବଂ ରାଙ୍ଗଟୋ ସମେତ ଅନେକ ସହର ବନ୍ୟାପ୍ଲାବିତ ହୋଇଥିବାବେଳେ ମଙ୍ଗାନ୍, ଗାଙ୍ଗଟକ୍, ପାକ୍‌ୟଙ୍ଗ ଏବଂ ନାମ୍‌ଚି ଜିଲାର ସମସ୍ତ ସ୍କୁଲ୍‌କୁ ୮ ତାରିଖ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି।

ସିକିମ୍‌କୁ ଦେଶର ଅନ୍ୟ ଭାଗ ସହ ଯୋଡୁଥିବା ଜାତୀୟ ରାଜପଥ-୧୦ର କେତେକ ଅଂଶ ଭାସିଯାଇଛି। ବାଲୁଅଟାର ବ୍ରିଜ୍ ଏବଂ ଲାନ୍‌କୋ ହାଇଡେଲ୍ ବିଦ୍ୟୁତ ପ୍ରକଳ୍ପ ନିକଟରେ ଥିବା ଅନ୍ୟ ଏକ ବ୍ରିଜ୍ ବନ୍ୟାରେ ଭୁଶୁଡ଼ି ପଡ଼ିଛି। ହଜାର ହଜାର ଲୋକ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ମଙ୍ଗାନ୍, ଗାଙ୍ଗଟକ, ପାକ୍ୟୋଙ୍ଗ ଏବଂ ନାମଚିର ବହୁ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ସିଙ୍ଗ୍‌ଟାମ୍ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀଙ୍କ ସହ ବୁଧବାର କଥା ହୋଇ ବନ୍ୟା ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ୩ଟି ଟିମ୍ ନିୟୋଜିତ କରିଛି। ଉକ୍ତ ଟିମ୍ ୭ ଜଣଙ୍କୁ ଉଦ୍ଧାର କରିଛି। ନିଖୋଜ ଯବାନ ଓ ସାଧାରଣ ଲୋକଙ୍କୁ ଖୋଜି ବାହାର କରିବା ଲାଗି ଜୋର୍‌ଦାର ଉଦ୍ୟମ ଜାରି ରହିଛି।

### ଏସିଆଡ୍‌ରେ ...

କରି ସେ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ଆଗକୁ ବଢ଼ିଛନ୍ତି। ଏସିଆନ ଗେମ୍ସରେ ରୌପ୍ୟ ଓ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ କିଶୋରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଦେଢ଼ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି। ଏହା ବ୍ୟତୀତ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

ଏସିଆନ ଗେମ୍ସରେ ଓଡ଼ିଶା ପାଇଁ ଏହା ହେଉଛି ୩୦ତମ ପଦକ। ଏଥିରୁ କେବଳ ହକି ଇଭେଣ୍ଟରୁ ୨୧ଟି ପଦକ ଆସିଛି। ୧୯୫୧ରେ ଏସିଆନ ଗେମ୍ସର ପ୍ରଥମ ସଂସ୍କରଣରେ ସେକ୍ ଅବଦୁଲ ମଜିଦ ବଚନ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ସଦସ୍ୟଭାବେ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶା ପାଇଁ ପଦକ ଅଭିଯାନ ଆରମ୍ଭ କରିଥିଲେ। ରାଜ୍ୟ ପାଇଁ ପୁରୁଷ ବ୍ୟାଡ୍‌ମିଣ୍ଟନରୁ ସନତ ମିଶ୍ର ଜିତିଥିଲେ ଦ୍ୱିତୀୟ ପଦକ। ସେ ଭାରତୀୟ ମିକ୍ସଡ ଟିମ୍‌ର ସଦସ୍ୟଭାବେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ହକି ବ୍ୟତୀତ ଓଡ଼ିଶାର ପଦକ ପ୍ରସଙ୍ଗ ଆଲୋଚନା କଲେ ୧୯୯୦ରେ ପ୍ରଣତି ମିଶ୍ର ରାଜ୍ୟର ପ୍ରଥମ ମହିଳା ଆଥ୍‌ଲେଟ ଭାବେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୧୯୯୮ରେ ମହିଳା ୧୦୦ ମିଟରରେ ରଚିତା ପଣ୍ଡା ମିସ୍ତ୍ରି ବ୍ରୋଞ୍ଜ, ୨୦୧୦ରେ ରୋଇଂରେ ପ୍ରତିମା ପୁହାଣ ଓ ପ୍ରମିଳା ପ୍ରଭା ମିଞ୍ଜ ଏବଂ ୨୦୧୮ରେ ଦୂତୀ ଚାନ୍ଦ ଉଭୟ ମହିଳା ୧୦୦ ଓ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। କିଶୋର ଜେନା ୨୦୨୩ ଏସିଆନ ଗେମ୍ସର ପୁରୁଷ ଜାଭେଲିନ୍ ଥ୍ରୋରୁ ଓଡ଼ିଶାର ପ୍ରଥମ ଆଥ୍‌ଲେଟ ଭାବେ ରୌପ୍ୟ ପଦକ ହାସଲ କରି ଏହି ଧାରାକୁ ଆଗେଇ ନେଇଛନ୍ତି।

୧୯୯୫ ସେପ୍ଟେମ୍ବର ୬ରେ ଜନ୍ମିତ କିଶୋରଙ୍କ ମା' ହେଉଛନ୍ତି ହରପ୍ରିୟା ଜେନା ଓ ବାପା କେଶବ ଜେନା। ଘର ପୁରୀ ବ୍ରହ୍ମଗିରିସ୍ଥିତ କୋଠସାହି ଗ୍ରାମରେ। ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିବା ଏହି ଆଥ୍‌ଲେଟ ପ୍ରତିଭା ୨୦୨୩ ଜୁଲାଇ ୨୯ରେ କଲମ୍ବୋରେ ଅନୁଷ୍ଠିତ ଶ୍ରୀଲଙ୍କା ନ୍ୟାଶନାଲ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୮୪.୩୮ ମିଟର ଥ୍ରୋ ସହିତ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଥିଲେ। ୨୦୧୭ରୁ ରାଜ୍ୟ ସ୍ତରରେ ଜାଭେଲିନ୍ ଥ୍ରୋରେ ଚମକ ଦେଖାଇବା ପରେ କିଶୋର ୨୦୨୧ରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାରେ ଲାଗିଛନ୍ତି। ଚଳିତ ବର୍ଷ ତାଙ୍କ ପ୍ରଦର୍ଶନ ଶୀର୍ଷରେ ରହିଛି। ୨୦୨୩ ମାର୍ଚ୍ଚ ୧ରେ କର୍ଣାଟକରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତାରେ ସେ ୭୮.୯୩ ମିଟର ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ମାର୍ଚ୍ଚ ୨୦ରେ କେରଳରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ୮୧.୦୧ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଜୁନ୍‌ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ରେ ସେ ୮୨.୮୭ ମିଟର ଥ୍ରୋ ସହିତ ରୌପ୍ୟ ପଦକ ପାଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଶ୍ରୀଲଙ୍କା ପ୍ରତିଯୋଗିତା ବ୍ୟତୀତ ସେ ବିରୁଟ୍‌ରେ ଆୟୋଜିତ ଲେବାନନ ନ୍ୟାଶନାଲ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୭୮.୯୬ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓଡ଼ିଶାର ପ୍ରଥମ ଆଥ୍‌ଲେଟଭାବେ ସେ ଥ୍ରୋ ଇଭେଣ୍ଟରେ ବିଶ୍ୱ ଚାମ୍ପିୟନଶିପ୍ ଏବଂ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

### ଏଏପି ନେତା ...

ଦଳ ଏବଂ ଭାଜପା ମଧ୍ୟରେ ରାଜନୈତିକ ଟଣାଓଟରା ଆରମ୍ଭ ହୋଇଯାଇଛି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ପରାଜିତ ହେବାକୁ ଯାଉଥିବା ଜାଣିବା ପରେ ନିରାଶ ହୋଇ ଏଭଳି ପଦକ୍ଷେପ ନେଉଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ଏହାର ଜବାବ ଦେବାକୁ ଯାଇ କେଜ୍‌ରିୱାଲ ମଦ ଦୁର୍ନୀତି ମାମଲାର କିଙ୍ଗପିନ୍ ବୋଲି କହିବା ସହ ସେ ଗିରଫ ହେବା ବେଶୀ ଦୂର ନୁହେଁ ବୋଲି କହିଛି। ଦିଲ୍ଲୀ ମଦ ନୀତି ସ୍କାମ୍ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ଏକ ଅଦାଲତ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଏମ୍‌ପି ମାଗୁନ୍ତା ଶ୍ରୀନିବାସୁଲୁ ରେଡ୍ଡୀଙ୍କ ପୁଅ ରାଘବ ମାଗୁନ୍ତା ଏବଂ ଦିଲ୍ଲୀ ବ୍ୟବସାୟୀ ଦିନେଶ ଆରୋରାଙ୍କୁ ରାଜସାକ୍ଷୀ ପାଇଁ ଅନୁମତି ଦେବାର ଦିନକ ପରେ ସଞ୍ଜୟଙ୍କ ଘରେ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଇଡି ଗତ ଜୁଲାଇରେ ଆରୋରାଙ୍କୁ ଗିରଫ କରିଥିଲା। ସିବିଆଇ ତଦନ୍ତ କରୁଥିବା ଏକ ଦୁର୍ନୀତି ମାମଲାରେ ତାଙ୍କୁ ପୂର୍ବରୁ ରାଜସାକ୍ଷୀ ଘୋଷଣା କରାଯାଇଥିଲା। ତଦନ୍ତରେ ସହଯୋଗ କରୁ ନ ଥିବା ଏବଂ ଜେରା ବେଳେ ତାଙ୍କ ଉତ୍ତରରେ ତାଳମେଳ ରହୁ ନ ଥିବାରୁ ଇଡି ତାଙ୍କୁ ଗିରଫ କରିଥିଲା। ଆରୋରା ସିସୋଡିଆଙ୍କର ଜଣେ ଘନିଷ୍ଠ ସହଯୋଗୀ। ସିସୋଡିଆ ଦିନେଶ ଆରୋରାଙ୍କ ମାଧ୍ୟମରେ ଅନ୍ୟତମ ବ୍ୟବସାୟୀ ଅମିତ୍ ଆରୋରାଙ୍କଠାରୁ ଉତ୍କୋଚ ଗ୍ରହଣ କରିଥିବା ଇଡି ଏହାର ଅତିରିକ୍ତ ଚାର୍ଜଶିଟ୍‌ରେ ଅଭିଯୋଗ କରିଥିଲା।

### ଆକ୍ରୋଶ ମନୋଭାବ ...

ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ୩୨ ପୃଷ୍ଠାର ରାୟରେ ଉଲ୍ଲେଖ କରିଛନ୍ତି। ସର୍ବୋଚ୍ଚ ଅଦାଲତ ଆହୁରି କହିଛନ୍ତି ଯେ, ସାଧାରଣଭାବେ ସମନ୍ ଜାରି ହୋଇଥିବା ସାକ୍ଷୀ ଯଦି ତଦନ୍ତରେ ସହଯୋଗ ନ କରନ୍ତି, ତେବେ ତାଙ୍କୁ ଗିରଫ କରାଯିବା ପର୍ଯ୍ୟାପ୍ତ କାରଣ ନୁହେଁ। ପିଏମ୍‌ଏଲ୍‌ଏରେ ଇଡିକୁ ବ୍ୟାପକ କ୍ଷମତା ପ୍ରଦାନ କରାଯାଇଛି। ତେଣୁ ଏହା ସର୍ବାଧିକ ସମ୍ଭାବ୍ୟତା, ବିଚକ୍ଷଣତା ଏବଂ ନ୍ୟାୟ ସହିତ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

### ଆଜିଠୁ ଦିନିକିଆ ...

ଜନିତ କାରଣ ଯୋଗୁ ଅଧିନାୟକ କେନ୍ ୱିଲିୟମସନ ଓ ଦ୍ରୁତ ବୋଲର ଟିମ୍ ସୌଦୀ ପ୍ରଥମ ମ୍ୟାଚ ଖେଳି ପାରିବେ ନାହିଁ। ଅହମଦାବାଦ ପିଚ୍ ସାଧାରଣତଃ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଥାଏ। ଇଂଲଣ୍ଡର ବ୍ୟାଟିଂ ଲାଇନ୍‌ଅପ୍ ଦୃଢ଼ ଥିବାରୁ ଆଗାମୀ ମ୍ୟାଚ ପାଇଁ ଫେଭରାଇଟ ରହିଛି। ବିଶେଷ କରି ବେନ୍ ଷ୍ଟୋକ୍ସ ଅବସରରୁ ଫେରିବା, ଲିଆମ ଲିଭିଂଷ୍ଟୋନ, ଜନି ବେୟାରଷ୍ଟୋ, ହାରି ବ୍ରୁକ୍ସଙ୍କ ପରି ବିସ୍ଫୋରକ ବ୍ୟାଟର ଓ ମୋଇନ ଅଲୀ ଓ କ୍ରିସ୍ ୱୋକ୍ସଙ୍କ ପରି ଅଲ୍‌ରାଉଣ୍ଡରଙ୍କ ଉପସ୍ଥିତି ଦଳକୁ ମଜଭୁତ କରିଛି। ଆଇପିଏଲ୍‌ରେ ଖେଳିବା ଅଭିଜ୍ଞତା ମଧ୍ୟ ବେଶ୍ ଉପଯୋଗୀ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଆଇସିସି ଟୁର୍ନାମେଣ୍ଟ ଗୁଡ଼ିକରେ ସବୁବେଳେ ନିଜର ଉପସ୍ଥିତି ଜାହିର କରିଛି। ୨୦୧୫ ଓ ୨୦୧୯ ଦିନିକିଆ ବିଶ୍ୱକପ ଏବଂ ୨୦୨୧ ଟି୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଏହି ଦଳ ନିଜ ଦକ୍ଷତା ପ୍ରମାଣିତ କରିଛି।

### ମାନସ ମଙ୍ଗରାଜ ...

ନିର୍ବାଚିତ ହୋଇଥିଲେ। ଇତିମଧ୍ୟରେ ସେ ରାଜ୍ୟ ସଭାରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଅନେକ ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି।

### ରସାୟନ ବିଜ୍ଞାନରେ ...

ଉକ୍ତ କଣିକା ରାସାୟନିକ ପ୍ରତିକ୍ରିୟାକୁ ତ୍ୱରାନ୍ୱିତ କରାଇବା ସହ ଏହାର ସ୍ପଷ୍ଟ ଆଲୋକ ଟ୍ୟୁମର ଟିସ୍ୟୁଗୁଡ଼ିକୁ ଆଲୋକିତ କରିଥାଏ, ଯାହା ସର୍ଜନଙ୍କ ପାଇଁ ଆବଶ୍ୟକ ହୋଇଥାଏ। କ୍ୱାଣ୍ଟମ୍ ଡଟ୍‌ସ ଇଲେକ୍ଟ୍ରୋନ୍‌ଗୁଡ଼ିକ ଗତିଶୀଳତାରେ ବାଧକ ହୋଇଥିବାରୁ ସେମାନେ ଦୃଶ୍ୟମାନ ଆଲୋକ ଗ୍ରହଣ କରିବା ସହ ଛାଡ଼ିଥାଆନ୍ତି ଓ ଅତ୍ୟନ୍ତ ଉଜ୍ଜ୍ୱଳ ରଙ୍ଗୀନ ଆଲୋକ ଦେଇଥାନ୍ତି। ଏହି ପୁରସ୍କାର ଘୋଷଣା ହେବା ପୂର୍ବରୁ ବିଜେତା ବୈଜ୍ଞାନିକମାନଙ୍କ ନାଁ ସୁଇଡେନ୍‌ର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। କିପରି ପ୍ରେସ୍ ବିଜ୍ଞପ୍ତି ବାହାରକୁ ଗଲା ତାହାର ଅନୁଧ୍ୟାନ କରାଯାଉଥିବା ଏକାଡେମୀର ମହାସଚିବ ହାନ୍ସ ଏଲେଗ୍ରେନ୍ କହିଛନ୍ତି।

### ତ୍ରୁଟି ସଂଶୋଧନ

୪ ଅକ୍ଟୋବରରେ ପ୍ରକାଶିତ 'ପଦାର୍ଥ ବିଜ୍ଞାନରେ ୩ ଜଣଙ୍କୁ ନୋବେଲ' ଖବରରେ ବିଜେତାମାନଙ୍କୁ ୧୦ ଅକ୍ଟୋବରରେ ପୁରସ୍କାର ଦିଆଯିବ ବୋଲି ଭୁଲ୍‌ବଶତଃ ଲେଖାଯାଇଥିଲା। ପ୍ରକୃତରେ ଆସନ୍ତା ୧୦ ଡିସେମ୍ବରରେ ସେମାନଙ୍କୁ ପୁରସ୍କୃତ କରାଯିବ।

DSPL-266

Government of Odisha

**ODISHA**
NEW OPPORTUNITIES

JOIN THE JUGGERNAUT



"With the implementation of the Long-Term Linkage Policy for Minerals, Odisha positions itself as the investors' preferred destination for sustainable industrial growth."

(Naveen Patnaik)
Chief Minister, Odisha

# MoU Signing for Long-term Linkage of Raw Material for Alumina Refinary Project of HINDALCO Industries

at Kanshariguda, Rayagada
October 5, 2023, Bhubaneswar

Investment: Rs. 8000 Cr. || Capacity: 2 MTPA || Employment Potential: 5000

## An affirmation of Odisha's commitment to deliver long term raw material security for sustainable business.




Long Term Linkage (LTL) of minerals for Odisha-based manufacturing industries through Odisha Mining Corporation (OMC):

- **Iron Ore**
- **Chromite Ore**
- **Bauxite**
- **Limestone**

Mechanized Logistics Infrastructure for raw material transportation

Readily available land parcels for value-addition based industries across the state

For more information, please contact:

| Kalyan Mohanty<br>Executive Director, IPICOL<br>+91 94372 29029 | Siddhartha Pattanayak<br>DGM, IPICOL<br>+91 98612 12345 | Arpan Sanyal<br>IPA, IPICOL<br>+91 80522 10009 |
|---|---|---|

Email: cmd@investodisha.org

OIPR-14005/13/0024/2324

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। –ଶ୍ରୀମା

# ପୁରାଣରେ ଧାନଦେବୀ



ଦେବଦତ୍ତ ପଟ୍ଟନାୟକ

ଧାନ ସହ ମଣିଷର ସମ୍ପର୍କ କାହିଁ କେଉଁ ଅନାଦି କାଳର। ଧାନଚାଷ କରି ସେଥିରୁ ଚାଉଳ ପ୍ରସ୍ତୁତ କରିବା ଧାରା ମଧ୍ୟ ବହୁ ପୁରାତନ। ଧାନକୁ ନେଇ ଅତି ପ୍ରାଚୀନ ଲୋକକଥା ବା ଏ ସମ୍ପର୍କିତ ପୌରାଣିକ କାହାଣୀମାନ ରହିଛି। ଓଡ଼ିଶାରେ ଏଭଳି କାହାଣୀ ବିଶେଷକରି ବଣ୍ଡା ଜନଜାତିଙ୍କ ମଧ୍ୟରେ ପ୍ରଚଳିତ। ଓଡ଼ିଶାର ବଣ୍ଡା ଜନଜାତିଙ୍କର ମୁଣ୍ଡା ଓ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ସ୍ଥାନରୁ ଭାରତକୁ ପ୍ରବେଶ କରି ରହିଥିବା ଅନ୍ୟ ଜନଜାତିଙ୍କ ସହ ସମ୍ପର୍କ ରହିଛି। ବଣ୍ଡାମାନେ ଆଜକୁ ୪,୦୦୦ରୁ ଅଧିକ ବର୍ଷ ପୂର୍ବେ ଭାରତକୁ ଆସିଥିଲେ। ସେହି ସମୟରେ ସେମାନେ ଧାନଚାଷ ସମ୍ପର୍କିତ ଜ୍ଞାନକୌଶଳ ସାଥିରେ ନେଇ ଭାରତକୁ ଆସିଥିଲେ। ବଣ୍ଡାଙ୍କ ମତରେ, ପ୍ରାଚୀନ କାଳରେ ଧାନ ଉଡ଼ିପାରୁଥିଲା ଏବଂ ମଣିଷ ଖାଇପାରୁଥିଲା। ସମୟକ୍ରମେ କିନ୍ତୁ ସେମାନେ ସ୍ମରଣ ଶକ୍ତି ହରାଇବସିଲେ। ମଣିଷ ଧାନର ସବୁ ନାମ ମନେରଖିପାରିଲା, କିନ୍ତୁ ଧାନ ସବୁ ଲୋକଙ୍କ ନାମ ମନେପକାଇ ପାରିଲା ନାହିଁ। ଏଭଳି ଘଟିବା ପରେ ଧାନ ବା ଚାଉଳ ମଣିଷର ଖାଦ୍ୟ ପାଲଟିଗଲା। ବଣ୍ଡା ଲୋକମାନଙ୍କର ମହାନ୍ ବୀର ଭୀମ ଧାନର ଡେଣା କାଟିଦେଇ ତାହାକୁ ପୃଥିବୀକୁ ଆଣିଲେ ଏବଂ ସେସବୁକୁ ଚାଷ କରି ସେଥିରୁ ଚାଉଳ ପ୍ରସ୍ତୁତ କରି ଖାଇଲେ। ଧାନଚାଷକୁ ନେଇ ଏହା ସମ୍ଭବତଃ ସର୍ବପୁରାତନ ପୁରାଣ ମଧ୍ୟରୁ ଗୋଟିଏ। ଅନ୍ୟ ଏକ କାହାଣୀ ମଧ୍ୟ ବଣ୍ଡା ଜନଜାତିଙ୍କ ମଧ୍ୟରେ ରହିଆସିଛି। ପୃଥିବୀରେ ଖାଦ୍ୟଶସ୍ୟଗୁଡ଼ିକ ପଚିଯାଉଥିଲା। ଏହା ଦେଖି ମହାପ୍ରଭୁ କିମ୍ବା ବଣ୍ଡା ଜନଜାତିର ବଡ଼ ଦେବତା ତାଙ୍କ କୌପିନକୁ ଚିରି ସେଥିରେ ଧାନକୁ ବାନ୍ଧିଲେ। ତା'ପରେ ସେ ଏହାକୁ ମୟୂର ମୁଣ୍ଡରେ ରଖିଲେ, ଯାହା ମୟୂରର ମୁଣ୍ଡରେ ଚୂଳ ଭାବେ ଶୋଭାପାଇଆସୁଛି।

ବୈଦିକ ସାହିତ୍ୟରେ ଧାନକୁ ନେଇ ପୌରାଣିକ କଥା ଦେଖିବାକୁ ମିଳେନାହିଁ। କିନ୍ତୁ ବୌଦ୍ଧ ପୁରାଣରେ ଏ ସମ୍ପର୍କରେ ଉଲ୍ଲେଖ ଅଛି। ସେଥିରେ କୁହାଯାଇଛି ଯେ, ଚାଉଳ ସବୁଠୁ ପବିତ୍ର ସ୍ଥାନରେ ଥିଲା। କିନ୍ତୁ ମୋହ ବା କାମନା କାରଣରୁ ଏହା ଭୂମି ସହିତ ନିଜକୁ ସଂଲଗ୍ନ କଲା।



ଫଳରେ ତା' ଉପରେ ଚୋପା ସୃଷ୍ଟି ହୋଇଥିଲା ଏବଂ ତାହା ହଜମ କରିବା କଷ୍ଟକର ହୋଇଗଲା। ଏହି କାରଣରୁ ଆମକୁ ଧାନରୁ ଚାଉଳ ପାଇବା ପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିଲା। ବୁଦ୍ଧ ଧାନ ବା ଚାଉଳକୁ ଏତେ ଭଲ ପାଉଥିଲେ ଯେ ସେ ସମନ୍ୱିତ ଜଳସେଚିତ ଧାନକ୍ଷେତର ମୂଲ୍ୟକୁ ମନେ ପକାଇବା ପାଇଁ ବର୍ଗାକାର ଡାଞ୍ଚାରେ ସିଲେଇ ହୋଇଥିବା ପୋଷାକ ପିନ୍ଧିବାକୁ ତାଙ୍କ ଭିକ୍ଷୁକମାନଙ୍କୁ କହିଥିଲେ।

ଦକ୍ଷିଣ-ପୂର୍ବ ଏସିଆରେ ଧାନ ସମ୍ପର୍କିତ ପୌରାଣିକ କଥା ଅଧିକ ଦେଖିବାକୁ ମିଳେ। ଇଣ୍ଡୋନେସିଆରେ ଦେବତାମାନଙ୍କର ରାଜା ବଟାରା ଗୁରୁ ସମସ୍ତ ଦେବତାଙ୍କୁ ତାଙ୍କ ପାଇଁ ଏକ ପ୍ରାସାଦ ନିର୍ମାଣ କରିବାକୁ କହିଥିଲେ। ପୃଥିବୀ ଧରିଥିବା ସର୍ପ ଅନନ୍ତ ଶେଶାଙ୍କର ରାଜପ୍ରାସାଦ ନିର୍ମାଣରେ ସାହାଯ୍ୟ କରିବାକୁ ହାତ ଓ ପାଦ ନ ଥିଲା। ତେଣୁ ଏହା ବଦଳରେ ସେ ବଟରା ଗୁରୁଙ୍କୁ ତାଙ୍କ ନିକଟରେ ଥିବା ଅନେକ ମଣି ଅଣ୍ଡାରୁ ଗୋଟିଏ ପ୍ରଦାନ କଲେ। ଏହି ମଣି ଅଣ୍ଡାରୁ ଏକ ସୁନ୍ଦରୀ ମହିଳା ଆବିର୍ଭାବ ହୋଇଥିଲେ। ତାଙ୍କ ନାମ ଥିଲା ଦେବୀ ଶ୍ରୀ। ସମସ୍ତ ଦେବତା ତାଙ୍କ ପ୍ରେମରେ ପଡ଼ିଗଲେ। ଏଣୁ ତାଙ୍କୁ ପାଇବା ଲାଗି ଦେବତାଙ୍କ ମଧ୍ୟରେ ଝଗଡ଼ା ଲାଗିରହିଲା ଓ ଏହାକୁ ରୋକିବା ଲାଗି ସେହି ଦେବୀଙ୍କୁ ହତ୍ୟା କରାଯାଇଥିଲା। ପରେ ଦେବୀଙ୍କୁ ପୃଥିବୀରେ ପୋତି ଦିଆଗଲା। ତା'ପରେ ତାଙ୍କ ଶରୀରର ବିଭିନ୍ନ ଅଂଶରୁ ବିଭିନ୍ନ ଉଦ୍ଭିଦ ଜାତ ହେଲା ଯାହା ଧାନ, ପାନ ଏବଂ ବାଉଁଶ ଭଳି ଅର୍ଥକରୀ ଫସଲ ଭାବରେ ଗଣାହେଲା।

ଥାଇଲାଣ୍ଡରେ ଧାନଦେବୀଙ୍କୁ ଚାଷୀଙ୍କ ପତ୍ନୀମାନେ ଅଭିଶାପ ଦେଇଥିଲେ। ସେମାନଙ୍କ ସ୍ୱାମୀମାନେ ଧାନଦେବୀ ପ୍ରତି ଅଧିକ ଧ୍ୟାନ ଦେଉଥିବାରୁ ସେମାନେ ଏଭଳି ଅଭିଶାପ ଦେଇଥିଲେ। ଧାନଦେବୀଙ୍କୁ ଏହା ବହୁତ ଖରାପ ଲାଗିଲା ଏବଂ ତାଙ୍କର ସବୁଠୁ ଭଲ ବନ୍ଧୁ ମଧୁର ଜଳ ମାଛ ସହିତ ଅନ୍ଧକାରକୁ ପଳାଇଥିଲେ। ଲୋକମାନେ କ୍ଷମା ମାଗି ତାଙ୍କୁ ସମ୍ମାନ ଜଣାଇବାକୁ ରାଜି ନ ହେବା ଯାଏ ସେହିଭଳି ରହିଥିଲେ। ଧାନର ବନ୍ଧୁ ମଧୁର ଜଳ ମାଛ ବୋଲି ଯେଉଁ ବିଚାରଧାରା ରହିଛି, ତାହା ଭାରତୀୟ ଧାନ ସମ୍ପର୍କିତ ପୌରାଣିକ କାହାଣୀରେ ମଧ୍ୟ ପୁନରାବୃତ୍ତି ହୋଇଥିବା ଲକ୍ଷ୍ୟ କରାଯାଏ। ମଣିପୁରର ବିଭିନ୍ନ ଅଞ୍ଚଳରେ ଥିବା ମେଇତି ସମ୍ପ୍ରଦାୟର ଲୋକମାନେ ମଧ୍ୟ ଧାନଦେବୀଙ୍କ କଥା କହନ୍ତି। ସେମାନଙ୍କ ମତରେ ଧାନଦେବୀଙ୍କର ଅନେକ ପ୍ରେମିକ ଅଛନ୍ତି। କିନ୍ତୁ ଶେଷରେ ସେ ଦୂରେଇ ଯାଇ ସେମାନଙ୍କ ହୃଦୟ ଭାଙ୍ଗି ଦେଇଛନ୍ତି। ତାଙ୍କର ସବୁଠାରୁ ବଡ଼ ଶତ୍ରୁ ହେଉଛି ହରିଣ । ହରିଣ ଅଭିଶାପ ପାଇଛି ଯେ, ଯଦି ସେ ଧାନ ଖାଇବ; ତେବେ ସେ ତାହାର ଦାନ୍ତ ହରାଇବ। ତାଙ୍କର ସବୁଠୁ ଭଲ ବନ୍ଧୁ ହେଉଛି ଏକ ମାଛ। ସେହି ମାଛ ତାଙ୍କୁ କ୍ଷତି ପହଞ୍ଚାଇବାକୁ ଚାହୁଁଥିବା ଲୋକମାନଙ୍କଠାରୁ ରକ୍ଷା କରିବାରେ ସାହାଯ୍ୟ କରିଥିଲା।

ଲାଓସ୍‌ରେ ମଧ୍ୟ ଧାନକୁ ନେଇ ଜଣେ କୃଷକର କାହାଣୀ ଦେଖିବାକୁ ପାଇଥାଉ। ସେ ଖାଦ୍ୟ ପାଇବାକୁ ଚେଷ୍ଟାକରି ନିରାଶ ହେବା ପରେ ଶେଷରେ ଗୋଟିଏ ସୁନା ମାଛକୁ ଧରି ନେଲେ। ସୁବର୍ଣ୍ଣ ମାଛକୁ ବଞ୍ଚାଇବା ପାଇଁ ମାଛ ରାଜା ମଣିଷକୁ ଚାଉଳ ଦେଇଥିଲେ। ପରେ ଯେତେବେଳେ ଜଣେ ରାଜା ଚାଉଳକୁ ଏକ କୋଠରିରେ ବନ୍ଦ କରିଦେଲେ, ସେତେବେଳେ ଲୋକମାନେ ପୁନର୍ବାର ଭୋକରେ ରହିବାକୁ ଲାଗିଲେ। ଗୋଟିଏ ଉଇ ଧାନଦେବୀଙ୍କୁ ପାଇଲେ ତାଙ୍କୁ ଖଣ୍ଡ ଖଣ୍ଡ କରି କାଟି ପକାଇଲେ। ସେଥିରୁ ବିଭିନ୍ନ ପ୍ରକାର ଧାନ କଳା ଧାନ, ଧଳା ଧାନ, କଠିନ ଧାନ ଆଦି ସୃଷ୍ଟି ହେଲା। ଉଇ ଏତେ ପ୍ରକାର ଧାନ ସୃଷ୍ଟି କଲା ଯେ, ରାଜା ସେସବୁକୁ ନିୟନ୍ତ୍ରଣ କରିପାରିଲେ ନାହିଁ।

–devduttofficial@gmail.com

# ଏମାନେ ମହାନ୍



ତପସ୍ୱିନୀ ପଟ୍ଟନାୟକ

ପ୍ରଛାତ୍ର ମଧ୍ୟରେ ଥିବା ପ୍ରତିଭା ଆଉ ସାମର୍ଥ୍ୟ ଚିହ୍ନଟ କରିବାରେ ମଧ୍ୟ ଶିକ୍ଷକଙ୍କ ଭୂମିକା ଖୁବ୍ ଅଧିକ। ଶିକ୍ଷାର ପରବର୍ତ୍ତୀ ପର୍ଯ୍ୟାୟରେ ସେ ଯେତେବେଳେ କ୍ୟାରିଅର ଗଢ଼େ ସେତେବେଳେ ଶିକ୍ଷକ ତାକୁ ଆଗକୁ ବଢ଼ିବାରେ ସାହାଯ୍ୟ କରନ୍ତି। ଉପଯୁକ୍ତ ପ୍ରୋତ୍ସାହନ, ସାହସ ଓ ରାସ୍ତା ଦେଖାଇ ଜଣେ ଶିକ୍ଷକ ପରବର୍ତ୍ତୀ ପିଢ଼ି ପାଖରେ ସବୁ ସୁଗୁଣ ଭରି ଦେଇ ସୁନାଗରିକ ଭାବରେ ଗଢ଼ିଦେଇପାରନ୍ତି ତାକୁ। ଯେତେବେଳେ ଶିଶୁଟିଏ ପ୍ରଥମକରି ମାଆବାପାଙ୍କ ହାତଧରି ସ୍କୁଲରେ ପହଞ୍ଚେ ସେହିଠାରେ ଶିକ୍ଷକ ଛାତ୍ର ସମ୍ପର୍କର ମୂଳଦୁଆ ପଡ଼େ। ଏହି ମୂଳଦୁଆ ଉପରେ ଠିଆହୁଏ ଭବିଷ୍ୟତର ସମ୍ପର୍କ। ପ୍ରତିଟି ସୋପାନରେ ସମ୍ପର୍କ ବଦଳେ କିନ୍ତୁ ମୂଳଦୁଆ ସମାନ ଥାଏ। ଧୀରେ ଧୀରେ ଶିକ୍ଷକ ସାଥୀ, ସମୀକ୍ଷକ, ପଥପ୍ରଦର୍ଶକ, ସହଯୋଗୀ ପାଲଟିଯାଆନ୍ତି। ସେଥିପାଇଁ ଖ୍ୟାତନାମା ଆମେରିକୀୟ ଇତିହାସକାର ହେନ୍‌ରୀ ଆଡାମ୍ସ କହିଥିଲେ – ଶିକ୍ଷକର ପ୍ରଭାବ ଅସୀମ, ସେ କେବେ କହିପାରିବ ନାହିଁ କେତେବେଳେ ଛାତ୍ର ଜୀବନ ଉପରେ ତା' ବ୍ୟକ୍ତିତ୍ୱର ପ୍ରଭାବ ପଡ଼ିବା ଶେଷ ହୋଇଯିବ। ସେଥିପାଇଁ ମହାନ୍ ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ କହିଛନ୍ତି– ପିତା ମାତାଙ୍କଠାରୁ ଶିକ୍ଷକ(ଗୁରୁ) ଆହୁରି ସମ୍ମାନ୍‌ନୀୟ। ପିତାମାତା ଜନ୍ମଦିଅନ୍ତି କିନ୍ତୁ ଗୁରୁ ପ୍ରକୃତ ଅର୍ଥରେ ଜୀବନ ଦିଅନ୍ତି, ବଞ୍ଚିବାର କଳା ଶିଖାନ୍ତି।

ପୁରାକାଳରେ ଯେଉଁମାନେ ଜୀବନର ଅନେକ ବର୍ଷ ଅଧ୍ୟୟନ ଓ ଗବେଷଣାରେ ବ୍ୟୟ କରୁଥିଲେ ସେମାନେ ପରବର୍ତ୍ତୀ ପିଢ଼ିକୁ ଶିକ୍ଷିତ କରିବାର ଦାୟିତ୍ୱ ନେଉଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତୁ ଦେଖିବା କିଛି ମହାନ୍ ଭାରତୀୟ ଶିକ୍ଷକଙ୍କୁ। ଚାଣକ୍ୟ(ଖ୍ରୀ:ପୂ.୩୭୦-୨୮୩): କୌଟିଲ୍ୟ ବା ବିଷ୍ଣୁଗୁପ୍ତ ଭାବରେ ସେ ଇତିହାସରେ ଖ୍ୟାତ। ଭାରତରେ ମୌର୍ଯ୍ୟବଂଶ ସ୍ଥାପନରେ ତାଙ୍କର ଭୂମିକା ସବୁଠାରୁ ଅଧିକ। ତକ୍ଷଶିଳା ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତିରେ ଶିକ୍ଷାଗ୍ରହଣ ପରେ ସେ ସେହିଠାରେ ଆଚାର୍ଯ୍ୟ ଭାବେ ଅବସ୍ଥାପିତ ହୋଇଥିଲେ। ତାଙ୍କ ଲିଖିତ ଅର୍ଥଶାସ୍ତ୍ର ଏବଂ ନୀତିଶାସ୍ତ୍ର ଆଜି ମଧ୍ୟ ପ୍ରଯୁଜ୍ୟ। ଅତ୍ୟାଚାରୀ ରାଜା ଧନ ନନ୍ଦଙ୍କୁ ବିତାଡ଼ିତ କରି ନିଜର ଛାତ୍ର ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ସେ ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନ କରିଥିଲେ। ଆର୍ଯ୍ୟଭଟ୍ଟ (୪୭୬-୫୫୦ ଖ୍ରୀ.ପୂ): ପାଟଳିପୁତ୍ର ବିଶ୍ୱବିଦ୍ୟାଳୟର କୁଳପତି ଥିଲେ ଏହି ମହାନ୍ ଗଣିତଜ୍ଞ ଏବଂ ଜ୍ୟୋତିର୍ବିଦ୍। ବିଶ୍ୱାସ କରାଯାଏ, ପରବର୍ତ୍ତୀ ସମୟରେ ସେ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ହେଲେ। ସେ ସମୟରୁ ଉଭୟ ସ୍ଥାନରେ ମହାଜାଗତିକ ନିରୀକ୍ଷଣାଗାର ସ୍ଥାପନ କରିଥିଲେ। ତ୍ରିକୋଣମିତି ଓ ଆଲ୍‌ଜେବ୍ରା ବିଶ୍ୱ ଗଣିତ ଜଗତକୁ ଆର୍ଯ୍ୟଭଟ୍ଟଙ୍କର ଅବଦାନ। ସାବିତ୍ରୀ ବାଈ ଫୁଲେ(୧୮୩୧-୯୭): ସାବିତ୍ରୀ ବାଈ ଜ୍ୟୋତିରାଓ ଫୁଲେ ଭାରତର ପ୍ରଥମ ବାଳିକା ବିଦ୍ୟାଳୟର ପ୍ରଥମ ମହିଳା ଶିକ୍ଷୟିତ୍ରୀ। ୧୮୪୮ରେ ସେ ତାଙ୍କ ସ୍ୱାମୀଙ୍କ ସହ ମିଶି ଝିଅମାନଙ୍କ ପାଇଁ ପ୍ରଥମ ବିଦ୍ୟାଳୟ ଖୋଲିଥିଲେ। ଝିଅମାନଙ୍କୁ ଶିକ୍ଷାଦେବା ଲାଗି ସଚେତନତା ସୃଷ୍ଟି କରୁଥିବାରୁ ସେ ସମୟର ସମାଜରେ ତାଙ୍କୁ ଖୁବ୍ କଠିନ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ୧୮୪୮ ମସିହା ଶେଷବେଳକୁ ସେ ପୁନେରେ ୫ଟି ବାଳିକା ବିଦ୍ୟାଳୟ ସ୍ଥାପନ କରିପାରିଥିଲେ। ରବୀନ୍ଦ୍ରନାଥ ଟାଗୋର (୧୮୬୧-୧୯୪୧): କବିଗୁରୁ ଭାବେ ଖ୍ୟାତ ଟାଗୋର ପୁରାତନ ଭାରତର ଗୁରୁକୁଳ ସଂସ୍କୃତିକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ। ପଶ୍ଚିମବଙ୍ଗର ଶାନ୍ତି ନିକେତନରେ ତାଙ୍କ ଦ୍ୱାରା ସ୍ଥାପିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଛତଳେ ବସି ପାଠ ପଢୁଥିଲେ। ସେ ନୋବେଲ ପୁରସ୍କାରରୁ ଲବ୍ଧ ସମସ୍ତ ଅର୍ଥ ଏହି ବିଶ୍ୱବିଦ୍ୟାଳୟର ଉନ୍ନତି ଓ ପରିଚାଳନାରେ ବ୍ୟୟ କରିଥିଲେ। ପ୍ରେମ୍‌ଚାନ୍ଦ(୧୮୮୦-୧୯୩୬):ଆଧୁନିକ ଭାରତୀୟ ସାହିତ୍ୟକୁ ନୂତନ ରୂପ ଦେଇଥିବା ପ୍ରେମ୍‌ଚାନ୍ଦ ପେସାରେ ଜଣେ ଶିକ୍ଷକ ଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ଥିଲେ ପ୍ରେମ୍‌ଚାନ୍ଦ। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍(୧୮୮୮-୧୯୭୫): ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡ. ରାଧାକ୍ରିଷ୍ଣନ୍ ଜଣେ ଶିକ୍ଷକ ଭାବେ ପରିଚିତ ହେବାରେ ନିଜକୁ ଗୌରବାନ୍ୱିତ ମନେକରୁଥିଲେ। ମାଡ୍ରାସ ରେସିଡେନ୍ସି କଲେଜରୁ ଆରମ୍ଭ ହୋଇଥିଲା ତାଙ୍କର ଶିକ୍ଷକତା ଜୀବନ।

**ଅଧ୍ୟକ୍ଷା, ଡ୍ରିମ୍ ଇଣ୍ଡିଆ ସ୍କୁଲ, ସେକ୍ଟର-୧୦, ସିଡିଏ, କଟକ**

## ଏଇ ଭାରତରେ

ଜୀବନରେ ବହୁ ଝଡ଼ଝଞ୍ଜା ସହି ଅସହାୟଙ୍କ ସାହାରା ପାଲଟିଛନ୍ତି ରାଜସ୍ଥାନର ସୁମନ ମେଡଲ ମେହରା। ସେ ଏବେ ସୁଦ୍ଧା ୧୦୦୦ରୁ ଅଧିକ ଅସହାୟ ଲୋକଙ୍କୁ ମାଗଣାରେ ଚିକିତ୍ସା କରି ସୁସ୍ଥ କରିବା ସହ ସେମାନଙ୍କ ଆତ୍ମୀୟଙ୍କ ନିକଟରେ ପହଞ୍ଚାଇସାରିଲେଣି। କେବଳ ଏତିକି ନୁହେଁ ସେ ମାନବ ସେବା ଆଶ୍ରମ ନାମକ ଏକ ଆଶ୍ରୟ ସ୍ଥଳ ନିର୍ମାଣ କରି ସେଠାରେ ୫୦ ଜଣ ଅସହାୟ ଲୋକଙ୍କୁ ରଖିଛନ୍ତି। ସେମାନଙ୍କ ଖାଇବା ଓ ଚିକିତ୍ସା ଖର୍ଚ୍ଚ ସେ ନିଜେ ବହନ କରୁଛନ୍ତି। ସୁମନ ଜଣେ ଗରିବ ଘରର ଝିଅ ଥିଲେ। ମାତ୍ର ୧୪ ବର୍ଷ ବୟସରେ ତାଙ୍କର ବାହାଘର ହୋଇଥିଲା। ପରେ ସେ ଆତ୍ମନିର୍ଭର ହେବା ପାଇଁ ନର୍ସିଂ ପଢ଼ିବାକୁ ସ୍ଥିର କରିଥିଲେ। ଅର୍ଥାଭାବ ଏଥିରେ ବାଧକ ସାଜିଥିଲେ ମଧ୍ୟ ତାଙ୍କ ସ୍ୱାମୀ ଦିନମଜୁରିଆ ଭାବେ କାମ କରି ସେହି ରୋଜଗାରରେ ପରିବାର ଚଳାଇ ସୁମନଙ୍କୁ ପଢ଼ା ଖର୍ଚ୍ଚ ଯୋଗାଇଦେଇଥିଲେ। ସୁମନ ନର୍ସିଂରେ ଡିଗ୍ରୀ ହାସଲ କରି ଏକ ହସ୍ପିଟାଲରେ ଚାକିରି କଲେ। ଥରେ ସଡ଼କରେ ଜଣେ ଅପରିଚିତ ଅସହାୟ ଲୋକ ଦୁର୍ଘଟଣାର ଶିକାର ହେବା ପରେ ତାଙ୍କୁ ଚିକିତ୍ସା କରି ସୁସ୍ଥ କରିଥିଲେ। ସେହି ଘଟଣା ତାଙ୍କୁ ରାସ୍ତାକଡ଼ରେ ରହୁଥିବା ଅନ୍ୟ ଅସହାୟମାନଙ୍କ ସେବା ଲାଗି ପ୍ରେରିତ କରିଥିଲା। ଏବେ ଏହି କାର୍ଯ୍ୟ ପାଇଁ ସାମାଜିକ ସ୍ତରରୁ ବହୁ ସହଯୋଗ ମିଳୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଅକ୍ଟୋବର ୧୯୯୮

- ଅନ୍ତର୍ଘାତୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ଇରାନର ଜାହେଦାନଠାରେ ୪ କଠୋରପନ୍ଥ ଇସ୍‌ଲାମୀୟ ତାଲିବାନ ଉଗ୍ରବାଦୀ ଗିରଫ।
- ଥାଣେର ଉପକଣ୍ଠସ୍ଥିତ ଏକ ହୋଟେଲରେ କିରାସିନି ସିଲିଣ୍ଡର ଫାଟି ବିସ୍ଫୋରଣ ଘଟିବା ଫଳରେ ୧୧ ଜଣଙ୍କ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | | | | 5 |
| | | 4 | 2 | | | | | |
| 1 | 6 | | | | | | 9 | |
| | | 2 | | | | | | 8 |
| | | 3 | 9 | | 4 | 6 | 1 | |
| 5 | | | | | 1 | 3 | | |
| | | | 7 | 1 | | 5 | 8 | |
| | | | | | | | | 6 |
| | | | | | | 1 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 6 | 9 | 1 | 7 | 4 | 5 | 2 |
| 5 | 9 | 2 | 3 | 4 | 8 | 6 | 7 | 1 |
| 1 | 4 | 7 | 2 | 5 | 6 | 8 | 3 | 9 |
| 6 | 5 | 1 | 4 | 8 | 3 | 9 | 2 | 7 |
| 7 | 8 | 3 | 1 | 9 | 2 | 5 | 6 | 4 |
| 4 | 2 | 9 | 6 | 7 | 5 | 3 | 1 | 8 |
| 3 | 6 | 4 | 8 | 2 | 1 | 7 | 9 | 5 |
| 9 | 1 | 5 | 7 | 6 | 4 | 2 | 8 | 3 |
| 2 | 7 | 8 | 5 | 3 | 9 | 1 | 4 | 6 |

ଗତକାଲିର ଉତ୍ତର

# ବିକାଶ ନିମ୍ନମୁଖୀ



ଡ. ସନ୍ତୋଷ କୁମାର ମହାପାତ୍ର

ବର୍ତ୍ତମାନ ଶାସକ ଦଳ ସର୍ବଦା ନୂଆ ନୂଆ ସ୍ଲୋଗାନ୍ ଦେଉଛନ୍ତି। ପ୍ରଗତି, ବିକାଶ ହୋଇଛି ବୋଲି ବାରମ୍ବାର କହୁଛନ୍ତି। ଯିଏ କ୍ଷମତାରେ ଥା'ନ୍ତି, ସେମାନେ ନିଜ ସପକ୍ଷରେ କହିବା କିଛି ନୂଆକଥା ନୁହେଁ। କିନ୍ତୁ ବୁଦ୍ଧିଜୀବୀମାନେ ଠିକ୍ ତଥ୍ୟ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଉଚିତ, ଯାହା ସେମାନେ କରୁନାହାନ୍ତି। ତଥ୍ୟ କହୁଛି ବିକାଶ ନିମ୍ନମୁଖୀ। କେବଳ ଲୋକଙ୍କ ଅର୍ଥରେ ତାଙ୍କ ପାଇଁ ଯୋଜନା କରିଦେଲେ ଲୋକ ଭଲରେ ଅଛନ୍ତି ବୋଲି ଭାବିବା ଭୁଲ୍। ଲୋକ ଭଲରେ ନାହାନ୍ତି ବୋଲି ତ ୮୦ କୋଟି ଲୋକଙ୍କୁ ଖାଦ୍ୟଶସ୍ୟ ଯୋଗାଇଦେବାକୁ ପଡୁଛି। ବର୍ତ୍ତମାନ ଲୋକଙ୍କ ଜୀବନର ମାନଦଣ୍ଡ ଓ କ୍ରୟଶକ୍ତି ହ୍ରାସ ପାଇଲାବେଳେ ସରକାର ମିଛ ସ୍ୱପ୍ନ ଦେଖାଇ ଚାଲିଛନ୍ତି। ଆଜି ଦେଶର ଅବସ୍ଥା, ଅର୍ଥନୀତିର ଅବସ୍ଥା ଭୟଙ୍କର L ଦାରିଦ୍ର୍ୟ, କ୍ଷୁଧା, ବେକାରି, ବୈଷମ୍ୟ ଭୟଙ୍କର। ଉଲ୍ଲେଖଯୋଗ୍ୟ ଯେ ବିଶ୍ୱର ସର୍ବାଧିକ ଭୋକିଲା, ଗରିବ, ବାସହୀନ ଏବଂ ଆଧୁନିକ କ୍ରୀତଦାସ ଭାରତରେ ଅଛନ୍ତି। ମିଳିତ ଜାତିସଂଘର ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ବିଶ୍ୱ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ-୨୦୨୧ ଅନୁସାରେ ଭାରତରେ ବହୁମୁଖୀ ଦାରିଦ୍ର୍ୟ ହାର ଜନସଂଖ୍ୟାର ୧୪.୪%। ନୀତି ଆୟୋଗ ଅନୁସାରେ, ଭାରତରେ ୨୦୧୯-୨୧ରେ ବହୁମୁଖୀ ଦାରିଦ୍ର୍ୟହାର ୧୪.୯୬% ବା ୨୦.୭୯ କୋଟିରୁ ଅଧିକ। ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ପ୍ରାୟ ୧.୭୭ ନିୟୁତ ବାସହୀନ ଅଛନ୍ତି। ସେଥିମଧ୍ୟରୁ ପ୍ରାୟ ୫୨% ଦେଶର ସହରାଞ୍ଚଳରେ ବାସକରନ୍ତି। ଭାରତରେ ବିଶ୍ୱର ସର୍ବାଧିକ ଆଧୁନିକ କ୍ରୀତଦାସ ଅଛନ୍ତି, ଯାହାର ସଂଖ୍ୟା ୧.୪ କୋଟିରୁ ୧.୮ କୋଟି ହେବ। ନେଦରଲାଣ୍ଡର ଜନସଂଖ୍ୟା ଅପେକ୍ଷା ଭାରତରେ ଆଧୁନିକ କ୍ରୀତଦାସ ଅଧିକ।

ବିକଶିତ ରାଷ୍ଟ୍ର ହେବା ବହୁ ଦୂରର କଥା, ସବୁ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ଅତ୍ୟନ୍ତ ନିମ୍ନରେ ରହିଛି। ମୁଣ୍ଡପିଛା ଆୟଦୃଷ୍ଟିରୁ ଭାରତ ବିଶ୍ୱରେ ୧୪୨ତମ ସ୍ଥାନରେ ରହିଛି, ଅର୍ଥାତ୍ ଏହା ୧୪୧ ଦେଶ ତଳେ ଅଛି। ଏପରିକି ବାଂଲାଦେଶ ପଛରେ। ସେହିପରି ମୁଣ୍ଡପିଛା ଆୟ (କ୍ରୟଶକ୍ତି ସମତା)ଦୃଷ୍ଟିରୁ ଭାରତ ବିଶ୍ୱରେ ୧୨୭ତମ ସ୍ଥାନରେ ଅଛି ଅର୍ଥାତ୍ ଏହା ୧୨୬ଟି ଦେଶ ତଳେ। ବିଶ୍ୱର କ୍ଷୁଧା ସୂଚକାଙ୍କରେ ୨୦୨୨ ଅନୁସାରେ ୧୨୧ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୭। ଅର୍ଥାତ୍ ୧୦୬ଟି ଦେଶ ତଳେ କ୍ଷୁଧା ସ୍ତର ସାଙ୍ଘାତିକ। ପୁନଶ୍ଚ ସୁସ୍ଥ ଖାଦ୍ୟ ପାଇବାକୁ ଅସମର୍ଥ ଭାରତୀୟଙ୍କ ସଂଖ୍ୟା ବୃଦ୍ଧିପାଉଛି। ଭାରତ ମାନବ ବିକାଶ ସୂଚକାଙ୍କ ୨୦୨୧-୨୨ରେ ୧୯୧ଟି ଦେଶ ମଧ୍ୟରୁ ୧୩୨ତମ ସ୍ଥାନରେ ରହିଛି। ଅର୍ଥାତ୍ ୧୩୧ ଦେଶ ତଳେ। ବିଶ୍ୱ ଖୁସି ସୂଚକାଙ୍କରେ ୨୦୨୩ରେ ଭାରତ ୧୪୯ଟି ଦେଶ ମଧ୍ୟରୁ ୧୨୬ତମ ସ୍ଥାନରେ ରହିଛି। ଅର୍ଥାତ୍ ୧୨୫ ଦେଶ ତଳେ। ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ୍ସ ଆଣ୍ଡ୍ ପିସ୍‌ର ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୨୩ରେ ୧୬୩ଟି ଦେଶ ମଧ୍ୟରୁ ୧୨୬ତମ ସ୍ଥାନରେ ରହିଛି ଅର୍ଥାତ୍ ୧୨୫ଟି ଦେଶ ତଳେ। ଭାରତ ନିମ୍ନ ଶାନ୍ତି ଦେଶ ଭାବେ ସ୍ଥାନିତ ହୋଇଛି।

ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ (ଏସ୍‌ଡିଏସ୍‌ଏନ୍)ର ସ୍ଥାୟୀ ବିକାଶ ସୂଚକାଙ୍କରେ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଦେଶର ଅଗ୍ରଗତି ଜଣାପଡ଼ିଥାଏ। ସ୍ଥାୟୀ ବିକାଶ ସୂଚକାଙ୍କ ୨୦୨୨ରେ ୧୬୩ଟି ଦେଶ ମଧ୍ୟରୁ ୧୨୦ତମ ସ୍ଥାନରେ ରହିଛି ଅର୍ଥାତ୍ ୧୧୯ଟି ଦେଶ ତଳେ। ୟେଲ୍ ଏବଂ କଲମ୍ବିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ପରିବେଶ ପ୍ରଦର୍ଶନ ସୂଚକାଙ୍କରେ



୨୦୨୨ରେ ଭାରତ ୧୮୦ଟି ଦେଶ ମଧ୍ୟରୁ ସର୍ବନିମ୍ନ ୧୮୦ ସ୍ଥାନରେ ରହିଛି। ଲେଗାଟମ ସମୃଦ୍ଧତା ସୂଚକାଙ୍କ ୨୦୨୩ରେ ଭାରତ ୧୬୭ ଦେଶ ମଧ୍ୟରୁ ୧୦୩ତମ ସ୍ଥାନ ହାସଲ କରିଛି। ଅର୍ଥାତ୍ ୧୦୨ଟି ଦେଶ ତଳେ ରହିଛି।

ହ୍ୟୁମାନ୍ କ୍ୟାପିଟାଲ ଇଣ୍ଡେକ୍ସ (ଏଚ୍‌ସିଏଲ୍) ୨୦୨୦ରେ ୧୭୪ଟି ଦେଶ ମଧ୍ୟରେ ଭାରତ ୧୧୬ତମ ସ୍ଥାନରେ ରହିଛି। ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ୍ସ ଆଣ୍ଡ ପିସ୍‌ର ବିଶ୍ୱ ଆତଙ୍କବାଦ ସୂଚକାଙ୍କରେ ଭାରତ ୧୩ତମ ସ୍ଥାନରେ ରହିଛି। ଅକ୍ସଫାମ୍ ଇଣ୍ଟରନ୍ୟାଶନାଲ ଅସମାନତା ଦୂର କରିବାର ସୂଚକାଙ୍କ (ସିଆର୍‌ଆଇଆଇ) ୨୦୨୦ରେ ୧୨୩ତମ ସ୍ଥାନରେ ଅର୍ଥାତ୍ ୧୨୨ ଦେଶ ତଳେ ରହିଛି। ସାମାଜିକ ପ୍ରଗତି ସୂଚକାଙ୍କ ୨୦୨୨ରେ ୧୧୦ତମ ସ୍ଥାନ ବା ୧୦୯ ଦେଶ ତଳେ ରହିଛି। ଇନ୍‌ଷ୍ଟିଚ୍ୟୁଟ୍ ଫର୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଡେଭେଲପମେଣ୍ଟ(ଆଇଏମ୍‌ଡି)ର ବିଶ୍ୱ ପ୍ରତିଯୋଗିତା ସୂଚକାଙ୍କ ୨୦୨୨ରେ ୩୭ତମ ସ୍ଥାନରେ (୩୬ ଦେଶ ତଳେ) ରହିଛି।

ଭାରତରେ ଅଶାନ୍ତି, ଆତ୍ମହତ୍ୟା, ଅପରାଧ ବୃଦ୍ଧିପାଇଛି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ୨୦୨୧ ଅନୁଯାୟୀ, ଆତ୍ମହତ୍ୟା ଦେଶରେ କ୍ରମଶଃ ବୃଦ୍ଧିପାଉଛି। ୨୦୧୭ରେ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟା ୧,୨୯,୮୮୭ ଥିଲାବେଳେ ୨୦୨୧ରେ ଏହା ୧,୬୫,୦୩୩କୁ ବୃଦ୍ଧିପାଇଛି। ସେହିପରି ଛାତ୍ର ଆତ୍ମହତ୍ୟା ମଧ୍ୟ ଗତ ପାଞ୍ଚବର୍ଷ ହେଲା କ୍ରମାଗତ ଭାବେ ବୃଦ୍ଧି ପାଉଛି। ୨୦୨୦ରେ ଏହା ୧୨,୫୨୬ ଥିଲାବେଳେ ୨୦୨୧ରେ ୧୩,୦୮୯କୁ ବୃଦ୍ଧିପାଇଛି। ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭାରତର ଯୁବକମାନଙ୍କ ମଧ୍ୟରେ ଉଦାସୀନତା ବା ଡିପ୍ରେସନ ହାର ୩୧%ରୁ ୫୭% ମଧ୍ୟରେ ରହିଛି । ୟୁନିସେଫ୍ ଆହୁରି ମଧ୍ୟ ରିପୋର୍ଟ କରିଛି ଯେ ଭାରତରେ ୧୫ରୁ ୨୪ ବର୍ଷ ବୟସର ସାତଜଣ ଯୁବକ/ଯୁବତୀଙ୍କ ମଧ୍ୟରୁ ଜଣେ ସର୍ବଦା ଉଦାସୀନ ଅନୁଭବ କରନ୍ତି କିମ୍ବା କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରନ୍ତିନାହିଁ। ଅପରପକ୍ଷରେ ଭାରତରେ ଧନୀ ଅଧିକ ଧନୀ ହେଉଛନ୍ତି।

କ୍ରେଡିଟ୍ ସୁଇସ୍ ଏବଂ ୟୁନିୟନ୍ ବ୍ୟାଙ୍କ ଅଫ୍ ସ୍ୱିଜରଲାଣ୍ଡ (ୟୁବିଏସ୍) ମିଳିତ ଭାବରେ ଏକ ବିସ୍ତୃତ ତଥ୍ୟଭିତ୍ତିକ ବିଶ୍ୱ ସମ୍ପଦ ରିପୋର୍ଟ-୨୦୨୨ ଉନ୍ମୋଚନ କରିଛି। ବିଶେଷତଃ ଯେତେବେଳେ ସମଗ୍ର ବିଶ୍ୱରେ ହାରାହାରି ସମ୍ପଦ ହ୍ରାସ ପାଇଛି, ଭାରତରେ ତାହା ବୃଦ୍ଧି ପାଇଛି। ୨୦୨୨ ମସିହାରେ ଭାରତୀୟଙ୍କ ହାରାହାରି ସମ୍ପଦ ୪.୬% ବା ୬୭୫୫ ବିଲିୟନ ଡଲାର ବୃଦ୍ଧିପାଇ ୧୫.୪ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। କିନ୍ତୁ ପ୍ରଶ୍ନ ହେଉଛି ଏହି ଯେଉଁ ସମ୍ପଦ ବୃଦ୍ଧି ପାଇଛି ତାହା କାହା ପାଖକୁ ଯାଇଛି। ଆର୍ଥିକ ବୈଷମ୍ୟ ଗିନି କୋଏଫିସିଏଣ୍ଟ ଦ୍ୱାରା ଜଣାପଡ଼ିଥାଏ। ଗିନି କୋଏଫିସିଏଣ୍ଟ ଶୂନ ହେଲେ ଆଦୌ ବୈଷମ୍ୟ ନାହିଁ ଏବଂ ୧୦୦ ହେଲେ ସମ୍ପୂର୍ଣ୍ଣ ବୈଷମ୍ୟ। ୨୦୦୦ ମସିହାରେ ଗିନି କୋଏଫିସିଏଣ୍ଟ ୭୪.୬ ଥିଲା ଏବଂ ୨୦୨୨ରେ ୮୨.୫କୁ ବୃଦ୍ଧିପାଇଛି, ଯାହା ବୈଷମ୍ୟ ବୃଦ୍ଧି ସୂଚାଉଛି। ୨୦୨୨ ମସିହାରେ ଭାରତର ଧନୀ ୧%ଙ୍କ ହାତରେ ୪୦.୪% ସମ୍ପଦ ରହିଛି। ବିଶ୍ୱ ବୈଷମ୍ୟ ରିପୋର୍ଟ ୨୦୨୨ ଅନୁସାରେ, ବୈଷମ୍ୟ ସର୍ବାଧିକସ୍ତରରେ ପହଞ୍ଚିଛି ଏବଂ ଧନୀ ୧୦%ଙ୍କ ହାତରେ ୫୭% ସମ୍ପଦ ରହିଛି । ବ୍ରିଟିଶ ଉପନିବେଶ ଶାସନ ବେଳେ (୧୮୫୮-୧୯୪୭) ହାରାହାରି ୫୦% ଥିଲା। ଏଣୁ ବିକାଶ ଧନୀଙ୍କର ହୋଇଛି।

**ମୋ:୯୪୩୭୨୦୮୭୬୨**

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍ଥିକ ବୈଷମ୍ୟ ଏକ ବିଷମ ସମସ୍ୟା

ମହାଶୟ,

ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ହୋଇଥିବାରୁ ୨୦୩୦ ସୁଦ୍ଧା ଏହାର ଅର୍ଥନୀତି ବର୍ତ୍ତମାନ ୩.୭ ଟ୍ରିଲିୟନ୍‌ରୁ ବଢ଼ି ୬ ଟ୍ରିଲିୟନ ଡଲାର ହେବ ଓ ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ର ହେବ ବୋଲି କେନ୍ଦ୍ର ସରକାର ଓ ବିଭିନ୍ନ ରେଟିଂ ସଂସ୍ଥା ପୂର୍ବାନୁମାନ କରୁଛନ୍ତି। ମାତ୍ର ଭାରତୀୟ ଅର୍ଥନୀତି ପାଇଁ ମୁଖ୍ୟ ବାଧକରୂପେ ଠିଆ ହୋଇଥିବା କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ବୈଷମ୍ୟ ଉପରେ କେହି ପାଟି ଖୋଲୁ ନାହାନ୍ତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରେ। ମାତ୍ର ଦେଶବାସୀ ବିକଶିତ ହୋଇପାରିବେ ନାହିଁ। ସମାବେଶୀ ବିକାଶ ସମ୍ଭବ ହେବ ନାହିଁ। ଅର୍ଥାତ ଧନୀମାନେ ଅଧିକ ଧନୀ ହେବେ ଓ ସେମାନଙ୍କ ସଂଖ୍ୟା ବଢ଼ିବ। ମାତ୍ର ଗରିବ ଓ ମଧ୍ୟବିତ୍ତଙ୍କ ସଂଖ୍ୟା ବଢ଼ିଲେ ମଧ୍ୟ ସେମାନଙ୍କର ଆଖିଦୃଶିଆ ଉନ୍ନତି ହୋଇପାରିବ ନାହିଁ। କେବଳ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ଆର୍ଥିକ ବୈଷମ୍ୟରେ ହ୍ରାସ ଘଟିଲେ ଏହା ସମ୍ଭବ ହେବ। ଏହାର ଉପାୟ ଅର୍ଥନୀତି ବିଶେଷଜ୍ଞମାନେ ସରକାରଙ୍କୁ ଜଣାଇ ଦେଇଛନ୍ତି। ମାତ୍ର କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଥିପାଇଁ ଧନୀଙ୍କ ଉପରେ ଟିକସ ହାର ବୃଦ୍ଧି କରିବା ସହ ଗରିବ ଓ ମଧ୍ୟବିତ୍ତଙ୍କ ଉପରୁ ଟିକସ ହାର ହ୍ରାସ କରିବାକୁ ହେବ। ଏହା ଯେତେଶୀଘ୍ର କରାଯିବ ଦେଶବାସୀଙ୍କର ସେତେ ମଙ୍ଗଳ ହେବ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

"ଆସ ବୀର ! ଧର ତୋଳି
ଆଶାର ଉଜ୍ଜ୍ୱଳ ମହାଦୀପ
"ଜୀବନ ପାବଚ୍ଛେ ତବ
ସାଜି ଦିଅ ସ୍ୱପନ-ସ୍ଫଟିକ।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମହିଳା କନ୍‌ଷ୍ଟେବଲଙ୍କୁ ବଳାତ୍କାର

## ୨ କନ୍‌ଷ୍ଟେବଲଙ୍କ ବିରୋଧରେ ମାମଲା

**ବାଲେଶ୍ୱର, ୪।୧୦(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ପୋଲିସ ଅଧୀନରେ କାର୍ଯ୍ୟରତ ୨ କନ୍‌ଷ୍ଟେବଲଙ୍କ ବିରୋଧରେ ଜଣେ ମହିଳା କନ୍‌ଷ୍ଟେବଲ ବଳାତ୍କାର ଅଭିଯୋଗ ଆଣିଛନ୍ତି। ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶରେ ସହଦେବଖୁଣ୍ଟା ପୋଲିସ ତଦନ୍ତ କରି ଆଇପିସି ଦଫା. ୩୪୧, ୩୨୩, ୩୫୪(ଖ), ୩୭୬, ୧୦୯ ଓ ୩୪ରେ ଏକ ମାମଲା (ନଂ. ୩୮୭/୨୦୨୩ ) ରୁଜୁ କରିଛି। ଅଭିଯୁକ୍ତ କନ୍‌ଷ୍ଟେବଲଦ୍ୱୟ ହେଲେ ମାନସ ରଞ୍ଜନ ପାଣିଗ୍ରାହୀ ଏବଂ ଗଙ୍ଗାଧର ବିଶ୍ୱାଳ।

ମହିଳା କନ୍‌ଷ୍ଟେବଲଙ୍କ ଅଭିଯୋଗ ଅନୁସାରେ ୨୦୨୦ରେ ତାଙ୍କ ସ୍ୱାମୀ ଅଭିଯୁକ୍ତ କନ୍‌ଷ୍ଟେବଲଙ୍କଠାରୁ ଏକ ବର୍ଷ ପାଇଁ ୬ଲକ୍ଷ ଟଙ୍କା ଋଣ ଆକାରରେ ନେଇଥିଲେ। ଯେଉଁଥିରେ ମହିଳା କନ୍‌ଷ୍ଟେବଲ ନିଜ ବ୍ୟାଙ୍କ ଆକାଉଣ୍ଟର ୩ ଗୋଟି ଏବଂ ସ୍ୱାମୀଙ୍କ ଆକାଉଣ୍ଟର ଏକଗୋଟି ପୋଷ୍ଟ ଡେଟେଡ୍ ଚେକ୍ ବନ୍ଧକ ଆକାରରେ ଦେଇଥିଲେ। ଏକବର୍ଷ ମଧ୍ୟରେ ସୁଧ ସହ ଋଣଅର୍ଥ ଫେରାଇ ଦେବା ପାଇଁ ଏକ ଚୁକ୍ତିପତ୍ର ମଧ୍ୟ ହୋଇଥିଲା। ତେବେ ମୂଳ ଓ ସୁଧ ବାବଦକୁ ୧୧, ୮୫,୬୦୦ ଟଙ୍କା ପରିଶୋଧ ପରେ ବି ବନ୍ଧକ ଭାବେ ପାଖରେ ରଖିଥିବା ବ୍ୟାଙ୍କ ଚେକଗୁଡ଼ିକୁ ସେମାନେ ଫେରାଇ ନ ଥିଲେ। ଏନେଇ ଗତ ତା ୩୧ ।୭ ।୨୩ ରିଖରେ ଅଭିଯୁକ୍ତମାନେ ରାତି ୮ଟାରେ ସଂଘ କାର୍ଯ୍ୟାଳୟକୁ ଡକାଇ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ବଳାତ୍କାର ପାଇଁ ଚେଷ୍ଟା କରିଥିଲେ। ତେବେ ତାଙ୍କର ଚିତ୍କାର ଶୁଣି କ୍ୟାଣ୍ଟିନ କର୍ମଚାରୀମାନେ ସେଠାରେ ପହଞ୍ଚିଯିବାରୁ ଦୁଇ ଅଭିଯୁକ୍ତ କନ୍‌ଷ୍ଟେବଲ ସେଠାରୁ ପଳାଇଯାଇଥିଲେ ବୋଲି ଅଭିଯୋଗ କରି ମହିଳା କନ୍‌ଷ୍ଟେବଲ ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଏକ କମ୍ପ୍ଲେଣ୍ଟ କେସ୍ କରିଥିଲେ। କୋର୍ଟ ଉକ୍ତ ମାମଲାକୁ ଗ୍ରହଣ କରି ପୋଲିସକୁ ଏତଲା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସହଦେବଖୁଣ୍ଟା ପୋଲିସ ଗତ ୩୦ତାରିଖରେ ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଏହି ଘଟଣା ସମ୍ପର୍କରେ ଅଭିଯୁକ୍ତ ତଥା ଜିଲା ହାବିଲଦାର କନ୍‌ଷ୍ଟେବଲ ସଂଘ ସଭାପତିଙ୍କୁ ପଚାରିବାରୁ ସେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଆଗକୁ ଆସୁଥିବା ସଂଘ ନିର୍ବାଚନକୁ ଦୃଷ୍ଟିରେ ରଖି ଏହିଭଳି ଅଭିଯୋଗ ଅଣାଯାଇଥିବା ସେ ସୂଚନା ଦେଇଛନ୍ତି।

# ସୁବର୍ଣ୍ଣପୁର ଜିଲା: ଚର୍ଚ୍ଚାରେ ୨ ଗୃହରକ୍ଷୀ

**ସୁବଳୟା,୪।୧୦(ଜୟାନନ୍ଦ ରଥ)**

ସୁବର୍ଣ୍ଣପୁର ଜିଲାର ୨ ଜଣ ଗୃହରକ୍ଷୀ ଏବେ ଚର୍ଚ୍ଚାରେ। ନିକଟରେ ତରଭା ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ବିଜୟ ସାହୁ ଗଞ୍ଜେଇ ଚୋରାଚାଲାଣ ବେଳେ ବଲାଙ୍ଗୀର ଜିଲା ପୋଲିସ ହାତରେ ଧରାପଡି ଏବେ ଜେଲରେ ଅଛନ୍ତି। ଉପରିସ୍ଥ ଅଧିକାରୀଙ୍କ ସହଯୋଗରେ ବିଜୟ ଦୀର୍ଘ ବର୍ଷ ଧରି ଗଞ୍ଜେଇ କାରବାର କରି ଆସୁଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଏହି ଚର୍ଚ୍ଚା ଥମି ନ ଥିବା ବେଳେ ସୁବର୍ଣ୍ଣପୁର ଏସ୍‌ପିଙ୍କ ସରକାରୀ ବାସଭବନରେ ପୂର୍ବରୁ କାର୍ଯ୍ୟରତ ତଥା ଏବେ ରିଜର୍ଭ ପୋଲିସରେ କାର୍ଯ୍ୟ କରୁଥିବା ଜଣେ ଗୃହରକ୍ଷୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଜିଲାର ଉଲୁଣ୍ଡା ଥାନାରେ କାର୍ଯ୍ୟରତ ଜଣେ ମହିଳା ଏଏସଆଇଙ୍କୁ ସମ୍ପୃକ୍ତ ଗୃହରକ୍ଷୀ ଜଣକ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରୁଥିବା ଭଳି ଗୁରୁତର ଅଭିଯୋଗ ଆସିଛି। ଏ ନେଇ ମହିଳା ଏଏସଆଇ ପ୍ରଥମେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ ପଣ୍ଡାଙ୍କୁ ଜଣାଇଥିଲେ। ତେବେ ଏସ୍‌ପି ପଣ୍ଡା କୌଣସି ପଦକ୍ଷେପ ନ ନେବାରୁ ସେ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ଆଇଜିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଆଇଜି ମହିଳା ଏଏସଆଇଙ୍କ ଅଭିଯୋଗ ଶୁଣିବା ପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଏହାର ତଦନ୍ତ କରୁଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ମହିଳା ଏଏସଆଇଙ୍କ ସ୍କୁଟିରେ ସୁବଳୟା ଥାନା ଅଞ୍ଚଳର ସଂଗ୍ରାମ କେଶରୀ ପର୍ଡିଆ ନାମକ ଜଣେ ବ୍ୟକ୍ତି ଗଞ୍ଜେଇ ଚୋରାଚାଲଣ କରୁଥିବା ବେଳେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଗିରଫ ପର୍ଡିଆ ସୁବଳୟା ଥାନାରେ ଆଉଟ ସୋର୍ସିଂ କର୍ମଚାରୀ ଭାବେ କମ୍ପ୍ୟୁଟର କାମ କରୁଥିଲେ। ଏହି ଘଟଣାକୁ ନେଇ ସୁବର୍ଣ୍ଣପୁର ପୋଲିସ ଏବେ ବଦନାମ ହୋଇଥିବା ବେଳେ କିଛି ପୋଲିସ କର୍ମଚାରୀ ଗଞ୍ଜେଇ ଓ ଅନ୍ୟ ବେଆଇନ କାରବାରରେ ଲିପ୍ତ ଥିବା ସ୍ପଷ୍ଟ ହେବାରେ ଲାଗିଛି।

# ଭୁବନେଶ୍ୱର, ବାଲିଅନ୍ତା, ଜଟଣୀ ବ୍ଲକର ଆବାସିକ କଲୋନି ରାସ୍ତାର ହେବ ଉନ୍ନତୀକରଣ

**ଭୁବନେଶ୍ୱର,୪।୧୦(ଅନିଲ ଦାସ)**

**ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଜନ ଅଭିଯୋଗର ସମାଧାନ**

- ୪୨୯ ରାସ୍ତା ପ୍ରକଳ୍ପ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ
- ଖର୍ଚ୍ଚ ହେବ ୩୯ କୋଟି ୨୫ ଲକ୍ଷ
- ୩ ମାସରେ କାମ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ବାଲିଅନ୍ତା ଓ ଜଟଣୀ ବ୍ଲକର ଆବାସିକ କଲୋନିଗୁଡ଼ିକ ପାଇଁ ୩୯ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ୪୨୯ଟି ରାସ୍ତା ପ୍ରକଳ୍ପକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକୁ ୩ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଅଗଷ୍ଟ ୨୩ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଖୋର୍ଦ୍ଧା ଜିଲା ଗସ୍ତ ସମୟରେ ସମ୍ପୃକ୍ତ ଅଞ୍ଚଳବାସୀ ତାଙ୍କୁ ଭେଟି ଆବାସିକ କଲୋନିଗୁଡ଼ିକର ରାସ୍ତା ଓ ବିଦ୍ୟୁତ୍ ବ୍ୟବସ୍ଥା ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହ ଏସବୁ ସମସ୍ୟାର ସମାଧାନ ପାଇଁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏସମ୍ପର୍କରେ ୫-ଟି ସଚିବ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ବୈଷୟିକ ଟିମ୍‌କୁ ସେସବୁ ଅଞ୍ଚଳକୁ ଅନୁଧାନ ପାଇଁ ପଠାଯାଇଥିଲା। ବୈଷୟିକ ଟିମ୍ ସେସବୁ ଅଞ୍ଚଳରେ ୪୨୯ ରାସ୍ତାକୁ ଚିହ୍ନଟ କରିଥିଲା, ଯାହାକି ୮୨ କି.ମି.ରୁ ଊର୍ଦ୍ଧ୍ୱ ହେବ। ଉକ୍ତ ରାସ୍ତାର ଉନ୍ନତୀକରଣ ଓ ବିଦ୍ୟୁତୀକରଣ ପାଇଁ ଟିମ୍ ରିପୋର୍ଟ ପ୍ରଦାନ କରିଥିଲା। ରିପୋର୍ଟ ପାଇବା ପରେ ୫-ଟି ସଚିବ ସମ୍ପୃକ୍ତ ଆବାସିକ କଲୋନିଗୁଡ଼ିକର ବାସିନ୍ଦାଙ୍କ ସହ ସେପ୍ଟେମ୍ବର ୨୭ ତାରିଖରେ ଆଲୋଚନା କରିଥିଲେ। ସେହି ଅନୁଯାୟୀ ମୁଖ୍ୟମନ୍ତ୍ରୀ ୪୨୯ଟି ରାସ୍ତା ପ୍ରକଳ୍ପ ନିର୍ମାଣ ପାଇଁ ମଞ୍ଜୁରୀ ଦେଇଛନ୍ତି। ସ୍ମାର୍ଟ ସିଟି ଭୁବନେଶ୍ୱର ନିକଟ ଅତୀତରେ ଦ୍ରୁତ ପରିବର୍ଦ୍ଧିତ ହୋଇ ଜଟଣୀ ଓ ବାଲିଅନ୍ତା ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛି। ସେସବୁ ଅଞ୍ଚଳରେ ବହୁ ଆବାସିକ କଲୋନି ଗଢ଼ି ଉଠିଛି। ଆବାସିକ କଲୋନିଗୁଡ଼ିକରେ ଆଭ୍ୟନ୍ତରୀଣ ରାସ୍ତା ଓ ବିଦ୍ୟୁତୀକରଣ ସମସ୍ୟା ଦୀର୍ଘ ଦିନର ଦାବି ଥିଲା। ସୂଚନାଯୋଗ୍ୟ ଯେ, ୪୨୯ଟି ରାସ୍ତା ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱର ବ୍ଲକର ୧୪୦ଟି, ଜଟଣୀ ବ୍ଲକର ୨୪୬ ଓ ବାଲିଅନ୍ତା ବ୍ଲକର ୪୩ ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିଛି। ଏସବୁ ଅଞ୍ଚଳରେ ରାସ୍ତା ନିର୍ମାଣ, ଉନ୍ନତୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ କରାଯିବ। ଏହିସବୁ ପ୍ରକଳ୍ପ ମାଧ୍ୟମରେ ୩ ଲକ୍ଷରୁ ଅଧିକ ଜନସାଧାରଣ ଉପକୃତ ହେବେ।

# ଆସୋସିଏଟ୍ ପ୍ରଫେସରଙ୍କୁ ବାଧ୍ୟତାମୂଳକ ଅବସର

**ଅଭ୍ୟାସଗତ ବିଶୃଙ୍ଖଳିତ ଆଚରଣ**

**ସମ୍ବଲପୁର,୪।୧୦(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ବୁର୍ଲା ଭିସୁଟ୍‌ର କମ୍ପ୍ୟୁଟର ଆପ୍ଲିକେସନ ବିଭାଗ ଆସୋସିଏଟ୍ ପ୍ରଫେସର ସସ୍ମିତା କୁମାରୀ ପାଢୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଭିସୁଟ୍ କର୍ତ୍ତୃପକ୍ଷ ଏ ନେଇ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ପ୍ରଫେସର ପାଢ଼ୀଙ୍କ ନାମରେ ଅଭ୍ୟାସଗତ ବିଶୃଙ୍ଖଳିତ ଆଚରଣ ଓ ବିଶ୍ୱବିଦ୍ୟାଳୟର ଅନୁଶାସନ ଭଙ୍ଗ ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା। ତାଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗର ସତ୍ୟତା ଥିବା ନେଇ ତଦନ୍ତ କମିଟି ଜାଣିବାକୁ ପାଇଥିଲା। ତଦନ୍ତ କମିଟି ରିପୋର୍ଟ ଓ ସମସ୍ତ ପ୍ରମାଣପତ୍ରକୁ ଆଧାର କରି ଭିସୁଟ୍ ପରିଚାଳନା କମିଟି ତାଙ୍କୁ ବାଧ୍ୟତାମୂଳକ ଚାକିରିରୁ ଅବସର ଦେବାକୁ ନିଷ୍ପତ୍ତି ନେଇଥିଲା। ଓଡିଶା ସରକାରଙ୍କ ଚାକିରି ସର୍ତ୍ତାବଳୀ ଓ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଚଢ଼ିଗଲା ଟ୍ରକ୍: ୨ ଜଣଙ୍କ ମୃତ୍ୟୁ

**କୁଚିଣ୍ଡା,୪।୧୦(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ପାରୁଆଭାଡି ପଞ୍ଚାୟତ ଅଫିସ ସମ୍ମୁଖରେ ବୁଧବାର ଭୋର ସମୟରେ ଏକ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପଣ୍ଡରିକଟା ଗ୍ରାମର ଦଧି ଦର୍କା (୭୦) ଓ ପାରୁଆଭାଡ଼ି ଗ୍ରାମର ମୁକ୍ତେଶ୍ୱର ଧାନ (୨୭)। ସକାଳ ପ୍ରାୟ ୬ଟାରେ ଦଧି ଓ ମୁକ୍ତେଶ୍ୱର ଶୌଚ ପାଇଁ କୁଚିଣ୍ଡା-ବାମରା ୨୪ନଂ. ରାଜ୍ୟ ରାଜପଥରେ ଯାଉଥିଲେ। ଏହି ସମୟରେ ବାମରା ପଟୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ ହଠାତ୍ ସେମାନଙ୍କ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ଲୋକେ ରୁଣ୍ଡ ହୋଇ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥିଲା। କୁଚିଣ୍ଡା ଆଇଆଇସି ଦିଲୀପ ସାଇଁ, ଏସ୍‌ଡିପିଓ ଅମିତାଭ ପଣ୍ଡା, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ସରପଞ୍ଚ ସୁବାସିନୀ ଧାନ, ସମିତିସଭ୍ୟ ଧ୍ରୁବଚରଣ ବେହେରା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଉଭୟ ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା, ମୁକ୍ତେଶ୍ୱରଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା ସାଙ୍ଗକୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହାୟତା ଓ ତାଙ୍କ ଅନାଥ ଶିଶୁଙ୍କ ପାଠପଢ଼ା ବ୍ୟବସ୍ଥା, ଦୁର୍ଘଟଣା ଘଟାଇଥିବା ଗାଡ଼ି ବିରୋଧରେ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଏକ ମାମଲା (ନଂ.୧୯୮/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଥିଲା।

# ସୂଚନାଫଳକ ପଡ଼ି ଛାତ୍ର ମୃତ

**ଭଦ୍ରକ(ସନାତନ ରାଉତ)/ ଧାମନଗର (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର), ୪।୧୦**

ଭଦ୍ରକ ଜିଲା ଧାମନଗର ବ୍ଲକ ଗଡ଼ିଆଳି ପଞ୍ଚାୟତ ଅଧୀନ ଉଚ୍ଚପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍କୁଲ କାନ୍ଥକୁ ଲାଗି ରହିଥିବା ଏକ ଫଟା ସୂଚନା ଫଳକ ଭାଙ୍ଗିପଡ଼ିବାରୁ ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ଉଚ୍ଚପଦା ଗ୍ରାମର ସୌଭାଗ୍ୟ ନାୟକଙ୍କ ପୁଅ ଅସିତ(୬)। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବି କରିବା ସହ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅବହେଳାକୁ ଦାୟୀ କରି ଉଚ୍ଚପଦା ଛକଠାରେ ସନ୍ଧ୍ୟାରେ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥ ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ବୁଧବାର ମଧ୍ୟାହ୍ନ ସାଢେ ୧୨ଟା ବେଳେ ଅସିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଜାଣତରେ ବାହାରକୁ ଚାଲି ଆସିଥିଲେ। ଅସିତଙ୍କ ବୁଢୀ ମା' ସେହି ନିକଟରେ ଥିବା ଏମ୍ଇ ସ୍କୁଲର ରୋଷେୟା ଭାବେ କାମ କରୁଥିବାରୁ ଅସିତ ସେଠାକୁ ଆସିଥିବା ଅନୁମାନ କରାଯାଉଛି। କାନ୍ଥକୁ ଡେରି ହୋଇ ରହିଥିବା ଫଳକ ଭାଙ୍ଗିପଡ଼ିବାରୁ ଅସିତ ତାହା ତଳେ ଚାପି ହୋଇଯାଇଥିଲେ। ନିକଟରେ ରୋଷେଇ କରୁଥିବା ଜେଜେମା ଜୟନ୍ତୀ ଆସି ନାତିକୁ ବାହାର କରିଥିଲେ। ମୁମୂର୍ଷୁ ଅବସ୍ଥାରେ ପ୍ରଥମେ ଅସୁରାଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ଅସିତଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣା ପାଇଁ ଲୋକେ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀ ଊର୍ମିଳା ନାୟକ ଏବଂ ସହକାରୀ ଶିକ୍ଷକ ଦେବେନ୍ଦ୍ର ପଣ୍ଡାଙ୍କୁ ଉତ୍ତ୍ୟକ୍ତ ଲୋକଙ୍କଠାରୁ ଉଦ୍ଧାର କରି ଟାଉନ ଥାନାକୁ ଆଣିଥିଲେ। ଧୂଷୁରୀ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି।



## ମାଲିକଙ୍କ ଘରୁ ଚୋରି କରି ସହାୟକ ଗିରଫ

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା) : ମାଲିକଙ୍କ ଘରୁ ସୁନା ଅଳଙ୍କାର ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ସହାୟକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ଚନ୍ଦନପୁର ଥାନାର ପ୍ରଫୁଲ୍ଲ ମିଶ୍ର (୫୧)। ତାଙ୍କଠାରୁ ସୁନାର ହଳେ ଚୁଡି, ୨ ଟି ଚେନ୍ ଓ ଗୋଟିଏ ମୁଦି ଜବତ କରାଯାଇଛି। ଅଭିଯୁକ୍ତ ପ୍ରଫୁଲ୍ଲ ଅଭିଯୋଗକାରୀ ରାମଚନ୍ଦ୍ର ନାୟକଙ୍କ ଘରକୁ ବଗିଚା ଓ ଘର ସଫା କରିବା ପାଇଁ ଆସନ୍ତି। ସେପ୍ଟେମ୍ବର ୧୭ ସକାଳେ ଘରେ କେହି ନ ଥିବା ସମୟରେ ଅଭିଯୁକ୍ତ ତାଙ୍କ ଘରେ ପଶି ଆଲମାରି ଖୋଲି ସେଥିରୁ ସୁନା ଅଳଙ୍କାର ଚୋରି କରି ନେଇଯାଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜ୍ୟର ନଦୀଗୁଡ଼ିକର ସମସ୍ୟା ସମାଧାନ ଓ ସୁରକ୍ଷା ସମ୍ପର୍କିତ ଆଲୋଚନା ସଭା, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ବିଜେଡିର ଜନସମ୍ପର୍କ ପଦଯାତ୍ରା, ୬୪ ନଂ. ୱାର୍ଡ ଯଦୁପୁର ଟାଙ୍ଗୀ ଛକ, ପୂର୍ବାହ୍ନ ୧୦ଟା।
- ପ୍ରାଣନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ଭଗବତୀ ଭବନ, ଅଶୋକନଗର, ପୂର୍ବାହ୍ନ ୧୧ଟା।
- ଶହୀଦ ବାଜି ରାଉତଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ, ଡିଏଭି ସ୍କୁଲ ଛକ, ୟୁନିଟ୍-୮, ଅପରାହ୍ନ ୪ଟା ୩୦।
- 'ମାନସ ମଂଥନ' ଲୋକାର୍ପଣ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଢେଙ୍କାନାଳ କଲଚର୍ ଆସୋସିଏଶନ ଏବଂ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ଶହୀଦ ବାଜି ରାଉତଙ୍କ ୯୭ତମ ଜୟନ୍ତୀ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।

# ୬ଦିନ ପରେ ଖୋଲିଲା ୟୁନିଟ୍-୧ ହାଟ

### ହାଟ ସମ୍ମୁଖରେ ଅସ୍ଥାୟୀ ପାର୍କିଂ ଅନୁମତି ଦେଲା ବିଏମ୍‌ସି

ଭୁବନେଶ୍ୱର, ୪।୧୦ (ବନ୍ଦନା ସେଠୀ)

ଖୋଲିଲା ୟୁନିଟ-୧ ହାଟ। ମଙ୍ଗଳବାର ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା ପରେ ବୁଧବାରଠାରୁ ହାଟରେ ପୂର୍ବଭଳି ବ୍ୟବସାୟ ଆରମ୍ଭ ହୋଇଛି। ଏଥିସହ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ପକ୍ଷରୁ ରଖାଯାଇଥିବା ୮ଦଫା ଦାବି ପୂରଣ ପାଇଁ ବିଏମ୍‌ସି ୧୫ଦିନ ସମୟ ନେଇଛି। ସେ ପର୍ଯ୍ୟନ୍ତ ହାଟ ସମ୍ମୁଖରେ ଅସ୍ଥାୟୀ ପାର୍କିଂ କରିବାକୁ ବିଏମ୍‌ସି ଅନୁମତି ଦେଇଛି। ଏଥିସହ ବିକଳ୍ପ ପାର୍କିଂ ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ତେବେ ୧ମାସ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ଗୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ୬ଦିନ ମଧ୍ୟରେ ୩୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଥିବା ସେ କହିଛନ୍ତି। ୟୁନିଟ-୧ ହାଟ ସବୁଠାରୁ ବଡ଼ ହୋଇଥିବାରୁ ପ୍ରତିଦିନ



ହଜାର ହଜାର ଗ୍ରାହକ ଏଠାକୁ ଆସିଥାନ୍ତି। ହାଟ ବନ୍ଦ ରହିଥିବାରୁ ଲୋକମାନେ ନିରାଶ ହୋଇ ଫେରୁଥିଲେ। ଏବେ ପାର୍ବଣ ଆସୁଥିବାରୁ କେବେ ହାଟ ଖୋଲିବ ସେ ନେଇ ଉଭୟ ବ୍ୟବସାୟୀ ଓ ଗ୍ରାହକ ଚିନ୍ତାରେ ଥିଲେ। ବୁଧବାର ହାଟ ଖୋଲିବା ପରେ ଗ୍ରାହକଙ୍କ ଆଗମନ ଦେଖିବାକୁ ମିଳିଥିଲା। ତେବେ ହାଟ ଖୋଲିବା ନେଇ ଲୋକେ ଜାଣି ନ ଥିବାରୁ ପ୍ରଥମ ଦିନ କମ୍ ଗ୍ରାହକ ଆସିଥିଲେ। ଏବେ ଧୀରେ ଧୀରେ ଗ୍ରାହକଙ୍କ ଭିଡ଼ ସହ ବେପାର ଜମିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ଜବରଦଖଲ ଉଚ୍ଛେଦ, ପାର୍କିଂ ପାଇଁ ସ୍ଥାନ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବା ଦାବିରେ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ଗୁରୁବାରଠାରୁ ମାର୍କେଟକୁ ବନ୍ଦ ରଖିଥିଲା। ସମସ୍ୟାର ସମାଧାନ ପାଇଁ ବ୍ୟବସାୟୀମାନେ ବିଏମ୍‌ସି ମୁଖ୍ୟାଳୟକୁ ଯାଇ କମିଶନରଙ୍କ ସହ ଆଲୋଚନା କରିଥିଲେ। ମାତ୍ର କୌଣସି ସମାଧାନ ବାହାରି ନ ଥିବାରୁ ମଙ୍ଗଳବାର ଯାଏ ହାଟ ବନ୍ଦ ରହିଥିଲା। ତେବେ ମଙ୍ଗଳବାର ଆଲୋଚନା ଉପରେ ଭରସା ରଖି ଦୈନିକ ହାଟ ବ୍ୟବସାୟୀ ସଂଘ ମାର୍କେଟ ଖୋଲିବାକୁ ନିଷ୍ପତ୍ତି ନେଇଥିଲା।

# ଜୀ ସାର୍ଥକରେ ଆରମ୍ଭ ହେବ 'ଗୃହଲକ୍ଷ୍ମୀ'

ଭୁବନେଶ୍ୱର,୪।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ-ସାର୍ଥକରେ ଆରମ୍ଭ ହେବାକୁ ଯାଉଛି ରିୟାଲିଟି ଶୋ 'ଗୃହଲକ୍ଷ୍ମୀ'। ବିବାହିତା ନାରୀଙ୍କୁ ନେଇ ଏହି ଶୋ' ଅନୁଷ୍ଠିତ ହେବ। ବିଚାରକ ଭାବେ ଓଡିଆ ସିନେମା ଜଗତର ତିନି ଲୋକପ୍ରିୟ କଳାକାର ସିଦ୍ଧାନ୍ତ ମହାପାତ୍ର, ମାମା ମିଶ୍ର ଓ ଶ୍ରୀତମ ଦାସ ରହିବେ। ସେମାନେ ପ୍ରତିଯୋଗୀଙ୍କ ଦକ୍ଷତା ପରଖି ପରବର୍ତ୍ତୀ ରାଉଣ୍ଡକୁ ନେବେ। ତେଣୁ ଏହି ପ୍ରତିଯୋଗିତା ଅତ୍ୟନ୍ତ ଚିତ୍ତାକର୍ଷକ ଓ ଦର୍ଶନୀୟ ହେବା ସହ ଓଡ଼ିଆ ନାରୀଙ୍କ ଅନନ୍ୟ ପରିଚୟ ପାଲଟିବ। ଶୋ' ମାଧ୍ୟମରେ ଓଡ଼ିଶାର ବଛା ବଛା ସହରରୁ ଆସିଥିବା ନାରୀମାନେ ସେମାନଙ୍କ ନିଷ୍ଠା ଓ ଭାବନା ସହ ଦର୍ଶକମାନଙ୍କୁ ପ୍ରେରଣା ଯୋଗାଇବେ ବୋଲି ପ୍ରଯୋଜନା ସଂସ୍ଥା ଆଶା କରିଛି। ଏଥିପାଇଁ ଅଡିଶନ ଆରମ୍ଭ ହୋଇଛି। ଅକ୍ଟୋବର ୩ରେ ଭୁବନେଶ୍ୱରରେ ଓ ଅକ୍ଟୋବର ୪ରେ ଭଦ୍ରକଠାରେ ସକାଳ ୯ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଅଡିଶନ ଚାଲିଥିଲା। ଅଡିଶନ ବିଷୟରେ ସବିଶେଷ ତଥ୍ୟ ଜାଣିବା ପାଇଁ 'ଜୀ-ସାର୍ଥକ'ର ସୋସିଆଲ ମିଡ଼ିଆ ପେଜ୍ ସହ ଯୋଡ଼ି ହେବା ପାଇଁ 'ଗୃହଲକ୍ଷ୍ମୀ'

### ୨ ସ୍ଥାନରେ ଅଡିଶନ୍ ସରିଲା




ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅନନ୍ୟ ପ୍ରତିଯୋଗିତାରେ ମହିଳାମାନେ ୨ଟି ଦଳ ଯୁବବର୍ଗ ଓ ପରିପକ୍ୱ ବର୍ଗରେ ଭାଗ ନେବେ। କର୍ମମୟ ଜଞ୍ଜାଳ ଭିତରେ ଗତିଶୀଳ ଜୀବନକୁ ଏହି ମଞ୍ଚରେ ପରିପ୍ରକାଶ କରିବେ, ଯାହା ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେବ। ଜୀ-ସାର୍ଥକର ଏହି 'ଗୃହଲକ୍ଷ୍ମୀ' ଶୋ ମନୋରଞ୍ଜନ ଯୋଗାଇବା ସହ ମହିଳାଙ୍କ ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବାରେ ସହାୟକ ହେବ। ପରିବାର ଓ ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦି ହୋଇ ରହୁଥିବା ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଏହାଏକ ମାଧ୍ୟମ ହେବ ବୋଲି ଜୀ-ସାର୍ଥକ ଚ୍ୟାନେଲ ହେଡ୍ ପ୍ରତୀକ ସିଲ ଆଶାବ୍ୟକ୍ତ କରିଛନ୍ତି।

# ୮ ଲକ୍ଷରୁ ଅଧିକ ଟଙ୍କା ଲୁଟିନେଲେ ସାଇବର ଠକ

ଭୁବନେଶ୍ୱର,୪।୧୦ (ସୂର୍ଯ୍ୟକାନ୍ତ ବେହେରା) : କମ୍ ଟଙ୍କା ନିବେଶ କଲେ ବହୁଗୁଣ ଫେରସ୍ତର ଲୋଭ ଦେଖାଇ ଜଣେ ଯୁବକଙ୍କଠାରୁ ୮ ଲକ୍ଷ ୩୦ ହଜାର ଟଙ୍କା ଠକି ନେଇଛନ୍ତି ସାଇବର ଲୁଟେରା। ଏନେଇ ଠକେଇର ଶିକାର ହୋଇଥିବା ସୁମିତ କୁମାର ସାହୁ ନାମକ ଯୁବକ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ପୁରୀ କେନାଲ ରୋଡ୍

### ନିବେଶ କରି ଫସିଲେ ଯୁବକ

ହରିଦାସପୁରରେ ସୁମିତ ରୁହନ୍ତି। ୧ ସେପ୍ଟେମ୍ବରରେ ତାଙ୍କ ହ୍ୱାଟ୍ସଆପ୍‌କୁ ପାର୍ଟ ଟାଇମ୍ ଜବ୍ ବିଷୟରେ ଏକ ମେସେଜ ଆସିଥିଲା। ସୁମିତ ଉକ୍ତ ଲିଙ୍କ୍‌କୁ ଯାଇ ବିଭିନ୍ନ ଟେଲିଗ୍ରାମ ଗ୍ରୁପ୍‌ରେ ଆଡ ହେବାରୁ ସାଇବର ଠକମାନେ ତାଙ୍କୁ ଟଙ୍କା ନିବେଶ କରିବାକୁ କହିବା ସହ କମ୍ ସମୟରେ ଅଧିକ ଟଙ୍କା ଫେରସ୍ତ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାଇବର ଠକଙ୍କ କଥାରେ ବିଶ୍ୱାସ ରଖି ସୁମିତ ବିଭିନ୍ନ ପର୍ଯ୍ୟାୟରେ ୮ ଲକ୍ଷ ୩୦ ହଜାର ଟଙ୍କା ନିବେଶ କରିଥିଲେ। ହେଲେ କୌଣସି ଟଙ୍କା ଫେରସ୍ତ ନ ଆସିବାରୁ ଠକେଇର ଶିକାର ହେବା ଜାଣିବା ପରେ ସେ ଥାନାରେ ଦ୍ୱାରସ୍ଥ ହୋଇଥିଲେ।

# ବିଏମ୍‌ସି ଅଫିସ ଘେରିଲେ ସଫେଇ କର୍ମଚାରୀ

ଭୁବନେଶ୍ୱର, ୪।୧୦ (ବନ୍ଦନା ସେଠୀ)

କିଛିଦିନ ବିରତି ପରେ ପୁଣି ଥରେ ସଫେଇ ସଂସ୍ଥାର କାର୍ଯ୍ୟଧାରାକୁ ନେଇ ତେଜିଛି ଅସନ୍ତୋଷ। ସହରରେ ନିୟମିତ ସଫେଇ କରିବା ପାଇଁ ବିଏମ୍‌ସି ନିୟୋଜିତ କରିଥିବା ସଂସ୍ଥା ଆୱାରଲ୍ୟାଣ୍ଡର ମନମୁଖୀ ଓ ଦାୟିତ୍ୱହୀନତାର ପ୍ରତିବାଦ କରି ବୁଧବାର ବହୁ ସଫେଇ କର୍ମୀ ବିଏମ୍‌ସି ମୁଖ୍ୟାଳୟକୁ ଘେରାଉ କରିଥିଲେ। ସଂସ୍ଥା ସେମାନଙ୍କୁ ଆବଶ୍ୟକ ସୁରକ୍ଷା ଉପକରଣ ପ୍ରଦାନ କରୁ ନ ଥିବା ଅଭିଯୋଗ କରି ସେଠାରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ଶେଷରେ ଆୱାରଲ୍ୟାଣ୍ଡ ମ୍ୟାନେଜର ପହଞ୍ଚି କମିଶନରଙ୍କ ସମ୍ମୁଖରେ ସମସ୍ତ ସଫେଇ କର୍ମଚାରୀଙ୍କୁ ଆବଶ୍ୟକ ଉପାଦାନ ଯଥାଶୀଘ୍ର ପ୍ରଦାନ କରିବ ବୋଲି ଅଣ୍ଡରଟେକିଂ ଲେଖିଥିଲା। ଏହାପରେ ସଫେଇକର୍ମୀମାନେ ପ୍ରତିବାଦରୁ ଓହରିଥିଲେ। ସୂଚନାଯୋଗ୍ୟ, ୨୦ଟି ୱାର୍ଡର ସଫେଇ ଦାୟିତ୍ୱ ନେଇଥିବା ଏହି ସଂସ୍ଥା ଅଧୀନରେ ୧୮୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ଅଛନ୍ତି। କାମ କରିବାର ୧୦ମାସ ବିତି ଯାଇଥିଲେ ବି ଇପିଏଫ୍ ଓ ବୋନସ୍ ମିଳୁନାହିଁ। ଏନେଇ ପୂର୍ବରୁ ମେୟର ଏବଂ କମିଶନରଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ କର୍ମଚାରୀମାନେ ବାଧ୍ୟହୋଇ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।



ସଫେଇ କର୍ମଚାରୀମାନେ ବିଏମ୍‌ସି ମୁଖ୍ୟାଳୟ ଘେରାଉ କରିଛନ୍ତି।

# ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରାଣୀ ସମ୍ପଦର ଯଥେଷ୍ଟ ଅବଦାନ ରହିଛି

### ଓୟୁଏଟିରେ ବିଶ୍ୱ ପ୍ରାଣୀ ଦିବସ ପାଳିତ

### ଅତ୍ୟାଧୁନିକ କ୍ଲିନିକାଲ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୪।୧୦ (ବନ୍ଦନା ସେଠୀ)

ଓଡ଼ିଶା କୃଷି ଓ ବୈଷୟିକ ବିଶବବିଦ୍ୟାଳୟ (ଓୟୁଏଟି) ଏମ୍‌ଏସ୍ ସ୍ୱାମୀନାଥନ୍ ହଲ୍‌ରେ ବୁଧବାର ବିଶ୍ୱ ପ୍ରାଣୀ ଦିବସ ପାଳିତ ହୋଇଯାଇଛି। ପ୍ରାଣୀସମ୍ପଦ ବିଭାଗର ନିର୍ଦ୍ଦେଶକ ରାମାଶିଷ ହାଜରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରିବେଶ ସନ୍ତୁଳନ ସହ ମାନବ ସମାଜ ପାଇଁ ପୃଥିବୀରେ ସମସ୍ତ ଗୃହପାଳିତ ପଶୁ, ବନ୍ୟପ୍ରାଣୀର ଆବଶ୍ୟକତା ସମ୍ପର୍କରେ ନିର୍ଦ୍ଦେଶକ ହାଜିରା କହିଥିଲେ। ସମ୍ମାନିତ ଅତିଥି ଭାବେ ଡା. ମନୋଜ ଭି ନାୟାର ଓ ଫରେଷ୍ଟ୍ରି କଲେଜ ଡିନ୍ ପ୍ରଫେସର ହୃଷୀକେଶ ପାତ୍ର କହିଲେ, ମାନବ ଓ ପ୍ରାଣୀସମ୍ପଦ ପରସ୍ପର ପରିପୂରକ। ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରାଣୀ ସମ୍ପଦର ଯଥେଷ୍ଟ ଅବଦାନ କରହିଥିବା ସେମାନେ କହିଥିଲେ। ଭେଟରିନାରି ଡିନ୍ ପ୍ରଫେସର ସୁସେନ କୁମାର ପଣ୍ଡା ଦିବସର ଗୁରୁତ୍ୱ ସମ୍ପର୍କରେ କହିବା ସହ ଫରେଷ୍ଟ୍ରି କଲେଜ୍, ଭେଟେରିନାରି କଲେଜ ସମେତ ଅନ୍ୟାନ୍ୟ କଲେଜରୁ ଉପସ୍ଥିତ ଛାତ୍ରୀଛାତ୍ର ଓ ସମସ୍ତ ବିଭାଗୀୟ ମୁଖ୍ୟ ପ୍ରଫେସର, ବୈଜ୍ଞାନିକଙ୍କୁ କୃତଜ୍ଞତା ଜଣାଇଥିଲେ। ପଶୁ ଚିକିତ୍ସା ସମ୍ପ୍ରସାରଣ ବିଭାଗ ମୁଖ୍ୟ ପ୍ରଫେସର ପିତାମ୍ବର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓୟୁଏଟି ଅଧୀନରେ ଥିବା ଭେଟେରିନାରି କଲେଜ ପରିସରରେ ଅତ୍ୟାଧୁନିକ କ୍ଲିନିକାଲ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ଗୃହପାଳିତ ପଶୁଙ୍କ ନିମନ୍ତେ ଏକ ଦେୟମୁକ୍ତ ଟିକାକରଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଭେଟେରିନାରି ଗବେଷଣା ପ୍ରକୋଷ୍ଠ ବୁଲି ଚିକିତ୍ସା ପଦ୍ଧତି ଅନୁଧ୍ୟାନ କରିବା ସହିତ କ୍ଲିନିକର ଆଧୁନିକୀକରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୭କୋଟିର ଅବଦାନ ନିମନ୍ତେ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମକୁ ଡିନ୍ ପ୍ରଫେସର ପଣ୍ଡା ଓ ନିର୍ଦ୍ଦେଶକ ପ୍ରଫେସର ବିଜୟ କୁମାର ପାତ୍ର ପରିଚାଳନା କରିଥିବା ବୈଜ୍ଞାନିକ ଡ. ଦେବପ୍ରସାଦ ମଲ୍ଲିକ ସୂଚନା ଦେଇଛନ୍ତି।



ଅତ୍ୟାଧୁନିକ କ୍ଲିନିକାଲ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ପ୍ରାଣୀସମ୍ପଦ ବିଭାଗର ନିର୍ଦ୍ଦେଶକ ରାମାଶିଷ ହାଜରା ଓ ଅନ୍ୟ ଅତିଥିମାନେ।

# ବିଏସ୍‌କେୱାଇରେ ସାମିଲ ପାଇଁ ଇପିଏଫ୍ ପେନ୍‌ସନର୍ସଙ୍କ ଦାବି

ଭୁବନେଶ୍ୱର, ୪।୧୦ (ବନ୍ଦନା ସେଠୀ)

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଧାରଣା ନିଷ୍ପତ୍ତି ପ୍ରତ୍ୟାହୃତ

ଓଡ଼ିଶାରେ ଥିବା ଆର୍ଥିକ ଅନଗ୍ରସର ବର୍ଗର ଇପିଏଫ୍ ପେନ୍‌ସନଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସାମିଲ କରି ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦେବାପାଇଁ ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ଆସୋସିଏଶନ୍‌ର ଏକ ପ୍ରତିନିଧି ଦଳ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ସରକାରୀ ବାସଭବନରେ ସାକ୍ଷାତ୍ କରି ଆଲୋଚନା କରିଥିଲେ। ତେବେ ଏହି ସମ୍ପର୍କରେ ବିଚାର କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ସହ ଆସନ୍ତା ୬ତାରିଖରେ ଆସୋସିଏଶନ ପକ୍ଷରୁ ହେବାକୁ ଥିବା ଧାରଣାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀଙ୍କ କଥାକୁ ଗ୍ରହଣ କରି ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଧାରଣାକୁ ପ୍ରତ୍ୟାହାର କରାଯାଇଥିବା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସୂଚନା ଦେଇଛନ୍ତି। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆସୋସିଏଶନ ସଭାପତି ବିଜୟ କୁମାର ଜେନା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ସଚ୍ଚିଦାନନ୍ଦ ସାମନ୍ତରାୟ, ବିକ୍ରମ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶାରେ ଥିବା ୨.୨୦ ଲକ୍ଷ ଇପିଏଫ୍ ପେନ୍‌ସନଭୋଗୀଙ୍କ ମଧ୍ୟରୁ ପ୍ରାୟ ୧ଲକ୍ଷ ପେନ୍‌ସନଭୋଗୀ ମାସିକ ମାତ୍ର ୫ଶହରୁ ୧ହଜାର ଟଙ୍କା ମଧ୍ୟରେ ପେନ୍‌ସନ ପାଉଛନ୍ତି। ଅବଶିଷ୍ଟ ପେନ୍‌ସନଭୋଗୀ ୧ହଜାରରୁ ୩୫ଶହ ଟଙ୍କା ପାଉଥିଲେ ମଧ୍ୟ କୌଣସି ମହଙ୍ଗା ଭତ୍ତା ପାଉନାହାନ୍ତି। ଫଳରେ ରାଜ୍ୟର ଇପିଏଫ୍‌ଭୋଗୀ ବରିଷ୍ଠ ନାଗରିକମାନେ ଦୁର୍ବିସହ ଜୀବନ କାଟୁଛନ୍ତି। ଏପରିକି ଚିକିତ୍ସା ଓ ଔଷଧ ଖର୍ଚ୍ଚ ବିନା ମୃତ୍ୟୁବରଣ କରୁଥିବା ନଜରକୁ ଆସୁଛି। ତେଣୁ ଏମାନଙ୍କୁ ବିଏସ୍‌କେୱାଇରେ ସାମିଲ କରି ନିଃଶୁଳ୍କ ଚିକିତ୍ସା ଯୋଗାଇ ଦେବାକୁ ଦାବି କରାଯାଉଛି।



ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ଏକ ପ୍ରତିନିଧି ଦଳ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଗୋଲ୍‌ଡେନ୍ ପ୍ୟାଲେସ୍ ସହ ଏଲ୍‌ଇଡିରେ ପୌରାଣିକ କଥାବସ୍ତୁ



ଖବରଦାତା ସମ୍ମିଳନୀରେ ଝାରପଡ଼ା ଦୁର୍ଗାପୂଜା ସମିତି ସଭାପତି ଶିଖର କୁମାର ଜେନା ଓ ଅନ୍ୟ କର୍ମକର୍ତ୍ତା ତୋରଣ ଉନ୍ମୋଚନ କରୁଛନ୍ତି।



ଭୁବନେଶ୍ୱର, ୪।୧୦ (ବନ୍ଦନା ସେଠୀ)




ପାର୍ବଣରେ ଦେବୀ ଦୁର୍ଗାଙ୍କୁ ଆବାହନ କରିବାକୁ ଏବେଠୁ ସବୁଠି ଉତ୍କଣ୍ଠା ଓ ଉତ୍ସାହ ବାରି ହୋଇପଡୁଛି। ମା'ଙ୍କ ଧରାବତରଣ ପାଇଁ ରାଜଧାନୀ ଭୁବନେଶ୍ୱରରେ ପୂଜା ମଣ୍ଡପଗୁଡିକ ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ କରାଯାଉଥିବାବେଳେ ଅନ୍ୟମାନଙ୍କଠାରୁ କିଛି ନିଆରା କରିବାକୁ କମିଟିର ସଦସ୍ୟମାନେ ଲାଗି ପଡିଛନ୍ତି। ତେବେ ୧୩ବର୍ଷରେ ପଦାର୍ପଣ କରିଥିବା ସହରର ଅନ୍ୟତମ ପ୍ରମୁଖ ପୂଜା ମଣ୍ଡପ ଝାରପଡ଼ା ଦୁର୍ଗାପୂଜା ସମିତି ଚଳିତବର୍ଷ ନିଜସ୍ୱ ପରିକଳ୍ପିତ 'ଗୋଲ୍‌ଡେନ୍ ପ୍ୟାଲେସ୍' ତୋରଣ ଶ୍ରଦ୍ଧାଳୁଙ୍କୁ ଭେଟି ଦେବାକୁ ଯାଉଛି। ବାଉଁଶ, କାଠବିଟ୍, ପ୍ଲାଏ, ଫାଇବର, ସନ୍‌ପ୍ୟାକ୍, ୟୁଫୋମ୍, ରଙ୍ଗିନ କାଚ ଆଦିରେ ତୋରଣ ନିର୍ମାଣ କରାଯିବ ବୋଲି ବୁଧବାର ସମିତି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଶିଖର ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ତୋରଣର ଉଚ୍ଚତା ୮୫ଫୁଟ ଏବଂ ଚଉଡା ୧୫୦ଫୁଟ ରହିବ। ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ଗୋଟିଏ ପ୍ରବେଶ ପଥ ରହିଥିବାବେଳେ ଭିତର ପଟେ ୪ଟି ପ୍ରସ୍ଥାନ ପଥ ରହିବ। ତୋରଣ ଭିତର ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ରହିବ।

### ରାବଣପୋଡ଼ିକୁ ମୀନା ବଜାରର ମଜା

୪୦ ଫୁଟର ରାବଣ ନିର୍ମାଣ କରାଯିବ। ଦଶମୀ ସନ୍ଧ୍ୟା ୭ଟାରେ ଝାରପଡ଼ା ଗ୍ରାମର ଦୋଳମେଳଣ ପଡିଆରେ ରାବଣପୋଡି ଏବଂ ଆତସବାଜି କାର୍ଯ୍ୟକ୍ରମ ହେବ। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ଭୁବନେଶ୍ୱର, କଟକର କଳାକାରମାନେ ଯୋଗଦେବେ। ଏହାବାଦ୍ ଶ୍ରଦ୍ଧାଳୁମାନେ ମୀନା ବଜାରର ଲାଭ ଉଠାଇବେ।

ସେହିପରି ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୧୨ଫୁଟ ଏବଂ ୨୦ଫୁଟ ଉଚ୍ଚତାର ବୁଲେନ ଓ ସୁନେଲି ମେଢ ତିଆରି କରାଯିବ। କଟକ ଗୋଡିସାହିର କାରିଗର ମାନସ ରଞ୍ଜନ ବେହେରା ମୂର୍ତ୍ତି ନିର୍ମାଣ କରୁଥିବାବେଳେ ମେଢ ତିଆରି ଦାୟିତ୍ୱ ବିଶ୍ୱଜିତ୍ ଦାସ ନେଇଛନ୍ତି। ଏଥର ମା' ରୁପା ମୁକୁଟ ପିନ୍ଧିବା ସହ ପାର୍ଶ୍ୱଦେବତାମାନେ ମଧ୍ୟ ରୁପା ଅଳଙ୍କାରରେ ସଜ୍ଜିତ ହେବେ। ୩ଟି ମୁଖ୍ୟ ଗେଟ୍ ସମେତ ଅନ୍ୟ ୫ଟି ଗେଟ୍ ମଧ୍ୟରେ ପୌରାଣିକ, ଆଧୁନିକ ଓ ଆଦିବାସୀଙ୍କ କଥାବସ୍ତୁକୁ ଏଲ୍‌ଇଡି ଓ ମେକାନିକାଲ ଷ୍ଟ୍ରକଚର୍‌ରେ ରୂପ ଦିଆଯିବ, ଯାହାକି ପୂଜାର ଅନ୍ୟତମ ଆକର୍ଷଣ ସାଜିବ। ଏହି ସମ୍ମିଳନୀରେ ସମିତି ସମ୍ପାଦକ ଧରଣୀଧର ଜେନା, ଆବାହକ ଶ୍ରୀଧର ଜେନା ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ମା': ଝାରପଡ଼ା ଦୁର୍ଗାପୂଜା ସମିତି

# ବାଜା ରୋଶଣିରେ ମେଲାଣି

ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ସହାୟତାରେ ପୂଜା କମିଟିର ୩ଶହ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଏଥିସହ ସୁରକ୍ଷା ଦୃଷ୍ଟିରୁ ୨୦ଟି ସିସିଟିଭି କ୍ୟାମେରା ଲଗାଯିବ। ମଣ୍ଡପର ସମସ୍ତ ଦୃଶ୍ୟକୁ ୩ଟି ଭିଡିଓ କ୍ୟାମେରା ଓ ଜିମି କ୍ୟାମେରା ମାଧ୍ୟମରେ ପ୍ଲାଜ୍‌ମା ଓ ୨ଟି ଏଲ୍‌ଇଡି ପ୍ୟାନେଲ ଦ୍ୱାରା ପ୍ରସାରଣ କରାଯିବ। ପାର୍କିଂ ପାଇଁ ବିଭିନ୍ନ ସ୍ଥାନରେ ୪ଟି ସ୍ଥାନ ଚିହ୍ନଟ କରାଯାଇଛି। ପୂଜା ମଣ୍ଡପକୁ ପ୍ଲାଷ୍ଟିକମୁକ୍ତ ରଖାଯିବ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସମିତି ପକ୍ଷରୁ ହୁଇଲ୍ ଚେୟାର ମାଧ୍ୟମରେ ଶୃଙ୍ଖଳିତ ଓ ନିରାପତ୍ତା ସହିତ ଦର୍ଶନ କରାଇବେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭିନ୍ନଭିନ୍ନ ପାରମ୍ପରିକ ତଥା ଆଧୁନିକ ବାଦ୍ୟଯନ୍ତ୍ର, ପୁଣେର ଢୋଲତାସା, ଦୁଲ୍‌ଦୁଲି ବାଜା, ସମ୍ବଲପୁରୀ ବାଜା ଓ ପଞ୍ଜାବୀ ବାଜା ଆଦିରେ ମା'ଙ୍କୁ ମେଲାଣି ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ନୂଆପାଟଣାରେ ନିଶା ଦ୍ରବ୍ୟ କାରବାର ବୃଦ୍ଧି

**ଟିଗିରିଆ,୪।୧୦(ଜାଫର ଖାଁ)**

ଟିଗିରିଆ ଥାନାର ନୂଆପାଟଣା ଅଞ୍ଚଳରେ ପ୍ରତ୍ୟହ ଖୁଲମଖୁଲା ନିଶା ଦ୍ରବ୍ୟ କାରବାର ହୋଉଥିବାରୁ ଦୁର୍ଘଟଣା, ଗଣ୍ଡଗୋଳ ହେଉଥିବା ଅଭିଯୋଗ ହେଉଛି। ଖବର ଅନୁଯାୟୀ, ଆଠଗଡ଼ ଉପଖଣ୍ଡର ବ୍ୟବସାୟିକ ପ୍ରାଣକେନ୍ଦ୍ର ତଥା ହସ୍ତତନ୍ତ ଗ୍ରାମ ନୂଆପାଟଣା ପଞ୍ଚାୟତ ସଂଲଗ୍ନ ଜେମାଦେଇପୁର ଓ ଭୋଗଡା ପଞ୍ଚାୟତର ପ୍ରତ୍ୟେକ ଗଳିକନ୍ଦିରେ ବେଆଇନ ଦେଶୀ ମଦ, ବିଦେଶୀ ମଦ, ଗଞ୍ଜେଇ, ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଯେଉଁଥି ପାଇଁ ପ୍ରତିଦିନ ନିଶାସକ୍ତ ଯୁବକମାନେ ରାସ୍ତାରେ ଗଣ୍ଡଗୋଳ କରିବା ସହ ଆଶ୍ରବ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। କିଛିଦିନ ପୂର୍ବେ ନୂଆପାଟଣା ବଜାରରେ ଏକ ହୋଟେଲରେ ନିଶାସକ୍ତ ଯୁବକମାନେ ମାଗଣାରେ ଖାଇବାକୁ ମାଗିଥିଲେ। ହୋଟେଲ ପକ୍ଷରୁ ମାଗଣାରେ ଖାଦ୍ୟ ଦିଆ ନ ଯିବାରୁ ସେଲସମ୍ୟାନକୁ ନିସ୍ଥୁକ ମାଡ଼ ମାରି ଗୁରୁତର କରିଥିଲେ। ଏ ନେଇ ଥାନାରେ ଅଭିଯୋଗ କଲେ ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଇ ଡରାଇ ଥିଲେ। ଜେମାଦେଇପୁର, ନୂଆପାଟଣା ଓ ଭୋଗଡା ପଞ୍ଚାୟତର ମୁଖ୍ୟ ରାସ୍ତା ଏବଂ ସ୍କୁଲ ପାଚେରି କଡରେ ବେଆଇନ ମଦ ବ୍ୟବସାୟ ଚାଲୁଥିଲେ ମଧ୍ୟ ଅବକାରୀ ବିଭାଗର ଏଥିପ୍ରତି ନଜର ନାହିଁ। ଏ ସମ୍ପର୍କରେ ଟିଗିରିଆ ଥାନା ଆଇଆଇସି ଜ୍ଞାନରଞ୍ଜନ ସାମଲଙ୍କୁ ପଚାରିବାରେ ମଦ ଓ ନିଶା କାରବାରକୁ ଜଗିବା ଦାୟିତ୍ୱ ଅବକାରୀ ବିଭାଗର ଆମ ସହାୟତା ନେବାକୁ ଚାହିଁଲେ ଆମେ ସହଯୋଗ କରିବାକୁ ପ୍ରସ୍ତୁତ ଅଛୁ ବୋଲି ସେ କହିଥିଲେ।

### ବାଙ୍କୀ ମହୋତ୍ସବ ପାଇଁ ସାଂସ୍କୃତିକ ସମ୍ମିଳନୀ

**ବାଙ୍କୀ,୪।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ମହୋତ୍ସବ ଉପଲକ୍ଷେ ବୁଧବାର ବୈଦ୍ୟେଶ୍ୱର ଅମରନାଥ ଦେବଙ୍କ ପୀଠରେ ମହିଳା ଭାଗବତ ତଥା ସାଂସ୍କୃତିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପଦ୍ମାବତୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ବାଙ୍କୀର ଐତିହ୍ୟ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ରାଜକିଶୋର ପାଣିଗ୍ରାହୀ, ବାଙ୍କୀ ବିଜେଡି ଉପସଭାପତି ଅନନ୍ତ ଚରଣ ଦାଶ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ ମହାନ୍ତି, ସୁରଞ୍ଜନ ପଣ୍ଡା, କବି ରବିନାରାୟଣ ମଙ୍ଗରାଜ, ଗୋବିନ୍ଦ ଚନ୍ଦ୍ର ସାହୁ, ପରମେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ବାଙ୍କୀର ଅମ୍ଳାନ କୀର୍ତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳର ଶତାଧିକ ମହିଳା ଭଜନ, ଛାନ୍ଦ, ଚମ୍ପୂ ତଥା ଭାଗବତ ପାଠ କରି ଶ୍ରୋତା ମଣ୍ଡଳୀକୁ ମନ୍ତ୍ର ମୁଗ୍ଧ କରିଥିଲା। ନୟାଗଡ଼ର କୀର୍ତ୍ତନ ଗୁରୁ ବିଶ୍ୱନାଥ ପ୍ରଧାନ ଯୋଗଦାନ କରିଥିବା ବେଳେ ବଳଭଦ୍ର ରଣା ସଂଯୋଜକ, ବିଶ୍ୱନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଓଡ଼ିଶାର ବିଶିଷ୍ଟ ସନ୍ଥ ପରମବ୍ରହ୍ମ ଦାଶ ଆନୁଷ୍ଠାନିକ ଭାବେ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଶେଷରେ ଶିକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୨ ଯନ୍ତ୍ରୀଙ୍କୁ ଘେରାଉକଲେ ଗ୍ରାମବାସୀ

### ମହାଜନପୁର ପଞ୍ଚାୟତରେ ଉତ୍ତେଜନା

**ସାଲେପୁର,୪।୧୦(ଅରବିନ୍ଦ ଭୂୟାଁ)**

ସାଲେପୁର ବ୍ଲକ ଅନ୍ତର୍ଗତ ମହାଜନପୁର ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବ୍ଲକ ପ୍ରଶାସନ ଅଧିକାରୀ ଅସହଯୋଗ ଓ ଉଦ୍ଦେଶ୍ୟମୂଳକ ଭାବେ ପକ୍ଷପାତିତା କରିବା ଅଭିଯୋଗ କରି ଗ୍ରାମବାସୀ ବ୍ଲକ ସହକାରୀ ଯନ୍ତ୍ରୀ ଓ ଯନ୍ତ୍ରୀଙ୍କୁ ଘେରାଉ କରିଥିଲେ।

ପଞ୍ଚାୟତରେ ନିର୍ମାଣ ହୋଇ ସାରିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ବିଲ ପ୍ରସ୍ତୁତ କରା ନ ଯିବା ଏବଂ ଦୀର୍ଘଦିନ ଧରି ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ବନ୍ଦ


ପୋଲିସ ଲୋକଙ୍କୁ ବୁଝାଶୁଝା କରି ଅଟକ ୨ ଯନ୍ତ୍ରୀଙ୍କୁ ଉଦ୍ଧାର କରୁଛନ୍ତି।

ରହିବା, ଉଦ୍ଦେଶ୍ୟମୂଳକ ଭାବେ ବ୍ଲକ ପ୍ରଶାସନ ଅଧୀକ୍ଷଣ ଯନ୍ତ୍ରୀ ସମସ୍ୟା ସମାଧାନ ପାଇଁ ସହଯୋଗ ନ କରିବା ପ୍ରତିବାଦରେ ମହାଜନପୁର ପଞ୍ଚାୟତର ସରପଞ୍ଚ ପଦ୍ମିନୀ ବେହେରାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିବାଦ କରାଯାଇଛି। ଫଳରେ ସମ୍ପୃକ୍ତ ପଞ୍ଚାୟତର ଅନ୍ୟ ଏକ ସ୍ଥାନର ଉନ୍ନୟନ କାର୍ଯ୍ୟ ତଦାରଖ ପାଇଁ ଆସିଥିବା ସହକାରୀ ଯନ୍ତ୍ରୀ ବିଭୂତିଭୂଷଣ ନାୟକ ଓ ଯନ୍ତ୍ରୀ ରଶ୍ମିତା ହୋତାଙ୍କୁ ହଟହଟା ହେବାକୁ ପଡିଛି। ଉତ୍ୟକ୍ତ ଲୋକେ ଦୀର୍ଘଦିନର ସମସ୍ୟା ତୁରନ୍ତ ସମାଧାନ ଦାବି କରି ଦୁଇ ଅଧିକାରୀଙ୍କୁ ଘେରାଉ କରିଥିଲେ। ଅନ୍ୟପକ୍ଷରେ ୨ ଅଧିକାରୀଙ୍କୁ ଘେରାଉ କରାଯାଇଥିବା ଖବର ପ୍ରଚାରିତ ପରେ ଗ୍ରାମର ୨ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିବା ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ପ୍ରତିପକ୍ଷ ଗୋଷ୍ଠୀର କିଛି ଲୋକେ ଅଧିକାରୀଙ୍କୁ ଘଟଣାସ୍ଥଳରୁ ସୁରକ୍ଷା ସହ ନେଇଯିବାକୁ ଉଦ୍ୟମ କରିବା ଫଳରେ ପାଟିତୁଣ୍ଡ ଓ ଠେଲାପେଲା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଖବରପାଇ ଜଗତପୁର ଥାନା ଆଇଆଇସି ରବୀନ୍ଦ୍ର ନାଥ ମେହେର ଓ ପାଗା ଫାଣ୍ଡି ଅଧିକାରୀ କୁଞ୍ଜବିହାରୀ ଧୀର ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ କବଳରୁ ୨ ଅଧିକାରୀଙ୍କୁ ଉଦ୍ଧାର କରିବା ସହ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ୪ ମାସ ପରେ ସିଡିଏର ଉଚ୍ଛେଦ ଆରମ୍ଭ



**ବାରଙ୍ଗ,୪।୧୦(ଲିଙ୍ଗରାଜ ରାଉତ)**

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ବୁଧବାର ପ୍ରାଥମିକ ପର୍ଯ୍ୟାୟରେ ବାରଙ୍ଗ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ କୁହ୍ନେଇପଡ଼ାଠାରୁ ମୁଣ୍ଡମୁହାଣ ପର୍ଯ୍ୟନ୍ତ ମୁଖ୍ୟରାସ୍ତା କଡ଼ରେ ଥିବା ପ୍ରାୟ ୧୪ରୁ ଉର୍ଦ୍ଧ୍ୱ ଦୋକାନ ଘର ଏବଂ ଜବରଦଖଲ ଅଞ୍ଚଳର ଉଚ୍ଛେଦ ପ୍ରକ୍ରିୟା ଶାନ୍ତି ଶଙ୍ଖଳାରେ ସରିଛି। ଦୀର୍ଘ ୪ ମାସର ବ୍ୟବଧାନ ପରେ ସିଡିଏ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ରାସ୍ତାକଡ଼ରେ ଥିବା ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଯାଇଛି।

# ୨ ସମ୍ପ୍ରଦାୟର ଲୋକେ ମିଳିତ ଭାବେ କରନ୍ତି ପୂଜା


ବୈଠକରେ ଉପସ୍ଥିତ ଶାନ୍ତି କମିଟିର ସଦସ୍ୟମାନେ।

### ପୂଜା ପାଇଁ କାଜିହାଟରେ ଶାନ୍ତି କମିଟି ବୈଠକ

**ନିଶ୍ଚିନ୍ତକୋଇଲି,୪।୧୦ (ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତ କାଜିହାଟଠାରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଓ ଶାନ୍ତି କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆର୍ଯ୍ୟ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୩୯ ବର୍ଷ ହେବ କାଜିହାଟଠାରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ମୁରବିମାନଙ୍କ ନେତୃତ୍ୱରେ ଦୁର୍ଗାପୂଜା ହେଉଛି। ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ କୁମାର ନାୟକଙ୍କ ଆହ୍ୱାନକ୍ରମେ ଶାନ୍ତି କମିଟି ବୈଠକ ସ୍ଥାନୀୟ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଯୋଗଦେଇ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ସମିତିସଭ୍ୟ ତଥା ଶାନ୍ତି କମିଟିର କର୍ମକର୍ତ୍ତା ରମେଶ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ନାୟକ, ବରିଷ୍ଠ ସଭ୍ୟ ପ୍ରଭାକର ମିଶ୍ର, ଆବୁତାଲି, ସେକ ସମସର ଓ ଦିଲୀପ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ପୂଜା ଆରମ୍ଭରୁ ମଣ୍ଡପ ଚତୁଃପାର୍ଶ୍ୱ ସ୍ୱଚ୍ଛତା ରଖିବା, ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଇବା, ଭାଇଚାରା ପ୍ରତିଷ୍ଠା କରାଇବା, ପାନୀୟ ଜଳ, ବିଦ୍ୟୁତ, ଆଇନ ଶୃଙ୍ଖଳା, ଶୃଙ୍ଖଳିତ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଉତ୍ସବ ଶାନ୍ତି ପୂର୍ଣ୍ଣ ଭାବେ ଶବ୍ଦ ପ୍ରଦୂଷଣ ନ କରି ଶୋଭାଯାତ୍ରା କରାଇବା ଉପରେ ତହସିଲଦାର ଗୁରୁତ୍ୱାରୋପ କରିଥିଲେ। ଶେଷରେ ରମେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବାଙ୍କୀ ଡମପଡ଼ାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା


ଜନସମ୍ପର୍କ ପଦଯାତ୍ରା ଲାଗି ବିଜେଡି ପକ୍ଷରୁ ଅନୁଷ୍ଠିତ ସଭାରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଉପସ୍ଥିତ।

**ବାଙ୍କୀ,୪।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ଡମପଡ଼ା ବ୍ଲକ କୁସପଙ୍ଗି ପଞ୍ଚାୟତର ମା'ପୋଟଲେଇଙ୍କ ପୀଠରୁ ଆରମ୍ଭ ହୋଇ ମା'ଅରାଚଣ୍ଡୀଙ୍କ ପୀଠରେ ଶେଷ ହୋଇଛି। ଏଥିରେ ବାଙ୍କୀର ବିଧାୟକ ତଥା ରାଜ୍ୟ ଛାତ୍ର ବିଜେଡିର ସଭାପତି ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କହିଥିଲେ। ବାଙ୍କୀ ନିର୍ବାଚନ ମଣ୍ଡଳୀରେ ବିଜୁ ସ୍ୱାସ୍ଥ୍ୟକାର୍ଡ ମାଧ୍ୟମରେ ଲୋକେ ଗତବର୍ଷରେ ୩୯ କୋଟି ଟଙ୍କାର ସ୍ୱାସ୍ଥ୍ୟବୀମା ପାଇ ପାରିଛନ୍ତି। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ବାଙ୍କୀରେ ବୃହତ ଜଳସେଚନ ଦ୍ୱାରା ଜମିକୁ ପାଣି ମିଳିବା ସହ ମେଗା ପାନୀୟଜଳ ପ୍ରକଳ୍ପ ଦ୍ୱାରା ବାଙ୍କୀ ବ୍ଲକର ୨୦ଟି ପଞ୍ଚାୟତ ଏବଂ ଡମପଡ଼ା ବ୍ଲକର ୧୭ଟି ପଞ୍ଚାୟତ ଏବଂ ବାରଙ୍ଗ ବ୍ଲକର ୮ଟି ପଞ୍ଚାୟତର ସମସ୍ତ ଲୋକ ପାନୀୟ ଜଳ ମିଳିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, କେନ୍ଦ୍ରୀୟ ଜୋନ୍ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ୩୮ନଂ. ଜିଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ଏନ୍‌ଏସି ଉପନଗରପାଳ ସନ୍ତୋଷ କୁମାର ରଣା, ସରପଞ୍ଚ ନରେଶ ବେଉରା, ଡମପଡ଼ା ବ୍ଲକ ଉପାଧ୍ୟକ୍ଷ ଗୀତାଞ୍ଜଳି ବେଉରା, ଡମପଡ଼ା ବ୍ଲକ ଛାତ୍ର ବିଜେଡି ସଭାପତି ଗୌରବ ବିଲିୟାର ସିଂହ, ଡମପଡ଼ା ବ୍ଲକ ଯୁବ ବିଜେଡି ସଭାପତି ଭାଗୀରଥି ପାଣି, କଟକ ଜିଲା ବିଜେଡି ମହିଳା ସଭାପତି ଲିଲି ବେହେରା ଯୋଗଦେଇଥିଲେ। ସେମାନେ ବିଜେଡି ଦଳକୁ ମଜଭୁତ କରିବା ସହ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟକାରୀ ପାଇଁ ଅନୁରୋଧ କରିଥିଲେ। ସଭାରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍ ସଭାପତିତ୍ୱ କରିଥିଲେ। କୁସପଙ୍ଗି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅଜିତ୍ ଜେନା ଧନ୍ୟବାଦ ଦେଇଥିଲେ।

### ଯୋଗାଣ ବିଭାଗ ପ୍ରଥମ ଷ୍ଟାଣ୍ଡିଂ କମିଟି ବୈଠକ

**ବାଙ୍କୀ,୪।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକ ସଭାଗୃହରେ ବୁଧବାର ବ୍ଲକସ୍ତରୀୟ ଯୋଗାଣ ବିଭାଗ ଷ୍ଟାଣ୍ଡିଂ କମିଟି ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା ରଗଡି ପଞ୍ଚାୟତ ସମିତିସଭ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଯୋଗାଣ ବିଭାଗ ନିରୀକ୍ଷକ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଡିଓ ଶ୍ୟାମଳ ରାୟ ଯୋଗଦେଇ ମୃତ ବ୍ୟକ୍ତିଙ୍କୁ ରାଶନ କାର୍ଡରୁ ବାଦ୍ ଦିଆଯିବା ସହ ନୂତନ ବ୍ୟକ୍ତିଙ୍କୁ ସଂଯୋଗ କରିବା କାର୍ଯ୍ୟ ଜରୁରିକାଳୀନ ଭିତ୍ତିରେ କରାଯିବ ବୋଲି କହିଥିଲେ। ଆଗାମୀ ପଞ୍ଚାୟତ ସମିତି ବୈଠକରେ ଏ ନେଇ ଆଲୋଚନା କରି କଟକ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି କହିଥିଲେ। ବୈଠକରେ କମିଟି ସଭ୍ୟ ଅସୀତ କୁମାର ଜେନା ଏବଂ ବିଲିପଡା ସମିତିସଭ୍ୟା ରେଣୁବାଳା ସ୍ୱାଇଁ ଯୋଗ ଦେଇଥିଲେ।

### ମା' ଅରାଚଣ୍ଡୀ କ୍ଷେତ୍ରରେ ବିଶ୍ରାମ ଗୃହର ଭିତ୍ତିପ୍ରସ୍ତର

**ବାଙ୍କୀ,୪।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକ କୁସପଙ୍ଗି ପଞ୍ଚାୟତର ମା'ଅରାଚଣ୍ଡୀ କ୍ଷେତ୍ର ବିଶ୍ରାମ ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୧୦ଲକ୍ଷ ଓ ବିଧାୟକଙ୍କ ପାଣ୍ଠିରୁ ୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ପୀଠର ଉନ୍ନତି ହେଲେ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଏଠାକୁ ଆସିବେ। କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ୩୮ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଆଶିଷ ସାହୁ, ୩୭ନଂ. ଜୋନ ଜିଲାପରିଷଦ ସଭ୍ୟା ମିନତି ମହାପାତ୍ର, ଡମପଡ଼ା ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ବେଉରା, କୁସପଙ୍ଗି ସରପଞ୍ଚ ନରେଶ ବେଉରା, ପୂର୍ବତନ ସରପଞ୍ଚ ପୁଷ୍ପଲତା ପରିଡା, ପୂର୍ବତନ ସମିତିସଭ୍ୟ ଅଜିତ୍ କୁମାର ଜେନା ଯୋଗଦେଇଥିଲେ।

# ସାଲେପୁର ଡାକଘର ଆଗରେ ଧାରଣା

**ସାଲେପୁର,୪।୧୦(ଅରବିନ୍ଦ ଭୂୟାଁ)**

ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସର୍ବଭାରତୀୟ ଗ୍ରାମୀଣ ଡାକ ସେବକ ସଂଘ ଓ ଜାତୀୟ ଗ୍ରାମୀଣ ଡାକସେବକ ସଂଘ ପକ୍ଷରୁ ସାଲେପୁର ମୁଖ୍ୟ ଡାକଘର ସମ୍ମୁଖରେ ୧୦ ଦଫା ଦାବି ନେଇ ଏକ ଦିନିକିଆ ଧର୍ମଘଟ ଓ ଧାରଣା ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ହିମାଂଶୁ ଦାଶ ଓ ଅଧ୍ୟକ୍ଷ ଗୌତମ ଦାସଙ୍କ ନେତୃତ୍ୱରେ ବହୁ ଡାକ କର୍ମଚାରୀ ଏହି ଧାରଣାରେ ବସି ରହିବା ସହ ଡାକସେବକମାନଙ୍କୁ ୫ଘଣ୍ଟା ପରିବର୍ତ୍ତେ ୮ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟ କରିବା, କମଲେଶ ଚନ୍ଦ୍ରା କମିଟିର ସମସ୍ତ ସୁପାରିସକୁ କାର୍ଯ୍ୟକାରୀ କରିବା, ବରିଷ୍ଠତା ଭିତ୍ତିରେ ଇନକ୍ରିମେଣ୍ଟ ପ୍ରଦାନ, ଗ୍ରାଚୁଇଟି ଦେଢ଼ଲକ୍ଷ ପରିବର୍ତ୍ତେ ୫ ଲକ୍ଷ ପ୍ରଦାନ,


ସାଲେପୁର ମୁଖ୍ୟ ଡାକଘର ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ଗ୍ରୁପ୍ ଇନସ୍ୟୁରାନ୍ସ ୫ ଲକ୍ଷ ପ୍ରଦାନ, ବର୍ଷକୁ ବର୍ଷ ବଳକା ଛୁଟିକୁ ସଂରକ୍ଷଣ କରି ଅବସର ସମୟରେ ୧୮୦ଦିନ ଛୁଟି ପ୍ରଦାନ କରିବା, ଗ୍ରାମୀଣ ଡାକସେବକମାନଙ୍କୁ ଚିକିତ୍ସା ସୁବିଧା ଦେବା ସହ ପରିବାରକୁ ସାମିଲ କରିବା, ଏସ୍.ଡି.ବି.ଏସ୍. ଦେୟ ୩ ପ୍ରତିଶତ ପରିବର୍ତ୍ତେ ୧୦ ପ୍ରତିଶତ କରିବା, ପାର୍ଟ ଟାଇମ୍ କର୍ମଚାରୀ ହିସାବରେ ଟାର୍ଗେଟ୍ ବାଧକତାରୁ ମୁକ୍ତି କରିବା ଆଦି ୧୦ଦଫା ଦାବି ନେଇ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ଫଳରେ ସାଲେପୁର ମୁଖ୍ୟ ଡାକଘରେ ଡାକସେବା ବାଧାପ୍ରାପ୍ତ ହୋଇଥିଲା।

# ଆଠଗଡ଼ ଏନ୍‌ଏସିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା


ଆଠଗଡ଼ରେ ବିଜେଡି ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ କର୍ମୀ ଓ ନେତା।

**ଆଠଗଡ଼, ୪।୧୦( ସତ୍ୟ ପ୍ରସାଦ ରଥ)**

ଆଠଗଡ଼ ଏନ୍‌ଏସିରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ସହର ରଥଗଡ଼ା ଛକରୁ ଶୋଭାଯାତ୍ରା ବାହାରି ସହରର ଗଦାସାହି ଛକ, ଗୋପବନ୍ଧୁ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ଏନ୍‌ଏସିର ୬ନଂ.ୱାର୍ଡ ରାଧାନାଥପୁର ଶାସନ, ୫ନଂ. ୱାର୍ଡରାସରସିକପୁର, ଝରଣ ଛକ, ଡାକ୍ତରଖାନା ରୋଡ, କଣ୍ଟୋଲର ୧୦, ୧୧, ୧୨, ୧୩, ୧୭ ନଂ.ୱାଡ ବୁଲିବା ପରେ ଦକ୍ଷିଣଚଣ୍ଡୀ ମନ୍ଦିରରେ ଶେଷ ହୋଇଥିଲା। ଏନ୍‌ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ପଦଯାତ୍ରାରେ ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁଅ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଏହି ପଦଯାତ୍ରା ତୃଣମୂଳ ସ୍ତରରେ ଜନସାଧାରଣଙ୍କ ସହ ମିଶି ସମସ୍ୟାର ସମାଧାନ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ପଦଯାତ୍ରାରେ ଆଠଗଡ଼ ପୌରାଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି. ଶୁଭ୍ର ଶଙ୍କର ଜ୍ୟୋତି, ୧୮ଟି ୱାର୍ଡର କାଉନସିଲର, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ପୂର୍ବତନ ଅଧ୍ୟକ୍ଷା ସୁଚିତ୍ରା ସାହୁ, ମହିଳା ବିଜେଡି ସମ୍ପାଦିକା ରଞ୍ଜିତା ଭକ୍ତା, ଯୁବ ବିଜେଡି ସଭାପତି ଶିବଶଙ୍କର ଜେନା, ଖଲିଦ୍ ମହମ୍ମଦ ପ୍ରମୁଖ ଯୋଗ ଦେଇଥିଲେ।

# ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଜୟନ୍ତୀ

**ନିଶ୍ଚିନ୍ତକୋଇଲି/ ସାଲେପୁର/ ନେମାଳ,୪।୧୦(ଅଶୋକ ମହାପାତ୍ର/ ଅରବିନ୍ଦ ଭୂୟାଁ/କିରଣ ଶଙ୍କର ନାୟକ)**

ସାଲେପୁର ତଥା କଟକ ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କ ୮୪ତମ ଜୟନ୍ତୀ ତାଙ୍କ ଜନ୍ମଭୂମି ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ବାଣୀନଗରଠାରେ ଅନୁଷ୍ଠିତ ହୋଇଯାଇଛି। କାଳିନ୍ଦୀ ବେହେରା ସ୍ମୃତି କମିଟି ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଟକ ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ଯତିନ୍ଦ୍ରନାଥ ଜେନା, ରାୟଗୁରୁ ବିଜୟ କିଶୋର ମିଶ୍ର, ଲକ୍ଷ୍ମଣ କୁମାର ଲେଙ୍କା, ନାରାୟଣ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେମାନେ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କାଳିନ୍ଦୀ ବେହେରା ସ୍ମୃତି ସଂସଦ ପକ୍ଷରୁ ସାଲେପୁରରେ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦର ସଭାପତି ରାମଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ମୁଖପାତ୍ର ଅପୂର୍ବା ଅପରୂପା ଯୋଗଦେଇଥିଲେ। ପରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ ସ୍ୱର୍ଗତ ବେହେରା ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇଥିଲା। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ସ୍ତ୍ରୀ ଅଧ୍ୟାପିକା ଅନ୍ନପୂର୍ଣ୍ଣା ଜେନା ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପଦେଷ୍ଟା ଜ୍ଞାନରଞ୍ଜନ ବେହେରା, ସେକ୍ ରହିମ୍ ବକ୍ସ, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ।

ସେହିପରି ନେମାଳଠାରେ ଅଚ୍ୟୁତାନନ୍ଦ ସେତୁ ନିକଟରେ ଥିବା ସ୍ୱର୍ଗତ କାଳିନ୍ଦୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ନନ୍ଦିନୀ ନାୟକ, ସରପଞ୍ଚ ବିଶ୍ୱଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ନେମାଳଠାରେ ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ଚରଣ ବେହେରାଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଉଛି।

# ସାଲେପୁରରେ ସାଇବର ସଚେତନତା ରଥ


ସାଲେପୁର ହାଇସ୍କୁଲ ପରିସରରେ ସାଇବର ସଚେତନତା ରଥ ପହଞ୍ଚିବା ପରେ ସ୍ୱାଗତ କରାଯାଉଛି।

**ସାଲେପୁର,୪।୧୦(ଅରବିନ୍ଦ ଭୂୟାଁ)**

ସାଲେପୁର ହାଇସ୍କୁଲ ପରିସରରେ ସାଇବର ଠକେଇକୁ ରୋକିବାକୁ ସାଇବର ସଚେତନା ରଥକୁ ଛାତ୍ରୀଛାତ୍ରମାନେ ବୁଧବାର ସ୍ୱାଗତ କରିଛନ୍ତି। ଓଡ଼ିଶା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଓ ସଚେତନତା ରଥ ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନ ପରିକ୍ରମା କରିବା ସହ ଛାତ୍ରୀଛାତ୍ରମାନେ କିପରି ସାଇବର ଠକେଇରୁ ନିଜକୁ ସୁରକ୍ଷିତ ରଖିବେ ସେ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ସାବିତ୍ରୀ ଦେବୀ କଲେଜ, ସାଲେପୁର ହାଇସ୍କୁଲ ପରିସରରେ ଓ ସାଲେପୁର ବଜାରରେ ସାଇବର ସଚେତନତା କାର୍ଯ୍ୟକ୍ରମ ନାଟକ ମାଧ୍ୟମରେ ପରିବେଷଣ କରାଯାଇଥିଲା। ବିଶେଷକରି ସାଇବର ଠକାମିରୁ କିଭଳି ଛାତ୍ରୀଛାତ୍ରମାନେ ନିଜକୁ ସୁରକ୍ଷିତ ରଖିପାରିବେ, ସେ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଇଣ୍ଟରନେଟ୍ ବ୍ୟବହାରର ନୈତିକ ନିୟମ, ସୋସିଆଲ୍ ମିଡିଆ ବ୍ୟବହାର କ୍ଷେତ୍ରରେ ସତର୍କତା, ଗେମିଂ ଆପ୍ଲିକେଶନ୍, ଆର୍ଥିକ କାରବାର ଜନିତ ସୁରକ୍ଷା, ଶିଶୁ ପର୍ନୋଗ୍ରାଫି, ପ୍ରତିଶୋଧମୂଳକ ପ୍ରୋନୋଗ୍ରାଫି ଆଦି ଉପରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ, ସାଲେପୁର ଆଦର୍ଶ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ସାଲେପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ, ସାଲେପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି ସାଇବର ସଚେତନତା ସମ୍ପର୍କରେ ଅବଗତ ହୋଇଥିଲେ। ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯିବା ସହ ଅପରାଧ ରୋକିବାକୁ ଓଡ଼ିଶା ପୋଲିସ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ କରାଯାଉଛି।

## ସଂକ୍ଷେପରେ

### କାର୍ ଓଲଟି ଡିଭାଇଡରରେ ପିଟିହେଲା, ୨ ଗୁରୁତର

ଖୋର୍ଦ୍ଧା,୪।୧୦(ପ୍ରଭାତ ପାଣିଗ୍ରାହୀ)

୧୬ ନମ୍ବର ଜାତୀୟ ରାଜପଥର ସଦର ଥାନା ଅଧୀନ ଓସିସି ଛକରେ ବୁଧବାର ଅପରାହ୍ନ ୧ଟାରେ ଏକ ଦୁର୍ଘଟଣା ଘଟିଛି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଏକ କାର୍ ଓଲଟି ପଡ଼ି ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ କାର ସମ୍ମୁଖ ଭାଗ ଚୂରମାର ହୋଇଯାଇଛି। ଡ୍ରାଇଭରଙ୍କ ସମେତ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଲିସ ସେମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ଆହତଙ୍କ ପରିଚୟ ମିଳିନି। କାର୍ ଚକା ଫାଟିଯିବାରୁ ଏହି ଅଘଟଣ ଘଟିଥିବା କୁହାଯାଉଛି। ସୂଚନା ମୁତାବକ, ବ୍ରହ୍ମପୁର ପଟୁ ଏକ କାର ଦ୍ରୁତଗତିରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ରାସ୍ତା ଶୂନଶାନ ଥିଲା। ହଠାତ କାର ଫିଲ୍ମ ଷ୍ଟାଇଲରେ ଓଲଟି ପଡିଥିଲା। କାର୍ ୩ଥର ପଲଟ ମାରି ଆଗରେ ଥିବା ଡିଭାଇଡରରେ ପିଟି ହୋଇଯାଇଥିଲା। ଭୟଙ୍କର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଉଭୟଙ୍କୁ ଉଦ୍ଧାର ପରେ ପୋଲିସ ଆମ୍ବୁଲାନ୍ସରେ ମେଡିକାଲ ପଠାଇବା ସହ କାର ଜବତ କରିଛି। ସେହିପରି ଟାଉନ ଥାନା ଅନ୍ତର୍ଗତ ବେରୁଆଁ ଛକରେ ଦୁଇ ବାଇକ ଧକ୍କାରେ ୨ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ୧୨୦ ୟୁନିଟ୍ ରକ୍ତ ସଂଗ୍ରହ

ଗମ୍ଭାରୀମୁଣ୍ଡା, ୪।୧୦ (ଦିଲୀପ ସ୍ୱାଇଁ)

ବାଣପୁର ଏନ୍ଏସିର କୃତିବାସ ଭବନରେ ଅଧ୍ୟକ୍ଷ ମିଟୁ ନାୟକଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବାଣପୁର ବ୍ଲକ ଯୁବ ସଭାପତି କୈଳାସ ମହାପାତ୍ର,ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଏନ୍ଏସି ସଭାପତି ଉମାକାନ୍ତ ଲାଠି, ଉପସଭାପତି ସଞ୍ଜୟ କୁମାର ପ୍ରଧାନ, ଉପାଧ୍ୟକ୍ଷ ପ୍ରାଚୀପ୍ରଭା ସ୍ୱାଇଁ, ଜିଲା ସମ୍ପାଦକ ବିକ୍ରମ କେଶରୀ ଜେନା, ଯାଦୁ ପ୍ରଧାନ, ପୂର୍ବତନ ସରପଞ୍ଚ ମନୋଜ କୁମାର ପ୍ରଧାନ, କାଉନସିଲର ରଞ୍ଜନା ପ୍ରଧାନ, ତୁମ୍ବୁରାପୁଟ ସରପଞ୍ଚ ଅକ୍ଷୟ ସେଠୀ ଯୋଗଦେଇଥିଲେ। ଏଥିରେ ସବ୍‌ଡିଭିଜିନାଲ ହସ୍ପିଟାଲର ରକ୍ତ ସଂଗ୍ରହ ଅଧିକାରୀ ଡ. ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କ ସହଯୋଗ କ୍ରମେ ଅନ୍ୟ ମେଡିକାଲ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

### ୧୮ରୁ ବାଙ୍କୋଇ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ

ବୋଲଗଡ଼,୪।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ଦେଶ ପଞ୍ଚାୟତ ବାଙ୍କୋଇ କଚେରିବର ଛକଠାରେ ଅନୁଷ୍ଠିତ ହୋଇଆସୁଥିବା ରାଜ୍ୟସ୍ତରୀୟ ମା' ରାମଚଣ୍ଡୀ କବାଡ଼ି ଟୁର୍ନାମେଣ୍ଟର ୪୩ତମ ସଂସ୍କରଣ ଚଳିତ ମାସ ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ବିଭିନ୍ନ ଜିଲାର ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ୨୪ ତାରିଖରେ ଦୁର୍ଗାପୂଜା ଅବସରରେ ଅନୁଷ୍ଠିତ ହେବ। ତିନୋଟି ପର୍ଯ୍ୟାୟରେ ନକଆଉଟ୍ ଭିତ୍ତିରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ପୁରୀ ଜିଲାର ପିପିଲି, ନୟାଗଡ଼ ଜିଲାର କାଳିକାପ୍ରସାଦ ଓ ଡମସାହି, ଖୋର୍ଦ୍ଧା ଜିଲାର ଜଟଣୀ ଓ ବେଣାପଞ୍ଜରୀ, ଭୁବନେଶ୍ୱରର ବାରଙ୍ଗ, ପଟିଆ ଓ ୟୁନିଟ-୯ କବାଡି ଦଳ ଅଂଶ ଗ୍ରହଣ କରିବେ ବୋଲି ବାଙ୍କୋଇ ଗ୍ରାମବାସୀ ଓ ଆୟୋଜକ କମିଟି ଦ୍ୱାରା ମିଳିତ ପ୍ରସ୍ତୁତି ବୈଠକରେ ଚୂଡ଼ାନ୍ତ ହୋଇଥିବା ବରିଷ୍ଠ ସଦସ୍ୟ ସୁରେଶ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି।

### ତମାଖୁ ବିକ୍ରି ନେଇ ଚଢାଉ: ୩ ହଜାର ଟଙ୍କା ଜରିମାନା ଆଦାୟ

ପୁରୀ, ୪।୧୦(ଅଜିତ ମହାନ୍ତି)

ପୁରୀ ଜିଲା ପ୍ରଶାସନ ଓ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ତରଫରୁ ବୁଧବାର ପୌରାଞ୍ଚଳ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟ ଅଞ୍ଚଳରେ ବେଆଇନ ତମାଖୁ ବ୍ୟବସାୟୀମାନଙ୍କ ଉପରେ ଚଢ଼ାଉ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବେଆଇନ ଭାବେ ତମାଖୁ ବିକ୍ରୟ କରୁଥିବା ଦୋକାନୀମାନଙ୍କ ନିକଟରୁ ୩୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଦୋକାନୀମାନଙ୍କଠାରୁ ବିପୁଳ ପରିମାଣର ତମାଖୁ ସାମଗ୍ରୀ ଜବତ କରାଯାଇ ନଷ୍ଟ କରାଯାଇଛି।

# ଡ୍ରେନ୍‌ରେ ଅଳିଆ, ଶୌଚାଳୟରେ ତାଲା

ଖୋର୍ଦ୍ଧା,୪।୧୦(ପ୍ରଭାତ ପାଣିଗ୍ରାହୀ)

**ବଢୁଛି ମଶାଙ୍କ ପ୍ରାଦୁର୍ଭାବ**
- ପଡୁନି ମଶା ତେଲ, ଦିଆଯାଉନି ଧୂଆଁ
- ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବା ଆଶଙ୍କା

ଖୋର୍ଦ୍ଧା ପୌରାଞ୍ଚଳରେ ସ୍ୱଚ୍ଛତା ପ୍ରହସନ ପାଲଟିଛି। ସହରରୁ ଅଧିକାଂଶ ଦିନ ଅଳିଆ ହଟୁ ନ ଥିବାବେଳେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗତ ସପ୍ତାହେ ହେଲା ଲଘୁଚାପ ବର୍ଷାରେ ଡ୍ରେନରୁ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ଏକାଧିକ ଡ୍ରେନ ପୋତି ହୋଇଗଲାଣି। ବର୍ଷ ବର୍ଷ ଧରି ସଫା ନ ହେବା ଫଳରେ ଅଳିଆ ଆବର୍ଜନା ପଡ଼ି ପୂତିଗନ୍ଧମୟ ହେଲାଣି। ସ୍ୱଚ୍ଛ ଖୋର୍ଦ୍ଧା ସୁସ୍ଥ ଖୋର୍ଦ୍ଧା କେବଳ ସ୍ଲୋଗାନରେ ସୀମିତ। ମଶାଙ୍କ ପ୍ରାଦୁର୍ଭାବ ବଢିଲାଣି। ଘରେ ଘରେ ଜ୍ୱର ବ୍ୟାପିଲାଣି। ମ୍ୟାଲେରିଆ, ଡେଙ୍ଗୁକୁ ଖୋର୍ଦ୍ଧା ପୌରାଞ୍ଚଳ ସତେ ଯେପରି ଆମନ୍ତ୍ରଣ କରୁଛି। ମଶାଧୂଆଁ ଛଡ଼ାଯାଉନାହିଁ କି ଡ୍ରେନରେ ମଶାମରା ତେଲ ପକାଯାଉନାହିଁ। ଏହା କେବଳ କାଗଜକଲମରେ ସୀମିତ। ପୌର ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପରସ୍ପର ଉପରେ ଦୋଷ ଲଦିବାରେ ବ୍ୟସ୍ତ। ୨୨ ୱାର୍ଡ ବିଶିଷ୍ଟ ଖୋର୍ଦ୍ଧା ସହରରେ ଜନସଂଖ୍ୟା ୫୦ହଜାରରୁ ଊର୍ଦ୍ଧ୍ୱ। ସ୍ୱଚ୍ଛତା ଆଳରେ ଲକ୍ଷାଧିକ ଟଙ୍କା ଅର୍ଥ ଶ୍ରାଦ୍ଧ କରାଯାଉଛି। ଅଥଚ ସ୍ୱଚ୍ଛତା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି। ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତରେ ଖୋର୍ଦ୍ଧା ଜିଲା ହଟସ୍ପଟ ରହିଥିବା ବେଳେ ଏବେ ଆଉ ଏକ ରୋଗ ସ୍କ୍ରବ୍ ଟାଇଫସକୁ ନେଇ ଚିନ୍ତା ବଢିଛି। ଏଭଳି ସ୍ଥିତିରେ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଛି। ସହରର ଗଳିକନ୍ଦିରେ ୫ରୁ ୮ ଫୁଟ ଉଚ୍ଚତାରେ ଅନାବନା ଗଛଲତାରେ ମାଡିଗଲାଣି। ଏହାକୁ ସଫା କରାଯାଉନାହିଁ।

ଖୋର୍ଦ୍ଧା ସହରର ଏଭଳି ଏକାଧିକ ପ୍ରସଙ୍ଗକୁ ନେଇ ଜନଜାଗରଣ ପରିବାର ଆବାହକ ରଣଜିତ ମହାପାତ୍ର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା(ମୁକ୍ତା)ରେ ଗତ ଦୁଇବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ସହରର ଏକାଧିକ ସ୍ଥାନରେ ପବ୍ଲିକ ଟଏଲେଟ୍ ନିର୍ମାଣ କରାଯାଇଛି। ତେବେ ଉଦ୍‌ଘାଟନ ପରଠାରୁ ସମସ୍ତ ପରିସ୍ରାଗାରରେ ତାଲା ଝୁଲୁଥିବାବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗତ ୩ବର୍ଷ ହେବ ପୁରୁଣା ମେଡିକାଲ ରୋଡ ଏବଂ ନୂଆ ବସଷ୍ଟାଣ୍ଡଠାରେ ଥିବା ଶୌଚାଳୟ ବନ୍ଦ ପଡ଼ିଛି। ପୌର ପ୍ରଶାସନ ପକ୍ଷରୁ ଭ୍ରାମ୍ୟମାଣ ଟଏଲେଟ ବ୍ୟବସ୍ଥା ନାହିଁ। ଦୈନିକ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଏହି ଦୁଇ ସ୍ଥାନରେ ବସକୁ ଅପେକ୍ଷା କରି ରହୁଥିବା ଯାତ୍ରୀ ହଇରାଣ ହେଉଛନ୍ତି। ବିଶେଷତଃ ମହିଳାମାନଙ୍କ ଅସୁବିଧା କଥା ନ କହିଲେ ଭଲ। ଟ୍ରାଫିକ ଛକଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଡ୍ରେନକୁ ଅବରୋଧ କରି ରଖିଥିବା ଏବଂ ରାସ୍ତାକଡ ଉଠାଦୋକାନୀଙ୍କୁ ହଟାଇବା ପାଇଁ ପୌର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ନୋଟିସ ଦିଆଗଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। ସହରରେ ବଢି ଚାଲିଥିବା ଟ୍ରାଫିକ ସମସ୍ୟାର ଏହା ଏକ ଅନ୍ୟତମ କାରଣ ହୋଇଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଏନେଇ ପୌର ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି କହିଛନ୍ତି, ସହରର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉଛି। ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତି ଚାଲିଛି। ଉଠାଦୋକାନୀଙ୍କୁ ଥଇଥାନ କରାଯିବାକୁ ଯୋଜନା ରହିଛି।

## ଗୋରୁ ବୋଝେଇ ଗାଡ଼ି ଜବତ, ଚାଳକ ଫେରାର

ନିରାକାରପୁର,୪।୧୦(ମାନସଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ବୁଧବାର ସିକୋ ନିକଟରୁ ଏକ ଗୋରୁ ବୋଝେଇ ଟାଟା ଏସି ଗାଡ଼ି(ଓଆର୍୦୨ବିଏକ୍ସ୩୯୦୧)କୁ ଜବତ କରିବା ସହ ୪ ଗୋରୁଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଗୋରୁଙ୍କ ମଧ୍ୟରେ ଗୋଟିଏ ଷଣ୍ଢ, ୨ଟି ବଳଦ ଓ ଗୋଟେ ଗାଈ। ସମସ୍ତ ଗୋରୁଙ୍କୁ ଜଟଣୀ ନିକଟ ଗୋଶାଳାରେ ଛଡ଼ାଯାଇଛି। ଗିରଫ ଭୟରେ ଚାଳକ ଗାଡ଼ିକୁ ସିକୋର ଏକ ଜଙ୍ଗଲ ନିକଟରେ ଛାଡ଼ିଦେଇ ଫେରାର ହୋଇଯାଇଥିଲେ। ଗୋରୁଙ୍କୁ କେଉଁ ଉଦ୍ଦେଶ୍ୟରେ କେଉଁଠାକୁ ନିଆଯାଉଥିଲା ସେନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ମୟୂରଝାଲିଆ ରାସ୍ତାଦେଇ ସିକୋ ଅଞ୍ଚଳକୁ ଏକ ଗୋରୁ ବୋଝେଇ ଗାଡ଼ି ଆସୁଥିବା ପୋଲିସ ଖବରପାଇ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ ଗତ ଅଗଷ୍ଟରେ ୫୦ରୁ ଊର୍ଦ୍ଧ୍ୱ ଗୋରୁ ଏବଂ ସେପ୍ଟେମ୍ବର ୧୨ରେ ୩ ଗୋରୁ ପୋଲିସ ଉଦ୍ଧାର କରିଥିଲା। ପ୍ରକାଶଥାଉ କି, ଜାତୀୟ ରାଜପଥଠାରୁ ଆରମ୍ଭ କରି ଗ୍ରାମ୍ୟ ରାସ୍ତା ଏପରିକି ନୂଆ ଜଗନ୍ନାଥ ରାସ୍ତା ବୁଲା ଗୋରୁଙ୍କ ପାଇଁ ମୁକ୍ତାକାଶ ଗୁହାଳ ପାଲଟିଛି। ସନ୍ଧ୍ୟା ହେଲେ ପଲପଲ ବୁଲା ଗୋରୁ ଶୋଇ ରୁହନ୍ତି। ଏହି କାରଣରୁ ଚୋରା ଗୋରୁ ବେପାରୀ ଏବେ ସକ୍ରିୟ ହୋଇଉଠିଛନ୍ତି। ତେଣୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ରାସ୍ତାରେ ଛାଡୁଥିବା ଗୋରୁଙ୍କୁ ସ୍ଥାନୀୟ ପୋଲିସ ପକ୍ଷରୁ ଚିହ୍ନଟ କରାଯାଇ ଗୋପାଳକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଆନ୍ତା, ତେବେ ଏପରି ପରିସ୍ଥିତି ସୃଷ୍ଟି ହୁଅନ୍ତାନି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ୬୯ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୃଷ୍ଣପ୍ରସାଦ,୪।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ନିର୍ଦ୍ଦେଶକ୍ରମେ ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ୬୯ତମ ବନ୍ୟପ୍ରାଣୀ ସପ୍ତାହ ବୁଧବାର ପାଳିତ ହୋଇଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନାଙ୍କ ନେତୃତ୍ୱରେ ଅଲଣ୍ଡା ପଞ୍ଚାୟତର ତିଛିଣି ବୀଣାପାଣି ୟୁଥ୍ କ୍ଲବ ପରିସରରେ ବନ୍ୟପ୍ରାଣୀ ସପ୍ତାହ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତିଛିଣି ଗ୍ରାମ୍ୟ କମିଟି ସଭାପତି କେଦାର ନାଥ ସାହୁ, ମୁଖ୍ୟବକ୍ତା ଭାବେ ବନ୍ୟପ୍ରାଣୀ ସାମାଜିକ କର୍ମୀ ଧନେଶ୍ୱର ବିଧାର, ସମ୍ମାନିତ ଅତିଥି ରୂପେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳ, ତିଛିଣି ଗ୍ରାମ୍ୟ କମିଟି ସମ୍ପାଦକ ହିରଣ୍ୟ ସାହୁ, ସାମାଜିକ କର୍ମୀ ଶରତଚନ୍ଦ୍ର ଜେନା, ହିରଣ୍ୟ ଜେନା, ଶିକ୍ଷାବିତ୍ କୁମର ସାହୁ, ଶ୍ୱେତ ଜେନା, ମା ମଙ୍ଗଳା ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଜନୀକାନ୍ତ କର ପ୍ରମୁଖ ବନ୍ୟପ୍ରାଣୀ ସୁରକ୍ଷା ଓ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପାରିକୁଦ ପକ୍ଷୀ ସୁରକ୍ଷା ଶିବିର ବନପାଳ ନାରାୟଣ ଆଲଟିଆ, ବନରକ୍ଷୀ ଅନିଲ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ ସଂଘର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ନବୀନଙ୍କ ଲୋକାଭିମୁଖୀ ଯୋଜନା ଘରେ ଘରେ ପହଞ୍ଚାଇବା ଆମ ଲକ୍ଷ୍ୟ: ସଞ୍ଜୟ

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ବ୍ରହ୍ମଗିରି, ୪।୧୦ (ସ୍ୱାଧୀନ ଚମ୍ପତିରାୟ)

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବୁଧବାର ବ୍ରହ୍ମଗିରି ବ୍ଲକରେ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ବ୍ରହ୍ମଗିରି ବ୍ଲକ ୨୮ନଂ ଜୋନ୍‌ରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚାପମାଣିକ ପଞ୍ଚାୟତ ବାବା ଭୀମେଶ୍ୱର ଦେବ ମନ୍ଦିର ଠାରୁ ୬ କିଲୋମିଟର ପଦଯାତ୍ରା ଆରମ୍ଭ ହୋଇ ନିଆଜପୁର ପଞ୍ଚାୟତ ମା' ବସନ୍ତାଇଙ୍କ ମନ୍ଦିର ଠାରେ ପହଞ୍ଚିଥିଲା। ସଭା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହା ପରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଦାସବର୍ମା କହିଛନ୍ତି ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଏବଂ ବାର୍ତ୍ତାକୁ ପ୍ରତ୍ୟେକ ଘରେ ଘରେ ପହଞ୍ଚାଇବା ଆମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ପୁରୀ ଜିଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ସୁର ପ୍ରସାଦ ମାହାନ୍ତି, ବ୍ରହ୍ମଗିରି ବିଜୁ ଜନତା ସଭାପତି ବିଦ୍ୟାଧର ସ୍ୱାଇଁ, ବରିଷ୍ଠ ନେତା ପ୍ରଫୁଲ୍ଲ ଜେନା, ଭଗବାନ ନାୟକ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ନିଆଜପୁର ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର କାଣ୍ଡି, ସମିତି ସଭ୍ୟ ଶୁକଦେବ ପଟ୍ଟନାୟକ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ବାବାଜୀ ଦଳାଇ, ଚାପମାଣିକ ପଞ୍ଚାୟତ ସରପଞ୍ଚ ଅମୂଲ୍ୟ ଜେନାଙ୍କ ସମେତ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳର ଦଳୀୟ କର୍ମୀ, ବରିଷ୍ଠ ନେତୃବୃନ୍ଦ, ବିଜୁ ଯୁବ, ଛାତ୍ର, ମହିଳା ଜନତା ଦଳର ନେତୃବୃନ୍ଦ, ନବନିର୍ବାଚିତ ଜନପ୍ରତିନିଧି ଏବଂ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ଶିବିରରୁ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ



ଜଣେ ବ୍ୟକ୍ତିଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

ଗମ୍ଭାରୀମୁଣ୍ଡା,୪।୧୦(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଏନ୍ଏସି କୃତ୍ତିବାସ ଭବନରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଅଧ୍ୟକ୍ଷ ମିଟୁ ନାୟକଙ୍କ ତତ୍ତ୍ୱାବଧାନରେ ବିରାଟ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ବାଣପୁର ବ୍ଲକ ଯୁବ ସଭାପତି କୈଳାସ ମହାପାତ୍ର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଏନ୍ଏସି ସଭାପତି ଉମାକାନ୍ତ ଲାଠି, ଉପସଭାପତି ସଞ୍ଜୟ ପ୍ରଧାନ, ଉପାଧ୍ୟକ୍ଷ ପ୍ରାଚୀପ୍ରଭା ସ୍ୱାଇଁ, ଜିଲା ସମ୍ପାଦକ ବିକ୍ରମ କେଶରୀ ଜେନା, ଯାଦୁ ପ୍ରଧାନ, ପୂର୍ବତନ ସରପଞ୍ଚ ମନୋଜ ପ୍ରଧାନ, କାଉନସିଲର ରଞ୍ଜନା ପ୍ରଧାନ, ତୁମ୍ବୁରାପୁଟ ସରପଞ୍ଚ ଅକ୍ଷୟ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସବ୍‌ଡିଭିଜିନାଲ ହସ୍ପିଟାଲର ରକ୍ତ ସଂଗ୍ରହ ଅଧିକାରୀ ଡା. ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କ ସହଯୋଗକ୍ରମେ ଅନ୍ୟ ମେଡିକାଲ କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶିବିର ଚାଲୁ ରହିଥିଲା।

## ଯୁକ୍ତ ୩ ପ୍ରଥମ ବର୍ଷ ଓଡ଼ିଆ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା



ସ୍ୱାଗତ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ,୪।୧୦(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସରକାରୀ ମହାବିଦ୍ୟାଳୟ ପରିସରରେ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ବିଭାଗୀୟ ମୁଖ୍ୟ ବିଜୟଲକ୍ଷ୍ମୀ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡ. ଦିଲୀପ ମିଶ୍ର, ଡ. ସତ୍ୟଜିତ ଦାସ, ସଲିଳ ବଡ଼ଜେନା, ଅଧ୍ୟାପକ ନବ କିଶୋର ବିଷୋୟୀ, ନମିତାରାଣୀ ମହାରଣା, ସୂର୍ଯ୍ୟମଣି ସାହୁ ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଆ ବିଭାଗର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଅତ୍ୟାଧୁନିକ ଯୁଗରେ ଓଡ଼ିଆ ଭାଷାର ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ସାହିତ୍ୟ ଭାଷାକୁ ସୁରକ୍ଷା ଦେବା, ଓଡ଼ିଆ କହିବା, କୁହାଇବା ଓ ଲେଖିବାକୁ ପ୍ରତ୍ୟେକ ଓଡ଼ିଆଙ୍କୁ ସଚେତନ କରିବା ବୋଲି ସମାରୋହରେ ମତ ପ୍ରକାଶ ପାଇଥିଲା। ବିଭାଗର ଛାତ୍ରୀଛାତ୍ର ପ୍ରଶାନ୍ତ ଜେନା, ଦୀପକ ମାର୍ଥା, ପି.ଅନନ୍ତ, ସିଦ୍ଧାନ୍ତ ସାହୁ, ଆଶିଷ ପରିଡ଼ା, ତଟିନୀ ସାହୁ, ରତ୍ନାବତୀ ବେହେରା, ବୈଶାଖୀ ଜୟସିଂ, ଯୋଗେଶର ବଳିୟାରସିଂଙ୍କ ସହିତ ମହାବିଦ୍ୟାଳୟର କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ମଧୁସ୍ମିତା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## କିଶୋରଙ୍କୁ ଅଟକାଇ ପାରିନି ବାଧାବିଘ୍ନ

ବ୍ରହ୍ମଗିରି,୪।୧୦(ସ୍ୱାଧୀନ ଚମ୍ପତିରାୟ)

ଏସୀୟ କ୍ରୀଡ଼ାରେ ପୁରୀ ଜିଲା ବ୍ରହ୍ମଗିରି କୋଠସାହିର କେଶବ ଜେନା ଓ ହରପ୍ରିୟା ଜେନାଙ୍କ ସୁପୁତ୍ର କିଶୋର କୁମାର ଜେନା ଇତିହାସ ରଚିଛନ୍ତି। ସେ ଜାଭେଲିନ୍ ଥ୍ରୋରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରି ପ୍ରଥମ ଓଡ଼ିଆ ଭାବେ କୀର୍ତ୍ତିମାନ ହାସଲ କରିଛନ୍ତି। ଏନେଇ ବ୍ରହ୍ମଗିରି ମାଟିରେ ଖୁସିର ଲହରି ଖେଳି ଯାଇଛି। କିଶୋରଙ୍କ ଶୁଭ ମନାସି ଗ୍ରାମବାସୀ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। କିଶୋର ଗରିବ ଚାଷୀ ପରିବାରରୁ ଆସିଥିବାବେଳେ ସେ ସବୁ ବାଧାବିଘ୍ନକୁ ଏଡ଼ାଇ ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିପାରିଛନ୍ତି। ବାପାଙ୍କ ସ୍ୱଳ୍ପ ରୋଜଗାର ପାଇଁ କିଶୋର ପାଠପଢାରେ ଡୋରି ବାନ୍ଧିଥିଲେ। ୭ ଭଉଣୀରେ କିଶୋର ଏକମାତ୍ର ଭାଇ ହୋଇଥିବାବେଳେ ପରିବାର ପ୍ରତିପୋଷଣ ପାଇଁ ସେ ଚାକିରି ପାଇବାକୁ ଅନେକ ଥର ଭାରତୀୟ ସେନାବାହିନୀରେ ପରୀକ୍ଷା ଦେଇଥିଲେ ମଧ୍ୟ ଅସଫଳ ହୋଇଥିଲେ। ପରେ ସେ ଖେଳକୁ ନିଶା ଭାବେ ଗ୍ରହଣ କରିଥିଲେ। ଏଥିପାଇଁ ଭବାନୀ ଚକ୍ରବର୍ତ୍ତୀ ନାମକ ଶିକ୍ଷକ କିଶୋରଙ୍କୁ ପ୍ରେରଣା ଦେଇଥିଲେ। ତାଙ୍କ ପ୍ରେରଣାରେ କିଶୋର ପ୍ରଥମେ ଭୁବନେଶ୍ୱରରେ ଫୁଟବଲ ଖେଳରେ ପ୍ରଶିକ୍ଷଣ ନେଇଥିଲେ। ପରେ ସେ ଜାଭଲିନ୍ ଥ୍ରୋ ପ୍ରତି ମନ ବଳାଇଥିଲେ। ୨୦୧୯ରେ କୋଚ ସମରଜିତ୍‌ଙ୍କ ତତ୍ତ୍ୱାବଧାନରେ ସେ ଜାଭେଲିନ୍ ଥ୍ରୋ ପ୍ରଶିକ୍ଷଣ ନେଇଥିଲେ। ଏବେ ତାଙ୍କ ସଫଳତା ସାରା ବିଶ୍ୱ ବଖାଣୁଛି। କିଶୋରଙ୍କ ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବାବେଳେ ପରିବାରରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି।

## ବିଜେଡି ପକ୍ଷରୁ ସ୍କୁଲରେ ଚାରାରୋପଣ

ଗମ୍ଭାରୀମୁଣ୍ଡା,୪।୧୦(ଦିଲୀପ ସ୍ୱାଇଁ)

ଚିଲିକା ନିର୍ବାଚନମଣ୍ଡଳୀ ବାଣପୁର ବ୍ଲକ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତର ଭବାନୀ ଏମି ସ୍କୁଲରେ ବିଜେଡି ପକ୍ଷରୁ ଚାରାରୋପଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ବିଜେଡିର ସାଧାରଣ ସମ୍ପାଦକ ମନୋଜ ପ୍ରଧାନ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ପୁରୀ ଏମ୍‌ପି ପିନାକୀ ମିଶ୍ର, ଖୋର୍ଦ୍ଧା ଜିଲା ପ୍ରତିନିଧି ମାନସ ରଞ୍ଜନ ପ୍ରଧାନ, ରାଜ୍ୟ ବିଜେଡିର ସାଧାରଣ ସମ୍ପାଦକ ଜଗତ ବଲ୍ଲଭ ମହାରଥା, ବାଣପୁର ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ଯଦୁ ପ୍ରଧାନ, ବାଣପୁର ବ୍ଲକ ବିଜେଡିର ସଭାପତି ଭବାନୀ ଶଙ୍କର ବଳିଆରସିଂ, ବାଣପୁର ବ୍ଲକ ଯୁବ ସଭାପତି କୈଳାସ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଅଶୋକ ଭୋଳ, ବାଣପୁର ବ୍ଲକ ଯୁବ ସଂଗଠକ ଆଲୋକ ପ୍ରଧାନ ପ୍ରମୁଖ ଯୋଗଦେଇ ଶହେରୁ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ର ସହଯୋଗ କରିଥିଲେ।



ଛାତ୍ରୀଛାତ୍ରମାନେ ଚାରାରୋପଣ କରୁଛନ୍ତି।

## ଲୋକଙ୍କ ସ୍ୱାସ୍ଥ୍ୟ ଫିଟ୍ ରଖିବାରେ ସହାୟକ ହେବ ପାର୍କ

ଜଟଣୀ,୪।୧୦(ରବୀନ୍ଦ୍ରନାଥ ମହାକୁଡ଼)

**ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ଉଦ୍‌ଘାଟିତ**



ଜଟଣୀ ପୌରାଞ୍ଚଳ ୧୦ ନଂ. ୱାର୍ଡ ଅଧୀନ ବିକାଶନଗରଠାରେ ବୁଧବାର ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ସ୍ଥାନୀୟ ଦିବ୍ୟାଙ୍ଗ ମହିଳା ସତ୍ୟଭାମା ମୁଦୁଲିଙ୍କ ଦ୍ୱାରା ରିବନ କଟାଯାଇ ବିଧିବଦ୍ଧ ରୂପେ ପାର୍କର ଉଦ୍‌ଘାଟନ କରାଯାଇଥିଲା। ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଉଥିବାରୁ ଏହି ପାର୍କ ନିଶ୍ଚିତ ରୂପେ ଜଟଣୀ ଅଞ୍ଚଳର ଜନସାଧାରଣଙ୍କ ସ୍ୱାର୍ଥକୁ ପୂରଣ କରିବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ। ଏଥିସହ ପାର୍କ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପାର୍କରେ ବର୍ତ୍ତମାନ ୮୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବାବେଳେ ପାର୍କର ଆଉ କିଛି କାର୍ଯ୍ୟ ହେବାକୁ ବାକି ରହିଛି। ବରିଷ୍ଠ ନାଗରିକ, ମହିଳା, ଛାତ୍ରୀଛାତ୍ର, ଯୁବତୀ ଯୁବକ ଏବଂ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଅନୁଦାନରେ ପୌର ପ୍ରଶାସନ ପକ୍ଷରୁ ଏହି ସ୍ମାର୍ଟ ପାର୍କରେ ୱାକିଂ ଟ୍ରାକ୍, ଯୋଗାଭ୍ୟାସ ମଞ୍ଚ, ବସିବାକୁ ଆରାମଦାୟକ ଚୌକି, ଦୋଳି ଭଳି ବିଭିନ୍ନ ବ୍ୟାୟାମ ସରଞ୍ଜାମ ଖଞ୍ଜାଯାଇଛି। ସ୍ଥାନୀୟ ଜଣସାଧାରଣ ଏବଂ ପରିଷଦଙ୍କ ଅନୁରୋଧକ୍ରମେ ଉକ୍ତ ପାର୍କ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସ୍ଥାନୀୟ କାଉନସିଲର ଅନ୍ନପୂର୍ଣ୍ଣା ସାହୁ ଏବଂ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ନମିତା ପାଳ କହିଛନ୍ତି। ଉଦ୍‌ଘାଟନୀରେ ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ନଗରପାଳ ଅନନ୍ତ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ପୌରଯନ୍ତ୍ରୀ ଅନୁରାଧା ପ୍ରଧାନ, ସହାୟକ ଯନ୍ତ୍ରୀ ଦୀପକ ରଥ, ଜେଇ ଆଲୋକ ସ୍ୱାଇଁ, ପୂର୍ବତନ କାଉନସିଲର ତପନ ସାହୁ, ସ୍ଥାନୀୟ କାଉନସିଲର ବିଜୟଲକ୍ଷ୍ମୀ ସାହୁଙ୍କ ସହିତ ବହୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ପୌର କର୍ମଚାରୀ ଏବଂ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

**ନୂତନ ବିଡିଓଙ୍କ ଯୋଗଦାନ**

**ସାକ୍ଷୀଗୋପାଳ, (ଭରତ ରାଉତ):** ସତ୍ୟବାଦୀ ବ୍ଲକର ବିଡିଓ ଲୋଚନ ଦାସଙ୍କର ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକକୁ ବଦଳି ହେବା ପରେ ନୂତନ ମଣ୍ଡଳ ଉନ୍ନୟନ ଅଧିକାରୀ ଭାବରେ ଲିପ୍ସା ରାୟ ବୁଧବାର ସତ୍ୟବାଦୀ ବ୍ଲକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ସେ ନୟାଗଡ ଜିଲା ଖଣ୍ଡପଡାରେ ତହସିଲଦାର ଭାବରେ କାର୍ଯ୍ୟ କରୁଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୧୦।୨୦୨୩

| ୩,୩୨,୬୭୫ ଟଙ୍କା | |
|---|---|
| ସୁନା | ୩୦୦ ମିଲିଗ୍ରାମ୍ |
| ରୁପା | ୫୭.୩୦୦ ଗ୍ରାମ୍ |

# ମାଳଚୂଳ ନିଯୋଗ ଅବହେଳିତ

**ପୁରୀ, ୪।୧୦(ଅଜିତ ମହାନ୍ତି)**

■ ଶ୍ରୀମନ୍ଦିର ଦସ୍ତାବିଜରେ ପଞ୍ଜୀକୃତ ହୋଇନି ସେବକଙ୍କ ନାମ
■ ସରକାରଙ୍କ ପକ୍ଷରୁ ଦିଆଯାଉନି ପ୍ରୋତ୍ସାହନ, ସହାୟତା

ମହାପ୍ରଭୁଙ୍କ ଉପାସନାରେ ଏକ ଗୁରୁତ୍ୱପୂର୍ଣ୍ଣ ନିଯୋଗ ହେଉଛି ମାଳଚୂଳ ନିଯୋଗ। ଏହି ନିଯୋଗ ଏବେ ଅବହେଳିତ ହୋଇପଡୁଛି। ଉକ୍ତ ନିଯୋଗର ସଦସ୍ୟମାନଙ୍କ ପ୍ରତି ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ନିଯୋଗ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ନିଯୋଗ ଅଧୀନରେ ୩ଟି ଗ୍ରାମ ଶ୍ରୀପୁରୁଷୋତ୍ତମବଲ୍ଲଭ, ଶ୍ରୀଜଗନ୍ନାଥ ବଲ୍ଲଭ ଓ ସୁଭଦ୍ରାବଲ୍ଲଭ ରହିଛି। ଶ୍ରୀପୁରୁଷୋତ୍ତମ ବଲ୍ଲଭର ସେବକମାନେ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ସେବା ପାଇଁ ତୁଳସୀ ମାଳ ଓ ଚୂଳ ବର୍ଷ ସାରା ଯୋଗାଇଥାନ୍ତି। ରଥଯାତ୍ରା ସମୟରେ ଜନସମୁଦ୍ର ମଧ୍ୟରେ କଦଳୀପତ୍ର ଘେରା ହୋଇଥିବା ମନ୍ଦିର ସଦୃଶ ଚୂଳ ଧରି କାନ୍ଧେଇ କାନ୍ଧେଇ ଆସୁଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହି ନିଯୋଗ ପକ୍ଷରୁ ମାଳଚୂଳ ଆସିଥାଏ। ସେମାନେ ନବାଙ୍କ ଅକ୍ଷୟ ତୃତୀୟାଠାରୁ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରାୟ ୪୨ ଦିନ ବଡ଼ବାଡ଼କୁ ଅଳକା (ଛୋଟ ଚୂଳ) ଯୋଗାଇଥାନ୍ତି। ସ୍ନାନପୂର୍ଣ୍ଣିମାକୁ ବଡ଼ବାଡ଼ରେ ବଡ଼ଚୂଳ, ରଥଯାତ୍ରାରେ ବଡ଼ଚୂଳ, ସୁନାବେଶ ଦିନ ଯୋଗାଇଥାନ୍ତି। କାର୍ତ୍ତିକ ମାସର ପ୍ରଥମ ୧୫ ଦିନ ତୁଳସୀ ଏବଂ ଅଁଳାମାଳ ଶ୍ରୀପୁରୁଷୋତ୍ତମବଲ୍ଲଭ ଗ୍ରାମର ସେବକମାନେ ଯୋଗାଇ ଦେଇଥାନ୍ତି। ଏହି ସେବା ଗଜପତି ମହାରାଜା ଖଞ୍ଜିଥିଲେ।



ଦେଖାରେଖା କରିବା ପାଇଁ ଏମାର ମଠକୁ ଦାୟିତ୍ୱ ଦେଇଥିଲେ। ପୁରୁଷାନୁକ୍ରମେ ଏହି ସେବା କରିବା ପାଇଁ ବର୍ଷସାରା ସେବକ ପରିବାର ପ୍ରସ୍ତୁତି ଚଳାଇଥାନ୍ତି ବୋଲି ଗ୍ରାମକୁ ଯାଇ ଅନୁସନ୍ଧାନ କରିବା ପରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ମତ ପ୍ରକାଶ କରିଛନ୍ତି। ସେବକ ପରିବାର ଏକର ଏକର ଜମିରେ ଫୁଲ ଓ ତୁଳସୀ ଚାଷ କରୁଛନ୍ତି। ଅଁଳା ଗଛର ଯତ୍ନ ନେଉଛନ୍ତି। ଫୁଲ, ତୁଳସୀ ତୋଳିବାଠାରୁ ମାଳଚୂଳ ଓ ଅଳକା ପ୍ରସ୍ତୁତି ପର୍ଯ୍ୟନ୍ତ ହବିଷାନ୍ନରେ ରହି ନିଷ୍ଠାର ସହ ସମ୍ପନ୍ନ କରୁଛନ୍ତି ବୋଲି ଡ. ମିଶ୍ର କହିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ଆଇନର ୧୫(ବି) ଧାରା ଅନୁଯାୟୀ ସେମାନେ ସେବା କାର୍ଯ୍ୟ କରିଆସୁଥିବାବେଳେ କେବେ ଅବହେଳା କରିନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏହାସତ୍ତ୍ୱେ ୨୦୨୦ ମସିହା ସ୍ନାନପୂର୍ଣ୍ଣିମାରେ ମାଳଚୂଳ ନେଇ ଶ୍ରୀମନ୍ଦିରକୁ ଯିବା ସମୟରେ ସେମାନଙ୍କୁ ପ୍ରବେଶ କରାଇ ଦିଆଯାଇ ନ ଥିଲା। ବିଭାଗୀୟ କର୍ମଚାରୀ ପ୍ରମାଣପତ୍ର ମାଗିଥିଲେ। ସମ୍ପୃକ୍ତ ଗ୍ରାମବାସୀ ସେବକମାନଙ୍କ ନାମ ଶ୍ରୀମନ୍ଦିର ଦସ୍ତାବିଜରେ ଏପର୍ଯ୍ୟନ୍ତ ପଞ୍ଜୀକୃତ ହୋଇପାରିନାହିଁ। ଶ୍ରୀଜଗନ୍ନାଥବଲ୍ଲଭ ଗ୍ରାମବାସୀଙ୍କ ସେବା ଶ୍ରୀମନ୍ଦିର ଦସ୍ତାବିଜରେ ପଞ୍ଜୀକୃତ ହୋଇଛି। କିନ୍ତୁ ଶ୍ରୀପୁରୁଷୋତ୍ତମ ବଲ୍ଲଭ ଗ୍ରାମର ସେବକମାନଙ୍କ ନାମ ପଞ୍ଜୀକୃତ ନ ହେବା ଆଶ୍ଚର୍ଯ୍ୟ ଲାଗୁଛି। କୋଭିଡ୍ ସମୟରେ ଏହି ସେବକମାନେ କୌଣସି ସହାୟତା ପାଇ ନ ଥିଲେ। ସେବା କଲେ ୪ଟି ନଡ଼ିଆ ଦିଆଯାଏ। ଆର୍ଥିକ ପୁରସ୍କାର ବ୍ୟବସ୍ଥା ହୋଇପାରିନାହିଁ। ତଥାପି ସେମାନଙ୍କ ପରିଶ୍ରମ, ତ୍ୟାଗ ଓ ନିଷ୍ଠା ସହ ଯେପରି ମହାପ୍ରଭୁଙ୍କ ପ୍ରତି ସମର୍ପଣ ମନୋଭାବ ରହିଛି, ତାହା ଜଣେ ନିଜେ ନ ଦେଖିଲେ ବିଶ୍ୱାସ କରିପାରିବ ନାହିଁ। ସେମାନେ ବସିବା ପାଇଁ ଶ୍ରୀମନ୍ଦିରରେ ସ୍ଥାନ ଥିଲା, ଆଉ ଏବେ ନାହିଁ। ସେମାନେ ସେଠାରେ ବସି ଅଳକାଠାରୁ ଅଁଳାକୋଳି ମାଳ ପର୍ଯ୍ୟନ୍ତ ସବୁ ଗୁନ୍ଥୁଥିଲେ। ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ବଂଶାନୁକ୍ରମିକ ସେବାକୁ ଆଗେଇ ନେବ। ଗାଁ କୋଠଘରକୁ ମାଳଚୂଳ ଗୁନ୍ଥା ଘର କରିଥିବା ଏହି ସେବକମାନଙ୍କୁ ସହଯୋଗର ହାତ ବଢାଇ ଫୁଲ ଓ ତୁଳସୀ ଚାଷକୁ ପ୍ରୋତ୍ସାହନ ଯୋଗାଇଦେବା ଜରୁରୀ। ସମ୍ପ୍ରତି ଗ୍ରାମର ପ୍ରାଚୀନ ଦେବୀ ମନ୍ଦିର ମଣ୍ଡପରେ ସେବକମାନଙ୍କୁ ନେଇ ଡ. ମିଶ୍ର ଐତିହ୍ୟ ସମ୍ପର୍କରେ ଜାଣିବା ପାଇଁ ଏକ ସଭା କରିଥିଲେ। ସଭାରେ କୋଠସୁଆଁସିଆ ସେବକ ଲକ୍ଷ୍ମୀଧର ଗୋଛାୟତ ଏବଂ ଅନ୍ୟ ବହୁ ସେବକ ଯୋଗଦେଇଥିଲେ।

# କିଶୋରଙ୍କୁ ଅଟକାଇପାରିନି ବାଧାବିଘ୍ନ



କିଶୋରଙ୍କ ଘରେ ବ୍ରହ୍ମଗିରି ଥାନା ଅଧିକାରୀ ପରେଶ ମହାନ୍ତି ପହଞ୍ଚି ତାଙ୍କ ମା' ଓ ବାପାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଉଛନ୍ତି।

**ବ୍ରହ୍ମଗିରି,୪।୧୦(ସ୍ୱାଧୀନ ଚମ୍ପତିରାୟ)**

ଏସୀୟ କ୍ରୀଡ଼ାରେ ପୁରୀ ଜିଲା ବ୍ରହ୍ମଗିରି କୋଠସାହିର କେଶବ ଜେନା ଓ ହରପ୍ରିୟା ଜେନାଙ୍କ ସୁପୁତ୍ର କିଶୋର କୁମାର ଜେନା ଇତିହାସ ରଚିଛନ୍ତି। ସେ ଜାଭେଲିନ୍ ଥ୍ରୋରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରି ପ୍ରଥମ ଓଡ଼ିଆ ଭାବେ କୀର୍ତ୍ତିମାନ ହାସଲ କରିଛନ୍ତି। ଏନେଇ ବ୍ରହ୍ମଗିରି ମାଟିରେ ଖୁସିର ଲହରି ଖେଳି ଯାଇଛି। କିଶୋରଙ୍କ ଶୁଭ ମନାସି ଗ୍ରାମବାସୀ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। କିଶୋର ଗରିବ ଚାଷୀ ପରିବାରରୁ ଆସିଥିବାବେଳେ ସେ ସବୁ ବାଧାବିଘ୍ନକୁ ଏଡ଼ାଇ ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିପାରିଛନ୍ତି। ବାପାଙ୍କ ସ୍ୱଳ୍ପ ରୋଜଗାର ପାଇଁ କିଶୋର ପାଠପଢାରେ ଡୋରି ବାନ୍ଧିଥିଲେ। ୭ ଭଉଣୀରେ କିଶୋର ଏକମାତ୍ର ଭାଇ ହୋଇଥିବାବେଳେ ପରିବାର ପ୍ରତିପୋଷଣ ପାଇଁ ସେ ଚାକିରି ପାଇବାକୁ ଅନେକ ଥର ଭାରତୀୟ ସେନାବାହିନୀରେ ପରୀକ୍ଷା ଦେଇଥିଲେ ମଧ୍ୟ ଅସଫଳ ହୋଇଥିଲେ। ପରେ ସେ ଖେଳକୁ ନିଶା ଭାବେ ଗ୍ରହଣ କରିଥିଲେ। ଏଥିପାଇଁ ଭବାନୀ ଚକ୍ରବର୍ତ୍ତୀ ନାମକ ଶିକ୍ଷକ କିଶୋରଙ୍କୁ ପ୍ରେରଣା ଦେଇଥିଲେ। ତାଙ୍କ ପ୍ରେରଣାରେ କିଶୋର ପ୍ରଥମେ ଭୁବନେଶ୍ୱରରେ ଫୁଟବଲ ଖେଳରେ ପ୍ରଶିକ୍ଷଣ ନେଇଥିଲେ। ପରେ ସେ ଜାଭଲିନ୍ ଥ୍ରୋ ପ୍ରତି ମନ ବଳାଇଥିଲେ। ୨୦୧୯ରେ କୋଚ ସମରଜିତ୍‌ଙ୍କ ତତ୍ତ୍ୱାବଧାନରେ ସେ ଜାଭେଲିନ୍ ଥ୍ରୋ ପ୍ରଶିକ୍ଷଣ ନେଇଥିଲେ। ଏବେ ତାଙ୍କ ସଫଳତା ସାରା ବିଶ୍ୱ ବଖାଣୁଛି। କିଶୋରଙ୍କ ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବାବେଳେ ପରିବାରରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ତମାଖୁ ବିକ୍ରି ନେଇ ଚଢାଉ: ୩ ହଜାର ଟଙ୍କା ଜରିମାନା ଆଦାୟ

**ପୁରୀ, ୪।୧୦(ଅଜିତ ମହାନ୍ତି):** ପୁରୀ ଜିଲା ପ୍ରଶାସନ ଓ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ତରଫରୁ ବୁଧବାର ପୌରାଞ୍ଚଳ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟ ଅଞ୍ଚଳରେ ବେଆଇନ ତମାଖୁ ବ୍ୟବସାୟୀମାନଙ୍କ ଉପରେ ଚଢ଼ାଉ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବେଆଇନ ଭାବେ ତମାଖୁ ବିକ୍ରୟ କରୁଥିବା ଦୋକାନୀମାନଙ୍କ ନିକଟରୁ ୩୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଦୋକାନୀମାନଙ୍କଠାରୁ ବିପୁଳ ପରିମାଣର ତମାଖୁ ସାମଗ୍ରୀ ଜବତ କରାଯାଇ ନଷ୍ଟ କରାଯାଇଛି। ଚଢାଉରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ, ଜିଲା ତମାଖୁ ନିୟନ୍ତ୍ରଣ ଅଧିକାରୀ ଡା. ସୁଶାନ୍ତ କୁମାର ବିଶ୍ୱାଳ ଏବଂ କୁମ୍ଭାରପଡ଼ା ଥାନା ପୋଲିସ ସାମିଲ ଥିଲେ। ଜିଲାର ସମସ୍ତ ଅଞ୍ଚଳରେ ଏଭଳି ଚଢାଉ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ସୁନାମି ପ୍ରସ୍ତୁତି ଅଭ୍ୟାସ

**ଅସ୍ତରଙ୍ଗ,୪।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା):** ଓସଡମା, ପୁରୀ ଜିଲା ପ୍ରଶାସନ, ଅସ୍ତରଙ୍ଗ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ତଥା ସୁନାମି ପ୍ରସ୍ତୁତି ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ବ୍ଲକ ଶିଶୁଆ ପଞ୍ଚାୟତ ତଣ୍ଡାହାର ବାତ୍ୟା ଆଶ୍ରୟସ୍ଥଳୀରେ ଏହି ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା। ବାତ୍ୟା, ବନ୍ୟା, ସୁନାମି, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟରେ କିଭଳି ଉପକୂଳବର୍ତ୍ତୀ ଲୋକମାନଙ୍କୁ ସୁରକ୍ଷା ଦିଆଯାଇ ପାରିବ ଏ ନେଇ ଓସଡମା ତରଫରୁ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲା ପ୍ରକଳ୍ପ ଅଧିକାରୀ ଓସଡମା ସୁଶାନ୍ତ କୁମାର ଦାସ, ବରିଷ୍ଠ ଓସଡମା ଅଧିକାରୀ ମେଘନାଦ ବେହେରା, ନୋଡାଲ ଏନଜିଓ ଆଶା କର୍ମୀ ଅନସୂୟା ପରିଡା ଓ ପ୍ରକାଶ ଭୋଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ତଣ୍ଡାହାର ବାତ୍ୟା ଆଶ୍ରୟସ୍ଥଳରେ ଲୋକମାନଙ୍କୁ ଏକତ୍ରିତ କରି ସୁନାମି ବିଷୟରେ ଆଲୋଚନା କରିଥିଲେ। ଏଥିସହ ଅନ୍ୟ ତାଲିମ୍ ଅଧିକାରୀମାନେ ବଡ଼ ସିରେଇ, ଛେନୁ, କେଉଟଜଙ୍ଘା, ଉଦୟକଣି ଗ୍ରାମରେ ସୁନାମି ପ୍ରସ୍ତୁତି ଅଭ୍ୟାସ ଉପରେ ସ୍ଥାନୀୟ ଲୋକଙ୍କୁ ତାଲିମ୍ ପ୍ରଦାନ କରିଥିବା ଜିଲା ପ୍ରକଳ୍ପ ଅଧିକାରୀ ଓସଡମା ସୁକାନ୍ତ ଦାସ ସୂଚନା ଦେଇଛନ୍ତି।

# ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ଦାବି



ଭଗବତୀ କଲେଜ ଛକ ନିକଟରେ ଭୂ ସୁରକ୍ଷା କମିଟି ପକ୍ଷରୁ ରାସ୍ତାରୋକୋ କରାଯାଇଛି।

**କୋଣାର୍କ, ୪।୧୦ (ଜ୍ୟୋତିରାଜ ମହାନ୍ତି)**

**କୋଣାର୍କ ମୁଖ୍ୟ ରାସ୍ତା ଅବରୋଧ**

କୋଣାର୍କ ଓ ଏହାର ଆଖପାଖ ୯ଟି ରାଜସ୍ୱ ଗ୍ରାମର ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ କୋଣାର୍କ ଭୂ-ସୁରକ୍ଷା କମିଟି ପକ୍ଷରୁ କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତା ଭଗବତୀ କଲେଜ ଛକ ନିକଟରେ ବିକ୍ଷୋଭ ଓ ରାସ୍ତା ଅବରୋଧ କରାଯାଇଥିଲା। ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ସଭାପତି ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତିର ଆବାହକ ଅଭୟ ସାହୁ, ସିପିଆଇ ବରିଷ୍ଠ ନେତା ଆଶିଷ କାନୁନଗୋ, ପ୍ରଦୀପ୍ତ ମହାନ୍ତି, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, କାକଟପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସଙ୍କ ସମେତ ଶତାଧିକ ମହିଳା ଓ ପୁରୁଷମାନେ ରାସ୍ତାରେ ଧାରଣାରେ ବସି ରହିଥିଲେ। ଫଳରେ ପ୍ରାୟ ୩ ଘଣ୍ଟା ଧରି ପର୍ଯ୍ୟଟକମାନେ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ସହିତ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, କୋଣାର୍କ, ଚନ୍ଦ୍ରଭାଗା, ରାମଚଣ୍ଡୀ ଥାନାଧିକାରୀ ଉପସ୍ଥିତ ଥିଲେ। ଦୀର୍ଘ ୫୦ ବର୍ଷ ଧରି କୋଣାର୍କ, ମାଧିପୁର, ବେରୁହ, ସୁତନ, ତରକୋର, ଖାଲକଟାପାଟଣା, ବାଙ୍ଗର, ବରପଦା, ଭୁଆଁ, ଜୁଣେଇ ମୌଜାର ବାସିନ୍ଦା ଜମିଜମା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏହି ମୌଜାର ଅଧିବାସୀମାନଙ୍କୁ ଜାତିଗତ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ନମିଳିବାରୁ ସରକାରୀ ସାହାଯ୍ୟ ଓ ସହଯୋଗରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଆସନ୍ତା ୬ ତାରିଖ ଶୁକ୍ରବାର କୋଣାର୍କ ଯାତ୍ରୀନିବାସରେ ଜିଲାପାଳ, ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଆଲୋଚନା କରାଯିବ ବୋଲି ଏସ୍‌ଡିପିଓ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

**ବାବାଙ୍କ ଦ୍ୱାରା ବ୍ୟବସାୟରେ ଉନ୍ନତି ଆଳରେ ଠକେଇ**

## ସ୍ୱାମୀଙ୍କ ପରେ ସ୍ତ୍ରୀ ଗିରଫ

**ଭୁବନେଶ୍ୱର,୪।୧୦(ସତ୍ୟଜିତ୍ ରାଉତ):** ହିମାଳୟରେ ରହୁଥିବା ଜଣେ ବାବାଙ୍କ ଦ୍ୱାରା ବ୍ୟବସାୟରେ ଉନ୍ନତି କରାଇଦେବା ଆଳରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ବଡ଼ଗଡ଼ ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କ ପରେ ଏବେ ସ୍ତ୍ରୀଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ପୁରୀ ଜିଲା ନିମାପଡ଼ା ଥାନା ଅଞ୍ଚଳର ରିନି ସାହୁ (୩୪)। ତାଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତ ସେପ୍ଟେମ୍ବର ୨୧ରେ ରିନିଙ୍କ ସ୍ୱାମୀ ସ୍ୱର୍ଣ୍ଣକାନ୍ତ ସାହୁ (୪୮) ଗିରଫ ହୋଇଥିଲେ। ବିଜେବି ନଗରରେ ରହୁଥିବା ଚିନ୍ମୟୀ ଦାସଙ୍କ ଏତଲାକ୍ରମେ ପୋଲିସ ଏହି ପଦକ୍ଷେପ ନେଇଛି। ଚିନ୍ମୟୀଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀଙ୍କର ମଙ୍ଗରାଜ ପଏଣ୍ଟରେ ଏକ ମାର୍ଟ ରହିଛି। ଓସ୍କାର୍ ସିଟିରେ ରହୁଥିବା ଅଭିଯୁକ୍ତା ରିନି ୨୦୨୨ ଫେବୃଆରୀରେ ଉକ୍ତ ମାର୍ଟକୁ ମାର୍କେଟିଂ କରିବାକୁ ଯାଇ ଚିନ୍ମୟୀଙ୍କ ସ୍ୱାମୀଙ୍କ ସହ ପରିଚିତ ହୋଇଥିଲେ। ପରେ ଚିନ୍ମୟୀଙ୍କ ପରିବାର ସହ ରିନି ଓ ତାଙ୍କ ସ୍ୱାମୀ ସ୍ୱର୍ଣ୍ଣକାନ୍ତ ସମ୍ପର୍କ ବଢ଼ାଇଥିଲେ। ଏହାପରେ ଠକ ଦମ୍ପତି ତାଙ୍କ ପରିବାର ଓ ବ୍ୟବସାୟରେ ଉନ୍ନତି କରାଇଦେବାକୁ କହି ବିଭିନ୍ନ ଜରିଆରେ ଫସାଇଥିଲେ। ସ୍ୱର୍ଣ୍ଣକାନ୍ତ ଚିନ୍ମୟୀଙ୍କ ଘର ଓ ମାର୍ଟର ସିସିଟିଭି ପାସୱାର୍ଡ ନେଇ ସେମାନଙ୍କ ଗତିବିଧି ଜାଣିପାରୁଥିଲେ। ଏହାପରେ ବ୍ୟବସାୟରେ ଉନ୍ନତି ଓ ପରିବାରରେ ସମସ୍ୟା ଦୂର କରିଦେବାକୁ କହି ସେମାନେ ଟଙ୍କା ନେଇଥିଲେ। ଗତ ଅଗଷ୍ଟ ୨୫ରେ ଚିନ୍ମୟୀଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଗୁଡୁବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଶିଶୁ ମହୋତ୍ସବ 'ସୁରଭି'।

**ଅସ୍ତରଙ୍ଗ, ୪।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ):** କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୩ ଏବଂ ଓଡିଶା ମିଲେଟ ମିଶନ ପ୍ରତିଯୋଗିତା କାର୍ଯ୍ୟକ୍ରମ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ୮ଟି କ୍ଲଷ୍ଟରରେ ଅନୁଷ୍ଠିତ ହୋଇଯାଇଛି। ମାଣ୍ଡୁକି କ୍ଲଷ୍ଟର ଅଧୀନ ଗୁଡୁବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହାର ଶୁଭାରମ୍ଭ ହୋଇଯାଇଛି। ଅସ୍ତରଙ୍ଗ ବ୍ଲକର ୧୩ଟି କ୍ଲଷ୍ଟରରୁ ୮ଟି କ୍ଲଷ୍ଟର ଅଧୀନ ୮୦ ଗୋଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ପ୍ରତିଯୋଗୀମାନଙ୍କୁ ଏକ ସକାରାତ୍ମକ ମନୋଭାବ ପ୍ରତିପୋଷଣ କରିବା ଏବଂ ମିଲେଟ ବା ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ କିପରି ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ପୋଷଣ ସେ ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ। ଯେଉଁ ପ୍ରତିଯୋଗୀମାନେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ସେମାନେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ ଏବଂ ଓଡିଶା ମିଲେଟ ମିଶନ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ଦିଆଯାଇଥିଲା। ସମସ୍ତ ବିଭାଗର ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ଲଷ୍ଟର ତରଫରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ସଚେତନତା ସୃଷ୍ଟି କରୁଛି ସାଇବର ରଥ

**ପୁରୀ,୪।୧୦(ଅଜିତ୍ ମହାନ୍ତି):** ଲୋକଙ୍କୁ ସାଇବର ଠକେଇରୁ ସଚେତନ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନେଇ ପୁରୀରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିସହ ବିଭିନ୍ନ ମହାବିଦ୍ୟାଳୟ, ବିଦ୍ୟାଳୟ ଆଦି ସ୍ଥାନରେ କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ସାଇବର ରଥ ପେଣ୍ଠକଟା ମେରାଇନ ଥାନା ଏବଂ ସଦର ଥାନା ଅଞ୍ଚଳରେ ବୁଲି ସଚେତନତାର ବାର୍ତ୍ତା ବାଣ୍ଟିଛି। ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ବୀର ହରେକୃଷ୍ଣପୁର ହାଇସ୍କୁଲ ପରିସରରେ କୁଇଜ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। କୁଇଜ ପ୍ରତିଯୋଗିତାରେ କୃତକାର୍ଯ୍ୟ ପାଇଁ ସତ୍ୟ ପ୍ରକାଶ ବେହେରା, କମଳ ଚରଣ, ସନ୍ଦିପ୍ତ ଚୌଧୁରୀ, ରାଧାବଲ୍ଲଭ ବେହେରା ଏବଂ ଶୁଭାଶିଷ ପ୍ରଧାନଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ଜାରି ରହିବ।

# ଜନଶୁଣାଣି ଶିବିରରେ ୩୧ ଅଭିଯୋଗ

**ସାକ୍ଷୀଗୋପାଳ,୪।୧୦ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)**

ସତ୍ୟବାଦୀ ବ୍ଲକର ସଦ୍‌ଭାବନା ଗୃହ ପରିସରରେ ମଙ୍ଗଳବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପୁରୀ ଉପଜିଲାପାଳ ଭବତାରଣ ସାହୁ ଅଧ୍ୟକ୍ଷତା କରିଥିଲେ। ଏଡିଏମ୍ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶିନୀ ମଲ୍ଲିକ, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଡିଆର୍‌ଡିଓର ସହକାରୀ ଯନ୍ତ୍ରୀ ବିମଳ ଚନ୍ଦ୍ର ତିରିଆ, ବିଡିଓ ଲୋଚନ ଦାସ, ପିପିଲି ଏସ୍‌ଡିପିଓ ବିରଞ୍ଚି ପତି, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରାଙ୍କ ସହିତ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଆବାସ ଯୋଜନା, ମୋ ଘର ଯୋଜନା, ଭତ୍ତା ବଣ୍ଟନ, ବିଦ୍ୟୁତ୍, ଶିକ୍ଷା, ଉଦ୍ୟାନ ବିଭାଗ, କୃଷି ବିଭାଗ, ଯୋଗାଣ ବିଭାଗ, ପନୀୟ ଜଳ ଯୋଗାଣ ଆଦି ବିଭାଗ ଉପରେ ଆସିଥିବା ଅଭିଯୋଗକୁ ବିଚାରକୁ ନେଇ ତୁରନ୍ତ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଉପଜିଲାପାଳ ସାହୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୩୧ ଗୋଟି ଅଭିଯୋଗ ଆସିଥିଲା।

# ତଦନ୍ତର ୫ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ଗୋପ, ୪।୧୦ (ଭାରତୀ ଭୂଷଣ ଉପାଧ୍ୟାୟ)**

**୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚାଉଳ ହଡ଼ପ ଘଟଣା**

ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତର ରାଶନ୍ କାର୍ଡ ହିତାଧିକାରୀଙ୍କର ଚାଉଳ ହଡ଼ପ କରିବା ଘଟଣାରେ ଜନୈକ ଡିଲରଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସମ୍ପୃକ୍ତ ଡିଲର ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚାଉଳ ହଡ଼ପ କରିଥିବା ଜିଲା ଯୋଗାଣ ବିଭାଗ ତଦନ୍ତ ବେଳେ ଜାଣିବାକୁ ପାଇଥିଲେ ମଧ୍ୟ ତଦନ୍ତର ୫ ଦିନ ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏବେ ଚାଉଳ ପାଇନଥିବା ହିତାଧିକାରୀ ଭୋକ ଉପାସରେ ଥିବା ଅଭିଯୋଗ ହୋଇଛି। ପ୍ରକାଶଯେ, ବୀରତୁଙ୍ଗ ପଞ୍ଚାୟତର ଡିଲର ନିରଞ୍ଜନ ବେହେରା ରାଶନ୍ କାର୍ଡ ହିତାଧିକାରୀଙ୍କୁ ୩ ମାସର ଚାଉଳ ନ ଦେବାରୁ ଗତ ୨୫ ତାରିଖରେ ବିଡିଓ ଦୀପ୍ତି ରାଣୀ ଦାସଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତୁରନ୍ତ ବିଡିଓ ବ୍ଲକ ଯୋଗାଣ ଅଧିକାରୀ ପ୍ରଦୀପ୍ତ କୁମାର ସେଠୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଯୋଗାଣ ଅଧିକାରୀ ୨୬ ତାରିଖ ଦିନ ବୀରତୁଙ୍ଗ ପଞ୍ଚାୟତର ଉକ୍ତ ଡିଲର କେନ୍ଦ୍ରର ତଦନ୍ତ ସମୟରେ ହିତାଧିକାରୀମାନେ ଚାଉଳ ପାଇନଥିବା ଜାଣିବାକୁ ପାଇଥିଲେ। ବ୍ଲକ ଯୋଗାଣ ଅଧିକାରୀ ତଦନ୍ତ ରିପୋର୍ଟ ଉପଜିଲାପାଳଙ୍କୁ ପଠାଇଥିଲେ। ଉପ ଜିଲାପାଳ ଭବତରଣ ସାହୁଙ୍କ ନିର୍ଦ୍ଦେଶରେ ଗତ ୩୦ ତାରିଖରେ ଜିଲା ଯୋଗାଣ ବିଭାଗର ଏକ ୬ ଜଣିଆ ଟିମ୍ ପହଞ୍ଚି ସମ୍ପୃକ୍ତ ଡିଲର କେନ୍ଦ୍ରରେ ତଦନ୍ତ କରିବା ସମୟରେ କେନ୍ଦ୍ରରେ ୩୦ କୁଇଣ୍ଟାଲରୁ ଅଧିକ ସରକାରୀ ଚାଉଳ ନ ଥିବା ବେଳେ ୩ ମାସର ପ୍ରାୟ ୩୫ କୁଇଣ୍ଟାଲ ଚାଉଳ ହଡପ କରିଥିବା ଜଣାପଡିଥିଲା। ଏହି ତଦନ୍ତକୁ ଦୀର୍ଘ ୫ ଦିନ ବିତିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ଗୋପ ବ୍ଲକରେ ଥିବା ୩୧ ଗୋଟି ପଞ୍ଚାୟତ ରେ ଥିବା ୮୫ ଡିଲର କେନ୍ଦ୍ର ଓ କୋଣାର୍କ ଏନ୍‌ଏସି ଅଧୀନରେ ଥିବା ୮ଗୋଟି ଡିଲର କେନ୍ଦ୍ରରେ ଥିବା ୪୦ ହଜାର ରାଶନ୍ କାର୍ଡ ଲାଗି ପ୍ରାୟ ୮ ହଜାର କୁଇଣ୍ଟାଲରୁ ଅଧିକ ଚାଉଳ ଆସୁଥିବା ସମୟରେ ଅଧିକାଂଶ ଚାଉଳ ବସ୍ତାରେ ୪/୫ କିଲୋ ଚାଉଳ କମ୍ ରହୁଥିବା ଅଭିଯୋଗ ହୋଇଛି। ଏପରି କି ଗୋପ ବ୍ଲକ ଲାଗି ଥିବା ପରିବହନ ଠିକାଦାର ଜଣକ ଆଉ ଜଣେ ବ୍ୟକ୍ତିଙ୍କୁ ଏହି ଚାଉଳ ବଣ୍ଟନ ଦାୟିତ୍ୱ ଦେଇ ଚାଉଳ ହଡପ କରୁଥିବା କେତେକ ଡିଲର ଅଭିଯୋଗ କରିଛନ୍ତି। ସଂପୃକ୍ତ ଡିଲରଙ୍କ ଉପରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ସହକାରୀ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁ କହିଥିଲେ।

# 'ନବୀନଙ୍କ ଲୋକାଭିମୁଖୀ ଯୋଜନା ଘରେ ଘରେ ପହଞ୍ଚାଇବା ଆମ ଲକ୍ଷ୍ୟ'

**ବ୍ରହ୍ମଗିରି ବ୍ଲକରେ ଜନ ସମ୍ପର୍କ ପଦଯାତ୍ରା**

**ବ୍ରହ୍ମଗିରି, ୪।୧୦ (ସ୍ୱାଧୀନ ଚମ୍ପତିରାୟ)**





ନିଆଳପୁର ପଞ୍ଚାୟତ ମା' ବସନ୍ତାଇଙ୍କ ମନ୍ଦିର ଠାରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବୁଧବାର ବ୍ରହ୍ମଗିରି ବ୍ଲକରେ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ବ୍ରହ୍ମଗିରି ବ୍ଲକ ୨୮ନଂ ଜୋନ୍‌ରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚାପମାଣିକ ପଞ୍ଚାୟତ ବାବା ଭୀମେଶ୍ୱର ଦେବ ମନ୍ଦିର ଠାରୁ ୬ କିଲୋମିଟର ପଦଯାତ୍ରା ଆରମ୍ଭ ହୋଇ ନିଆଳପୁର ପଞ୍ଚାୟତ ମା' ବସନ୍ତାଇଙ୍କ ମନ୍ଦିର ଠାରେ ପହଞ୍ଚିଥିଲା। ସଭା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହା ପରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଦାସବର୍ମା କହିଛନ୍ତି ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଏବଂ ବାର୍ତ୍ତାକୁ ପ୍ରତ୍ୟେକ ଘରେ ଘରେ ପହଞ୍ଚାଇବା ଆମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ପୁରୀ ଜିଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ସୁର ପ୍ରସାଦ ମାହାନ୍ତି, ବ୍ରହ୍ମଗିରି ବିଜୁ ଜନତା ସଭାପତି ବିଦ୍ୟାଧର ସ୍ୱାଇଁ, ବରିଷ୍ଠ ନେତା ପ୍ରଫୁଲ୍ଲ ଜେନା, ଭଗବାନ ନାୟକ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ନିଆଳପୁର ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର କାଣ୍ଡି, ସମିତି ସଭ୍ୟ ଶୁକଦେବ ପଟ୍ଟନାୟକ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ବାବାଜୀ ଦଳାଇ, ଚାପମାଣିକ ପଞ୍ଚାୟତ ସରପଞ୍ଚ ଅମୂଲ୍ୟ ଜେନାଙ୍କ ସମେତ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳର ଦଳୀୟ କର୍ମୀ, ବରିଷ୍ଠ ନେତୃବୃନ୍ଦ, ବିଜୁ ଯୁବ, ଛାତ୍ର, ମହିଳା ଜନତା ଦଳର ନେତୃବୃନ୍ଦ, ନବନିର୍ବାଚିତ ଜନପ୍ରତିନିଧି ଏବଂ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ପିପିପି ମୋଡ୍‌ରେ ହେବ ୫ ମଲ୍ଟି ସ୍ପେସିଆଲିଟି, ସୁପର ସ୍ପେସିଆଲିଟି ହସ୍ପିଟାଲ

ଭୁବନେଶ୍ୱର,୪ା୧୦(ଅନିଲଦାସ)





- ଅନୁଗୋଳ, ବଡ଼ବିଲରେ ୨୦୦ ବେଡ୍, ଭଦ୍ରକ, ଝାରସୁଗୁଡ଼ାରେ ୧୦୦ ବେଡ୍ ହସ୍ପିଟାଲ ନିର୍ମାଣ ହେବ
- ୫୦୦ କୋଟି ପୁଞ୍ଜିବିନିଯୋଗ ହେବ
- ୬ ନିୟୁତ ଲୋକ ଉପକୃତ ହେବେ
- ଲୋକଙ୍କ ସ୍ୱାସ୍ଥ୍ୟ ସେବା ପୂରଣ କରିବା ଆମର ପ୍ରତିବଦ୍ଧତା: ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଖୁବ୍‌ଶୀଘ୍ର ୫ଟି ନୂତନ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ ହେବ। ପ୍ରଥମ ଥର ପାଇଁ ସରକାରୀ- ଘରୋଇ ଭାଗୀଦାରି(ପିପିପି) ମୋଡ୍‌ରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିକାଶ କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ୫ଟି ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପାଇଁ ଘରୋଇ ଅଂଶୀଦାରଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉକ୍ତ ହସ୍ପିଟାଲଗୁଡ଼ିକ ଅନୁଗୋଳ, ବଡ଼ବିଲ, ଭଦ୍ରକ ଓ ଝାରସୁଗୁଡ଼ାରେ ସ୍ଥାପନ କରାଯିବ। ଏଥିସହିତ କର୍କଟ ରୋଗର ଯତ୍ନ ପାଇଁ ପିପିପି ମୋଡ୍‌ରେ ଏକ ସୁପର ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ କହିଛନ୍ତି, ରାଜ୍ୟବାସୀଙ୍କ ପାଇଁ ଉନ୍ନତମାନର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା। ଓଡ଼ିଶାର ଲୋକମାନଙ୍କ ଉନ୍ନତ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତାକୁ ସମାନୁପାତିକ ଓ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ପୂରଣ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରତ୍ୟେକ ଜୀବନ ମୂଲ୍ୟବାନ। ସୁସ୍ଥ ଓଡ଼ିଶା ଏବଂ ସୁଖୀ ଓଡ଼ିଶା ପ୍ରତିବଦ୍ଧତାକୁ ପୂରଣ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଜ୍ୟର ୧ କୋଟି ପରିବାର ସଦସ୍ୟମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବରଦାନ ପାଲଟିଛି। ଏହାକୁ ପୂରଣ କରିବାରେ ଘରୋଇ ଡାକ୍ତରଖାନାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ଜିଲାସ୍ତରରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ସ୍ଥାପନ କରିବାକୁ ଘରୋଇ ପୁଞ୍ଜିନିବେଶକାରୀଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଘରୋଇ ସଂସ୍ଥା ସହ ହୋଇଥିବା ଏହି ଚୁକ୍ତିନାମାରେ ଖୁସି ବ୍ୟକ୍ତ କରି ମୁଖମନ୍ତ୍ରୀ କହିଛନ୍ତି, ଏହା ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏକ ନୂଆ ପଥପ୍ରଦର୍ଶକ ହେବ। ଯଥାଶୀଘ୍ର ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ରୂପାନ୍ତରଣ ହୋଇଛି। ଚୁକ୍ତି ଅନୁଯାୟୀ ଉତ୍କଳ ହେଲ୍‌ଥ କେୟାର ଏବଂ ସିଲିକନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଅନୁଗୋଳ ଓ ବଡ଼ବିଲଠାରେ ୨୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ କରିବେ। ସେହିପରି ସିଗ୍‌ନସ ମେଡିକେୟାର ଏବଂ ପ୍ରିଷ୍ଟିଲିଙ୍କ କମ୍ପ୍ୟୁଟର ଆଣ୍ଡ କମ୍ୟୁନିକେଶନ ପ୍ରାଇଭେଟ ଲିମିଟେଡ ଭଦ୍ରକ ଓ ଝାରସୁଗୁଡ଼ାଠାରେ ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେସିଆଲିଟି ହସ୍ପିଟାଲ ସ୍ଥାପନ କରିବାକୁ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏଥିସହିତ ଝାରସୁଗୁଡାଠାରେ ଭାଇଜାଗ ହସ୍ପିଟାଲ୍‌ସ ଆଣ୍ଡ କ୍ୟାନ୍‌ସର ରିସର୍ଚ୍ଚ ସେଣ୍ଟର ୧୨୦ ଶଯ୍ୟା ବିଶିଷ୍ଟ କ୍ୟାନ୍‌ସର କେୟାର ହସ୍ପିଟାଲ ନିର୍ମାଣ କରିବ। ରାଜ୍ୟ ସରକାର ଏଥିପାଇଁ ଜମି, ଭିତ୍ତିଭୂମି ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବେ। ପିପିପି ଅଂଶୀଦାରମାନେ ହସ୍ପିଟାଲ ନିର୍ମାଣ କରିବା ସହ କର୍ମଚାରୀ ନିଯୁକ୍ତି ଏବଂ ୩୦ବର୍ଷ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବେ। ଏଥିରେ ୨୪ ଘଣ୍ଟିଆ ଟ୍ରମାକେୟାର, ଓପିଡି, ଆଇପିଡି ସେବା, ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ଏବଂ ସୁପର ସ୍ପେସିଆଲିଟି ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯିବ। ରାଜ୍ୟର ସମସ୍ତ ବୀମାଭୁକ୍ତ ରୋଗୀମାନେ ମାଗଣାରେ ସେବା ପାଇପାରିବେ। ଏହି ୫ଟି ପ୍ରକଳ୍ପରେ ୫୦୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ ହେବା ସହ ୩୫୦୦ ମେଡିକାଲ, ପାରାମେଡିକାଲ, ନର୍ସିଂ ଏବଂ ପ୍ରଶାସନିକ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଉପସ୍ଥିତ ଥିଲେ। ଏଥିସହିତ ମୁଖ୍ୟ ଶାସନ ସଚିବ ପି.କେ. ଜେନା, ସ୍ୱାସ୍ଥ୍ୟ ସଚିବ ବିଶାଳ ଦେବ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ୨୬ ଅତ୍ୟାଧୁନିକ ୧୦୮ ଆମ୍ବୁଲାନ୍ସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୪ା୧୦(ଅନିଲ ଦାସ)

ରାଜ୍ୟବାସୀଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୬ଟି ନୂତନ ଅତ୍ୟାଧୁନିକ ୧୦୮ ଆମ୍ବୁଲାନ୍ସକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ନବୀନ ନିବାସଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠି ବିନିଯୋଗରେ କ୍ରୟ ହୋଇଥିବା ଏହି ୨୬ଟି ଆମ୍ବୁଲାନ୍ସକୁ ପତାକା ଦେଖାଇ ଲୋକାର୍ପିତ କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ରୋଗୀସେବା ଯୋଗାଇଦେବା ସକାଶେ କ୍ରୟ ହୋଇଥିବା ଉକ୍ତ ଆମ୍ବୁଲାନ୍ସ ପାଇଁ ୧୦.୯୨ କୋଟି ଟଙ୍କା ବିନିଯୋଗ ହୋଇଛି।

ସୂଚନାଯୋଗ୍ୟ ଯେ, ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ, ଗର୍ଭବତୀ ଓ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ବିନା ଖର୍ଚ୍ଚରେ ଡାକ୍ତରଖାନାକୁ ନେବା ପାଇଁ ରାଜ୍ୟରେ ଏହି ଜରୁରିକାଳୀନ ଆମ୍ବୁଲାନ୍ସ ସେବା ସଫଳତାର ସହ କାର୍ଯ୍ୟ କରୁଛି। ଜୀବନ ରକ୍ଷାକାରୀ ସୁବିଧା ଥିବା ଏହି ୨୬ଟି ନୂତନ ଆମ୍ବୁଲାନ୍ସ ସାମିଲ ହେବା ପରେ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ର ଅଧିକ ସୁଦୃଢ଼ ହେବ। ଟୋଲ୍ ଫ୍ରି ନମ୍ବର ୧୦୮କୁ ଫୋନ୍ କରି ରାଜ୍ୟରେ ଏହି ଜରୁରିକାଳୀନ ଆମ୍ବୁଲାନ୍ସ ସେବା ସୁବିଧା ଉପଲବ୍ଧ ହେଉଛି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫-ଟି ସଚିବ ଭି.କେ ପାଣ୍ଡିଆନ, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ର ହେବ ଉତ୍କର୍ଷ କେନ୍ଦ୍ର

## ଗୋପବନ୍ଧୁ ଏକାଡେମୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ପ୍ରତିଷ୍ଠାନ ସହ ମହିଳା ଓ ଶିଶୁ ବିକାଶ ବିଭାଗର ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୪ା୧୦ (ଅନିଲ ଦାସ)

ରାଜ୍ୟ ସରକାର ମହିଳାମାନଙ୍କୁ ସେମାନଙ୍କ ଯୋଗ୍ୟତା ଆଧାରରେ କାର୍ଯ୍ୟ କରିବାର ସୁଯୋଗ ଦେବା ସହ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ମଧ୍ୟ ସାମିଲ କରୁଛନ୍ତି। ଏହି କ୍ରମରେ ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ର (ଗୃହ ଅର୍ଥନୀତି ତାଲିମ କେନ୍ଦ୍ର)ରେ ଅନୁଷ୍ଠିତ ଏକ ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ସହ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ରରେ ତାଲିମ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷିକା ଏସ୍.ଜାଗୃତି ଓ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ସ୍ୱତନ୍ତ୍ର ସଚିବ ଆରାଧନା ଦାସ ଏବଂ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ଅତିରିକ୍ତ ସଚିବ ଧରଣୀଧର ନନ୍ଦ ସ୍ୱାକ୍ଷର କରିଛନ୍ତି।

ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ ଯେ ବର୍ତ୍ତମାନର ଯାନ୍ତ୍ରିକ ଓ ବୈଷୟିକ ତାଲିମ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁ ବିକାଶ ବିଭାଗ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ମିଳିତ ସହଯୋଗରେ ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ରକୁ ଉତ୍କର୍ଷ ତାଲିମ କେନ୍ଦ୍ରରେ ରୂପାନ୍ତରିତ କରି ଗୁଣାତ୍ମକ ଶିକ୍ଷା ଓ ତାଲିମ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସ୍ଥିର କରାଯାଇଛି। ଏହି ବୁଝାମଣା ସ୍ୱାକ୍ଷର ହେବା ଦ୍ୱାରା ରାଜ୍ୟର ମହିଳାମାନଙ୍କର ପ୍ରଶାସନିକ ଦକ୍ଷତା ସହ ବୃତ୍ତିଗତ ମନୋଭାବ ମଧ୍ୟ ସଶକ୍ତ ହୋଇପାରିବ। ବିଭାଗୀୟ ସଚିବ ଶୁଭା ଶର୍ମା କହିଲେ ଯେ ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ରକୁ ରାଜ୍ୟର ଏକ ଉତ୍କର୍ଷ ତାଲିମ କେନ୍ଦ୍ରରେ ରୂପାନ୍ତରିତ କରିବା ଦ୍ୱାରା ଅଙ୍ଗନୱାଡ଼ି କର୍ମୀମାନେ ବିଶେଷଜ୍ଞ ଓ ଦକ୍ଷ ପ୍ରଶାସକଙ୍କ ଦ୍ୱାରା ତାଲିମ ପାଇପାରିବେ। ଏହି ବୁଝାମଣା ଦ୍ୱାରା ପଞ୍ଚାୟତ ସ୍ତରରେ ମହିଳାମାନଙ୍କ କାର୍ଯ୍ୟଦକ୍ଷତାରେ ଉନ୍ନତି ଆସିବ ବୋଲି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ଅତିରିକ୍ତ ସଚିବ ଧରଣୀଧର ନନ୍ଦ କହିଛନ୍ତି। ମିଳିତ ସହଯୋଗରେ ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ରକୁ ଉତ୍କର୍ଷ ତାଲିମ କେନ୍ଦ୍ରରେ ରୂପାନ୍ତରିତ କରିପାରିବା ବୋଲି ତାଲିମ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷିକା ଏସ୍. ଜାଗୃତି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅନୁ ସଚିବ ସ୍ୱୟଂପ୍ରଭା ମୁଦୁଲି ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ର ଉପରେ ଆଧାରିତ ଏକ କ୍ଷୁଦ୍ର ଫିଲ୍ମ ପ୍ରଦର୍ଶିତ ହୋଇଥିଲା।

# 'ଜନଗଣଙ୍କୁ ଏକାଠି କରାଇବାରେ ଉତ୍କଳମଣିଙ୍କ ଭୂମିକା ଥିଲା ଅନନ୍ୟ'



ଅତିଥିମାନେ ବାର୍ଷିକ ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

## 'ସମାଜ'ର ସ୍ୱନକ୍ଷତ୍ର ଉତ୍ସବ

କଟକ,୪ା୧୦ (କାର୍ତ୍ତିକ ସାହୁ)

ସ୍ୱାଧୀନତା ଆନ୍ଦୋଳନ ସମୟରେ ଓଡ଼ିଶାବାସୀଙ୍କୁ ଏକତ୍ର କରିବାରେ 'ସମାଜ' ଅମୋଘ ଅସ୍ତ୍ର ଭାବେ କାର୍ଯ୍ୟ କରିଥିଲା। ବ୍ରିଟିଶ ଶାସକଙ୍କ ବିରୋଧରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନର ଓଡ଼ିଶାରେ ନେତୃତ୍ୱ ନେବା ସହ ଜନଗଣଙ୍କୁ ଏକାଠି କରାଇବାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭୂମିକା ଅନନ୍ୟ ଥିଲା ବୋଲି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। କଟକ ସାରଳା ଭବନରେ ବୁଧବାର 'ସମାଜ'ର ୧୦୪ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ମୁଖ୍ୟବକ୍ତା ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ବିଭାଗର ପରାମର୍ଶଦାତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ସମୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ 'ସମାଜ' ଆଜି ଏକ ବହୁମୁଖୀ ମହାଦ୍ରୁମରେ ପରିଣତ ହୋଇଛି। ୧୦୪ ବର୍ଷ ଏହି ଅନୁଷ୍ଠାନର ଆନୁଷ୍ଠାନିକ ଇତିହାସର ଅବଲୋକନ କରାଯିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି। 'ସମାଜ' ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟ ପରିଚାଳକ ଶିବରାମ ମିଶ୍ର ବିବରଣୀ ପାଠ କରିଥିଲେ। ଲୋକସେବକ ମଣ୍ଡଳ ଓଡ଼ିଶା ଶାଖା ଅଧ୍ୟକ୍ଷ ତଥା 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ନିରଞ୍ଜନ ରଥ କୃତଜ୍ଞତା ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଙ୍କଦ୍ୱାରା 'ସମାଜ'ର ବାର୍ଷିକ ବିଶେଷାଙ୍କ, ମାସିକ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ପୂଜା ସଂଖ୍ୟା ଓ ସୁସ୍ଥ ସାମ୍ବାଦିକତା ଆହ୍ୱାନ ଶୀର୍ଷକ ଲୋଗୋ ଉନ୍ମୋଚିତ ହୋଇଥିଲା। ସ୍ୱନକ୍ଷତ୍ର ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଆକାଂକ୍ଷା ପାତ୍ର, ସ୍ୱର୍ଣ୍ଣଦୀପା ସାହୁ, ପ୍ରତୀକ୍ଷା ଦାସ ଓ ବଂଶିକା ପ୍ରିୟଦର୍ଶିନୀ ହୋତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଉପ ସଭାପତି ଦୀପକ ମାଲବ୍ୟ ଓ ଆଜୀବନ ସଦସ୍ୟ ରାଜେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।


## ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD14R2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1349429.25

2) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ37 ଏଫ୍‌ବିଟି ଗୁଡ୍‌ସ
ଗାଡ଼ି ନଂ.- OD14P2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1230738.43

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଅବସ୍ଥାରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:**
**ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791**



## ଦ.ପୂ. ରେଳପଥ - ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୦-୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ସିଗ୍‌ନାଲ ଏବଂ ଟେଲିକମ୍ୟୁନିକେଶନ୍ ଇଞ୍ଜିନିୟର/ସିଓ/ଚକ୍ରଧରପୁର ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୨୦-୨୦୨୩- ୧, ୨, ୩ ଓ ୪ ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ତା୨୫।୧୦।୨୦୨୩ରିଖ ୧୫.୦୦ ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ୧, କାର୍ଯ୍ୟର ନାମ:** ଅମୃତ ଭାରତ ଷ୍ଟେଶନ ଯୋଜନା ଫେଜ୍-II ଅଧୀନରେ ୧୧ଟି ଷ୍ଟେଶନରେ ୨୦ଟି ଲିଫ୍ଟ ଏବଂ ୧୩ଟି ଏସ୍କାଲେଟରର ବ୍ୟବସ୍ଥା ପାଇଁ ଟେଲିକମ୍ ଗିୟରର ସ୍ଥାନାନ୍ତର କରିବା । **ଟେଣ୍ଡର ମୂଲ୍ୟ:** ₹ ୧,୩୫,୦୨,୮୦୦.୨୬ । **ଇଏମ୍‌ଡି:** ₹ ୨,୧୭,୫୦୦/-। **କ୍ର.ସଂ. ୨, କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନରେ ମିଡିଆ ରିଡନ୍‌ଡାନ୍ସି ପାଇଁ ୟୁନିଭର୍ସାଲ୍ ଫେଲ୍ ସେଫ୍ ବ୍ଲକ୍ ଇଣ୍ଟରଫେସ୍ (ୟୁଏଫ୍‌ଏସ୍‌ବିଆଇ)ରେ ଅଟୋ ଚେଞ୍ଜଓଭରର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ:** ₹ ୭୦,୫୮,୪୩୭.୫୬ । **ଇଏମ୍‌ଡି:** ₹ ୧,୪୧,୨୦୦/-। **କ୍ର.ସଂ. ୩, କାର୍ଯ୍ୟର ନାମ:** ଟାଟାନଗରସ୍ଥିତ ସିମେନ୍ସ ଆର୍‌ଆର୍‌ଆଇଠାରେ ୩୮୦ଭି ଏସି ପଏଣ୍ଟ ମେଶିନ୍, ପଏଣ୍ଟ ଗ୍ରୁପ୍ ରିଲେ ଏବଂ ଏହାର ଆସେସୋରୀଗୁଡ଼ିକୁ ବଦଳାଇବା । **ଟେଣ୍ଡର ମୂଲ୍ୟ:** ₹ ୪୨,୫୩,୯୮୫.୮୨ । **ଇଏମ୍‌ଡି:** ₹ ୮୫,୧୦୦/-। **କ୍ର.ସଂ. ୪, କାର୍ଯ୍ୟର ନାମ:** ଟାଟାନଗରସ୍ଥିତ ମଲ୍ଟି-ଡିସିପ୍ଲିନାରୀ ଡିଭିଜନାଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଏମ୍‌ଡିଡିଟିଆଇ)ଠାରେ ୱାଇ-ଫାଇ ସହିତ ରେଲନେଟ୍ କନେକ୍ସନ, ସିସିଟିଭି କ୍ୟାମେରା, ଭିଡିଓ କନ୍‌ଫରେନ୍ସ, ପିଏ ସିଷ୍ଟମ୍ ଇତ୍ୟାଦିର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ:** ₹ ୩୦,୪୩,୦୭୪.୯୭ । **ଇଏମ୍‌ଡି:** ₹ ୬୦,୯୦୦/-। **ସମାପ୍ତି ଅବଧି:** କ୍ର.ସଂ. ୧, ୨ ଓ ୩ ପାଇଁ ପ୍ରତ୍ୟେକ ୧୨ (ବାର) ମାସ ଏବଂ କ୍ର.ସଂ. ୪ ପାଇଁ ୦୬ (ଛଅ) ମାସ । ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। **(PR-662)**



See Career Appointment on every Wednesday & Saturday



## ROURKELA SMART CITY LIMITED, ROURKELA

Udit Nagar, Rourkela-769012, Email:rourkelascl@gmail.com
BID ID: RSCL/3220/2023 Date:30.09.2023

**NOTICE INVITING TENDER NATIONAL COMPETITIVE BIDDING**

**No.C-1529:** The Chief Executive Officer, RSCL invites bids from eligible contractors for the following projects:

| Sl.No. | Name of the Projects | Base Price |
|---|---|---|
| 1 | Undergrounding of Existing Overhead Electricity System From "Ambedkar Chowk to Panposh Chowk" by Rourkela Smart City on Turnkey basis. | Rs.7.21 Cr. |

The Tender Fees of Rs.11,800/- is to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 04.10.2023 to 26.10.2023 (upto 15.00 Hrs. IST). Pre-Bid Meeting will be held on 13.10.2023 at 12.30 P.M. in the Conference Hall of RSCL. For queries, intending bidder may contact Sarthak Sourav Rath, Architect Phone No.8093310953/ Manoj Kumar Mahananda, GM (E&T) Phone No.9437638780 and Email Id: rourkelascl@gmail.com. The bid is to be submitted to this Address of Chief Executive Officer, Rourkela Smart City Limited, 1st Floor, RMC City Library, Uditnagar, Rourkela-769012 through Registered Post/ Speed Post only.

Sd./- Chief Executive Officer
Rourkela Smart City Limited

OIPR-13080/11/0007/2324



## ଡାକ ବିଭାଗ (ସିଭିଲ ୱିଙ୍ଗ୍)

**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୩୩/ସିଡିବି/୨୦୨୩-୨୪। **କାର୍ଯ୍ୟର ନାମ:** ରାଉରକେଲା ଡିଭିଜନ, ଓଡ଼ିଶାଙ୍କ ଅଧୀନରେ ରାଉରକେଲା ମୁଖ୍ୟ କାର୍ଯ୍ୟାଳୟ ବିଲ୍ଡିଂର ନବୀକରଣ । **ଅଟକଳ ମୂଲ୍ୟ:** ଟ.୪୧,୫୭,୫୨୬.୦୦ । **ଅମାନତ ରାଶି:** ଟ.୮୩,୧୫୧.୦୦ । **ସମାପ୍ତି ଅବଧି:** ୯୦ (ନବେ) ଦିନ । **ବିଡ୍ ଦାଖଲର ଶେଷ ତାରିଖ ଓ ସମୟ:** ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୨. ଏନ୍‌ଆଇଟି ନଂ.୩୪/ସିଡିବି/୨୦୨୩-୨୪। **କାର୍ଯ୍ୟର ନାମ:** ସୁନ୍ଦରଗଡ଼ ଡିଭିଜନ, ଓଡ଼ିଶା ଅଧୀନରେ ଉଦିତ୍‌ନଗର ମୁଖ୍ୟ କାର୍ଯ୍ୟାଳୟ ବିଲ୍ଡିଂର ନବୀକରଣ । **ଅଟକଳ ମୂଲ୍ୟ:** ଟ.୨୮,୬୯,୨୬୭.୦୦ । **ଅମାନତ ରାଶି:** ଟ.୫୭,୩୮୫.୦୦ । **ସମାପ୍ତି ଅବଧି:** ୯୦ (ନବେ) ଦିନ । **ବିଡ୍ ଦାଖଲର ଶେଷ ତାରିଖ ଓ ସମୟ:** ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୩. ଏନ୍‌ଆଇଟି ନଂ.୩୫/ସିଡିବି/୨୦୨୩-୨୪। **କାର୍ଯ୍ୟର ନାମ:** ଭୁବନେଶ୍ୱର ଜିପିଓ ବିଲ୍ଡିଂର ମରାମତି ଓ ରକ୍ଷଣାବେକ୍ଷଣ । **ଅଟକଳ ମୂଲ୍ୟ:** ଟ.୨୮,୯୧,୧୨୨.୦୦ । **ଅମାନତ ରାଶି:** ଟ.୫୭,୮୨୨.୦୦ । **ସମାପ୍ତି ଅବଧି:** ୧୨୦ (ଏକ ଶହ କୋଡ଼ିଏ) ଦିନ । **ବିଡ୍ ଦାଖଲର ଶେଷ ତାରିଖ ଓ ସମୟ:** ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizarde.com**ରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର



## Government of Odisha
## Office of the Chief Construction Engineer, Rural Works Circle, Angul

E-mail:sencrwangul@yahoo.co.in, Phone:06764-236404

No.O-1077: **e-Procurement Notice for Bridge works in Odisha**
Bid Identification No. Bridge Online AGL-23/2023-24

No.2376 Dt.23.9.23

1.Name of the Work : Bridge Works. 2. Total No. of Work: 03 Nos. 3. Estimated Cost: Rs.528.28 Lakhs to Rs.728.81 Lakhs. 4. Class of Contractor: 'A' & 'A' & Special Class. 5. Period of Completion: As per Annexure. 6.Other details.

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date & time of seeking tender clarification | Date & Time of opening of tender: Technical Bid | Date & Time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online- AGL-23/2023-24 | 10.10.2023 at 10.00 AM | 25.10.23 upto 5.00 PM | 20.10.23 upto 1.00 P.M. | 26.10.23 at 11.00 A.M. | Will be intimated separately |

(1) For detailed Notice Inviting Tenders, please visit to the website www.tendersorissa.gov.in.

Sd./- Chief Construction Engineer, Rural Works Circle, Angul
OIPR-25180/11/0030/2324



## OFFICE OF THE DISTRICT JUDGE, BALANGIR

**Corrigendum to Notice Dated 24.07.2023**

No. 02 Date: 30.09.2023

No. W-45: Corrigendum to Advertisement No. 01/2023 Dt.24.07.2023 for filling up of the Post in Group - "C" Cadre i.e. Junior Clerk-cum-Copyist, Junior Typist and Stenographer Grade - III in the Judgeship of Balangir.
It is for information of all concern that, the vacancies advertised for the post of Junior Clerk-cum-Copyist is modified as follows:

**Category Wise Vacancy**

| Sl. No. | Category | Scale of Pay | Un-Reserved | S.E.B.C. | S.C. | S.T. | Grand Total |
|---|---|---|---|---|---|---|---|
| 01 | Junior Clerk-Copyist | Rs.19900/- - 63,200/- Level - 4 | 05 (W-1) | - | 01 (W) | 12 (W-2) | 18 |

However, all other category of advertised posts in Group-C Cadre i.e. Stenographer Grade - III and Junior Typist remained unchanged.

Sd./- L. Jena, District Judge-cum-Chairman
District Recruitment Committee, Balangir

OIPR-18023/11/0004/2324



## ଓଡ଼ିଶା ସରକାର
## ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଘୋଷଣା**

**ବିଜ୍ଞପ୍ତି ସଂଖ୍ୟା ୧୦୧୩/ତାରିଖ ୨୬.୦୭.୨୦୨୩**

**No.XI-05:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R)ର ଧାରା ୧୯ର ଅଧିନିୟମ (୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ବାଲୁଖଣ୍ଡ, ଥାନା-ପୁରୀ ସଦର ନଂ. ୧୫୧, ତହସିଲ-ପୁରୀ, ଜିଲ୍ଲା-ପୁରୀରେ ନିମ୍ନସୂଚିତ "କ" ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା "ପୁରୀରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ" ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୫୩ ତା. ୧୯.୧୨.୨୦୨୨ ରିଖରେ ପ୍ରକାଶିତ ହୋଇଅଛି । ଉକ୍ତ ବିଜ୍ଞପ୍ତି ସମ୍ବାଦରେ ତା.୩୦.୧୨.୨୦୨୨ ରିଖରେ ପ୍ରକାଶିତ ହୋଇଅଛି ।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ବାଲୁଖଣ୍ଡ, ଥାନା-ପୁରୀ ସଦର ନଂ.-୧୫୧, ତହସିଲ-ପୁରୀ, ଜିଲ୍ଲା-ପୁରୀରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.puri.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ http://revenue.odisha.gov.in ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ ଅର୍ଜନ ଅଧିକାରୀ, ପୁରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା-ପୁରୀ ତହସିଲ-ପୁରୀ

| ମୌଜାର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାଲୁଖଣ୍ଡ -୧୫୧ | ଗ୍ରାମାଞ୍ଚଳ | ୯୨ | ୧୨୯୭/ ୧୭୧୨ | ଶାରଦ-୩ | ଏ.୨.୫୯୦ | ଏ.୨.୫୯୦ | ଗୌରାଙ୍ଗ ନାୟକ, ଯଦୁ ନାୟକ, ପି-ହାଲୁ ନାୟକ, ଗୁଣି ନାୟକ, ଜଇ ନାୟକ, ଗୋବିନ୍ଦ ନାୟକ, ପି-ଖୁଦ ନାୟକ, ରାଧୁ ନାୟକ, ପି-ବାବନ ନାୟକ, ଜା-ଖଣ୍ଡାୟତ, ବା-ନିଜିଗାଁ, ସାମିଲ ବାଲିଗୁଆଳି |
| ବାଲୁଖଣ୍ଡ-୧୫୧ | ଗ୍ରାମାଞ୍ଚଳ | ୧୨୬ | ୧୨୯୭/ ୧୭୧୩ | ଶାରଦ-୩ | ଏ.୨.୪୩୦ | ଏ.୨.୪୩୦ | ଜଟାଧାରୀ ଜେନା, ପି-ବାଲି ଜେନା, ଜା-ଖଣ୍ଡାୟତ, ବା-ନିଜିଗାଁ ସାମିଲ ବାଲିଗୁଆଳି |
| | | | | ମୋଟ | ୫.୦୨୦ | ୫.୦୨୦ | |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା-ପୁରୀ ତହସିଲ-ପୁରୀ

| ମୌଜାର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୯.୧୨.୨୦୨୩।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-(ସମର୍ଥ ବର୍ମା)
ଜିଲ୍ଲାପାଳ, ପୁରୀ

OIPR-24364/14/0014/2324

# କ୍ରିକେଟ ବିଶ୍ୱକପ୍



# ଆଜିଠୁ ମହାସମର









## ଭାରତ ଫେଭରାଇଟ୍

ଭାରତରେ ଖେଳାଯିବ ଦିନିକିଆ କ୍ରିକେଟ ବିଶ୍ୱକପ ୨୦୨୩। ଭାରତର ୧୦ଟି ଭେନ୍ୟୁରେ ଏହି ମେଗା ଇଭେଣ୍ଟ ଆୟୋଜିତ ହେବ। ଏସିଆ କପ୍‌ରେ ଭାରତୀୟ ଦଳ ଚାମ୍ପିୟନ ହେବା ସହିତ ବିଶ୍ୱକପ ପାଇଁ ଦୃଢ ଦାବିଦାରୀ ସ୍ଥାପନ କରିଛି ରୋହିତ ଶର୍ମାଙ୍କ ଦଳ। ଭାରତୀୟ ଦଳକୁ ଯଶପ୍ରୀତ୍ ବୁମ୍‌ରା, ଲୋକେଶ ରାହୁଲ ଓ ଶ୍ରେୟସ ଆୟର ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ମଧ୍ୟକ୍ରମ ବ୍ୟାଟିଂକୁ ନେଇ ଚିନ୍ତାରେ ରହିଛି ଭାରତୀୟ ମ୍ୟାନେଜମେଣ୍ଟ। ରୋହିତ ଶର୍ମାଙ୍କ ଦଳର ଶକ୍ତି, ସାମର୍ଥ୍ୟ ଓ ଦୁର୍ବଳତାକୁ ନେଇ ଉପସ୍ଥାପନା...

**ଶକ୍ତି:** ଭାରତୀୟ ଦଳର ବ୍ୟାଟିଂ ଲାଇନ୍ ଅପ୍ ବେଶ ଶକ୍ତିଶାଳୀ ରହିଛି। ରୋହିତ ଶର୍ମା, ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ୍ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜଙ୍କୁ ନେଇ ଭାରତର ବ୍ୟାଟିଂ ବିଶ୍ୱର ଯେ କୌଣସି ବୋଲିଂ ଲାଇନ୍‌ଅପ୍‌କୁ ଧ୍ୱସ୍ତ କରିବା ପାଇଁ ଯଥେଷ୍ଟ। ଏପରିକି ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଶନଙ୍କ ପରି ଖେଳାଳିଙ୍କୁ ଦଳରୁ ବାହାରେ ବସିବାକୁ ପଡିବ। ଉଭୟ ଖେଳାଳି ମଧ୍ୟକ୍ରମରେ କୌଣସି ବି ଖେଳାଳିଙ୍କୁ ରିପ୍ଲେସ୍ କରି ପାରିବେ। ଭାରତୀୟ ପିଚ୍ ଗୁଡିକ ବ୍ୟାଟିଂ ସହାୟକ ହୋଇଥିବା ବେଳେ ଲମ୍ବା ବ୍ୟାଟିଂ ଲାଇନ୍‌ଅପ୍ ବଡ ସ୍କୋର କରିବାରେ ସହାୟତା କରିବ। ଓପନର ଶୁବମନ ଗିଲ୍ ବିଗତ ଏକ ବର୍ଷ ମଧ୍ୟରେ ୧୨୦୦ରୁ ଅଧିକ ରନ୍ ସ୍କୋର କରିଛନ୍ତି। ଏହା ସହିତ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଶତକ ହାସଲ କରିବା ସହିତ ଫର୍ମ ଓ ଫିଟନେସକୁ ଫେରିଛନ୍ତି ଲୋକେଶ ରାହୁଲ।

**ଦୁର୍ବଳତା :** ଭାରତୀୟ ସ୍ପିନ୍ ବୋଲିଂ ଡିପାର୍ଟମେଣ୍ଟ ସାମାନ୍ୟ ଦୁର୍ବଳ ମନେ ହେଉଛି। କାଗଜ କଲମରେ ଭାରତୀୟ ବୋଲିଂ ଆକ୍ରମଣ ଶକ୍ତିଶାଳୀ ମନେ ହେଉଥିଲେ ହେଁ ବ୍ୟାଟିଂ ଅନୁକୂଳ ପିଚ୍‌ରେ ଜାଡେଜା-ଅଶ୍ୱିନ କିଭଳି ପ୍ରଦର୍ଶନ କରିବେ ତାହାକୁ ନେଇ ଆଶଙ୍କା ରହିଛି। କୁଲଦୀପ ଯାଦବ ସମସ୍ତ ମ୍ୟାଚ୍‌ରେ ଖେଳିବାର ସମ୍ଭାବନା ରହିଛି। ତେବେ ଲମ୍ବା ଟୁର୍ନାମେଣ୍ଟ ରହିଥିବାରୁ ସେ ଆହତ ହେଲେ ଅଥବା ଫର୍ମ ହରାଇଲେ ଏହା ଭାରତ ପାଇଁ ବୁମେରାଙ୍ଗ ସାବ୍ୟସ୍ତ ହେବ। ଉଭୟ ଅଶ୍ୱିନ୍ ଓ ଜାଡେଜା ବୋଲିଂ ସହାୟକ ପିଚ୍‌ରେ ଚମତ୍କାର ପ୍ରଦର୍ଶନ କରିବେ ମାତ୍ର ବ୍ୟାଟିଂ ସହାୟକ ପିଚ୍‌ରେ ଉଭୟଙ୍କ ପ୍ରଦର୍ଶନ ଆଭରେଜ ରହିଥାଏ। ଉଭୟ ଟେଷ୍ଟରେ ଭଲ ବ୍ୟାଟିଂ କରୁଥିବା ବେଳେ ଦିନିକିଆରେ କିନ୍ତୁ ଏହା ସମ୍ପୂର୍ଣ୍ଣ ବିପରୀତ ରହିଛି।

**ସୁଯୋଗ :** ଘରୋଇ ମାଟିରେ ଖେଳୁଥିବାରୁ ବିଶ୍ୱକପ ଜିତିବା ପାଇଁ ଭାରତୀୟ ଦଳ ନିକଟରେ ଏହା ସବୁଠାରୁ ଭଲ ସୁଯୋଗ ରହିଛି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଖେଳାଳିଙ୍କ ନିକଟରେ ରନ୍ ସ୍କୋର କରିବାର ସୁଯୋଗ ରହିଛି। ବିରାଟ କୋହଲି ଦିନିକିଆରେ ୪୭ ଶତକ ହାସଲ କରିଥିବା ବେଳେ ସଚିନ୍ ତେନ୍ଦୁଲକରଙ୍କୁ ଅତିକ୍ରମ କରିବାର ସୁଯୋଗ ରହିଛି।

**ବିପଦ:** ଭାରତୀୟ ଦଳରେ ଏକାଧିକ ବିକଳ୍ପ ହିଁ ବିପଦର ମୁଖ୍ୟ କାରଣ ଅଟେ। ବୋଲିଂ ଆକ୍ରମଣକୁ ନେଇ କିଛି ଦ୍ୱନ୍ଦ୍ୱ ନ ଥିବା ବେଳେ ଏହା ପିଚ୍ ଅନୁସାରେ ପରିବର୍ତ୍ତିତ ହେବ। ଇଶାନ କିଶନଙ୍କ ଅପେକ୍ଷା ଶ୍ରେୟସ ଆୟରଙ୍କୁ ପ୍ରାଥମିକତା ମିଳିବ। ଅନ୍ୟ ପକ୍ଷରେ ଉଇକେଟ କିପର ଭାବରେ ଲୋକେଶ ରାହୁଲଙ୍କୁ ଖେଳାଇବ ମ୍ୟାନେଜମେଣ୍ଟ। ଏହା ମଧ୍ୟରୁ ଗୋଟିଏ ବି କମ୍ବିନେଶନ ବିଫଳ ହେଲେ ଏହା ମ୍ୟାନେଜମେଣ୍ଟ ପାଇଁ ମୁଣ୍ଡବିନ୍ଧାର କାରଣ ହେବ। କିଶନଙ୍କୁ ବାଦ ଦେବା ଦ୍ୱାରା ଯେଉଁ ବାମ ଡାହାଣ ସନ୍ତୁଳନ ରହିବା କଥା ତାହାର ମଧ୍ୟ ଅଭାବ ଅନୁଭୂତ ହେବ। ରାହୁଲ ଓ ଆୟରଙ୍କ ମଧ୍ୟରୁ ଜଣେ ବିଫଳ ହେଲେ ପୁନର୍ବାର ଭାରତୀୟ ବ୍ୟାଟିଂ ଲାଇନଅପ୍ ମାଟି କାମୁଡିବାର ସମ୍ଭାବନା ରହିଛି।

**ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ କ୍ଷେତ୍ର ପ୍ରସ୍ତୁତ। ଗୁରୁବାରଠାରୁ ଆରମ୍ଭ ହେବ କ୍ରିକେଟ ମହାସମର। ୧୦ ଦଳ ମଧ୍ୟରେ ହେବ ଟକ୍କର। ଭାରତର ୧୦ ଗ୍ରାଉଣ୍ଡରେ ନଭେମ୍ବର ୧୯ ପର୍ଯ୍ୟନ୍ତ ହେବ ୪୮ ମ୍ୟାଚ। ଅହମଦାବାଦସ୍ଥିତ ବିଶ୍ୱର ସର୍ବବୃହତ୍ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଆୟୋଜନ ହେବ। ପ୍ରଥମ ମ୍ୟାଚରେ ପରସ୍ପରର ସମ୍ମୁଖୀନ ହେବେ ଗତଥରର ଚାମ୍ପିୟନ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ। ୮ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରୁ ଭାରତ ଏହାର ଅଭିଯାନ ଆରମ୍ଭ କରିବ। ରୋହିତ ଶର୍ମା, ଟେମ୍ବା ବଭୁମା, ପ୍ୟାଟ୍ କୁମିନ୍ସ, ସ୍କଟ ଏଡୱାର୍ଡ୍ସ, କେନ୍ ୱିଲିୟମସନ, ହଶମତୁଲ୍ଲା ଶାହିଦି, ଜୋଶ ବଟଲର, ବାବର ଆଜମ, ଦସୁନ ଶନକା ଓ ଶକିବ ଅଲ୍ ହାସନ ୧୦ ଦଳର ନେତୃତ୍ୱ ନେବେ। ୧୯୮୩ରେ କପିଳ ଦେବ ଓ ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ବିଶ୍ୱକପ ଜିତିଥିଲା। ଏଥର ଘରୋଇ ପରିବେଶରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ସେହି ସଫଳତା ପାଇବା ନେଇ କ୍ରିକେଟପ୍ରେମୀ ଆଶା ରଖିଛନ୍ତି।**

## ମାସ୍କଟ ବ୍ଲେଜ୍, ଟଙ୍କ

କ୍ରିକେଟ ବିଶ୍ୱକପ ପାଇଁ ମାସ୍କଟଙ୍କ ନାମାଙ୍କନ କରାଯାଇଛି। ଲିଙ୍ଗଗତ ସମାନତା ଓ ବିବିଧତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଦୁଇଟି ମାସ୍କଟ ରଖାଯାଇଛି। ପୁରୁଷ ମାସ୍କଟଟି ଟର୍ବୋ ପାୱାର ବ୍ୟାଟ ସହ ବ୍ୟାଟିଂ କରୁଥିବା ବେଳେ ମହିଳା ମାସ୍କଟକୁ ବୋଲିଂର ପ୍ରତୀକ ଭାବରେ ରଖାଯାଇଛି। ପୁରୁଷ ମାସ୍କଟର ନାମ ଟଙ୍କ ରହିଥିବା ବେଳେ ମହିଳା ମାସ୍କଟର ନାମ ବ୍ଲେଜ୍ ରହିଛି। ପ୍ରଥମ ଥର ପାଇଁ ଆଇସିସି ପକ୍ଷରୁ ଫ୍ୟାନ୍ ମାନଙ୍କ ଭୋଟିଂ ଜରିଆରେ ମାସ୍କଟର ଡିଜାଇନ୍ ପ୍ରସ୍ତୁତ କରାଯାଇଥିଲା। ମ୍ୟାଚ୍ ଦିନ ମାନଙ୍କରେ ଷ୍ଟାଡିୟମରେ ଉପସ୍ଥିତ ରହି ଏହି ମାସ୍କଟ ମାନେ ଦର୍ଶକଙ୍କ ମନୋରଞ୍ଜନ କରିବେ।



## ଚାମ୍ପିୟନ ଦଳକୁ ୪ ଲକ୍ଷ ଡଲାର

କ୍ରିକେଟ ବିଶ୍ୱକପ ୨୦୨୩ର ବିଜେତା ଦଳକୁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ ପକ୍ଷରୁ ୪ ଲକ୍ଷ ଡଲାର ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ। ରନର ଅପ୍ ଦଳକୁ ୨ ଲକ୍ଷ ଡଲାର ଅର୍ଥରାଶି ଦିଆଯିବାକୁ ଥିବା ବେଳେ ସେମି ଫାଇନାଲର ଦୁଇ ପରାଜିତ ଦଳଙ୍କୁ ୮୦ ହଜାର ଡଲାର ଲେଖାଏ ପ୍ରଦାନ କରାଯିବ। ଲିଗ୍ ଷ୍ଟେଜ୍‌ରୁ ବିଦାୟ ନେଇଥିବା ୬ ଦଳକୁ ୧ ଲକ୍ଷ ଡଲାର ଲେଖାଏ ପ୍ରଦାନ କରାଯିବ। ସେହିପରି ଲିଗ୍ ପର୍ଯ୍ୟାୟରେ ପ୍ରତି ମ୍ୟାଚର ବିଜେତାକୁ ୪୦ ହଜାର ଡଲାର ପ୍ରଦାନ କରାଯିବ। ସମୁଦାୟ ବିଶ୍ୱକପ ପାଇଁ ୧୦ ଲକ୍ଷ ଡଲାରର ପୁରସ୍କାର ରାଶି ଘୋଷଣା କରାଯାଇଛି।

## ରେକର୍ଡ୍ସ

- ସର୍ବାଧିକ ରନ୍: ସଚିନ ତେନ୍ଦୁଲକର-୨୨୭୮ (୧୯୯୨-୨୦୧୧)
- ସର୍ବାଧିକ ଆଭରେଜ (ଅତିକମ୍‌ରେ ୧୦ ଇନିଂସ): ଲାନ୍ସ କ୍ଲୁଜନର -୧୨୪.୦୦ (୧୯୯୯-୨୦୦୩)
- ସର୍ବାଧିକ ସ୍କୋର: ମାର୍ଟିନ ଗୁପଟିଲ ବନାମ ୱେଷ୍ଟଇଣ୍ଡିଜ-୨୩୭ (୨୦୧୫)
- ସର୍ବାଧିକ ପାର୍ଟନରଶିପ୍: କ୍ରିସ୍ ଗେଲ୍ ଓ ମାର୍ଲୋନ ସାମୁଏଲ୍ସ (ଦ୍ୱିତୀୟ ଉଇକେଟ) ବନାମ ଜିମ୍ବାୱେ-୩୭୨ (୨୦୧୫
- ଗୋଟିଏ ବିଶ୍ୱକପରେ ସର୍ବାଧିକ ରନ: ସଚିନ ତେନ୍ଦୁଲକର-୬୭୩ (୨୦୦୩)
- ସର୍ବାଧିକ ଶତକ: ରୋହିତ ଶର୍ମା-୬ (୨୦୧୫-୨୦୧୯), ସଚିନ ତେନ୍ଦୁଲକର-୬ (୧୯୯୨-୨୦୧୧)
- ଗୋଟିଏ ବିଶ୍ୱକପରେ ସର୍ବାଧିକ ଶତକ: ରୋହିତ ଶର୍ମା-୫ (୨୦୧୯)
- ସର୍ବାଧିକ ଉଇକେଟ: ଗ୍ଲେନ ମ୍ୟାକଗ୍ରା-୭୧ (୧୯୯୬-୨୦୦୭)
- କମ୍ ଆଭରେଜ (ସର୍ବନିମ୍ନ ୪୦୦ ବଲ୍ ବୋଲିଂ): ମିଚେଲ ଷ୍ଟାର୍କ ୧୪.୮୧ (୨୦୧୫-୨୦୧୯)
- ଶ୍ରେଷ୍ଠ ଷ୍ଟ୍ରାଇକ୍‌ହାର (ଅତିକମ୍‌ରେ ୨୦ ଉଇକେଟ): ମହମ୍ମଦ ଶାମି-୧୮.୬ (୨୦୧୫-୨୦୧୯)
- ଶ୍ରେଷ୍ଠ ଇକୋନୋମି (ଅତିକମ୍‌ରେ ୧୦୦୦ ବଲ୍ ବୋଲିଂ): ଆଣ୍ଡି ରବର୍ଟ୍ସ-୩.୨୪ (୧୯୭୫-୧୯୮୩)
- ଶ୍ରେଷ୍ଠ ବୋଲିଂ ଫିଗର: ଗ୍ଲେନ ମ୍ୟାକଗ୍ରା ବନାମ ନାମ୍ବିଆ-୭/୧୫ (୨୦୦୩)
- ଗୋଟିଏ ଟୁର୍ନାମେଣ୍ଟରେ ସର୍ବାଧିକ ଉଇକେଟ: ମିଚେଲ ଷ୍ଟାର୍କ-୨୭ (୨୦୧୯)
- ସର୍ବାଧିକ ଡିସ୍‌ମିଶାଲ (ଉଇକେଟ କିପର): କୁମାର ସଙ୍ଗକାରା-୫୪ (୨୦୦୩-୨୦୧୫)
- ସର୍ବାଧିକ କ୍ୟାଚ (ଫିଲ୍ଡର): ରିକି ପଣ୍ଟିଂ -୨୮ (୧୯୯୬-୨୦୧୧)
- ସର୍ବାଧିକ ଦଳଗତ ସ୍କୋର: ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ-୪୧୭/୬ (୨୦୧୫)
- ସର୍ବନିମ୍ନ ଦଳଗତ ସ୍କୋର: କାନାଡ଼ା ବନାମ ଶ୍ରୀଲଙ୍କା-୩୬ (୨୦୦୩)
- ସର୍ବାଧିକ ବିଜୟ%: ଅଷ୍ଟ୍ରେଲିଆ-୭୪.୭୩%
- ସର୍ବାଧିକ କ୍ରମାଗତ ବିଜୟ: ଅଷ୍ଟ୍ରେଲିଆ -୨୭ (୨୦ ଜୁନ ୧୯୯୯-୧୯ ମାର୍ଚ୍ଚ ୨୦୧୧, ଗୋଟିଏ ବିନା ଫଳାଫଳକୁ ବାଦ୍ ଦିଆଯାଇଛି)
- ସର୍ବାଧିକ କ୍ରମାଗତ ଟୁର୍ନାମେଣ୍ଟ ବିଜୟ: ଅଷ୍ଟ୍ରେଲିଆ-୩ (୧୯୯୯-୨୦୦୭)

## ଏମାନଙ୍କ ପାଇଁ ହୋଇପାରେ ଶେଷ ବିଶ୍ୱକପ୍

ବାର ବର୍ଷ ପରେ ଭାରତ ୨୦୨୩ ଦିନିକିଆ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଭାରତ ଗତଥର ନିଜ ମାଟିରେ ୨୦୧୧ରେ ଏମ୍.ଏସ୍. ଧୋନୀଙ୍କ ଅଧିନାୟକତ୍ୱରେ ବିଶ୍ୱକପ୍ ଜିତିଥିଲା। ବିଶ୍ୱକପ୍ ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବ। ସେଦିନ ଅହମଦାବାଦସ୍ଥିତ ବିଶ୍ୱର ସର୍ବବୃହତ୍ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ୨୦୧୯ ବିଶ୍ୱକପ୍ ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ। ଭାରତୀୟ ଦଳ ଏହାର ପ୍ରଥମ ମ୍ୟାଚ ଚେନ୍ନାଇସ୍ଥିତ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। ଦଳ ଅକ୍ଟୋବର ୧୪ରେ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଅହମଦାବାଦରେ ଖେଳିବ। ଯେଉଁ ଖେଳାଳିମାନଙ୍କର ଏହା ଶେଷ ବିଶ୍ୱକପ୍ ହେବ ବୋଲି ଅନୁମାନ କରାଯାଉଛି ତା' ଉପରେ ଏକ ନଜର...

### ରୋହିତ ଶର୍ମା

ଭାରତୀୟ ଅଧିନାୟକ ରୋହିତ ଶର୍ମା ଦଶନ୍ଧି ଧରି ଭାରତୀୟ ଟପ୍ ଅର୍ଡରର ମେରୁଦଣ୍ଡ ରହି ଆସିଛନ୍ତି। ଖରାପ ଫର୍ମ ଯୋଗୁ ସେ ୨୦୧୧ ବିଶ୍ୱକପ୍ ଖେଳିବାରୁ ବଞ୍ଚିତ ହୋଇଥିଲେ। ସେ କିନ୍ତୁ ୨୦୧୫ ବିଶ୍ୱକପ୍ ପାଇଁ ମନୋନୀତ ହୋଇଥିଲେ। ୨୦୧୯ରେ ସେ ଉପ ଅଧିନାୟକ ରହିଥିଲେ। ବିଶ୍ୱକପ୍‌ର ଏହି ସଂସ୍କରଣରେ ସେ ଥିଲେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର। ୨୦୨୭ ପରବର୍ତ୍ତୀ ବିଶ୍ୱକପ୍ ପୂର୍ବରୁ ସେ ହୁଏତ ଅବସର ନେଇଯାଇ ପାରନ୍ତି।

### ଡେଭିଡ୍ ୱାର୍ନର



ଅଷ୍ଟ୍ରେଲିଆର ଅନ୍ୟତମ ଶ୍ରେଷ୍ଠ ରନ ସ୍କୋରର ବ୍ୟାଟର ହେଉଛନ୍ତି ଡେଭିଡ ୱାର୍ନର। ଏହି ବାମହାତୀ ବ୍ୟାଟର ୨୦୧୫ ଓ ୨୦୧୯ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆରୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୯ ବିଶ୍ୱକପ୍‌ରେ ସେ ଅଷ୍ଟ୍ରେଲିଆର ସର୍ବାଧିକ ରନ ସ୍କୋରର ବିବେଚିତ ହୋଇଥିଲେ। ମୋଟ ଉପରେ ରୋହିତ ଶର୍ମାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେ ମଧ୍ୟ ଚଳିତବର୍ଷ ପ୍ରାରମ୍ଭରେ ତାଙ୍କ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି।

### ରବିଚନ୍ଦ୍ରନ ଅଶ୍ୱିନ



୩ ମାସ ପୂର୍ବେ ଯଦି ଜଣେ କେହି କହିଥାନ୍ତା ଅଶ୍ୱିନ ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ, ଅଧିକାଂଶ ହୁଏତ ତାହାକୁ ବିଶ୍ୱାସ କରି ନ ଥାନ୍ତେ। ଆଘାତପ୍ରାପ୍ତ ଅକ୍ଷର ପଟେଲଙ୍କ ସ୍ଥାନରେ ତାଙ୍କୁ ଦଳରେ ସୁଯୋଗ ମିଳିଛି। ସେ ୨୦୧୧ ଓ ୨୦୧୫ ବିଶ୍ୱକପ୍ ଖେଳି ସାରିଛନ୍ତି। କିନ୍ତୁ ୨୦୧୯ ଦଳରେ ତାଙ୍କୁ ସ୍ଥାନ ମିଳି ନ ଥିଲା। ଇଂଲଣ୍ଡ ବିପକ୍ଷ ୱାର୍ମଅପ୍‌ରେ ସେ ସୂଚନା ଦେଇଥିଲେ ଯେ, ସେ ତାଙ୍କ ଶେଷ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି।

### ଶକିବ ଅଲ୍ ହସନ

ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହସନ ଚଳିତବର୍ଷ ତାଙ୍କ ଅନ୍ତିମ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ୨୦୦୭, ୨୦୧୧, ୨୦୧୫ ଓ ୨୦୧୯ ବିଶ୍ୱକପ୍‌ରେ ସେ ଅଂଶଗ୍ରହଣ କରିସାରିଛନ୍ତି। ୨୦୧୧ରେ ଦଳର ନେତୃତ୍ୱ ନେବା ପରେ ପୁଣି ୨୦୨୩ରେ ଅଧିନାୟକ ପଦକୁ ଫେରିବାରେ ସେ ପ୍ରଥମ ଖେଳାଳି। ନିକଟରେ ସେ ତାଙ୍କ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି।

### ବେନ୍ ଷ୍ଟୋକ୍ସ

ବିଶ୍ୱକପ୍ ୨୦୧୯ ଫାଇନାଲର ଷ୍ଟାର ଖେଳାଳି ହେଉଛନ୍ତି ବେନ୍ ଷ୍ଟୋକ୍ସ। ଇଂଲଣ୍ଡକୁ ବିଶ୍ୱକପ୍ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଫାଇନାଲରେ ତାଙ୍କର ଖେଳ ଏତେ ପ୍ରଭାବଶାଳୀ ଥିଲା ଯେ ଇଂଲଣ୍ଡ କ୍ରିକେଟ ଦଳର ଅନୁରୋଧକ୍ରମେ ସେ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ ଦିନିକିଆ ଅବସରରୁ ସେ ପୁଣି ଖେଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱକପ୍ ପରେ ସେ ଅନ୍ତର୍ଜାତୀୟ ଦିନିକିଆରୁ ପୁନର୍ବାର ଅବସର ନେଇପାରନ୍ତି।

## କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୫ ଅକ୍ଟୋବର | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଅହମଦାବାଦ |
| ୬ ଅକ୍ଟୋବର | ପାକିସ୍ତାନ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୭ ଅକ୍ଟୋବର | ବାଂଲାଦେଶ ବନାମ ଆଫଗାନିସ୍ତାନ | ଧର୍ମଶାଳା |
| ୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| **୮ ଅକ୍ଟୋବର** | **ଭାରତ ବନାମ ଅଷ୍ଟ୍ରେଲିଆ** | **ଚେନ୍ନାଇ** |
| ୯ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୧୦ ଅକ୍ଟୋବର | ଇଂଲଣ୍ଡ ବନାମ ବାଂଲାଦେଶ | ଧର୍ମଶାଳା |
| ୧୦ ଅକ୍ଟୋବର | ପାକିସ୍ତାନ ବନାମ ଶ୍ରୀଲଙ୍କା | ହାଇଦ୍ରାବାଦ |
| **୧୧ ଅକ୍ଟୋବର** | **ଭାରତ ବନାମ ଆଫଗାନିସ୍ତାନ** | **ଦିଲ୍ଲୀ** |
| ୧୨ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ଲକ୍ଷ୍ନୌ |
| ୧୩ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ | ଚେନ୍ନାଇ |
| **୧୪ ଅକ୍ଟୋବର** | **ଭାରତ ବନାମ ପାକିସ୍ତାନ** | **ଅହମଦାବାଦ** |
| ୧୫ ଅକ୍ଟୋବର | ଇଂଲଣ୍ଡ ବନାମ ଆଫଗାନିସ୍ତାନ | ଦିଲ୍ଲୀ |
| ୧୬ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| ୧୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ନେଦରଲାଣ୍ଡ୍ସ | ଧର୍ମଶାଳା |
| ୧୮ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| **୧୯ ଅକ୍ଟୋବର** | **ଭାରତ ବନାମ ବାଂଲାଦେଶ** | **ପୁଣେ** |
| ୨୦ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| ୨୧ ଅକ୍ଟୋବର | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ମୁମ୍ବାଇ |
| ୨୧ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| **୨୨ ଅକ୍ଟୋବର** | **ଭାରତ ବନାମ ନ୍ୟୁଜିଲାଣ୍ଡ** | **ଧର୍ମଶାଳା** |
| ୨୩ ଅକ୍ଟୋବର | ପାକିସ୍ତାନ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| ୨୪ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ମୁମ୍ବାଇ |
| ୨୫ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ଦିଲ୍ଲୀ |
| ୨୬ ଅକ୍ଟୋବର | ଇଂଲଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୨୭ ଅକ୍ଟୋବର | ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା | ଚେନ୍ନାଇ |
| ୨୮ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ବାଂଲାଦେଶ | କୋଲକାତା |
| ୨୮ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ | ଧର୍ମଶାଳା |
| **୨୯ ଅକ୍ଟୋବର** | **ଭାରତ ବନାମ ଇଂଲଣ୍ଡ** | **ଲକ୍ଷ୍ନୌ** |
| ୩୦ ଅକ୍ଟୋବର | ଆଫଗାନିସ୍ତାନ ବନାମ ଶ୍ରୀଲଙ୍କା | ପୁଣେ |
| ୩୧ ଅକ୍ଟୋବର | ପାକିସ୍ତାନ ବନାମ ବାଂଲାଦେଶ | କୋଲକାତା |
| ୧ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ପୁଣେ |
| **୨ ନଭେମ୍ବର** | **ଭାରତ ବନାମ ଶ୍ରୀଲଙ୍କା** | **ମୁମ୍ବାଇ** |
| ୩ ନଭେମ୍ବର | ନେଦରଲାଣ୍ଡ୍ସ ବନାମ ଆଫଗାନିସ୍ତାନ | ଲକ୍ଷ୍ନୌ |
| ୪ ନଭେମ୍ବର | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅହମଦାବାଦ |
| ୪ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| **୫ ନଭେମ୍ବର** | **ଭାରତ ବନାମ ଦକ୍ଷିଣ ଆଫ୍ରିକା** | **କୋଲକାତା** |
| ୬ ନଭେମ୍ବର | ବାଂଲାଦେଶ ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| ୭ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ | ମୁମ୍ବାଇ |
| ୮ ନଭେମ୍ବର | ଇଂଲଣ୍ଡ ବନାମ ନେଦରଲାଣ୍ଡ୍ସ | ପୁଣେ |
| ୯ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧୦ ନଭେମ୍ବର | ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ | ଅହମଦାବାଦ |
| ୧୧ ନଭେମ୍ବର | ଇଂଲଣ୍ଡ ବନାମ ପାକିସ୍ତାନ | କୋଲକାତା |
| ୧୧ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ବାଂଲାଦେଶ | ପୁଣେ |
| **୧୨ ନଭେମ୍ବର** | **ଭାରତ ବନାମ ନେଦରଲାଣ୍ଡ୍ସ** | **ବେଙ୍ଗାଲୁରୁ** |
| ୧୫ ନଭେମ୍ବର | ସେମି ଫାଇନାଲ-୧ | ମୁମ୍ବାଇ |
| ୧୬ ନଭେମ୍ବର | ସେମି ଫାଇନାଲ-୨ | କୋଲକାତା |
| **୧୯ ନଭେମ୍ବର** | **ଫାଇନାଲ** | **ଅହମଦାବାଦ** |





## ୧୦ ଷ୍ଟାଡିୟମ

**୧** ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମ, ଅହମଦାବାଦ।
ସ୍ଥାପନା: ୧୯୮୨
ଦର୍ଶକ କ୍ଷମତା: ୧,୩୨,୦୦୦
ମ୍ୟାଚ୍ ସଂଖ୍ୟା: ୫(ଫାଇନାଲ ସମେତ)

**୨** ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ, ହାଇଦ୍ରାବାଦ।
ସ୍ଥାପନା: ୨୦୦୪
ଦର୍ଶକ କ୍ଷମତା: ୩୮,୦୦୦
ମ୍ୟାଚ୍ ସଂଖ୍ୟା: ୪(୩ ବିଶ୍ୱକପ ଓ ୧ ୱାର୍ମ ଅପ୍)

**୩** ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ ଷ୍ଟାଡିୟମ, ଧର୍ମଶାଳା।
ସ୍ଥାପନା: ୨୦୦୩
ଦର୍ଶକ କ୍ଷମତା: ୨୩,୦୦୦
ମ୍ୟାଚ୍ ସଂଖ୍ୟା: ୫

**୪** ଅରୁଣ ଜେଟ୍‌ଲୀ ଷ୍ଟାଡିୟମ,ଦିଲ୍ଲୀ।
ସ୍ଥାପନା: ୧୮୮୩
ଦର୍ଶକ କ୍ଷମତା: ୪୮,୦୦୦
ମ୍ୟାଚ୍ ସଂଖ୍ୟା: ୫

**୫** ଏମ୍. ଏ. ଚିଦାମ୍ବରମ ଷ୍ଟାଡିୟମ, ଚେନ୍ନାଇ।
ଦର୍ଶକ କ୍ଷମତା: ୫୫,୦୦୦
ମ୍ୟାଚ୍ ସଂଖ୍ୟା: ୫

**୬** ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପାୟୀ ଏକାନା କ୍ରିକେଟ ଷ୍ଟାଡିୟମ, ଲକ୍ଷ୍ନୌ।
ସ୍ଥାପନା: ୨୦୧୭
ଦର୍ଶକ କ୍ଷମତା: ୫୦,୦୦୦
ମ୍ୟାଚ୍ ସଂଖ୍ୟା: ୫

**୭** ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମ, ପୁଣେ।
ସ୍ଥାପନା: ୨୦୧୧
ଦର୍ଶକ କ୍ଷମତା: ୩୭,୦୦୦
ମ୍ୟାଚ୍ ସଂଖ୍ୟା: ୫

**୮** ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ, ବେଙ୍ଗାଲୁରୁ।
ସ୍ଥାପନା: ୧୯୬୯
ଦର୍ଶକ କ୍ଷମତା: ୪୦,୦୦୦
ମ୍ୟାଚ୍ ସଂଖ୍ୟା: ୫

**୯** ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ।
ସ୍ଥାପନା: ୧୯୭୪
ଦର୍ଶକ କ୍ଷମତା: ୩୩,୦୦୦
ମ୍ୟାଚ୍ ସଂଖ୍ୟା: ୫(ପ୍ରଥମ ସେମି ଫାଇନାଲ)।

**୧୦** ଇଡେନ୍ ଗାର୍ଡେନ୍ସ, କୋଲକାତା
ସ୍ଥାପନା: ୧୮୬୪
ଦର୍ଶକ କ୍ଷମତା: ୬୩,୦୦୦
ମ୍ୟାଚ୍ ସଂଖ୍ୟା: ୫(ଦ୍ୱିତୀୟ ସେମି ଫାଇନାଲ)।





## ସଂକ୍ଷେପରେ

### ଆଜି ୪ ଘଣ୍ଟା ବନ୍ଦ ରହିବ ସାଧାରଣ ଦର୍ଶନ

**ମହାପ୍ରଭୁଙ୍କ ବନକଲାଗି ନୀତି ହେବ**

**ପୁରୀ, ୪।୧୦(ଅଜିତ୍ ମହାନ୍ତି):** ଶ୍ରୀମନ୍ଦିରରେ ଗୁରୁବାର ଶ୍ରୀବିଗ୍ରହ ମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଦଉମହାପାତ୍ର ସେବକମାନେ ଏହି ଗୁପ୍ତ ନୀତି ସମ୍ପାଦନ କରିବେ। ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦଉମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ। ବନକଲାଗି ନୀତି ପାଇଁ ଗୁରୁବାର ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୬ରୁ ଦ୍ୱିତୀୟ ପର୍ଯ୍ୟାୟ ବିଏଡ୍, ଏମ୍ଏଡ୍ ନାମଲେଖା ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା):** ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୨ବର୍ଷିଆ ବିଏଡ୍, ଏମ୍ଏଡ୍ ଏବଂ ବିଏଡ୍ଏଡ୍ ପାଠ୍ୟକ୍ରମ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ଆସନ୍ତା ୬ ତାରିଖ ଅପରାହ୍ନ ୫ଟାରେ ୱେଟିଙ୍ଗ ଲିଷ୍ଟ ପ୍ରକାଶ ପାଇବ। ୭ରୁ ୯ ତାରିଖ ମଧ୍ୟରେ ଆବେଦନକାରୀ କମନ୍ ଆପ୍ଲିକେଶନ ଫର୍ମ ସହ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଦାଖଲ କରିବେ। ୧୨ ତାରିଖରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବା ସହ ମନୋନୀତ ଛାତ୍ରୀଛାତ୍ରଙ୍କୁ ଏସ୍ଏମ୍ଏସ୍ ବା ହ୍ୱାଟସଆପ୍ ମାଧ୍ୟମରେ ସୂଚିତ କରାଯିବ। ୧୩ରୁ ୧୬ ତାରିଖ ମଧ୍ୟରେ ନାମଲେଖା ଦେୟ ଦେଇ ମନୋନୀତ ଆବେଦନକାରୀ ନାମ ଲେଖାଇପାରିବେ। ୧୭ ତାରିଖରେ ଶିକ୍ଷାନୁଷ୍ଠାନଗୁଡ଼ିକ ଇ-ସ୍ପେସ୍‌ରେ ନାମଲେଖା ସମ୍ପର୍କିତ ତଥ୍ୟ ଦାଖଲ କରିବେ। ସୂଚନାଥାଉକି, ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ କେତେକ ଶିକ୍ଷାନୁଷ୍ଠାନରେ ସିଟ୍ ଖାଲି ପଡ଼ିବାରୁ ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସଂପୃକ୍ତ ବିଶ୍ୱବିଦ୍ୟାଳୟର ପିଜି କାଉନ୍ସିଲ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯିବା ସହ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଟିଚର୍ସ ଏଜୁକେଶନ ପ୍ରବେଶିକା ପରୀକ୍ଷା ଦେଇଥିବା ଆଶାୟୀ ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇ ନ ଥିଲେ ଦ୍ୱିତୀୟ ପର୍ଯ୍ୟାୟରେ ସେମାନଙ୍କୁ ବିଚାରକୁ ନିଆଯିବ। ତେବେ କେଉଁମାନେ ଯୋଗ୍ୟ ସେସମ୍ପର୍କରେ ସାମସ୍ ପୋର୍ଟାଲରେ 'ନୋ ୟୋର ୱେଟିଙ୍ଗ୍ ଷ୍ଟାଟସ୍'ରେ କ୍ଲିକ୍ କରି ଜାଣିପାରିବେ। ଏଥିପାଇଁ ବାରକୋଡ୍ ନମ୍ବର ଏବଂ ପଞ୍ଜୀକୃତ ମୋବାଇଲ ନମ୍ବର ଦେବାକୁ ପଡ଼ିବ।

# ସାରା ରାଜ୍ୟକୁ ବ୍ୟାପିଗଲାଣି ସ୍କ୍ରବ୍ ଟାଇଫସ୍

ଭୁବନେଶ୍ୱର, ୪।୧୦ (ବନ୍ଦନା ସେଠୀ)

ରାଜ୍ୟର ଦୁଇତିନୋଟି ଜିଲାକୁ ଛାଡି ସବୁଆଡେ ସ୍କ୍ରବ୍ ଟାଇଫସ୍ ରୋଗ ମାଡି ଗଲାଣି। ଗ୍ରାମାଞ୍ଚଳ ସମେତ ସହରାଞ୍ଚଳରେ ମଧ୍ୟ ଏହି ରୋଗ ତା'ର ପ୍ରାଦୁର୍ଭାବ ଦେଖାଇବାରେ ଲାଗିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୨ ହଜାର ୭୭ ଜଣଙ୍କର ସ୍କ୍ରବ୍ ଟାଇଫସ ପରୀକ୍ଷା ହୋଇଛି। ଏଥିମଧ୍ୟରୁ ୨୮୨୦ ଜଣ ସ୍କ୍ରବ୍ ଟାଇଫସ ପଜିଟିଭ ଚିହ୍ନଟ ହୋଇଛନ୍ତି। କେନ୍ଦ୍ରୀୟ ଟିମ୍ ସ୍କ୍ରବ୍ ଟାଇଫସ ସମୀକ୍ଷା କରିବାକୁ ବରଗଡ଼, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର ଜିଲା ସହ ବୁର୍ଲା ମେଡିକାଲ ଯାଇଥିଲେ। ୨୦୧୯ରୁ ଓଡ଼ିଶା ସ୍କ୍ରବ୍ ଟାଇଫସ୍ ଟେଷ୍ଟିଂ କରୁଥିବାରୁ ଏହି ଟିମ୍ ରାଜ୍ୟର ମୁକାବିଲା ପଦକ୍ଷେପକୁ ପ୍ରଶଂସା କରିଥିଲେ। କେନ୍ଦ୍ରୀୟ ଟିମ୍ ସେଠାରୁ ଯାଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ।

**୨୨ ହଜାର ୭୭ ନମୁନାରୁ ୨୮୨୦ ପଜିଟିଭ୍**



ତେବେ ଟେଷ୍ଟିଂ ବଢାଇବା ସହ ଶୀଘ୍ର ଚିହ୍ନଟ ପାଇଁ କେନ୍ଦ୍ରୀୟ ଟିମ୍ ମୌଖିକ ଭାବେ ପରାମର୍ଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଲିଖିତ ସୁପାରିସ ଦେବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଏଥିସହ ରାଜ୍ୟ ସରକାରଙ୍କ ଟିମ୍ ବରଗଡ଼ ଓ ସୁନ୍ଦରଗଡ଼ ଯାଇ ମୃତ୍ୟୁ ଘଟଣାର ଯାଞ୍ଚ କରିଥିଲେ। ଘରୋଇ ହସ୍ପିଟାଲରେ ଅନେକଙ୍କ ମୃତ୍ୟୁ ହୋଇଛି। କେବଳ ଏଲିଶା ଟେଷ୍ଟିଂ ଦ୍ୱାରା ପ୍ରକୃତ ସ୍କ୍ରବ୍ ଟାଇଫସ୍ ରୋଗ ଚିହ୍ନଟ ହୋଇ ପାରୁଥିବାବେଳେ ଘରୋଇ ହସ୍ପିଟାଲରେ ଏଲିଶା ବଦଳରେ ରାପିଡ୍ ଟେଷ୍ଟ ହେଉଛି। ତେଣୁ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚିଗର ନାମକ ଏକ ପୋକ କାମୁଡ଼ାରୁ ଏହି ରୋଗ ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯିବା ସହ ବିଲ ବା ଜଙ୍ଗଲକୁ ଗଲେ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି।

### କୃଷି ସଚିବ ଅରବିନ୍ଦ ପାଢ଼ୀ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ

ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)



କୃଷି ସଚିବ ଅରବିନ୍ଦ ପାଢ଼ୀ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଦୁଇଦିନ ତଳେ ସେ ନମୁନା ପରୀକ୍ଷା କରାଇଥିଲେ। ବୁଧବାର ରିପୋର୍ଟ ପଜିଟିଭ ଆସିଛି। ପାଢ଼ୀ ବର୍ତ୍ତମାନ ଘରେ ରହି ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। କେବଳ ଗାଁ ଗଣ୍ଡା ନୁହେଁ ସହରାଞ୍ଚଳରେ ବି ଚିନ୍ତା ବଢ଼ାଇଲାଣି ସ୍କ୍ରବ୍ ଟାଇଫସ୍। ଚଳିତବର୍ଷ ସ୍କ୍ରବ୍ ଟାଇଫସ୍ କାହିଁକି ଏତେ ବଢିଲା, ତାହା ଅନେକଙ୍କୁ ଚିନ୍ତାରେ ପକାଇଛି। ନିକଟରେ କେନ୍ଦ୍ରୀୟ ଟିମ୍ ସ୍କ୍ରବ୍ ଟାଇଫସ୍‌ର ସ୍ଥିତି ଅନୁଧ୍ୟାନ ପାଇଁ ଓଡ଼ିଶା ଗସ୍ତରେ ଆସିଥିଲେ। ତଦାରଖ ପରେ ଏ ବିଷୟରେ ସ୍ୱାସ୍ଥ୍ୟ ବିଭାଗ ସହିତ ଆଲୋଚନା କରିବା ସହିତ ପରାମର୍ଶ ଦେଇଥିବା ଜଣାପଡ଼ିଛି।




ଏସିଆନ୍ ଗେମ୍ସ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ପାଇଥିବା ହରିୟାଣାର ନୀରଜ ଚୋପ୍ରା ଏବଂ ରୌପ୍ୟ ପଦକ ଜିତିଥିବା ଓଡ଼ିଶାର କିଶୋର କୁମାର ଜେନାଙ୍କୁ ଶୁଭେଚ୍ଛା ଜଣାଇ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

### ଗଣେଶ ଭସାଣି ବେଳେ ମାଡ଼ିଗଲା ଟ୍ରକ୍, ଯୁବକ ମୃତ

ମାଣିଆବନ୍ଧ, ୪।୧୦
(ଅଖିଳ କୁମାର ସାହୁ)

ଗଣେଶ ମୂର୍ତ୍ତି ଭସାଣି ଉତ୍ସବ ସମୟରେ ବୁଧବାର ଗହଳି ଭିତରେ ଟ୍ରକ୍ ଚକ ତଳେ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମାଣିଆବନ୍ଧ ଥାନା ଅନ୍ତର୍ଗତ ଅଭିମାନପୁର ଶବରସାହିର ଗଣେଶ ମୂର୍ତ୍ତି ଭସାଣି ଚାଲିଥିବା ବେଳେ ୬୫ ନଂ. ରାଜ୍ୟ ରାଜପଥର ଅଭିମାନପୁର ଛକଠାରେ ରାତି ପ୍ରାୟ ୯ଟାରେ ଭସାଣି ଗହଳି ମଧ୍ୟରେ ୧୨ ଚକିଆ ଟ୍ରକ୍ ଅତିକ୍ରମ କରୁଥିଲା। ଏହି ସମୟରେ ଟ୍ରକ୍ ଚକ ତଳେ ପଡ଼ି ଚାପି ହୋଇ ସୁନୀଲ କୁମାର ଦେହୁରୀ ଓରଫ ବାପି (୩୦) ଗୁରୁତର ହୋଇଥିଲେ। ଦୁର୍ଘଟଣା ସ୍ଥଳରୁ ସ୍ଥାନୀୟ ଲୋକମାନେ ସୁନୀଲଙ୍କୁ ଗୁରୁତର ଅବସ୍ଥାରେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉତ୍ତେଜିତ ଲୋକେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରକୁ ମାଡ଼ ମାରି ଗୁରୁତର କରି ଦେଇଛନ୍ତି। ଖବରପାଇ ଘଟଣାସ୍ଥଳରେ ଥାନା ଅଧିକାରୀ ବସନ୍ତ କୁମାର ଶତପଥୀ ସଦଳବଳ ପହଞ୍ଚି ଡ୍ରାଇଭରକୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ପୋଲିସ ଡ୍ରାଇଭର ଓ ଟ୍ରକ୍‌କୁ ଥାନାରେ ଅଟକ ରଖିଛନ୍ତି।

## 'ସାଇବର ଅପରାଧ ଡିଜିଟାଲ୍ ଦୁନିଆର ମେରୁଦଣ୍ଡ ଦୁର୍ବଳ କରୁଛି'

ଭୁବନେଶ୍ୱର,୪।୧୦
(ଅନୁରାଧା ମହାରଣା)

**ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ୱେବିନାର୍**

ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ଏନ୍ଏସ୍ଏସ୍ ସେଲ୍ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ବୁଧବାର ସାଇବର ସୁରକ୍ଷା ସଚେତନତା ୱେବିନାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ କହିଲେ, ସାଇବର ଅପରାଧ ଡିଜିଟାଲ୍ ଦୁନିଆର ମେରୁଦଣ୍ଡକୁ ଦୁର୍ବଳ କରିଦେଉଛି। ତେଣୁ ଓଡ଼ିଶା ସରକାରଙ୍କ ଦ୍ୱାରା ୩୪ଟି ସାଇବର ରଥର ଶୁଭାରମ୍ଭ କରାଯାଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ମୁଖ୍ୟ ଅତିଥି ଭାବେ କ୍ରାଇମ୍‌ବ୍ରାଞ୍ଚ ଆଇଜି ସଫିନ୍ ଅହମଦ୍ କହିଲେ, ସଚେତନତା ଅଭାବ ଏବଂ ଅଳ୍ପ ସମୟ ମଧ୍ୟରେ ଅଧିକ ରୋଜଗାର କରିବାର ଇଚ୍ଛା ଆଜିର ଇଣ୍ଟରନେଟ୍ ଦୁନିଆରେ ସ୍ମାର୍ଟଫୋନ୍ ସହ ଜଡ଼ିତ ସାଇବର ଅପରାଧ ବଢ଼ିବାର ପ୍ରମୁଖ କାରଣ । ଆମେ ନିଜେ ଏପରି ଠକାମି ବାବଦରେ ବୁଝିପାରିଲେ ଗାଁଗହଳିର ଲୋକଙ୍କୁ ଏ ବିଷୟରେ ଅଧିକ ଜାଗରୁକ କରିପାରିବା ବୋଲି ସେ କହିଥିଲେ। ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ସହକାରୀ ପୋଲିସ୍ କମିଶନର ଅଞ୍ଜନା ଟୁଡୁ ବିଭିନ୍ନ କଲେଜର ପ୍ରାୟ ୭୦୦ ଛାତ୍ରୀଛାତ୍ରଙ୍କୁ ସାଇବର ସୁରକ୍ଷା ସଚେତନତା ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ସେ କହିଲେ, ଇଣ୍ଟରନେଟ୍ ହେଉଛି ଦୁଇଧାରିଆ ଅସ୍ତ୍ର। ଭାରତରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୪୭ ପ୍ରତିଶତ ରହିଛି। ଏଥିରୁ ଉପୁଜୁଥିବା ଅପରାଧର ସଂଖ୍ୟା ୪୦ ପ୍ରତିଶତ। ଲୋଭ, ମୋହ, ପ୍ରତିଶୋଧ ପରାୟଣ ମନୋଭାବ ଯୋଗୁ ସାଇବର ଅପରାଧ ସଂଖ୍ୟା ଅଧିକ ମାତ୍ରାରେ ବଢୁଛି। ଏହାକୁ ପ୍ରତିରୋଧ କରିବା ପାଇଁ ଆମେ ସଚେତନ ହେବା ସହ ଆବଶ୍ୟକ ସ୍ଥଳେ ସାଇବର ଥାନାର ଆଶ୍ରୟ ନେବାକୁ ସେ ପରାମର୍ଶ ଦେଇଥିଲେ। ଆଇଟି ଆକ୍ଟ, ପୋକ୍ସୋ ଆକ୍ଟ, ଆଇପିସି ଆକ୍ଟ ତଥା ସାଇବର ସିକ୍ୟୁରିଟି ପୋଲିସ ଜରିଆରେ ଥାନାରେ ମାମଲା ରୁଜୁ କରାଯାଇପାରିବ ବୋଲି ସୂଚନା ଦେଇଥିଲେ। ଅନ୍‌ଲାଇନରେ cybercrime.gov.in କିମ୍ବା ୧୯୩୦କୁ ଡାଏଲ୍ କରି ଜଣେ ଏତଲା ଦାଏର କରିପାରିବ । ରାଜ୍ୟ ଏନ୍ଏସ୍ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏନ୍ଏସ୍ଏସ୍ ଅଫିସର ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# 'ଆଗକୁ ଚନ୍ଦ୍ରୟାନ-୪, ୫, ୬ ମହାକାଶକୁ ପଠାଯିବ'

ପୁରୀ, ୪।୧୦(ଅଜିତ ମହାନ୍ତି)

ବୈଦିକ ଗଣିତ ଓ ସଂସ୍କୃତ ହେଉଛି ଇସ୍ରୋ ସଫଳତାର ମୂଳସୂତ୍ର। ଏହାକୁ ଆଗକୁ ନେଇ ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ସଭା ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସୁମିତ୍ରା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଏମ୍ଏମ୍‌ଟି - ସିଏସ୍ଆଇଆର୍ ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏବଂ ଇସ୍ରୋ ଶ୍ରୀହରିକୋଟା ଅନ୍ତରୀକ୍ଷ ଗବେଷଣା କେନ୍ଦ୍ରର ଡେପୁଟି ନିର୍ଦ୍ଦେଶକ ପି.ସୁନୀଲ ଯୋଗଦାନ କରିଥିଲେ। ଅତିଥିମାନେ ମହାକାଶ ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ଚନ୍ଦ୍ରୟାନ-୩ର ସଫଳ ରୂପାୟନ, ଆଦିତ୍ୟ ଏଲ୍-୧ ବିଷୟରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ସେହିଭଳି ସଂସ୍କୃତ ଭାଷା ବହୁ ପୁରାତନ ଏବଂ ସମସ୍ତ ଭାଷାର ଜନନୀ ବୋଲି ପ୍ରକାଶ କରିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁ ହାଇଦ୍ରାବାଦରେ ହେବାକୁ ଥିବା ଆଇଏମ୍ଏମ୍‌ଟି ଓଡ଼ିଶାରେ ପ୍ରତିଷ୍ଠା ହୋଇପାରିଛି ବୋଲି ଡ. ରାମାନୁଜ ନାରାୟଣ କହିଥିଲେ। ଟିଭି ସାଟେଲାଇଟ ଠାରୁ ଆରମ୍ଭ କରି ରକେଟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଇସ୍ରୋର ଅବଦାନ ରହିଛି। ଗଣମାଧ୍ୟମ ଓ ବୈଜ୍ଞାନିକ ଏକ ହେଲେ ଆଶ୍ଚର୍ଯ୍ୟ ଘଟିବ। ସଂସ୍କୃତ ସହ ମହାକାଶ ବିଜ୍ଞାନ ଅଧ୍ୟୟନ କଲେ ଛାତ୍ରୀଛାତ୍ର ଅସମ୍ଭବକୁ ସମ୍ଭବ କରିପାରିବେ। କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ବିଶ୍ୱରେ ଇସ୍ରୋର ଭୂମିକା ବିଷୟରେ ଜାଣିବା ସହ ଇସ୍ରୋ ବୈଜ୍ଞାନିକଙ୍କ ଦ୍ୱାରା ଚନ୍ଦ୍ରଯାନର ସଫଳତାକୁ ନେଇ ବେଶ୍ ଅନୁପ୍ରାଣିତ ହୋଇଛନ୍ତି। ଆଗକୁ ଇସ୍ରୋର ଏହି ପ୍ରୟାସ ଜାରି ରହିବା ସହ ଚନ୍ଦ୍ରଯାନ ୪,୫,୬ ମଧ୍ୟ ମହାକାଶକୁ ପଠାଯିବ ଓ ଇସ୍ରୋରେ ଓଡିଶାର ପ୍ରମୁଖ ଅବଦାନ ରହିଥିବା ଇସ୍ରୋର ଡେପୁଟି ଡାଇରେକ୍ଟର ପି.ସୁନୀଲ କହିଥିଲେ। କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ କୁଳପତି ରବୀନ୍ଦ୍ର କୁମାର ପଣ୍ଡା ଏବଂ ବିଶ୍ୱ ଅନ୍ତରୀକ୍ଷ ସପ୍ତାହ କାର୍ଯ୍ୟକ୍ରମ କମିଟିର ଅଧ୍ୟକ୍ଷ ଅମିତାଭ ମହାନ୍ତି ଯୋଗଦେଇଥିଲେ। ସତୀଶ ଧାୱାନ ସ୍ପେସ୍ ସେଣ୍ଟର ଶ୍ରୀହରିକୋଟା ନାମରେ ଏକ ପତ୍ରିକା ଉନ୍ମୋଚନ ହୋଇଥିଲା। ସେହିପରି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏକ ଟିଜର ଦେଖାଯାଇଥିଲା। ସଭା ଶେଷରେ ସତୀଶ୍ ଧାୱନ ସ୍ପେସ ସେଣ୍ଟର (ଇସ୍ରୋ) ଉପମୁଖ୍ୟ ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପରେ ଅନ୍ତରୀକ୍ଷ ବିଜ୍ଞାନକୁ ନେଇ ପ୍ରଦର୍ଶନୀ ଓ ମଡେଲ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିଥିଲେ। ଏଥିରେ ଆର୍ଯ୍ୟଭଟ୍ଟଙ୍କ ଗାଣିତିକ ସୂତ୍ରଠାରୁ ଆରମ୍ଭ କରି ଚନ୍ଦ୍ରୟାନ-୩ର ସଫଳତା ପର୍ଯ୍ୟନ୍ତ ସମସ୍ତ ବିଷୟବସ୍ତୁକୁ ସେଥିରେ ସ୍ଥାନିତ କରାଯାଇଥିଲା, ଯାହାକୁ ସିଧାସଳଖ ଦେଖି ଛାତ୍ରୀଛାତ୍ର ଖୁସି ପ୍ରକଟ କରିବା ସହ ଇସ୍ରୋର ପ୍ରୟାସକୁ ଧନ୍ୟବାଦ ଜଣାଇଥିଲେ। ଛାତ୍ରୀଛାତ୍ର, ଶିକ୍ଷାବିତ୍, ବୁଦ୍ଧୀଜିବୀ ଓ ମହାକାଶ ବିଜ୍ଞାନପ୍ରେମୀ ବିଭିନ୍ନ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଅନେକ ଛାତ୍ରୀଛାତ୍ର ବିଭିନ୍ନ ମଡେଲ ସହିତ ଫଟୋ ଓ ସେଲ୍‌ଫି ଉଠାଇବା ସହ ମହତ୍ତ୍ୱପୂର୍ଣ୍ଣ ତଥ୍ୟକୁ ଖାତାରେ ଲେଖିନେଉଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ଦେଶରେ ତିନୋଟି ସ୍ଥାନରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କର୍ନାଟକ, ଆନ୍ଧ୍ରପ୍ରଦେଶ ଏବଂ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବିଶ୍ୱ ଅନ୍ତରୀକ୍ଷ ଦିବସ ପାଳନ ଅବସରରେ ଅତିଥିମାନେ 'ସତୀଶ ଧାୱାନ ସ୍ପେସ୍ ସେଣ୍ଟର ଶ୍ରୀହରିକୋଟା' ପତ୍ରିକା ଉନ୍ମୋଚନ କରୁଛନ୍ତି।

**ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଅନ୍ତରୀକ୍ଷ ଦିବସ**

- ପ୍ରଦର୍ଶନୀ ବୁଲି ଦେଖିଲେ, ମଡେଲ ସହ ସେଲ୍‌ଫି ନେଲେ






ଛାତ୍ରୀମାନେ ଅନ୍ତରୀକ୍ଷ ବିଜ୍ଞାନକୁ ନେଇ ଅନୁଷ୍ଠିତ ପ୍ରଦର୍ଶନୀ ଓ ମଡେଲ ଦେଖୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସତ୍ୟବ୍ରତ



@ ସୋନୁ



@ ପ୍ରଦୀପ୍ତ



@ ସୌମ୍ୟ



@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୪।୧୦
(ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ରାଜ୍ୟ ଲୋକସେବା ଭବନରେ ବୁଧବାର ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍ (https//directorelementary.odisha.gov.in)ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ମାର୍ଣ୍ଡି କହିଛନ୍ତି, ଏହି ୱେବ୍‌ସାଇଟ୍ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କ ନିମନ୍ତେ ଉପଯୋଗୀ ସାବ୍ୟସ୍ତ ହେବ । ବିଭାଗୀୟ ଅଧିକାରୀମାନେ ଏହି ୱେବ୍‌ସାଇଟ୍‌ର କାର୍ଯ୍ୟପ୍ରଣାଳୀ ବାବଦରେ ଅଧିକ ଦକ୍ଷ ହେବା ପାଇଁ ମନ୍ତ୍ରୀ ପରାମର୍ଶ ଦେବା ସହ ୱେବ୍‌ସାଇଟ୍ ନେଇ ଖୁସିବ୍ୟକ୍ତ କରିଛନ୍ତି। ଏହି ଅବସରରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଅତିରିକ୍ତ ଶାସନ ସଚିବ ଭୈରବ ପଟେଲ୍, ଏନ୍ଆଇସିର ବୈଜ୍ଞାନିକ ଶିବ ପ୍ରସାଦ ଦାଶ, ଡକ୍ଟର ଏକେ ହୋତାଙ୍କ ସମେତ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ୱେବ୍‌ସାଇଟ୍ ଉନ୍ମୋଚନ ଅବସରରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସହ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ବାସଗୃହ ଉପରେ ଓହଳିଛି ବିଦ୍ୟୁତ୍ ତାର

କଣାସ, ୪।୧୦ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ଗଡଖାରଦ ଗ୍ରାମପଞ୍ଚାୟତର ବିରତୋଇ ଗ୍ରାମରେ ବାସଗୃହ ଉପରେ ବିଦ୍ୟୁତ୍ ତାର ଓହଳି ଥିବାବେଳେ ସଦାସର୍ବଦା ବିପଦ ଲାଗିରହିଛି। ବାସଗୃହ ମୁରବି ବାରମ୍ବାର ବିଦ୍ୟୁତ୍ ବିଭାଗର ଅଧିକାରୀମାନଙ୍କୁ ଜଣାଇଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି। ଖବର ନେବାରେ ଜଣାପଡିଛି ବିରତୋଇ ଗ୍ରାମର ଗୁଷିଆ ଦଳେଇ, ପତିତପାବନ ବାରିକ, ବିଶିକେଶନ ପାଇକରାୟ, ବିଷ୍ଣୁ ବରାଳ ଓ ମଙ୍ଗଳା ମନ୍ଦିର ଉପରେ ୧୧ କେଭି ବିଦ୍ୟୁତ୍ ତାର ଓହଳି ରହିଛି। ସଂପୃକ୍ତ ବ୍ୟକ୍ତି ଓ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ବିଧାୟକଙ୍କ ନିକଟରେ ବିଦ୍ୟୁତ୍ ତାର ହଟାଇବା ପାଇଁ ଆବେଦନ କରିଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଧ୍ୟାନ ନ ଦେବା ଚିନ୍ତାର ବିଷୟ ପାଲଟିଛି। ପ୍ରକାଶଥାଉକି ଗତ ୮ ଦିନ ତଳେ ମକରା ନଦୀରେ ବିଦ୍ୟୁତ୍ ତାର ଓହଳି ଜଣେ ୨୬ ବର୍ଷ ଯୁବକଙ୍କର ମୃତ୍ୟୁ ହୋଇଥିଲା। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି କରାଯାଇଛି।

# ଡିଏଚ୍‌ଏଚ୍‌ରେ ଆଇସିୟୁ ଉଦ୍‌ଘାଟିତ

## ମିଳିବ ଅତ୍ୟାଧୁନିକ ସେବା

ଖୋର୍ଦ୍ଧା, ୪।୧୦ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ବିଧାୟକ ପାଣ୍ଠିରୁ ଦେଢ କୋଟି ଟଙ୍କା ବ୍ୟୟ ଅଟକଳରେ ୧୦ ଶଯ୍ୟା ବିଶିଷ୍ଟ ଇଣ୍ଟେନ୍‌ସିଭ କେୟାର ୟୁନିଟ(ଆଇସିୟୁ) ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରି କହିଲେ ଯେ, କରୋନା ସମୟରେ ମୁଖ୍ୟମନ୍ତ୍ରୀ ପ୍ରତିଟି ଜୀବନ ମୂଲ୍ୟବାନ ବୋଲି କହିଥିଲେ।

କୌଣସି ବ୍ୟକ୍ତି ଯେପରି ଚିକିତ୍ସା ଅଭାବରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଦୀର୍ଘଦିନ ଧରି ଡିଏଚ୍‌ଏଚ୍‌ରେ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଏକ ଆଇସିୟୁର ଆବଶ୍ୟକତା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ କରୋନା ସମୟରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଆଇସିୟୁ ପ୍ରତିଷ୍ଠା କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ, ଜିଲା ଚିକିତ୍ସାଧିକାରୀ ତଥା ମେଡିକାଲ ଅଧୀକ୍ଷକ ବିଶ୍ୱମୋହନ ମିଶ୍ର ଯୋଗଦେଇଥିଲେ। ସିଡିଏମ୍‌ଓ ନାୟକ କହିଥିଲେ ଯେ, ଏଠାରେ ସମସ୍ତ ଅତ୍ୟାଧୁନିକ ସେବା ଯୋଗାଇ ଦିଆଯିବ। ୩ଜଣ ଡାକ୍ତର ଓ ୩ଜଣ ଷ୍ଟାଫନର୍ସ ନିୟୋଜିତ କରାଯାଇଥିବାବେଳେ ଖାଲି ପଡ଼ିଥିବା ଆବଶ୍ୟକ ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଆଇସିୟୁ ଡାକ୍ତର ଶୁଭ୍ରାଂଶୁରଞ୍ଜନ ସାହୁ, ଡା. ଦ୍ୱାରିକାନାଥ ଶତପଥୀ, ଡା. ବଳଭଦ୍ର ବେହେରା, ହସ୍‌ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ, ସଙ୍ଗୀତା ସ୍ୱାଇଁ, ଷ୍ଟାଫନର୍ସ ସାଧନା ଗୁମାନସିଂହ, ପଲ୍ଲିଶ୍ରୀ ଜେନା, ସନ୍ଧ୍ୟାରାଣୀ ଜାଲି ଏବଂ ଅନ୍ୟ କର୍ମଚାରୀଙ୍କ ସମେତ ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ଓ ସ୍ୱଚ୍ଛସାଥୀ ଉପସ୍ଥିତ ଥିଲେ।



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଡିଏଚ୍‌ଏଚ୍‌ରେ ଆଇସିୟୁକୁ ଉଦ୍‌ଘାଟନ କରୁଛନ୍ତି।

# ପିପିଲି ପାଇଁ ଗୌରବ ଆଣିଲେ ୩ ଭାଇ

## ରାଜ୍ୟସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା

ପିପିଲି, ୪।୧୦(ପ୍ରଭାତ ମହାପାତ୍ର)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ଓ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଚାରିଦିନିଆ ରାଜ୍ୟସ୍ତରୀୟ ଓପନ୍ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରି ପିପିଲି ପାଇଁ ଗୌରବ ଆଣିଛନ୍ତି ତିନି ଭାଇ। ଆଦ୍ୟା ଶଙ୍କର ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅଜିତ୍ ଶଙ୍କର ସାହୁ ଏବଂ ରବି ଶଙ୍କର ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ରବି ନାରାୟଣ ଖୁଣ୍ଟିଆ, ଆସୋସିଏଶନ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଥାଉକି ଏହି ତିନି ଭାଇ ପିପିଲିସ୍ଥିତ ଦିବଂଗତ ନାଟ୍ୟକାର ସ୍ୱର୍ଗତ କାଶୀନାଥ ସାହୁ ଏବଂ ସମାଜସେବୀ ସ୍ୱର୍ଗତ ଦେବେନ୍ଦ୍ର ସାହୁଙ୍କ ନାତି ଅଟନ୍ତି।


OFFICE OF THE
MUNICIPAL COUNCIL, TITILAGARH
(Deptt. of Housing & Urban Development, Govt. of Odisha)
At/Po/ Ps.: Titilagarh, Dist.- Balangir- 767033
e-mail: titilagarhmunicipality@gmail.com
Letter No. 2622/TIG MPL/Date 04.10.2023

QUOTATION CALL NOTICE

No. C-1548:- Quotation / Tenders are invited from the intending suppliers/manufactures having MSME certificate/GST Clearance Certificate, PAN Card & Dealership Certificate for supply of following materials for **Shelter for Urban Homeless (SUH) Building of Titilagarh Municipality** of reputed brand /company to the office of the undersigned on or before 20.10.2023 at 12.00 PM through Regd. Post/Speed Post and Quotation Box during the office hour. The rate should be inclusive of all taxes and deliveries of the materials are to be made in the Municipality Office, Titilagarh. The Quotation will be received by the undersigned up to **12.00 P.M on 20.10.2023** and will be opened on Date **20.10.2023 at 4.00 P.M at Titilagarh Municipality Office** in the presence of quotationers /authorized representatives who choose to remain present at the time of opening of quotations. The authority will not be held responsible for any postal delay.

**The undersigned reserves the right to reject /cancel any or all the quotations without assigning any reason thereof.**

Sd./- Executive Officer
OIPR-13095/11/0015/2324 Titilagarh Municipality


# ଭାବର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ ହେଉଛି କବିତା



ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ବଣମଲ୍ଲୀର ବାର୍ଷିକ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ବଣମଲ୍ଲୀର ବାର୍ଷିକ ପ୍ରତିଷ୍ଠା ଉତ୍ସବ, କବିତା ପାଠ

ବୋଲଗଡ,୪।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଆରିକମାସ୍ଥିତ ମା' କୋଶଳାଶୁଣୀ ପୀଠରେ ସାହିତ୍ୟ ଅନୁଷ୍ଠାନ ବଣମଲ୍ଲୀର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ସହ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଔପନ୍ୟାସିକ ସୁନୀଲ ମିଶ୍ର, ପ୍ରାଧ୍ୟାପକ ରବି ନାରାୟଣ ପଣ୍ଡା ଏବଂ ଡ. ଗଣେଶ୍ୱର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭାବର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ ହିଁ କବିତା ବୋଲି କହିବା ସହ ଦିନକୁ ଦିନ କାଳଜୟୀ ସାହିତ୍ୟର ସୃଷ୍ଟି କମିଯାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ସମାଜ ସଂସ୍କାରଧର୍ମୀ କାଳଜୟୀ ସାହିତ୍ୟ ସୃଷ୍ଟି କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କବି କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ବଣମଲ୍ଲୀର ବାର୍ଷିକ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ଉପଲବ୍ଧି ପାଇଁ କବି ଲମ୍ବୋଦର ଶତପଥୀ, ବାଳକୃଷ୍ଣ ନାୟକ, ଗଙ୍ଗାଧର ଓଝା, ଡ. ଜୟନ୍ତୀବାଳା ଜେନା, ନିହାରିକା ପଣ୍ଡା, ବାଲ୍ମୀକି ବଳିୟାରସିଂ, ବିଭୂତି ଭୂଷଣ ପଟ୍ଟନାୟକ, ଇଂ.ସୁଦର୍ଶନ ବେହେରା, ବିଶ୍ୱନାଥ ମାର୍ଥା, ଦୟାନିଧି ବେହେରା ଓ ଦୁର୍ଯ୍ୟୋଧନ ବରାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଭାରତୀ ରାଜଗୁରୁ, ରୁଦ୍ରନାରାୟଣ ମହାରଣା ଓ ପ୍ରିୟବ୍ରତ ସାହୁଙ୍କୁ ସୌମ୍ୟଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ବଂଶୀଧର ପଣ୍ଡା, ସମ୍ପାଦକ ବିଭୂତି ଭୂଷଣ ହୋତା ଓ ପ୍ରଫୁଲ୍ଲ ହୋତା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଯୁବ ଗାଳ୍ପିକ ବିଭୁ ହୋତା ଧନ୍ୟବାଦ ଦେଇଥିଲେ।

# 'ଋଣର ଉପଯୁକ୍ତ ବିନିଯୋଗ କରି ସଫଳ ଉଦ୍ୟୋଗୀ ହୁଅ'

## ହରିତ କ୍ରିଷିନିଧି ଲିମିଟେଡ୍ ପକ୍ଷରୁ ମହିଳା ସମ୍ମିଳନୀ

ବୋଲଗଡ଼,୪।୧୦(ଦେବବ୍ରତ ହୋତା)

ଗ୍ରାମାଞ୍ଚଳର ମହିଳା ଗୋଷ୍ଠୀଙ୍କୁ ବିଭିନ୍ନ ଲାଭଜନକ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ତାଲିମ ସହ ଋଣ ପ୍ରଦାନ କରି ଏବଂ ଉତ୍ପାଦିତ ସାମଗ୍ରୀର ବିକ୍ରୟ ଦାୟିତ୍ୱ ନେଇ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସଂକଳ୍ପ ନେଇ ମୟୂରଭଞ୍ଜ ଜିଲା କପ୍ତିପଦାର ହରିତ କୃଷିନିଧି ଲିମିଟେଡ କାର୍ଯ୍ୟ କରୁଛି। ପଶ୍ଚିମବଙ୍ଗରେ ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ କାର୍ଯ୍ୟ କରି ସଫଳତା ପାଇବା ପରେ ଓଡ଼ିଶାର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ସାଗରଗୁଆଁରେ ଏହି ସଂସ୍ଥା ତା'ର ପ୍ରଥମ ପ୍ରକଳ୍ପ ଆରମ୍ଭ କରିବା ନେଇ ଏକ ମହିଳା ସମ୍ମିଳନୀ ଆୟୋଜନ କରିଥିଲା। ଏଥିରେ ହରିତ କ୍ରିଷିନିଧି ଲିମିଟେଡ୍‌ର ନିର୍ଦ୍ଦେଶକ ତୁଷାରକାନ୍ତି ଭଞ୍ଜ ସଭାପତିତ୍ୱ କରିଥିଲେ। ଓଡ଼ିଶା ପ୍ରମୋଟର ବିବେକ ଦୀକ୍ଷିତଙ୍କ ସମେତ ବ୍ରହ୍ମଚାରୀ ରାୟ, ବିମ୍ବାଧର ଶ୍ରୀଚନ୍ଦନ, ରମେଶ କୁମାର ନାୟକ, ଅଶୋକ କୁମାର ନାୟକ, ସାଗର କୁମାର ଛାଟୋଇ, ବିରଞ୍ଚି କୁମାର ରାଉତ, ପ୍ରମୋଦ କୁମାର ମାନଧାତା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ନିର୍ଦ୍ଦେଶକଙ୍କୁ ଏକ ଶୋଭାଯାତ୍ରାରେ ମଞ୍ଚ ନିକଟକୁ ପାଛୋଟି ନିଆଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଖୁବ୍‌ଶୀଘ୍ର ନିକଟସ୍ଥ ରାଜସୁନାଖଳାଠାରେ ଆର୍ଥିକ କାରବାର ପାଇଁ ସଂସ୍ଥାର ଏକ ଶାଖା କାର୍ଯ୍ୟାଳୟ ଖୋଲାଯିବ ବୋଲି ନିର୍ଦ୍ଦେଶକ ଭଞ୍ଜ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।


ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୫୩ ଡା:୧୫।୦୯।୨୦୨୩
F.N:-H-59/85

ବିଜ୍ଞାପନ

No. CAD-2276: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସତ୍ୟନଗର ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଏସ୍.ଇ.–୧୨/୩ (S.E.-12/3)ଟିକୁ ଶ୍ରୀମତୀ ଆଶାଲତା ଭୂୟାଁ, ସ୍ୱାମୀ: ବଂଶୀଧର ଭୂୟାଁ, ସା/ପୋ.: ନିମ୍ପୁର, ଥା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଆଶାଲତା ଭୂୟାଁ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମଲ୍ଲୀକା ମାଜି ଜାନା, ସ୍ୱାମୀ: ଦୀପକ ଜାନା, ସା/ପୋ/ଥା: ପାଶଂକୁରା, ଜିଲ୍ଲା: ପୂର୍ବ ମେଦିନାପୁର (ପଶ୍ଚିମ ବଙ୍ଗଳା)ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

**ଭୁବନେଶ୍ୱର,୪।୧୦**

ଦେଶର ପ୍ରମୁଖ ଗୃହୋପଯୋଗୀ ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦକ କମ୍ପାନୀ ଭି ଗାର୍ଡ ଇଣ୍ଡିଆ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଉତ୍ପାଦ ତଥା ବିଏଲ୍ଡିସି ହାଇସ୍ପିଡ୍ ଫ୍ୟାନ୍ 'ଇନ୍ସାଇଟ-ଜି' କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇର ଜିଓ ସେଣ୍ଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ଉକ୍ତ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷକରି ଉନ୍ନତ ଜ୍ଞାନକୌଶଳ ସହ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ଥିବା ଏହି ଫ୍ୟାନ୍ରେ ଅନେକ ସୁବିଧା ପ୍ରଦାନ କରାଯାଉଛି। ଏପରିକି ୫ ବର୍ଷିଆ ୱାରେଣ୍ଟି ସହ ୫ ତାରକା ରେଟିଂ ଦିଆଯାଉଛି। କମ୍ପାନୀର ଉକ୍ତ ମଡେଲ ୧୨ଟି ରଙ୍ଗରେ ଉପଲବ୍ଧ ହେଉଥିବାବେଳେ ବିଦ୍ୟୁତ୍ ସଞ୍ଚୟ ସାଙ୍ଗକୁ ବାର୍ଷିକ ୧୫୧୮ ଟଙ୍କାର ଆର୍ଥିକ ସଞ୍ଚୟ ମଧ୍ୟ ହିତାଧିକାରୀମାନେ ବିଦ୍ୟୁତ୍ ବିଲ୍ ଉପରେ ପାଇଥାନ୍ତି। ଏ ସମ୍ପର୍କରେ ଭି ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ର ନିର୍ଦ୍ଦେଶକ ଏବଂ ସିଓଓ ରାମଚନ୍ଦ୍ରନ କହିଥିଲେ, ଆମେ ସର୍ବଦା ଗ୍ରାହକଙ୍କ ଚାହିଦା ଓ ବଜାରରେ ପ୍ରଥମ ଧରଣର ଉତ୍ପାଦ ପ୍ରବେଶ କରାଇବାକୁ ପ୍ରୟାସ କରିଥାଉ। କମ୍ପାନୀର ଉକ୍ତ ନୂତନ ଉତ୍ପାଦକୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏଥିରେ ଅନେକ ଅତ୍ୟାଧୁନିକ ଫିଚର ସହ ବିଭିନ୍ନ ସୁବିଧା ମଧ୍ୟ ପ୍ରଦାନ କରାଯାଇଛି।

# ଆଲୁମିନିୟମ ଫଏଲ ପ୍ରସ୍ତୁତ କରିବ ଶ୍ୟାମ ମେଟାଲିକ୍ସ

**ଭୁବନେଶ୍ୱର,୪।୧୦**

ଦେଶର ଅଗ୍ରଣୀ ଏସ୍-ଇ-ଏଲ୍ ଟାଇଗର ଟିଏମ୍ଟି ରି-ବାର୍ସ ନିର୍ମାତା ଓ ବିକ୍ରେତା ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ୍ ଲିଥିୟମ-ଆୟନ ସେଲ୍ର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବ୍ୟାଟେରି-ଗ୍ରେଡ୍ ଆଲୁମିନିୟମ ଫଏଲ ନିର୍ମାଣ ସହ ଶକ୍ତି ମହଜୁଦ କ୍ଷେତ୍ରକୁ ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। କୋଲକାତାଠାରେ ଅବସ୍ଥିତ ଶ୍ୟାମ ମେଟାଲିକ୍ସ ସମନ୍ୱିତ ଧାତୁ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ରହିଛି ଏବଂ ଏହା ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ପ୍ରୟାସରେ ବ୍ୟାଟେରି ଶକ୍ତି ମହଜୁଦ କ୍ଷେତ୍ର ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଘରୋଇ ଅବଦାନକାରୀ ଭୂମିକା ନେବାକୁ ଯାଉଛି। ଶିଳ୍ପରେ ଅନେକ କ୍ଷେତ୍ରରେ ନବୋନ୍ମେଷକାରୀ ଶ୍ୟାମ ମେଟାଲିକ୍ସ ନିଜର ସର୍ବାଧୁନିକ ଏସ୍-ଇ-ଏଲ୍ ଟାଇଗର ଟିଏମ୍ଟି ରି-ବାର୍ ସହ ନିର୍ମାଣ ଶିଳ୍ପରେ ବିପ୍ଳବ ସୃଷ୍ଟି କରିବା ନେଇ ବିଶେଷ ସୁଖ୍ୟାତି ଅର୍ଜନ କରିଛି ଏବଂ ଏହା ବିବିଧ ଶିଳ୍ପ ପ୍ରୟୋଗ ନିମନ୍ତେ ଆଲୁମିନିୟମ ଫଏଲର ଏକ ପ୍ରମୁଖ ଉତ୍ପାଦନକାରୀ ଏବଂ ରପ୍ତାନିକାରୀ ହୋଇଛି। ବାର୍ଷିକ ପ୍ରଭାବୀ ୨୦,୦୦୦ ଟନ୍ ଉତ୍ପାଦନ କ୍ଷମତା ଥିବା ଶ୍ୟାମ ମେଟାଲିକ୍ସ ବିଶ୍ୱ ଲିଥିୟମ-ଆୟନ ସେଲ୍ ବଜାରରେ କଞ୍ଚାମାଲ କ୍ଷେତ୍ରରେ ଭାରତ ପାଇଁ ଏକ ଉଲ୍ଲେଖନୀୟ ଅଂଶ ସୁରକ୍ଷିତ କରିବାକୁ ସମର୍ଥ ଏବଂ ୨୦୩୦ ସୁଦ୍ଧା ଏହାର କ୍ଷମତା ବାର୍ଷିକ ୬୫୦୦ ଜିଡବ୍ଲ୍ୟୁଏଚ୍ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ବ୍ୟାପକ ବର୍ଗର ବୈଦ୍ୟୁତିକ ଯାନବାହନ ଏବଂ ଶକ୍ତି ମହଜୁଦ ବ୍ୟବସ୍ଥାକୁ ଶକ୍ତି ଯୋଗାଉଥିବା ୧ ଜିଡବ୍ଲ୍ୟୁଏଚ୍ (ଗିଗାୱାଟ୍-ଆୱାର) ଏଲ୍ଏଫ୍ପି (ଲିଥିୟମ-ଆଇରନ-ଫସ୍ଫେଟ୍) ସେଲ୍ ଉତ୍ପାଦନ ନିମନ୍ତେ ୩୫୦ ଟନ ଅତି ଉଚ୍ଚ ଶୁଦ୍ଧତା ଏବଂ ସମାନ ମୋଟେଇ ଥିବା ଆଲୁମିନିୟମ ଫଏଲ ଆବଶ୍ୟକ, ଯାହା ଏକ ପଜିଟିଭ (କ୍ୟାଥୋଡ୍) କରେଣ୍ଟ ସଂଗ୍ରହକାରୀ ଭାବେ କାର୍ଯ୍ୟ କରିଥାଏ।

# ଏସ୍ବିଆଇର ସ୍ୱଚ୍ଛତା ଅଭିଯାନ



**ଭୁବନେଶ୍ୱର,୪।୧୦**

ଭାରତ ସରକାରଙ୍କ 'ସ୍ୱଚ୍ଛତା ହିଁ ସେବା' ଅଭିଯାନକ୍ରମେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପରିସରରେ ଏକ ଗଣ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମା ମହାପ୍ରବନ୍ଧକ ପି.ମୁରୁଗନ ଓ ଉତ୍ତମ କୁମାର ହାଜରା ଚୌଧୁରୀ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂହ ସମେତ ୧୦୦ରୁ ଅଧିକ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ମୁଖ୍ୟ ମହାପ୍ରବନ୍ଧକ ଶର୍ମା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ସମସ୍ତେ ନିଜ କର୍ମକ୍ଷେତ୍ର ଓ ଜୀବନରେ ଗାନ୍ଧୀଙ୍କ ଆଦର୍ଶ ତଥା ବାହ୍ୟ ଓ ଅନ୍ତଃ ସ୍ୱଚ୍ଛତା ମୂଲ୍ୟବୋଧକୁ ବଜାୟ ରଖିବାପାଇଁ ଆହ୍ୱାନ ଦେଇଥିଲେ। ଅପରାହ୍ନରେ ପୁରୀ ଦିଗବାରେଣି ନିକଟସ୍ଥ ବେଳାଭୂମିଠାରେ ସ୍ୱଚ୍ଛତା ବାବଦରେ ଏକ ସଚେତନତା କାର୍ଯ୍ୟକ୍ରମ ମୁଖ୍ୟ ମହାପ୍ରବନ୍ଧକ ଶର୍ମାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ବହୁ ଉଚ୍ଚପଦସ୍ଥ ବ୍ୟାଙ୍କ ଅଧିକାରୀଙ୍କ ଗହଣରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ କର୍ମଚାରୀ ବେଳାଭୂମିର ଅନ୍ତତଃ ଅଧକିଲୋମିଟର ପରିଧିରେ ସଫେଇ ଓ ସଚେତନତା ରାଲି ଆୟୋଜନ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ ଶର୍ମା ସଫେଇକୁ ଏକ ଔପଚାରିକତା ନ କରି ଦୈନନ୍ଦିନ ଜୀବନଚର୍ଯ୍ୟାର ଅଂଶ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ।


**Classified Everyday**
**0674-2580101, 2549949**


**REAL ESTATE**
**SALE**

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar, NH16** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ- **9658562429.** D-75224

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

Khurda- Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

**3212 sqft. Gharabadi residential plot with boundary wall sale nearby "PHULNAKHARA CHHAKA". 9438279244.** D-1464

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

**ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍ପମ୍ପ ନିକଟରେ sqft.- 899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108.** D-75220


**CONSTRUCTION**

**Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring-SNV Construction- 9439295469.** D-75226




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75046

**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Spa Kerala body Massage only best Therapist @699/- Bhubaneswar. 9337672475. D-1438

**Full body massage by expert therapist positively health benefits. 9938843929.** D-75153

**AFFIDAVIT**

By the virtue of an affidavit Dt.30.09.2023 before the Court of Executive Magistrate, Bhubaneswar I, Sangeeta Malik, Qtr. No.HB-05, Vani Vihar New Colony, P.S.- Sahidnagar, Bhubaneswar, Dist.- Khordha have changed my surname from Sangeeta Malik to Sangeeta Das according to my husband's surname i.e. Pratap Das for all future purposes. D-75227

ମୁଁ ପ୍ରୀତି ମହାରଣା, ପି.- କ୍ଷୀରୋଦ ମହାରଣା, ୩୦୩, ଅଭିମନ୍ୟୁ ରେସିଡେନ୍ସି, ପଳାଶୁଣୀ, ରସୁଲଗଡ଼ ଏହି ଆଫିଡାଭିଟ୍ ଦ୍ୱାରା ଜଣାଉଛି କି ମୋର ମାଇଗ୍ରେସନ୍ ସାର୍ଟିଫିକେଟ ରେଭେନ୍ସା ୟୁନିଭର୍ସିଟି ରୋଲ୍ ନଂ. 19DEC008 ସମ୍ପୂର୍ଣ୍ଣ ଭଉ ଖାଇଯାଇଛି। ଏଣୁ ମୋତେ ପୁନଶ୍ଚ ଉକ୍ତ ସାର୍ଟିଫିକେଟ ପ୍ରାପ୍ତନ୍ତେ ମୋର ଉଚ୍ଚତର ପଢ଼ାପଢ଼ିରେ ସାହାଯ୍ୟ କରିବ। ପ୍ରୀତି ମହାରଣା
ଧ-୧୪୭୭

By virtue of an affidavit sworn in the Court of Executive Magistrate, Kujanga, Jagatsinghpur of my name Jyosna Sahoo, D/o Rasananda Sahoo, My name bymistake mention Jyotsnarani Sahoo in birth certificate. But I'm Jyosna Sahoo, D/o Rasananda Sahoo. Henceforth, I will be known as Jyosna Sahoo for all purpose. D-1478

By virtue of an affidavit sworn in the Court of Executive Magistrate, Kujanga, Jagatsinghpur. Our sons name Omm Prakash, S/o Brajakishore Barik. I have added the title Barik. Henceforth, he will be known as Omm Prakash Barik for all purpose. D-1479

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

See Career Appointment on every Wednesday & Saturday

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି**


**୰ କୃଷ୍ଣ ଚରଣ ପତି**
ରାଧାକୃଷ୍ଣ ସାହି, ଗେଟ୍ବଜାର, ବ୍ରହ୍ମପୁର
ଆବିର୍ଭାବ- ୨୩।୩।୧୯୪୬
ତିରୋଧାନ- ୨୫।୯।୨୦୨୩ (ଭାଦ୍ରବ ଶୁକ୍ଳ ଦଶମୀ)
ଡାଡି, ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ ଆମମାନଙ୍କ ଜୀବନରେ ପାଥେୟ ହେଉ। ଡାଡି, ଆଜି ଆପଣଙ୍କର ଦ୍ୱାଦଶାହ ଦିବସ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ- ରେଣୁକା, ଝିଅ- ସୁଜାତା, ସୁନୀତା, ଅନୀତା, ସୁପ୍ରିୟା, କନକମଞ୍ଜରୀ, ଜ୍ୱାଇଁ- ତ୍ରିପତି, ସୁଜିତ୍, ସୁଶୀଳ, କୃଷ୍ଣଚନ୍ଦ୍ର, ପ୍ରହ୍ଲାଦ, ନାତିନାତୁଣୀ- ସୁପ୍ରୀତି, ସୌମ୍ୟାଶିଷ୍, ଅଞ୍ଜନା, ରୋଶନ୍, ଆଦିତ୍ୟାଂଶୁ, ପ୍ରିୟାଂଶୀ, ଲକ୍ଷ୍ମୀକାନ୍ତ, ସ୍ୱୟଂଶ୍ରୀ, ସାନ୍ଭିରାଣୀ, ସମ୍ବିତ୍‌ରାଜ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୪୭୫

**ଶ୍ରଦ୍ଧାଞ୍ଜଳି**


**୰ସୁଦର୍ଶନ ସାହୁ**
ବଘେଇଟାଙ୍ଗି, ପୂର୍ବତନ ସରପଞ୍ଚ, ଗଡ଼ହଳଦିଆ ଗ୍ରାମପଞ୍ଚାୟତ
ଆବିର୍ଭାବ- ୧୯୩୧
ତିରୋଧାନ- ୨୬।୦୯।୨୦୨୩
ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ, ଏତିକି ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବିଜୟ କୁମାର ସାହୁ, ପ୍ରହ୍ଲାଦ ସୁବୁଦ୍ଧି, ରମେଶ ଚନ୍ଦ୍ର ସାହୁ, ୪ ଝିଅ, ଜ୍ୱାଇଁ, ନାତିନାତୁଣୀ, ପରିବାର ଓ ବନ୍ଧୁବର୍ଗ।
ଧ-୭୩୫୪୮

# ଦେଶର ଭବିଷ୍ୟତ ନିର୍ମାଣର ବିନ୍ଧାଣି




ଶିକ୍ଷାନୁଷ୍ଠାନଗୁଡ଼ିକ ମଣିଷ ତିଆରି କାରଖାନା ଆଉ ସେହି କାରଖାନାର କାରିଗର ହେଉଛନ୍ତି ଶିକ୍ଷକ। ଜଣେ ଛାତ୍ରର ଭବିଷ୍ୟତ ଗଢ଼ିବାରେ ଶିକ୍ଷକମାନେ ବିଶ୍ୱକର୍ମାର ଭୂମିକା ଗ୍ରହଣ କରିଥାନ୍ତି। ବିଶ୍ୱକର୍ମାଙ୍କ ବିନା ଯେପରି ସୁନ୍ଦର ସ୍ଥାପତ୍ୟ ଗଢ଼ିବା ଅସମ୍ଭବ, ସେହିପରି ଶିକ୍ଷକଙ୍କ ବିନା ଜଣେ ସଫଳ ଛାତ୍ର ସୃଷ୍ଟି ହେବା ଆଶା କରାଯାଇ ନ ପାରେ। ବିଶ୍ୱର ପ୍ରତ୍ୟେକ ଦେଶ ନିଜ ନିଜର ଶିକ୍ଷକମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଶିକ୍ଷକ ଦିବସ ପାଳନ କରିଥାନ୍ତି। ଆଗାମୀ ଭବିଷ୍ୟତକୁ ଗଢ଼ିବାରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଶିକ୍ଷକ ହେଉଛନ୍ତି ଦେଶର ଭବିଷ୍ୟତ ନିର୍ମାଣର ବିନ୍ଧାଣି। ରାଷ୍ଟ୍ର ଗଠନରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ହୃଦୟଙ୍ଗମ କରି 'ୟୁନେସ୍କୋ' ତରଫରୁ ୧୯୯୪ଠାରୁ ଅକ୍ଟୋବର ୫କୁ ବିଶ୍ୱ ଶିକ୍ଷକ ଦିବସ ରୂପେ ପାଳନ କରାଯାଉଛି। ବିଶ୍ୱ ଶିକ୍ଷକ ଦିବସ ଅବସରରେ ସାରା ବିଶ୍ୱର ଲୋକେ ନିଜ ନିଜ ଶିକ୍ଷକଙ୍କୁ ସମ୍ମାନ ଜଣାଇଥାନ୍ତି।

ସମାଜର ବିକାଶ କେବଳ ୩ ଜଣଙ୍କ ଦ୍ୱାରା ସମ୍ଭବ ହୋଇଥାଏ। ସେମାନେ ହେଲେ ପିତା, ମାତା ଓ ଶିକ୍ଷକ। ଶିଶୁଟିକୁ ଉଚିତ ମାର୍ଗରେ ଗଢ଼ିଲେ ସେ ପରବର୍ତ୍ତୀ ସମୟରେ ଭଲ ମଣିଷଟିଏ ହେବ ଓ ଭଲ ପରିବାରଟିଏ ଗଢ଼ିପାରିବ। ଭଲ ପରିବାରଟିଏ ଗଢ଼ିପାରିଲେ ଏକ ସୁସ୍ଥ ସମାଜ ଓ ସମୃଦ୍ଧଶାଳୀ ରାଷ୍ଟ୍ର ଗଠନ ସମ୍ଭବ ହେଇପାରିବ। ଏ କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନଙ୍କୁ ସମ୍ମାନ ପ୍ରଦାନ କରିବା ହେଉଛି ପ୍ରତ୍ୟେକ ଶିଷ୍ୟଙ୍କର ପ୍ରଧାନ କର୍ତ୍ତବ୍ୟ। ସେମାନଙ୍କ ସମ୍ମାନାର୍ଥେ ଶିକ୍ଷକ ଦିବସ ପାଳନ ଦ୍ୱାରା ସମାଜରେ ଗୁରୁଶିଷ୍ୟଙ୍କ ସମ୍ପର୍କକୁ ନିବିଡ଼ କରିଥାଏ।

ପିଲାଟିଏ ଜନ୍ମ ହେବାପରେ ପ୍ରଥମେ ଜନ୍ମଦାତ୍ରୀଙ୍କୁ ଚିହ୍ନିବା ଆରମ୍ଭ କରିଥାଏ। ଧୀରେଧୀରେ ମା'ଠାରୁ ଦରୋଟି ଭାଷା ଶିଖିଥାଏ। ତେଣୁ ମା'ଙ୍କୁ ପ୍ରଥମ ଶିକ୍ଷକ କୁହାଯାଇଥାଏ। ବୟସ ବଢ଼ିବା ସହ ଅନୁକରଣପ୍ରିୟ ଶିଶୁର ଶିକ୍ଷାର ବିକାଶରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଶିଶୁ ମନରେ କିଭଳି ସହଜରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟିହେବ ସେନେଇ ଶିକ୍ଷକ ପ୍ରୟାସ କରିଥାନ୍ତି। କଞ୍ଚାମାଟିରେ ମାଠିଆର ପୂର୍ଣ୍ଣାଙ୍ଗ ରୂପ ଭଳି ଶିଶୁର ଜ୍ଞାନର ବିକାଶ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଶିକ୍ଷକ ରଖିଥାନ୍ତି। ଶିଶୁର ନିରୀହ ମନକୁ ବୋଧଗମ୍ୟ ହେଉଥିବା ବିଭିନ୍ନ ସରଳ ଗପ ଏବଂ ଖେଳ ସହ ପାଠପଢ଼ା ଆଗେଇନେବା ପ୍ରତି ଶିକ୍ଷକ ଗୁରୁତ୍ୱ ଦିଅନ୍ତି। ପାଠପଢ଼ା ଶିକ୍ଷା ଦେବା ସହଜ ନୁହେଁ। ସେଥିପାଇଁ ପ୍ରତିଟି ସଭ୍ୟତାରେ ଶିକ୍ଷାଦାନ କରୁଥିବା ଗୁରୁଙ୍କୁ ସବୁବେଳେ ସମ୍ମାନର ସ୍ଥାନ ପ୍ରଦାନ କରାଯାଇଥାଏ। ଶିକ୍ଷକ ନିଜର ଗୁରୁତ୍ୱ ରକ୍ଷାକରି ପ୍ରତିଟି ଯୁଗରେ ଜ୍ଞାନଚକ୍ଷୁରେ ମଣିଷଗଢ଼ା କାର୍ଯ୍ୟକୁ ଜାରି ରଖିଛନ୍ତି। ଗୁରୁଙ୍କୁ ସମ୍ମାନ ପ୍ରଦାନ ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଏହି ଦିବସ ପାଳନ କରାଯାଇଥାଏ।

ଏହା ପୂର୍ବରୁ ୧୯୬୬ ଅକ୍ଟୋବର ୫ରେ ପ୍ୟାରିସ୍‌ଠାରେ ୟୁନେସ୍କୋ ଏବଂ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ(ଆଇଏଲ୍‌ଓ) ପକ୍ଷରୁ ଶିକ୍ଷକଙ୍କ ବହୁବିଧ ସମସ୍ୟାର ସମାଧାନ ଲାଗି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ଏହାଦ୍ୱାରା ଅନ୍ତର୍ଜାତୀୟସ୍ତରର ଶିକ୍ଷାନୀତି, ନିଯୁକ୍ତି, ଗୁଣବତ୍ତାଯୁକ୍ତ ଶିକ୍ଷାଦାନରେ ଶିକ୍ଷକଙ୍କ ସ୍ଥିତିର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୧୯୯୭ ଅକ୍ଟୋବର ୫ରେ ୟୁନେସ୍କୋ ବୈଠକରେ ଶିକ୍ଷକଙ୍କ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୨୦୧୬ରେ ବିଶ୍ୱ ଶିକ୍ଷକ ଦିବସ ଅବସରରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହାମଡାନ ପୁରସ୍କାର ଅନ୍ତର୍ଭୁକ୍ତ ହୋଇଥିଲା। ଏହି ପୁରସ୍କାର ସମାଜ ପ୍ରତି ଥିବା ଶିକ୍ଷକଙ୍କ ଅମୂଲ୍ୟ ଅବଦାନ ଲାଗି ଉଦ୍ଦିଷ୍ଟ। ଶିକ୍ଷକଙ୍କ ଋଣ ତ ଶୁଝିହେବ ନାହିଁ, ମାତ୍ର ଏଭଳି ପ୍ରୟାସ ଦ୍ୱାରା କିଞ୍ଚିତ୍ ସମ୍ମାନ ପ୍ରଦାନର ପ୍ରୟାସ ବିଶ୍ୱ ଶିକ୍ଷକ ଦିବସ ପାଳନ ମାଧ୍ୟମରେ କରାଯାଇଥାଏ। ସମାଜରେ ଶିକ୍ଷକଙ୍କ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ।

# ସୀତାଙ୍କ ଚରିତ୍ରରେ ସାଇ


ସାଇ ପଲ୍ଲବୀ

**ମୁମ୍ବାଇ:** ସାଉଥ୍ ଅଭିନେତା ପ୍ରଭାସଙ୍କ ଫିଲ୍ମ 'ଆଦିପୁରୁଷ' ରାମାୟଣ କଥାବସ୍ତୁ ସହ ଦର୍ଶକଙ୍କ ସାମ୍ନାକୁ ଆସିଥିଲା। କିନ୍ତୁ ସିନେମା ରିଲିଜ୍ ପୂର୍ବରୁ ଏଥିରେ ଅନେକ ବିବାଦ ଦେଖାଦେଇଥିଲା। ତେବେ ପୁଣି ଆଉ ଏକ 'ରାମାୟଣ' ଆସିବାକୁ ଯାଉଛି। ଏଥିରେ ନୀତୀଶ ତିୱାରି ନିର୍ଦ୍ଦେଶନା ଦେଉଛନ୍ତି। ମୁଭିରେ 'ଆଦିପୁରୁଷ' ଭଳି କୌଣସି ତ୍ରୁଟି ଦେଖିବାକୁ ମିଳିବନି ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହାର ଶୁଟିଂ ଆସନ୍ତା ବର୍ଷ ପୂର୍ବରୁ ଆରମ୍ଭ ହେବ। ରିପୋର୍ଟ ମୁତାବକ, ଏଥିରେ ଅଭିନେତା ରଣବୀର କପୁର ପ୍ରଭୁ ରାମ ଚରିତ୍ରରେ ନଜରକୁ ଆସିବେ। ତାଙ୍କ ସହ ସାଉଥ୍ ଅଭିନେତ୍ରୀ ସାଇ ପଲ୍ଲବୀ ସୀତା ମାତାଙ୍କ ଭୂମିକା ନିଭାଇବେ। ପୂର୍ବରୁ ସୀତାଙ୍କ ଭୂମିକା ପାଇଁ ଆଲିଆ ଭଟ୍ଟଙ୍କୁ ବଛାଯାଇଥିଲା। ସାଉଥ୍ ଷ୍ଟାର ୟଶ୍‌ଙ୍କୁ ରାବଣ ଚରିତ୍ରରେ ଦେଖିବାକୁ ମିଳିବ। ଫିଲ୍ମକୁ ୩ ଭାଗରେ ଶୁଟିଂ କରାଯିବ ବୋଲି ଜଣାପଡ଼ିଛି। ଏହାର କିଛି ଭାଗ ଶ୍ରୀଲଙ୍କାରେ ଶୁଟିଂ କରାଯିବ। ପ୍ରଥମ ଭାଗ ଶୁଟିଂ ପରେ ୟଶ୍ ଦ୍ୱିତୀୟ ଭାଗରେ ନଜରକୁ ଆସିବେ। ସାଇ ପଲ୍ଲବୀ ୨୦୦୫ରେ ତାଙ୍କ ଅଭିନୟ କ୍ୟାରିୟର ତାମିଲ ଫିଲ୍ମରୁ କରିଥିଲେ। ଏହାପରେ ସେ ଅନେକ ତାମିଲ, ତେଲୁଗୁ, ମାଲାୟଲମ୍ ଆଦି ଫିଲ୍ମରେ କାମ କରିଛନ୍ତି। ପଲ୍ଲବୀ ଏବେ ତାଙ୍କର ଅନ୍ୟ ଏକ ସିନେମାରେ ବ୍ୟସ୍ତ ଅଛନ୍ତି।

# କୁକୁର ପିଞ୍ଜରାରେ ଶୁଅନ୍ତି

**ୱାଶିଂଟନ:** ଦିନର ଥକାପଣା ଦୂର କରିବାକୁ ଲୋକଙ୍କୁ ଆରାମଦାୟକ ନିଦର ଆବଶ୍ୟକ ଥାଏ। ହେଲେ ଜଣେ ୨୧ ବର୍ଷୀୟା ନିକଟରେ କହିଛନ୍ତି, ତାଙ୍କର କୁଇନ୍ ସାଇଜ୍‌ର ଖଟ ବଦଳରେ ସେ କୁକୁର ପାଇଁ ଥିବା ପିଞ୍ଜରାରେ ଶୋଇବାକୁ ଅଧିକ ପସନ୍ଦ କରୁଛନ୍ତି। ସେ ସେହି ପିଞ୍ଜରାକୁ ଅତି ସୁନ୍ଦର ଭାବେ ସଜାଇଛନ୍ତି। ତା' ଭିତରେ କମ୍ବଳ ଏବଂ ଟେଡି ବିୟର



ମଧ୍ୟ ରଖିଛନ୍ତି। ରିପୋର୍ଟ ମୁତାବକ, ଆମେରିକା ବାସିନ୍ଦା ଲିଆ ପାର୍କର ପୋଷ୍ଟ ଟ୍ରୋମାଟିକ୍ ଷ୍ଟ୍ରେସ୍ ଡିଜ୍‌ଅର୍ଡର (ପିଟିଏସ୍‌ଡି)ରେ ପୀଡ଼ିତ ଅଛନ୍ତି। ତାଙ୍କର ଏହିଭଳି ଜୀବନରୁ ରକ୍ଷା ପାଇବା ଏବଂ ପିଟିଏସ୍‌ଡି ବଢ଼ିବାରୁ ନିଜକୁ ଶାନ୍ତ କରିବାକୁ କୁକୁରର ପିଞ୍ଜରା ବ୍ୟବହାର କରୁଥିବା କହିଛନ୍ତି। ତାଙ୍କୁ ପିଞ୍ଜରା ଯିବା ପରେ ହିଁ ଶାନ୍ତି ମିଳିଥାଏ। ସେ ସେଠାରେ ଆରାମଦାୟକ ଜୀବନ ବିତାନ୍ତି ବୋଲି କହିଛନ୍ତି। ସୋସିଆଲ ମିଡିଆରେ ଲିଆଙ୍କ ବହୁତ ଫଲୋଅର୍ସ ଅଛନ୍ତି। ସୋସିଆଲ ମିଡିଆରେ ସକ୍ରିୟ ଥିବା ଜଣେ ବ୍ୟକ୍ତିଙ୍କ ସହ ସେ ତାଙ୍କ ଜୀବନପ୍ରଣାଳୀ ବାବଦରେ କହିଛନ୍ତି। ସେ ଲିଆଙ୍କୁ ଅନେକ ପ୍ରଶ୍ନ ପଚାରୁଥିଲେ, ଯାହାର ସେ ଉତ୍ତର ରଖୁଥିଲେ। ଲିଆ କହିଛନ୍ତି, ସେ ଛୋଟବେଳୁ ଚାପଜନିତ ପରିବେଶରେ ବଢ଼ିଥିବାବେଳେ ସବୁବେଳେ ସେଥିରୁ ବର୍ତ୍ତିବାକୁ ଆଲମାରି ଭଳି ଛୋଟ ଜାଗାର ସନ୍ଧାନ କରିଥାନ୍ତି। ଏଥିପାଇଁ ପରେ ସେ କୁକୁର ପିଞ୍ଜରା ଭିତରେ ରହିବାକୁ ନିଷ୍ପତ୍ତି ନେଲେ। ୧୮ ବର୍ଷ ବୟସରୁ ସେ ପିଞ୍ଜରାରେ ଶୋଉଛନ୍ତି। ଲିଆ ତାଙ୍କ ପିଞ୍ଜରାର ଅନେକ ଭିଡିଓ ସୋସିଆଲ ମିଡିଆରେ ଶେୟାର ମଧ୍ୟ କରିଛନ୍ତି।

# ଲିଭଇନ୍‌ରେ ରୁହନ୍ତି ଗରାସିଆ ଜନଜାତି

ନୂଆଦିଲ୍ଲୀ



ବର୍ତ୍ତମାନ ସମୟରେ ଯୁବତୀଯୁବକ ଲିଭଇନ୍ ରହିବା ଦିଲ୍ଲୀ, ମୁମ୍ବାଇ ଭଳି ବଡ଼ ସହରରେ ସାଧାରଣ କଥା ହୋଇଗଲାଣି। କିନ୍ତୁ ଛୋଟ ସହରଗୁଡ଼ିକରେ ଏହାର ଘୋର ବିରୋଧ ଦେଖିବାକୁ ମିଳେ। ହେଲେ ଭାରତରେ ଏପରି ଏକ ସ୍ଥାନ ଅଛି, ଯେଉଁଠାରେ ଯୁବତୀଯୁବକ ଲିଭଇନ୍ ରହିବା ଅତ୍ୟନ୍ତ ମାମୁଲି କଥା। ଏଥିପାଇଁ ମା'ବାପା ମଧ୍ୟ ଅନୁମତି ଦେଇଦିଅନ୍ତି। ରାଜସ୍ଥାନ, ଗୁଜରାଟରେ ରହୁଥିବା ଗରାସିଆ ଜନଜାତିଙ୍କଠାରେ ଏପରି ପରମ୍ପରା ରହିଛି। ଏଠାରେ ଯୁବତୀଯୁବକମାନେ ଆଧୁନିକ ଯୁଗର ନାଗରିକଙ୍କ ଭଳି ବିନା ବିବାହରେ ଲିଭଇନ୍ ରହିବା ସହ ବିବାହ ପୂର୍ବରୁ ମା' ହୋଇଥାନ୍ତି। ନିଜ ମନମୁତାବକ ଯୁବକଙ୍କୁ ବାଛିବା ପାଇଁ ଜନଜାତିରେ ଯୁବତୀଙ୍କୁ ସମ୍ପୂର୍ଣ୍ଣ ଅଧିକାର ଥାଏ। ବିବାହ ପାଇଁ ଏଠାରେ ୨ ଦିନିଆ ମେଳା ଆୟୋଜିତ ହୋଇଥାଏ। ମେଳାରେ ଯୁବତୀ- ଯୁବକଙ୍କ ଭିଡ଼ ଲାଗିଥାଏ। ସେଠାରୁ ହିଁ ସେମାନେ ନିଜ ପସନ୍ଦର ନାୟକଙ୍କୁ ଚୟନ କରି ତାଙ୍କ ସହ ପଳାଇଯାଇ ବିନା ବିବାହରେ ଏକାଠି ରୁହନ୍ତି। ଏଥିସହ ସେମାନେ ଛୁଆ ମଧ୍ୟ ଜନ୍ମ କରନ୍ତି। ପରେ ଘରକୁ ଫେରି ପରିବାରର ଅନୁମତିରେ ଧୁମଧାମ୍‌ରେ ସେମାନଙ୍କ ବିବାହ ସମ୍ପନ୍ନ ହୁଏ। ଯଦି ସେମାନେ ଚାହିଁବେ ତେବେ ବିବାହ ନ କରି ମଧ୍ୟ ରହିପାରିବେ। କୁହାଯାଏ ଯେ ବହୁ ବର୍ଷ ପୂର୍ବେ ଗରାସିଆ ଜନଜାତିର ୪ ଭାଇ ଏକା ସାଙ୍ଗରେ କୁଆଡ଼େ ପଳାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଭାଇ ବିବାହ ନ କରି ଲିଭଇନ୍‌ରେ ରହିବାକୁ ଲାଗିଲେ। ହେଲେ ୪ର୍ଥ ଭାଇଙ୍କ ଛୁଆପିଲା ହେବାବେଳେ ବାକି ୩ଜଣଙ୍କ ସନ୍ତାନ ହେଲାନି। ସେବେଠାରୁ ହିଁ ଏହି ଜନଜାତି ମଧ୍ୟରେ ଏପରି ପରମ୍ପରା ଚାଲିଆସୁଛି।

## ରାଜ୍ୟ ଖବର

# ମହିଳାଙ୍କୁ ପୁଣି ଉପହାର ଦେଲେ କେନ୍ଦ୍ର ସରକାର: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୧୦ (ସୁନିତ୍ ମିଶ୍ର)



କେନ୍ଦ୍ର କ୍ୟାବିନେଟ୍‌ରେ ପୁଣିଥରେ ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ ଗ୍ୟାସ୍ ମୂଲ୍ୟ କମାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ। ନବରାତ୍ରି ଏବଂ ଆସୁଥିବା ପର୍ବପର୍ବାଣି ପୂର୍ବରୁ ପ୍ରଧାନମନ୍ତ୍ରୀ ପୁଣିଥରେ ଦେଶର ମହିଳାମାନଙ୍କୁ ଉପହାର ଦେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ ବର୍ତ୍ତମାନ ଉଜ୍ଜ୍ୱଳା ଯୋଜନାରେ ଦିଆଯାଉଥିବା ଗ୍ୟାସ୍ ମୂଲ୍ୟ ୩୦୦ ଟଙ୍କା ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଉଜ୍ଜ୍ୱଳା ଲାଭାର୍ଥୀଙ୍କୁ ୨୦୦ ଟଙ୍କାର ସବ୍‌ସିଡି ଦିଆଯାଉଥିଲା। ଗତ ଅଗଷ୍ଟରେ ୨୦୦ ଏବଂ ବୁଧବାର ୧୦୦ ଟଙ୍କା ହ୍ରାସ କରିବାର ନିଷ୍ପତ୍ତି ନେବାପରେ ଉଜ୍ଜ୍ୱଳା ହିତାଧିକାରୀମାନେ ଏଣିକି ବଜାରର ନିର୍ଦ୍ଧାରିତ ମୂଲ୍ୟଠାରୁ ୫୦୦ ଟଙ୍କା କମ୍ ମୂଲ୍ୟରେ ଗ୍ୟାସ୍ ପାଇବେ। ମହିଳାଙ୍କ ସଶକ୍ତୀକରଣ ଦିଗରେ ଏହା ଏକ ସମ୍ବେଦନଶୀଳ ପଦକ୍ଷେପ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଜୟନାରାୟଣଙ୍କ ପାଗଳାମି ରାଜ୍ୟ ଭାଜପାକୁ ବୁଡ଼ାଇବ: ବିଜେଡି

ଭୁବନେଶ୍ୱର,୪।୧୦(ଅନିଲ ଦାସ)

ଧନ୍ୟବାଦ ଜୟନାରାୟଣ ବାବୁ, ଆପଣ ଯେଉଁଭଳି ପାଗଳର ପ୍ରଳାପ କରୁଛନ୍ତି ଲାଗୁଛି ଆଗାମୀ ନିର୍ବାଚନରେ ଆଉ ବିଜେଡିକୁ ପ୍ରଚାର କରିବା ଦରକାର ପଡ଼ିବ ନାହିଁ। ଆପଣଙ୍କର ଏଭଳି ପାଗଳାମି ରାଜ୍ୟ ଭାଜପାକୁ ଧ୍ୱଂସ କରିଦେବାକୁ ଯଥେଷ୍ଟ। ବିଜେଡି ମୁଖପାତ୍ର ଈପ୍ସିତା ସାହୁ ବୁଧବାର ଗଣମାଧ୍ୟମକୁ ଏହା କହିଛନ୍ତି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଖବରଦାତା ସମ୍ମିଳନୀର ଜବାବ ଦେଇ ସେ କହିଛନ୍ତି, ଶୁଣିବାକୁ ମିଳିଲା କୋଲକାତାରେ ଚିକିତ୍ସିତ ହେଉଥିବା ହସ୍ପିଟାଲରୁ ଆପଣ ଅଧାରୁ ଚାଲି ଆସିଛନ୍ତି। ସେଠାରେ ପାଗଳାମି ଦୂର କରିବାକୁ ଇଲେକ୍ଟ୍ରିକ୍ ଶକ୍ ଟ୍ରିଟ୍‌ମେଣ୍ଟ ଆରମ୍ଭ କରାଯିବା ଶୁଣି ଛାନିଆ ହୋଇ ଚାଲିଆସିଲେ। ଯେହେତୁ ଆପଣ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇନାହାନ୍ତି, ତେଣୁ ପାଗଳର ପ୍ରଳାପ ଜାରି ରଖିଛନ୍ତି। ଆପଣ ରାଜ୍ୟ ଭାଜପା ସଭାପତିଙ୍କ କଥା ଶୁଣୁଛନ୍ତି ନା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି। ଯଦି ଆପଣ ଆଗାମୀ ୬ ମାସ ଏଭଳି ବାଚାଳାମି ଜାରି ରଖନ୍ତି ତେବେ ରାଜ୍ୟ ଭାଜପାର ଆସନ ସଂଖ୍ୟା ବିଧାନସଭାରେ ୨୨ରୁ ୨କୁ ଖସିଆସିବାଟା ଏକପ୍ରକାର ନିଶ୍ଚିତ ବୋଲି ଈପ୍ସିତା କହିଛନ୍ତି।

# ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରାଯାଉ: ଶରତ

ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଅତିଶୀଘ୍ର ଜାତିଭିତ୍ତିକ ଜନଗଣନା କରନ୍ତୁ। ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗଙ୍କ ବିକାଶ ଆବଶ୍ୟକ ମୁତାବକ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରି ନାହିଁ। ୨୦୨୪ ସୁଦ୍ଧା ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରି ତାହାର ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯାଉ। ଯଦି ସରକାର ଏହା ନ କରନ୍ତି ତେବେ ୨୦୨୪ରେ କଂଗ୍ରେସ ରାଜ୍ୟରେ କ୍ଷମତାକୁ ଫେରିଲେ ଜାତିଭିତ୍ତିକ ଜନଗଣନା ନିଶ୍ଚିତ କରିବ ବୋଲି ବୁଧବାର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

# ପାନଚାଷୀଙ୍କୁ ସହାୟତା ସମୁଦ୍ରକୁ ଶଙ୍ଖେ: କିଷାନ କଂଗ୍ରେସ

ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)

ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପାନ ଫସଲର କ୍ଷୟକ୍ଷତି ହେଲେ ପ୍ରଚଳିତ ବିପର୍ଯ୍ୟୟ ପାଣ୍ଠିର ସର୍ତ୍ତାବଳୀ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯାହା ସହାୟତା ମିଳିଥାଏ, ତାହା ସମୁଦ୍ରକୁ ଶଙ୍ଖେ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏନେଇ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟିଛନ୍ତି।

## ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ

# ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହେଲେ ଯମୁନା

ଦିଗପହଣ୍ଡି,୪।୧୦(ଅଶେଷ ନାଥ ମିଶ୍ର)


ସମର୍ଥକଙ୍କ ଗହଣରେ ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ।

ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନକୁ ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ବୁଧବାର ଅନ୍ତ ଘଟିଛି। ବମକୋଇ ପଞ୍ଚାୟତ ସମିତି ସଭ୍ୟା ଯମୁନା ନାୟକ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷା ଆସନ ଅଳଙ୍କୃତ କରିଛନ୍ତି। ନିର୍ବାଚନ ଅଧିକାରୀ ତଥା ସାନଖେମୁଣ୍ଡି ବିଡିଓ ଗାୟତ୍ରୀ ଦତ୍ତ ନାୟକ ଏ ନେଇ ଘୋଷଣା କରିଛନ୍ତି। ଗତ ଜୁନ୍ ୧୧ ତାରିଖରେ ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀଙ୍କ ଆକସ୍ମିକ ବିୟୋଗ ପରେ ଅଧ୍ୟକ୍ଷା ପଦବୀ ଖାଲିପଡିଥିଲା। ଏହି ପଦବୀ ହାସଲ ନିମନ୍ତେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ତଥା ବିଜେଡିରୁ ବହିଷ୍କୃତ ବିପିନ ଚନ୍ଦ୍ର ପ୍ରଧାନ ଓ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ଗୋଷ୍ଠୀଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ଅଗଷ୍ଟ ୩୧ ତାରିଖରେ ଏହି ଉପନିର୍ବାଚନ ପାଇଁ ମତଦାନ କେନ୍ଦ୍ରରେ ବିପିନଙ୍କ ସମର୍ଥିତ ୧୪ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିବା ସମୟରେ ବିପ୍ଳବଙ୍କ ସମର୍ଥିତ ୧୦ ସମିତି ସଭ୍ୟସଭ୍ୟା ଅନୁପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଆଇନଶୃଙ୍ଖଳା ସ୍ଥିତିକୁ ଆଳ କରି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ନିର୍ବାଚନ ପ୍ରକ୍ରିୟାକୁ ବାତିଲ କରିଥିଲେ। ପରେ ୧୪ ସମିତି ସଭ୍ୟାସଭ୍ୟ ହାଇକୋର୍ଟରେ ଯାଚିକା ଦାଖଲ କରିଥିଲେ। ହାଇକୋର୍ଟ ତୁରନ୍ତ ନିର୍ବାଚନ ପ୍ରକ୍ରିୟା ସାରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏନେଇ ରାଜ୍ୟ ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ଅନୁଯାୟୀ ବୁଧବାର ନିର୍ଦ୍ଧାରିତ ସମୟ ଅନୁସାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ବିପିନଙ୍କ ସମର୍ଥିତ ୧୪ଜଣ ସମିତି ସଭ୍ୟଙ୍କ ମଧ୍ୟରୁ ଯମୁନା ନାୟକ ଅଧ୍ୟକ୍ଷା ପଦ ପାଇଁ ନିଜର ନାମାଙ୍କନ ଦାଖଲ କରିଥିଲେ। ବିପ୍ଳବଙ୍କ ସମର୍ଥିତ ୧୦ ସମିତି ସଭ୍ୟ ଭୋଟଦାନ କେନ୍ଦ୍ରକୁ ଆସି ନ ଥିବା ବେଳେ ଯମୁନାଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ଘୋଷିତ କରାଯାଇଥିଲା। ପରେ ବ୍ଲକ କାର୍ଯ୍ୟାଳୟ ବାହାରେ ବିପିନ ଏବଂ ତାଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହର ଲହରି ଖେଳିଯାଇଥିଲା। ବିଜୟ ପରେ ବିପିନ କହିଛନ୍ତି ଯେ, ଏହି ବିଜୟ ମୋର ନୁହେଁ, ଦିଗପହଣ୍ଡି ବ୍ଲକବାସୀଙ୍କ ବିଜୟ। ସେମାନଙ୍କ

### ବିପିନଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି

ସହଯୋଗ ଏବଂ ମା' ବାଙ୍କେଶ୍ୱରୀଙ୍କ ଆଶୀର୍ବାଦର ଫଳସ୍ୱରୂପ ଧର୍ମର ଜୟ ହୋଇଛି। ଏହି ଉପନିର୍ବାଚନ ସମୟରେ ଦିଗପହଣ୍ଡି, ସାନଖେମୁଣ୍ଡି ଓ ଚିକିଟି ତହସିଲଦାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ନିର୍ବାଚନ ପ୍ରକ୍ରିୟା ପୂର୍ବରୁ ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣ ବିବେକ ଏମ୍ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଆଇନଶୃଙ୍ଖଳା ସ୍ଥିତି ଅନୁଧ୍ୟାନ କରିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ନୂତନ ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ କହିଛନ୍ତି, ଆଗାମୀ ଦିନରେ ସମସ୍ତ ପଞ୍ଚାୟତର ବିକାଶ ପ୍ରତି ଦୃଷ୍ଟି ଦେବା ସହ ସାଧାରଣ ଲୋକଙ୍କ ସମସ୍ୟା ବୁଝିବା ପ୍ରଥମ ଲକ୍ଷ୍ୟ ରହିବ। ମୋତେ ଏଭଳି ଗୁରୁଦାୟିତ୍ୱ ଦେଇଥିବାରୁ ସେ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଭୋଗରାଇ ନିର୍ବାଚନମଣ୍ଡଳୀ

# ଆଶାୟୀଙ୍କ ସଂଖ୍ୟା ବଢୁଛି

ଭୋଗରାଇ,୪।୧୦(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିଲା ବେଳେ ବିଜେଡି ଓ ଭାଜପା ମଧ୍ୟରେ ବିଧାୟକ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶାସକ ବିଜେଡିରେ ଦଳୀୟ ଟିକେଟ ହାତେଇବା ଲାଗି ଡଜନେରୁ ଊର୍ଦ୍ଧ୍ୱ କସରତ କରୁଥିବା ବେଳେ ଏବେ ନବାଗତଙ୍କ ଆବିର୍ଭାବ ଯୋଗୁ ଦଳରେ ଗୁଞ୍ଜରଣ ସୃଷ୍ଟି ହୋଇଛି। କେବଳ କଂଗ୍ରେସ ରେ ଜଣେ କିମ୍ବା ଦୁଇଜଣ ଦାବିଦାର ଥିବାବେଳେ ଭାଜପାରେ ୭ ଆଶାୟୀ ଭାବେ ଉଭା ହୋଇଛନ୍ତି।

ଏଭଳି ସ୍ଥିତିରେ ଜଳସୋହରିଆ ଗ୍ରାମର ସାମାଜିକ କର୍ମୀ ଅନୀଲ କୁମାର ଗିରି ଶାସକ ବିଜେଡିରୁ ଟିକେଟ ପାଇବା ଲାଗି ଅଣ୍ଟା ଭିଡ଼ିଛନ୍ତି। ନିଜ ଗାଁ ଚଣ୍ଡୀମନ୍ଦିରରୁ ମଙ୍ଗଳବାର ସନ୍ଧ୍ୟାରେ ଶତାଧିକଙ୍କ ସମର୍ଥନରେ ଶଙ୍ଖ ବଜାଇ ପ୍ରାର୍ଥୀ ହେବା ଲାଗି ସ୍ୱର ଉଠାଇବା ସହ ଏକ ଖବରଦାତା ସମ୍ମିଳନୀରେ ନିଜେ ପ୍ରାର୍ଥୀ ହେବାକୁ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ଅନୀଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମୋ ବାପା ସ୍ୱର୍ଗତ ଡା. ରାଧାକୃଷ୍ଣ ଗିରି ଓରଫ ବାବୁ ଡାକ୍ତର ଉତ୍ତର ବାଲେଶ୍ୱରରେ ଲୋକଙ୍କ ନିରବିଚ୍ଛିନ୍ନ ସେବା କରି ଆସିଛନ୍ତି। ମୋ ଭାଉଜ ମଧ୍ୟ ପଞ୍ଚାୟତ ସମିତି ସଦସ୍ୟ ଭାବେ ଲୋକଙ୍କ ସେବା କରିଛନ୍ତି। ବାପା, ଭାଉଜ ଓ ଗ୍ରାମବାସୀଙ୍କ ଉଦ୍ୟମରେ ଏକ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରି ସୀମାନ୍ତରେ ଦୈନିକ ଶହ ଶହ ଲୋକଙ୍କ ଚିକିତ୍ସା ସେବା ଯୋଗାଇ ଦେଇଛୁ। ମୁଖ୍ୟମନ୍ତ୍ରୀ ମୋତେ ଦଳୀୟ ଟିକେଟ ଦେଲେ ମୁଁ ଭୋଗରାଇ ନିର୍ବାଚନମଣ୍ଡଳୀର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସାକାର କରିବାକୁ ଦୃଢ଼ ପ୍ରତିଜ୍ଞ ବୋଲି ସେ କହିଛନ୍ତି। ଅପରପକ୍ଷରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅସିତ୍ କୁମାର ଚାନ୍ଦ ମଧ୍ୟ ବିଜେଡି ଟିକେଟ ପାଇଁ ଆଶାୟୀ ଥିବା ସୂଚନା ମିଳିଛି। ବିଜେଡିର ଟିକେଟ ଆଶାୟୀ ହେଲେ ବିଧାୟକଙ୍କ ପୁଅ ଇଂ. ଅଭିଜିତ ଦାସ, ଏମ୍‌ସର ବରିଷ୍ଠ ବିଶେଷଜ୍ଞ ଡା. ସରୋଜ ଦାସ ମଜୁମଦାର, ଇଂ. ବିଦ୍ୟୁବେନ୍ଦୁ ପାତ୍ର, ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, ସଙ୍ଗୀତଜ୍ଞ ମନ୍ମଥ ମିଶ୍ର, କୋ ଅପରେଟିଭ ହାଉସିଂ ବୋର୍ଡ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି, ଆଇନଜୀବୀ ଭୁବନାନନ୍ଦ ଦାସ, ପତିତ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଗଣପତି ଗିରି, ଐତିହାସିକ ସ୍ୱର୍ଗତ ମନ୍ମଥ ନାଥ ଦାସଙ୍କ ପୁତ୍ରବଧୂ ଡା. ରଞ୍ଜିତା ଦାସ, ପୂର୍ବତନ ଜିଲାସଭାନେତ୍ରୀ ନିବେଦିତା ମହାନ୍ତି ପ୍ରମୁଖ। ସେହିପରି କଂଗ୍ରେସର ଆଶାୟୀ ହେଲେ ପୂର୍ବତନ କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସ, ଭୋଗରାଇ କଂଗ୍ରେସ ସଭାପତି ଆଶିଷ କୁମାର ପାତ୍ର, ଯୁବ ସଂଗ୍ରାମୀ ସୁଦର୍ଶନ ଜେନା। ଭାଜପା ପକ୍ଷରୁ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପରେଶ ଚନ୍ଦ୍ର ନାୟକ, ଶକ୍ତିପଦ ପାଣ୍ଡେ, ମାନସ ମହାନ୍ତି, ସୁନୀଲ କର, ସଞ୍ଜୀବ କୁମାର ସାହୁ, ଆଶିଷ କୁମାର ମହାନ୍ତି, କୌଶିକ ଚାନ୍ଦ ଓ ଅଂଶୁମାନ ମହାନ୍ତି ପ୍ରମୁଖ ଦଳୀୟ ଟିକେଟ ଲାଗି ଆଶାୟୀ ଅଛନ୍ତି।

# ୨୨ ଆଇଟିଡିଏକୁ ପର୍ଯ୍ୟାପ୍ତ ପରିମାଣର ଟଙ୍କା ଦେଇଛି କେନ୍ଦ୍ର: ଭାଜପା

**ଭୁବନେଶ୍ୱର, ୪।୧୦(ସୁନିତ୍‌ମିଶ୍ର):** ରାଜ୍ୟର ୨୨ଟି ଆଇଟିଡିଏକୁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପରିମାଣର ଟଙ୍କା ଦେଉଛନ୍ତି। ଓଆର୍‌ଭି ଓ ପେସା ଆଇନକୁ କାର୍ଯ୍ୟକାରୀ ନ କରିବାରୁ ଜନଜାତିବର୍ଗଙ୍କ ସାମାଜିକ, ନ୍ୟାୟିକ ଅଧିକାର କ୍ଷୁଣ୍ଣ ହେଉଛି। ଏନେଇ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ବୁଧବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଦଳର ଏସ୍‌ଟି ମୋର୍ଚ୍ଚା ରାଜ୍ୟ ପଦାଧିକାରୀ ବୈଠକରେ ନିଷ୍ପତ୍ତି ହୋଇଛି। ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏମ୍‌ପି ଜୁଏଲ ଓରାମ କହିଛନ୍ତି, ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଉଛି।

# ଏସିଆନ୍ ଗେମ୍ସରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ




ଏସିଆନ୍ ଗେମ୍ସ ଜାଭେଲିନ୍ ଇଭେଣ୍ଟ ଅବସରରେ କିଶୋର ଜେନା।

**ହାଙ୍ଗଝୋ,୪।୧୦(ପି.ଟି.)**

ଏସିଆନ୍‌ଗେମ୍ସ ୨୦୨୩ରେ ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ୨୦୧୮ ଜାକର୍ତ୍ତା ଗେମ୍ସରେ ଭାରତ ୭୦ ପଦକ ହାସଲ କରିଥିବା ବେଳେ ଚଳିତ ଥର ଏହି ରେକର୍ଡ ଭାଙ୍ଗିଛନ୍ତି ଭାରତୀୟ ଆଥ୍‌ଲେଟ। ବୁଧବାର ୩୫ କି.ମି. ମିକ୍ସଡ ରେସ୍ ୱାକ ଇଭେଣ୍ଟରେ ଭାରତର ମଞ୍ଜୁ ରାଣୀ ଓ ରାମ ବାବୁ ପଦକ ଜିତିବା ସହ ଏହି ରେକର୍ଡର ସମକକ୍ଷ ହୋଇଥିଲେ। ସେହିପରି କମ୍ପାଉଣ୍ଡ ଆର୍ଚେରୀ ମିକ୍ସଡ ଟିମ୍ ଫାଇନାଲରେ ସ୍ୱର୍ଣ୍ଣ ପଦକ ଜିତି ରେକର୍ଡ ଅତିକ୍ରମ କରିଥିଲେ ଓଜସ୍ ଦେଓତାଲେ ଓ ଜ୍ୟୋତି ସୁରେଖା ଭେନମ୍। ଏସିଆନ୍ ଗେମ୍ସରେ ଭାରତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି କହିଛନ୍ତି ଚେଫ୍ ଡେ ମିଶନ ଭୂପିନ୍ଦର ସିଂ ବାଜୱା। ଭାରତ ଏହାର ସର୍ବବୃହତ୍ ଦଳ ପ୍ରେରଣ କରିଥିବା ବେଳେ ଅନ୍ୟୁନ ୧୦୦ ପଦକ ହାସଲର ଆଶା ରହିଥିବା ବାଜୱା ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଭାରତ ୧୮ ସ୍ୱର୍ଣ୍ଣ, ୩୧ରୌପ୍ୟ ଓ ୩୨ବ୍ରୋଞ୍ଜ ପଦକ ହାସଲ କରିଛି। **ଆର୍ଚେରି:** ଆର୍ଚେରିରେ ପ୍ରଥମ ଥର ପାଇଁ ଭାରତ ଏକ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସମର୍ଥ ହୋଇଛି। ଓଜସ ଦେଓତାଲେ ଓ ଜ୍ୟୋତି ସୁରେଖା ଭେନମଙ୍କ ଭାରତୀୟ ମିକ୍ସଡ କମ୍ପାଉଣ୍ଡ ଟିମ୍ ଏହି ରେକର୍ଡ କରିଛି। ଫାଇନାଲରେ କୋରିଆକୁ ୧୫୯-୧୫୮ ପଏଣ୍ଟରେ ପରାସ୍ତ କରିଥିଲା ଭାରତ। ଓଜସ ଦେଓତାଲେ ଗୋଟିଏ ଥର ଏକ ପଏଣ୍ଟ ମିସ୍ କରିଥିବା ବେଳେ ଭାରତ ମଧ୍ୟ ସମୁଦାୟ ଶୁଟ୍ ଅଫ୍‌ରେ ଗୋଟିଏ ପଏଣ୍ଟ ମିସ୍ କରିଥିଲା। ଅନ୍ୟ ପକ୍ଷରେ ଜ୍ୟୋତି ଚମତ୍କାର ପ୍ରଦର୍ଶନ କରି ପର୍ଫେକ୍ଟ ୧୦ ସ୍କୋର କରିଥିଲେ। ଏହା ପୂର୍ବରୁ କ୍ୱାର୍ଟର ଫାଇନାଲରେ ମାଲେସିଆକୁ ୧୫୮-୧୫୫ ଓ ସେମିରେ କାଜାଖସ୍ତାନକୁ ୧୫୯-୧୫୪ରେ ପରାସ୍ତ କରିଥିଲା ଭାରତ। ତେବେ ରିକର୍ଭ ମିକ୍ସଡ୍ ଟିମ୍ ପରାଜୟ ସହିତ







ପୁରୁଷ ୪x୪୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳ ସହ କିଶୋର ଓ ନୀରଜ। ଆର୍ଚେରି ଇଭେଣ୍ଟରେ ପ୍ରଥମଥରପାଇଁ ସ୍ୱର୍ଣ୍ଣ ବିଜୟୀ ଓଜସ ଦେଓତାଲେ ଓ ଜ୍ୟୋତି ସୁରେଖା ଭେନମ।

## ଆର୍ଚେରିରେ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଓଜସ୍-ଜ୍ୟୋତି

ବିଦାୟ ନେଇଛି। ଅତନୁ ଦାସ ଓ ଅଙ୍କିତା ଭକତଙ୍କ ଯୋଡି ୪-୨ରେ ଇଣ୍ଡୋନେସିଆ ଯୋଡିଙ୍କଠାରୁ ପରାଜିତ ହୋଇଥିଲେ। **ରେସ୍ ୱାକିଂ:** ୩୫ କିମି ରେସ୍ ୱାକିଂରେ ଭାରତ ଐତିହାସିକ ପଦକ ହାସଲ କରିଛି। ଭାରତର ଜାତୀୟ ରେକର୍ଡଧାରୀ ରେସ୍ ୱାକର ମଞ୍ଜୁ ରାଣୀ ଓ ରାମ୍ ବାବୁ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉଭୟ ମିଳିତ ଭାବେ ୫:୫୧:୧୪ ସେକେଣ୍ଡର ସମୟ ନେଇଥିଲେ। ୨୪ ବର୍ଷୀୟ ରାମ ବାବୁ ୨:୪୨:୧୧ ସେକେଣ୍ଡର ସମୟ ନେଇ ୪ର୍ଥ ସ୍ଥାନରେ ରହିଥିବା ବେଳେ ମଞ୍ଜୁ ୩:୦୯:୦୩ ସେକେଣ୍ଡର ସମୟ ନେଇ ଷଷ୍ଠ ସ୍ଥାନରେ ରହିଥିଲେ। **ବକ୍ସିଂ:** ମହିଳା ବକ୍ସିଂରେ ଲଭଲିନା ବୋର୍ଗୋହେନ୍ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିବା ବେଳେ ପରବିନ୍ ହୁଡା ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉଭୟ ଖେଳାଳି ଏହା ସହିତ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ୭୫ କିଗ୍ରା ଓଜନ ବର୍ଗ ଫାଇନାଲରେ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ଚାଇନାର ଲି କିଆନ୍‌ଙ୍କ ନିକଟରୁ ପରାଜିତ ହୋଇଥିଲେ ବୋର୍ଗୋହେନ୍। ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିବା କାରଣରୁ ଲଭଲିନା ପରାଜିତ ହୋଇଥିଲେ। ଅନ୍ୟପକ୍ଷରେ ମହିଳା ୫୭ କିଗ୍ରା ଓଜନ ବର୍ଗର ସେମିଫାଇନାଲରେ ପରାଜିତ ହୋଇଛନ୍ତି ପରବିନ୍ ହୁଡା। ଦୁଇଥର ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜୟିନୀ ଚାଇନିଜ୍ ତାଇପେର ଲିନ୍ ୟୁ ଟିଙ୍ଗଙ୍କଠାରୁ ପରାଜିତ ହୋଇଥିଲେ। **କୁସ୍ତି:** ଭାରତର ସୁନୀଲ କୁମାର ଏସିଆନ୍ ଗେମ୍ସ କୁସ୍ତିର ଗ୍ରିକୋ ରୋମାନ ଇଭେଣ୍ଟରେ ଏକ ପଦକ ଜିତିଛନ୍ତି। ୧୩ ବର୍ଷର ବ୍ୟବଧାନ ପରେ ସେ ଭାରତ ପାଇଁ ଏକ ପଦକ ଜିତିଛନ୍ତି। ୮୭ କିଗ୍ରା ଓଜନ ବର୍ଗରେ ସୁନୀଲ କୁମାର ବ୍ରୋଞ୍ଜ ପଦକ ଜିତି ୧୩ ବର୍ଷ ପଦକ ମରୁଡିର ଅବସାନ ଘଟାଇଛନ୍ତି। ବୁଧବାର ଅନ୍ୟ ୩ ଭାରତୀୟ ଗ୍ରୀକୋ ରୋମାନ ଇଭେଣ୍ଟରୁ ବିଦାୟ ନେଇଥିଲେ ମଧ୍ୟ ସୁନୀଲ କୁମାର କିର୍ଗିଜସ୍ତାନର ଆଟାବେକ୍ ଆଜିସ୍‌ବେକୋଭ୍‌ଙ୍କୁ ୨-୧ରେ ପରାସ୍ତ କରିଥିଲେ। ଗ୍ରୀକୋରୋମାନରେ ଏହା ଭାରତର ତୃତୀୟ ପଦକ। ୨୦୧୦ ଦିଲ୍ଲୀ ଏସିଆନ୍ ଗେମ୍ସରେ ଭାରତ ଦୁଇଟି ପଦକ ଜିତିଥିଲା। **୫୦୦୦ ମିଟର ରେସ୍:** ଭାରତର ଅବିନାଶ ସାବ୍‌ଲେ ୫୦୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସାବ୍‌ଲେ ବୁଧବାର ଚମତ୍କାର ପ୍ରଦର୍ଶନ କରିବା ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୯ ବର୍ଷୀୟ ସାବ୍‌ଲେ ୧୩:୨୧:୦୯ ସେକେଣ୍ଡର ଟାଇମିଂ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟତମ ଭାରତୀୟ ଗୁଲବୀର ସିଂ ୧୩:୨୯:୯୩ ସେକେଣ୍ଡର ଟାଇମିଂ ସହିତ ଚତୁର୍ଥ ସ୍ଥାନରେ ରହିଥିଲେ। **ମହିଳା ରିଲେ ଦଳ:** ଭାରତୀୟ ମହିଳା ୪x୪୦୦ ରିଲେ ଦଳ ରୌପ୍ୟ ପଦକ ହାସଲ କରିଛି। ବିଦ୍ୟା ରାମରାଜ, ଐଶ୍ୱର୍ଯ୍ୟା କୈଳାଶ ମିଶ୍ର, ପ୍ରାଚୀ ଓ ଶୁଭା ଭେଙ୍କଟେସନଙ୍କ ଦଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ଭାରତ ୩:୨୭.୮୫ ସେକେଣ୍ଡର ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ପ୍ରଥମ ସ୍ଥାନରେ ଥିବା ବାହାରିନ୍ ମାତ୍ର ୦.୨୦ ସେକେଣ୍ଡ ଆଗରେ ରହିଥିଲା।




ରେସ୍ ଜିତିବା ପରେ ୪x୪୦୦ ମହିଳା ରିଲେ ଦଳ।

## ଚାଇନିଜ୍ ଅଫିସିଆଲଙ୍କ ବିରୋଧରେ ଅଞ୍ଜୁଙ୍କ ଅଭିଯୋଗ

**ହାଙ୍ଗ୍‌ଝୋ, ୪।୧୦ (ପି.ଟି.)**

ଏସିଆନ ଗେମ୍ସ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରାଙ୍କ ପ୍ରଥମ ପ୍ରୟାସ ହିସାବକୁ ନିଆଯାଇ ନ ଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରତିଯୋଗିତା ବେଳେ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସିନିୟର ଉପସଭାପତି ଅଞ୍ଜୁ ବବି ଜର୍ଜ ଉପସ୍ଥିତ ଥିଲେ। ଚାଇନିଜ ଅଫିସିଆଲମାନେ ଠକିବାକୁ ଚେଷ୍ଟା କରିଥିଲେ ଏବଂ ସେମାନେ ଜାଣିଶୁଣି ଭାରତୀୟଙ୍କୁ ଟର୍ଗେଟ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଚୋପ୍ରା ଅତି ସହଜରେ ୮୫ମିଟର କ୍ଲିୟର କରିଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା ତାଙ୍କର ଏହି ପ୍ରୟାସ ବିନା କାରଣରେ ହିସାବକୁ ନିଆଯାଇ ନ ଥିଲା। ଚତୁର୍ଥ ପ୍ରୟାସରେ ସ୍ୱର୍ଣ୍ଣ ଜିତିବା ପରେ ନୀରଜ ଖବରଦାତାମାନଙ୍କୁ କହିଛନ୍ତି ତାଙ୍କ ପ୍ରଥମ ଥ୍ରୋ'ର ମାପ କାହିଁକି ନିଆ ଗଲାନି ସେ ଜାଣନ୍ତି ନାହିଁ। ତାଙ୍କ ପରେ କିନ୍ତୁ ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କର ଥ୍ରୋ ଓ ଦୂରତାର ମାପ ନିଆଯାଇଥିଲା। ଏହି ଘଟଣା ତାଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୭୧ | ୯୪ | ୫୧ | ୩୧୬ |
| ଜାପାନ | ୩୭ | ୫୧ | ୫୯ | ୧୪୭ |
| ଦ.କୋରିଆ | ୩୩ | ୪୫ | ୭୦ | ୧୪୮ |
| **ଭାରତ** | **୧୮** | **୩୧** | **୩୨** | **୮୧** |
| ଉଜ୍‌ବେକିସ୍ତାନ | ୧୬ | ୧୬ | ୨୨ | ୫୪ |
| ଚାଇନିଜ ତାଇପେ | ୧୨ | ୧୪ | ୨୦ | ୪୬ |
| ଥାଇଲାଣ୍ଡ | ୧୦ | ୧୨ | ୨୪ | ୪୬ |
| ଉ.କୋରିଆ | ୯ | ୧୧ | ୮ | ୨୮ |
| ବାହାରିନ | ୯ | ୧ | ୫ | ୧୫ |
| ହଂକଂ | ୭ | ୧୫ | ୨୮ | ୫୦ |

## ମା'ଙ୍କ ରେକର୍ଡ ଭାଙ୍ଗିଲେ ହରମିଲାନ

**ହାଙ୍ଗଝୋ,୪।୧୦(ପି.ଟି.)**

ପ୍ରଥମ ଭାରତୀୟ ମା-ଝିଅ ଯୋଡି ଭାବରେ ଏସିଆନ୍ ଗେମ୍ସ ପଦକ ବିଜୟୀ ହେବାର ରେକର୍ଡ କରିଛନ୍ତି ହରମିଲାନ ବେନ୍ସ ଓ ମାଧୁରୀ। ୨୦୦୨ ମସିହାରେ ମା' ମାଧୁରୀ ଭାରତ ପାଇଁ ୮୦୦ ମିଟର ରେସ୍‌ରେ ଏକ ପଦକ ବିଜୟୀ ହୋଇଥିବା ବେଳେ ଚଳିତ ବର୍ଷ ଦୁଇ ଦୁଇଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି ହରମିଲାନ୍। ୨୫ ବର୍ଷୀୟା ହରମିଲାନ ୧୫୦୦ ମିଟର ଦୌଡରେ ରୌପ୍ୟ ପଦକ ବିଜୟୀ ହୋଇଥିବା ବେଳେ ବୁଧବାର ୮୦୦ ମିଟର ଦୌଡରେ ସେ ନିଜର ଦ୍ୱିତୀୟ ରୌପ୍ୟ ପଦକ ଜିତି ମା'ଙ୍କ ରେକର୍ଡ ଭାଙ୍ଗିଛନ୍ତି। ମାଧୁରୀ ୨୦୦୨ ବୁସାନ୍ ଗେମ୍ସରେ ରୌପ୍ୟ ହାସଲ କରିଥିବା ବେଳେ ଦୁଇଟି ରୌପ୍ୟ ପଦକ ସହିତ ମା'ଙ୍କ ରେକର୍ଡକୁ ପଛରେ ପକାଇଛନ୍ତି ହରମିଲାନ୍। ୮୦୦ ମିଟର ରେସ୍‌ରେ ୨:୦୩.୭୫ ସେକେଣ୍ଡର ଟାଇମିଂ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ରେସ୍ ଆରମ୍ଭରୁ ହରମିଲାନ୍ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଅନ୍ତିମ ୧୦ ମିଟରରେ ସେ ଚାଇନାର ଦୁଇ ଆଥଲେଟଙ୍କୁ ପଛରେ




୮୦୦ ମିଟର ଦୌଡ଼ ରୌପ୍ୟ ପଦକ ସହ ହରମିଲାନ ବେନ୍ସ।

ପକାଇଥିଲେ। ଶ୍ରୀଲଙ୍କାର ଥାରୁସି ଦିସାନାୟକ ପ୍ରଥମ ସ୍ଥାନରେ ରହିଥିବା ବେଳେ ଚାଇନାର ଟ୍ୟୁଙ୍ଗ ୱାଙ୍ଗ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨:୦୫.୬୯ ସେକେଣ୍ଡର ଟାଇମିଂ ସହିତ ଅନ୍ୟତମ ରେସର୍ ଚନ୍ଦା ସପ୍ତମ ସ୍ଥାନରେ ରହିଥିଲେ।

## ଏସିଆନ ଗେମ୍ସରେ ଭାରତର ପଦକ (ବୁଧବାର)

**ସ୍ୱର୍ଣ୍ଣ**

➤ନୀରଜ ଚୋପ୍ରା: ଜାଭେଲିନ୍
➤ଓଜସ ଦେଓତାଲେ-ଜ୍ୟୋତି ସୁରେଖା ଭେନମ୍: କମ୍ପାଉଣ୍ଡ ଆର୍ଚେରୀ ମିକ୍ସଡ୍ ଟିମ୍
➤ମହମ୍ମଦ ଅନସ ୟାହିୟା, ଆମୋଜ ଜାକବ୍, ମହମ୍ମଦ ଅଜମଲ ଓ ରାଜେଶ ରମେଶ:୪x୪୦୦ ପୁରୁଷ ରିଲେ ଦଳ

**ରୌପ୍ୟ**

➤ଲଭଲିନା ବୋର୍ଗୋହେନ୍: ମହିଳା ବକ୍ସିଂ(୭୫ କିଗ୍ରା)
➤ହରମିଲାନ୍ ବେନ୍ସ: ୮୦୦ ମିଟର ଦୌଡ
➤କିଶୋର ଜେନା: ଜାଭେଲିନ୍
➤ବିଦ୍ୟା ରାମରାଜ, ଐଶ୍ୱର୍ଯ୍ୟା କୈଳାଶ ମିଶ୍ର, ପ୍ରାଚୀ ଓ ଶୁଭା ଭେଙ୍କଟେସନ: ୪x୪୦୦ ମହିଳା ରିଲେ ଦଳ
➤ଅବିନାଶ ସାବଲେ: ୫୦୦୦ ମିଟର ଦୌଡ

**ବ୍ରୋଞ୍ଜ**

➤ସୁନୀଲ କୁମାର: ୮୭ କିଗ୍ରା ଗ୍ରୀକୋ ରୋମାନ
➤ଅନହତ ସିଂ, ଅଭୟ ସିଂ: ମିକ୍ସଡ ଟିମ୍ ସ୍କ୍ୱାଶ୍
➤ପରବିନ୍ ହୁଡା: ୫୭ କିଗ୍ରା ମହିଳା ବକ୍ସିଂ
➤ମଞ୍ଜୁ ରାଣୀ ଓ ରାମ୍ ବାବୁ: ୩୫ କି.ମି. ମିକ୍ସଡ ଟିମ ରେସ୍ ୱାକିଂ।

## ଭୁବନେଶ୍ୱରରେ ସିଆଇଏସ୍‌ସିଇ ଜାତୀୟ ଫୁଟ୍‌ବଲ




ଖବରଦାତା ସମ୍ମିଳନୀରେ ଆୟୋଜକ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୪।୧୦ (ତପନ ସ୍ୱାଇଁ)**

ରୁଚିକା ସ୍କୁଲ ଆନୁକୂଲ୍ୟରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ସିଆଇଏସ୍‌ସିଇ(କାଉନ୍‌ସିଲ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେଶନ୍ସ) ଜାତୀୟ କ୍ରୀଡ଼ାର ୧୯ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଆନ୍ଧ୍ରପ୍ରଦେଶ-ତେଲଙ୍ଗାନା, ବିହାର-ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ-ଛତିଶଗଡ଼, ଉତ୍ତର ପଶ୍ଚିମ-କର୍ଣାଟକ, କେରଳ, ମହାରାଷ୍ଟ୍ର, ଉତ୍ତର ଭାରତ, ଓଡ଼ିଶା, ତାମିଲନାଡୁ-ପୁଡୁଚେରୀ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ-ଉତ୍ତର ପୂର୍ବାଞ୍ଚଳ ଓ ୟୁଏଇ ଆଦି ୧୩ଟି ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦଳ ନିଜ ନିଜ ଅଞ୍ଚଳର ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାରେ ମୋଟ ୧୯ଟି ମ୍ୟାଚ ଖେଳାଯିବ। "ସିଆଇଏସ୍‌ସିଇ ଜାତୀୟ କ୍ରୀଡ଼ାକୁ ପ୍ରତିବର୍ଷ ମୁଖ୍ୟତଃ ୩ଟି ୧୪, ୧୭ ଓ ୧୯ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ଜୋନ୍, ଆଞ୍ଚଳିକ ଏବଂ ଜାତୀୟ ସ୍ତରରେ ଆୟୋଜନ କରାଯାଉଛି। ଚଳିତ ବର୍ଷ ରୁଚିକା ହାଇସ୍କୁଲ କୋଡ୍ ଓଆର୍‌୦୫୪(ଓଡ଼ିଶା ଅଞ୍ଚଳ)ରେ ୧୯ ବର୍ଷରୁ କମ୍ ବାଳକ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି" ବୋଲି ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରୁଚିକା ହାଇସ୍କୁଲ ପ୍ରିନ୍ସିପାଲ ଲିଲା ଖୁରାନା ପ୍ରକାଶ କରିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରୁଚିକା ହାଇସ୍କୁଲର ନିର୍ଦ୍ଦେଶକ ଜି.ଏସ୍. ଖୁରାନା, ୟୁନିଟ-୪ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ପ୍ରିନ୍ସିପାଲ ବି.କେ. ତ୍ରିପାଠୀ ଓ ମ୍ୟାଚ କମିଶନର ଶିବଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ହକି, ସ୍କ୍ୱାଶ୍, ବ୍ରିଜ୍‌ରୁ ପଦକ ପକ୍କା

**ହାଙ୍ଗଝୋ,୪।୧୦(ପି.ଟି.)**

୧୯ ତମ ଏସିଆନ୍ ଗେମ୍ସରେ ହକି, ସ୍କ୍ୱାଶ୍ ଓ ବ୍ରିଜ୍‌ରେ ପଦକ ପକ୍କା କରିଛି ଭାରତ। ପୁରୁଷ ହକି ଦଳ ଦକ୍ଷିଣ କୋରିଆକୁ ୫-୩ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଦଳ ଜାପାନକୁ ଭେଟିବ। ଏହା ସହିତ ଏହି ଟୁର୍ନାମେଣ୍ଟ ବିଜୟୀ ହେଲେ ଭାରତ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବ। ଭାରତ ପକ୍ଷରୁ ହାର୍ଦ୍ଦିକ ସିଂ(୫), ମନଦୀପ ସିଂ(୧୧), ଲଳିତ ଉପାଧ୍ୟାୟ(୧୫), ଅମିତ ରୋହିଦାସ(୨୪) ଓ ଅଭିଷେକ(୫୪) ମିନିଟରେ ଭାରତ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କୋରିଆ ପକ୍ଷରୁ ମାନ୍‌ଜାଏ ଜୁଙ୍ଗ (୧୭, ୨୦ ଓ ୪୨) ମିନିଟରେ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଭାରତ ପ୍ରଥମ କ୍ୱାର୍ଟରରେ ୩-୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ଜୁଙ୍ଗ ଚମତ୍କାର ପ୍ରଦର୍ଶନ କରି ଭାରତକୁ ଚାପରେ ରଖିଥିଲେ। ସ୍କ୍ୱାଶରେ ଭାରତୀୟ ଯୋଡି ଦୀପିକା ପାଲିକଲ୍-ହରିନ୍ଦର ପାଲ ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରବେଶ କରିଥିବା ବେଳେ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ସୌରଭ ଘୋଷାଲ। ଅନ୍ୟତମ ମିକ୍ସଡ ଡବଲ୍ସ ଯୋଡି ଅନହତ ସିଂ-ଅଭୟ ସିଂ ପରାଜିତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମାଲେସିଆ ଖେଳାଳିଙ୍କ ନିକଟରୁ ଉଭୟ ୧୧-୮, ୨-୧୧ ଓ ୯-୧୧ ସେଟରେ ହାରି ଯାଇଥିଲେ। ଦୀପିକା ପାଲିକଲ୍-ହରିନ୍ଦର ପାଲଙ୍କ ଯୋଡି ୭-୧୧, ୧୧-୭ ଓ ୧୧-୯ରେ ହଂକଂ ଯୋଡିକୁ ପରାସ୍ତ କରିଥିଲେ। ବ୍ରିଜ୍ ଇଭେଣ୍ଟରେ ଭାରତ ୨-୧ରେ ଚାଇନାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ବୁଧବାର ସେମି ଫାଇନାଲରେ ଭାରତ ୧୫୫.୬୦ ପଏଣ୍ଟ ସ୍କୋର କରିଥିବା ବେଳେ ଚାଇନା ୧୩୫ ପଏଣ୍ଟ ସ୍କୋର କରିଥିଲା। ଭାରତ ଓ ହଂକଂ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ୩ ଭାରତୀୟ। ପି.ଭି ସିନ୍ଧୁ, ଏଚ୍. ଏସ୍. ପ୍ରଣୟଙ୍କ ସମେତ ଡବଲ୍ସ ଯୋଡି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମଧ୍ୟ ଅନ୍ତିମ ୮ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ସେହିପରି ଭାରତୀୟ ପୁରୁଷ ଓ ମହିଳା କବାଡି ଦଳ ଥାଇଲାଣ୍ଡ ବିପକ୍ଷରେ ବୃହତ୍ ବିଜୟ ହାସଲ କରିଛନ୍ତି। ବୁଧବାର ପୁରୁଷ ଦଳ ୬୩-୨୬ରେ ବିଜୟୀ ହୋଇଥିବା ବେଳେ ମହିଳା ଦଳ ୫୪-୨୨ ପଏଣ୍ଟରେ ବିଜୟ ହାସଲ କରିଥିଲା।




ଗୋଲ୍ ସ୍କୋର କରିବା ପରେ ଲଳିତ ଉପାଧ୍ୟାୟଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ଶ୍ରୁତିଙ୍କ ଆକଳନ



ଶ୍ରୁତି

**କ**ମଲ ତନୟା ଶ୍ରୁତି ହାସନ ଏବେଠାରୁ ଆକଳନ କରିସାରିଲେଣି। ସେ କହି ବୁଲୁଛନ୍ତି ପ୍ରଭାସ ଏବଂ ତାଙ୍କ ଅଭିନୀତ 'ସଲାର' ବକ୍ସ ଅଫିସରେ ଆଶାତୀତ ବିଜନେସ କରିବ। ସେ ତ କେବଳ କହିଦେଲେ ହେବ ନାହିଁ, ସିନେମାଟି ସେହି ଅନୁସାରେ ନିର୍ମାଣ ହୋଇଥିବା ଦରକାର। ତଥାପି ଫିଲ୍ମଟିର ସଫଳତାକୁ ନେଇ ଢେର ଆଶା ବାନ୍ଧିଛନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ସେ କହନ୍ତି, 'ସଲାର'ର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ କେବଳ ନିର୍ଦ୍ଦେଶକ ନୁହନ୍ତି, ଏଥିରେ ଅଭିନୟ କରିଥିବା ସମସ୍ତ କଳାକାର ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ଶୁଟିଂ ସମୟରେ ଯେପରି କୌଣସି କଥା ନଜର ବାହାରକୁ ଖସି ନ ଯାଏ ସେଥିଲାଗି ବେଶ୍ ସଜାଗ ରହିଥିଲେ ଏହାର ପ୍ରଯୋଜକ। ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'କେଜିଏଫ'ଫେମ୍ ପ୍ରଶାନ୍ତ ନୀଲ୍। ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ଡିସେମ୍ବର ୨୨ରେ ରିଲିଜ ହେବାକୁ ଯାଉଛି।

## ଅତୀତକୁ

⏭ଅଜିତ ଦାସ-ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା 'ବାଟ ଅବାଟ'। ଏହାର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା ।

⏭ତତେ କିଏ କଲା ବନଚାରୀ ରେ ଜଟାଧାରୀ, ଆହେ ଦୁଃଖହାରୀ ମୋ ଦୁଃଖ କିଏ ହରିବ, ରାମ ଯିବେ ବନବାସ-ଏଭଳି ଲୋକପ୍ରିୟ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର। ଚଳଚ୍ଚିତ୍ରଟି ଥିଲା 'ରାମାୟଣ'। ଧୀର ବିଶ୍ୱାଳଙ୍କ ପ୍ରଯୋଜନାରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି, ଶୁଭ୍ରା ପତି ଏବଂ ଧୀର ବିଶ୍ୱାଳ ପ୍ରମୁଖ କଳାକାର।

⏭ଓଡ଼ିଆ ସିନେମା 'କାଚଘର' ପ୍ରଯୋଜନା କରିଥିଲେ କାମିନୀ ତ୍ରିପାଠୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କାହ୍ନୁ ଦାସ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ପ୍ରମୁଖ କଳାକାର।

⏭ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ନାୟକ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା। ତାଙ୍କ ଅପୋଜିଟ୍‌ରେ ଥିଲେ ସେ ସମୟର ଅନ୍ୟତମ ଲୋକପ୍ରିୟ ନାୟିକା ବନଜା ମହାନ୍ତି।

### ପରଦାରେ

## କାଇଁଚମାଳି



'କାଇଁଚମାଳି' ଫିଲ୍ମରେ ଶୁଭାଶିଷ

**ଓଁ**କାର ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ସିନେମା 'କାଇଁଚମାଳି' ଚଳିତ ମାସ ୬ ତାରିଖରେ ପରଦା ଉପରକୁ ଆସୁଛି। ଖାସ୍ କଥା ହେଲା, 'ଦୁର୍ଗା' ଫେମ୍ ମହେଶ ହାଜ୍‌ରା ଏହି ଫିଲ୍ମରୁ ନିଜ ଓଲିଉଡ୍‌ରେ ନିର୍ଦ୍ଦେଶନା ଡେବ୍ୟୁ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରଟିର କାହାଣୀରେ ରହିଛି ଗାଁ ମାଟିର ପାଣିପବନ, ଓଡ଼ିଆ ସଂସ୍କୃତି ବାସ୍ନା। ତା'ସହ ପାରିବାରିକ ସମ୍ପର୍କ, ପଖାଳ କଂସା, ଆଉ ଶାଗଭଜାର ବାସ୍ନା ମଧ୍ୟ ଏଥିରେ ରହିଛି। ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ନବାଗତ ପ୍ରଯୋଜକ ସତ୍ୟଜିତ ବାଗ୍। ସିନେମାଟୋଗ୍ରାଫି ଦାୟିତ୍ୱରେ ଅଛନ୍ତି ରବୀନ୍ଦ୍ର ବେହେରା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ଅନ୍ୟତମ ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ବିଶ୍ୱଭୂଷଣ ମିଶ୍ର। ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି ଶୁଭାଶିଷ ଶର୍ମା(ମଣ୍ଟୁ), ସୁପ୍ରିୟା ନାୟକ, ନମ୍ରତା ଥାପ୍ପା ଏବଂ ଦୁଷ୍ମନ୍ତ ପଣ୍ଡା। ଏମାନଙ୍କ ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ପ୍ରିୟଙ୍କା ମହାପାତ୍ର, ଅଶୋକ ଦାଶ, ମନୀଷା ମିଶ୍ର, ଜଲିଉଡର ବରିଷ୍ଠ ଖଳନାୟକ ଦୈତାରୀ ପଣ୍ଡା, ପୀୟୂଷ ତ୍ରିପାଠୀ ଏବଂ ବ୍ରଜ ସିଂ ପ୍ରମୁଖ କଳାକାର। ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

## ଭାଗ୍ୟବତୀ ସାରା

**ସୈ**ଫ ତନୟା ସାରା ଅଲ୍ଲୀ ଖାଁଙ୍କ ମୁଣ୍ଡରେ ହାତୀ ସତେଯେମିତି ସୁନା କଳସ ଢାଳିଛି। ଦେଖୁନାହାନ୍ତି, ତାଙ୍କୁ କେମିତି ଏକାଥରେ ତିନୋଟି ସିନେମାରେ ଅଭିନୟ କରିବାକୁ ଅଫର ମିଳିଛି। ପୁଣି ଏଗୁଡ଼ିକର କାହାଣୀ ନାରୀକୈନ୍ଦ୍ରିକ। ଏଭଳି ଅଫର ମିଳିବା ପରେ ତାଙ୍କର ଖୁସି କହିଲେ ନ ସରେ। ଏ ନେଇ ସାରା କୁହନ୍ତି, 'ମୋ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ତାହା କେବେଳ ମୁଁ କଳ୍ପନା କରି ନ ଥିଲି। । କାହାଣୀଗୁଡ଼ିକ ମୋତେ ବେଶ୍ ପ୍ରଭାବିତ କରଛି। ତା'ସହ ସେଗୁଡ଼ିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ଗ୍ରହଣ କରିଛି। ଏବେ ସେ ଅଭିନୟ କରିଥିବା 'ୟେ ୱତନ ମେରି ୱତନ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି।

ସାରା



## ଆଇଟମ୍ ନମ୍ବରରେ ସୁପ୍ରିୟା



'ଡଟ୍‌ପେନ୍' ଫିଲ୍ମରେ ସୁପ୍ରିୟା

**ବ**ର୍ତ୍ତମାନ ଓଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତ୍ରୀ ହେଉଛନ୍ତି ଚୁଲ୍‌ବୁଲି ସୁପ୍ରିୟା। ଧାରାବାହିକରେ ନିଜ ଅଭିନୟ ଦକ୍ଷତା ଦେଖାଇସାରିଛନ୍ତି ସେ। କେବଳ ସେତିକି ନୁହେଁ, ଓଡ଼ିଆ ଚଳଚ୍ଚିତ୍ର 'ଲଭ୍ ପାଇଁ କୁଛ୍ ଭି କରେଗା', 'ବିଜୁବାବୁ', 'ଆସ୍ତିକ ନାସ୍ତିକ' ଏବଂ 'ପୁଷ୍କରା'ର ମୁଖ୍ୟ ନାୟିକା ଭାବେ ଆକ୍ଟିଂକରି ସାଉଁଟି ଚାଲିଛନ୍ତି ପ୍ରଶଂସା। ତେବେ ବର୍ତ୍ତମାନ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। କାରଣ ଚଳିତ ମାସ ୧୩ରେ ରିଲିଜ୍ ହେଉଥିବା ଓଡ଼ିଆ ସିନେମା 'ଡଟ୍‌ପେନ୍'ରେ ତାଙ୍କୁ ଏକ ଆଇଟମ୍ ଗୀତରେ ନାଚୁଥିବାର ଦେଖିବାକୁ ମିଳିବ। ଏହି ଗୀତଟି ଦର୍ଶକାଦୃତ ହେବ ବୋଲି ଆଶା ରଖିଛନ୍ତି ସେ। ଉକ୍ତ ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅଶ୍ୱିନୀ ତ୍ରିପାଠୀ। ଏହାର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ପୁପୁଲ ମହାନ୍ତି। କାର୍ଯ୍ୟନିର୍ବାହୀ ପ୍ରଯୋଜକ ହେଉଛନ୍ତି ଗଣେଶ ରାମ ଅଗ୍ରୱାଲ। 'ଡଟ୍‌ପେନ୍'ର ବିଭିନ୍ନ ଭୂମିକାରେ ଜ୍ୟୋତି, ଦିବ୍ୟା ମହାନ୍ତି, ରୋହନ, ପ୍ରମୁଖ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ପ୍ରଚାର ପ୍ରସାର ଓ କ୍ରିଏଟିଭ୍ ହେଡ୍ ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ପ୍ରଣୟ ଜେଠୀ।

## ମାତ୍ର ୧୫ ଦିନ

ମାଳବିକା



**ମା**ଲାୟାଲମ ଅଭିନେତ୍ରୀ ମାଳବିକା ମୋହନାନ୍‌ଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ବିଓଣ୍ଡ ଦ କ୍ଲାଉଡ୍'। ଏହି ଫିଲ୍ମ ପାଇଁ ତାଙ୍କୁ ଓଜନ କମାଇବାକୁ ପରାମର୍ଶ ଦିଆଯାଇଥିଲା। ବାସ୍, ତା'ପରେ ସେ ଏଥିପାଇଁ ଦିନରାତି ଏକାଠି କରିଦେଇଥିଲେ। ମାତ୍ର ୧୫ ଦିନ ମଧ୍ୟରେ ତାଙ୍କର ଏହି ଓଜନ କମେଇବା ମିଶନ ସକ୍‌ସେସ୍ ହୋଇଥିଲା। ଏହି ସମୟ ଅବଧି ମଧ୍ୟରେ ସେ ୮ କିଗ୍ରା ଓଜନ କମାଇବାରେ ସକ୍ଷମ ହୋଇଥିଲେ। ମାଳବିକା କେବଳ ମାଲାୟାଲମ ନୁହେଁ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି। କେରଳର କନ୍ନୁର ଜିଲାରେ ଜନ୍ମିତା ଏହି ଅଭିନେତ୍ରୀ ବମ୍ବେରେ ରହନ୍ତି। ବଲିଉଡ୍‌ର ବିଶିଷ୍ଟ କୋରିଓଗ୍ରାଫର କେ.ୟୁ. ମୋହନାନ୍‌ଙ୍କ ଏହି କନ୍ୟା ମାସ୍ ମିଡିଆରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ୨୦୧୩ରେ ତାଙ୍କୁ ମାଲାୟାଲମ ଫିଲ୍ମ 'ପଟ୍ଟମ ପୋଲେ'ରେ ବ୍ରେକ୍ ମିଳିଥିଲା। ଏଥିରୁ ସଫଳତା ପାଇବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ।

### ଛୋଟ ପରଦା
### ଜୀ-ସାର୍ଥକରେ

## ଶକ୍ତି, ସନ୍ଧ୍ୟା ରାଗିଣୀ, ତୁ ମୋ ସାଥୀରେ

**ଓ**ଡିଶାର ପ୍ରମୁଖ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକ ସର୍ବଦା ନୂଆ ନୂଆ କାହାଣୀ ଓ ପାରିବାରିକ ଘଟଣା ଉପରେ ଆଧାରିତ ଧାରାବାହିକକୁ ନେଇ ଦର୍ଶକମାନଙ୍କ ମନୋରଞ୍ଜନ କରିଆସିଛି । ଓଡିଶାର ସାଂସ୍କୃତିକ ଐତିହ୍ୟରେ ଅନୁପ୍ରାଣିତ ଓ ପ୍ରଗତିଶୀଳ ଓଡିଆ ମହିଳାମାନଙ୍କ ସହ ଦୀର୍ଘ ଦିନର ସୁସମ୍ପର୍କକୁ ମଜଭୁତ କରିବା ପାଇଁ ସବୁବେଳେ ଚେଷ୍ଟିତ। ଏହି ଚ୍ୟାନେଲରେ ଏବେ ପ୍ରସାରିତ ହେଉଥିବା 'ସୁନା ଝିଅ', 'ତୁ ଖରା ମୁଁ ଛାଇ' ଏବଂ 'ଖୁସିର ଛୁଙ୍କ' ପରି ମେଗା ଧାରାବାହିକ ହେଉ କି ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ଓ ରଜ କୁଇନ୍ ପରି ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନକୁ ଛୁଇଁପାରିଛି। ଚଳିତ ମାସ ୨ ତାରିଖରୁ ଏହି ଚ୍ୟାନେଲରେ ଆରମ୍ଭ ହୋଇଛି ତିନୋଟି ଦମ୍‌ଦାର ଧାରାବାହିକର ପ୍ରସାରଣ। ସେଗୁଡ଼ିକ ହେଲା 'ସନ୍ଧ୍ୟା ରାଗିଣୀ' (ସୋମ-ଶନି, ସନ୍ଧ୍ୟା ୬.୩୦), 'ତୁ ମୋ ସାଥୀରେ' (ସୋମ-ଶନି, ରାତି ୭ଟା) ଏବଂ 'ଶକ୍ତି' (ସୋମ-ଶନି, ରାତି ୮ଟା)।

**ଶକ୍ତି :** ଶକ୍ତି ମହାପାତ୍ର ନାମ୍ନୀ ଜଣେ ନିଷ୍ଠାପର ଓ ସ୍ୱାଭିମାନୀ ଝିଅ ଏହାର ମୁଖ୍ୟ ଚରିତ୍ର। ବିଦେଶରେ ପାଠ ପଢି ଓକିଲ ହେବା, ନିଜ ପରିବାରକୁ ସାହାଯ୍ୟ କରିବା ଓ ସ୍ୱାଧୀନ ଭାବରେ ଚଳିବାର ସ୍ୱପ୍ନ ଦେଖେ ସେ। ହେଲେ ନିଜ ପରିବାର ଏବଂ ଶିବରାଜଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା କଳି ଝଗଡା ମଧ୍ୟରେ ସେ ଫସିଯାଇଛି । ଗର୍ବୀ ତଥା ନିର୍ଦ୍ଦୟ ବ୍ୟବସାୟୀ ଶିବରାଜ ଶକ୍ତିକୁ ସମାଧାନ ପାଇଁ ପ୍ରସ୍ତାବ ଦିଅନ୍ତି। ଆଉ ତା'ପରେ କ'ଣ ଘଟେ ତାହାକୁ ନେଇ 'ଶକ୍ତି' ଧାରାବାହିକର କାହାଣୀ ଗତିଶୀଳ। ଏସପିପି ପ୍ରଡକସନ୍ସ ଦ୍ୱାରା ପ୍ରସ୍ତୁତ ଏହି ଧାରାବାହିକରେ ନାୟକ ନୀଲ ଥିବା ବେଳେ ନାୟିକା ହୋଇଛନ୍ତି ମିତାଲି।

**ସନ୍ଧ୍ୟା ରାଗିଣୀ :** 'ସନ୍ଧ୍ୟା ରାଗିଣୀ' ଧାରାବାହିକର କାହାଣୀ ଅନୁସାରେ ଓଡିଶାର ଏକ ଛୋଟ ଗାଁରେ ଦୁଇ ଭଉଣୀ ଯଶୋଦା ଓ ଦେବକୀ ରହନ୍ତି। ଏକ ଭୁଲ ବୁଝାମଣା ପାଇଁ ଦୁହେଁ ଅଲଗା ହୋଇଯାଆନ୍ତି। କାରଣ ଯଶୋଦାର ବାହାଘର ମାଧବ ସହ ଠିକ ହୋଇଥିଲା ବେଳେ ଦେବକୀ ବିବାହ କରିଥିଲେ ମାଧବକୁ। ସେଥିପାଇଁ ଦେବକୀକୁ ଘରୁ ବାହାର କରିଦିଆଯାଇଛି। ଏହା ପରେ କ'ଣ ଘଟୁଛି ତାହା ଧାରାବାହିକଟିକୁ ନିୟମିତ ଦେଖିଲେ ହିଁ ଜାଣିପାରିବେ। ଲୋକପ୍ରିୟ ପ୍ରଯୋଜକ ବିଜୟ କାଣ୍ଡୋଇଙ୍କ ପ୍ରଯୋଜିତ ଏହି ଧାରାବାହିକରେ ନିତୁ ମିଶ୍ର, ଲିଟିସା ଓ ପ୍ରିୟଙ୍କା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

**ତୁ ମୋ ସାଥୀରେ :** ବିବାହ ପରେ ପ୍ରେମର ନୂଆ କାହାଣୀ ନେଇ ପ୍ରସ୍ତୁତ ହୋଇଛି ଧାରାବାହିକ 'ତୁ ମୋ ସାଥୀରେ'। ବାହାଘର ପରେ ଅମ୍ବର ଓ ଧାରା ମଧ୍ୟରେ ହେଉଥିବା ପ୍ରେମ, ଝଗଡା ଓ ବୁଝାମଣା ବହୁ ଉତ୍କଣ୍ଠାପୂର୍ଣ୍ଣ ମୋଡ ଦର୍ଶକ ଦେଖିବାକୁ ପାଇବେ। ଏହାର ପ୍ରଯୋଜନା କରିଛନ୍ତି ବିଜୟ କାଣ୍ଡୋଇ ଏବଂ ନିର୍ଦ୍ଦେଶନା ଦେଉଛନ୍ତି ସରୋଜ ଦାଶ। ''ପ୍ରଥମରୁ ଆମେ ଆମର ଦର୍ଶକଙ୍କ ଚିନ୍ତାଧାରାକୁ ସମ୍ମାନ ଜଣାଇ ମନୋରଞ୍ଜନ ଜାରି ରଖିଛୁ। ଏହି ୩ଟି ମେଗା ଧାରାବାହିକ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କହନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ୍।''







(ବାମରୁ) ଧାରାବାହିକ 'ତୁ ମୋ ସାଥୀରେ', 'ସନ୍ଧ୍ୟା ରାଗିଣୀ' ଏବଂ 'ଶକ୍ତି'ର ଦୃଶ୍ୟ

# ଭାରତ, ଇଂଲଣ୍ଡ ଫେଭରିଟ୍

ଗୌତମ ଗମ୍ଭୀର

ଦିନିକିଆ ବିଶ୍ୱକପ୍ ଗୁରୁବାରଠାରୁ ଆରମ୍ଭ ହେଉଛି। କ୍ରିକେଟର ଟି୨୦ଠାରୁ ଦିନିକିଆ ଫର୍ମାଟ ମଧ୍ୟରେ ଫରକ ହେଲା ଦଳ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ୍ୟ ପ୍ରତ୍ୟାବର୍ତ୍ତନର ସୁଯୋଗ ରହିଥାଏ।

ପାୱାର ପ୍ଲେ ସମୟରେ ଯଦି ଜଣେ ବୋଲରୁ ପ୍ରହାର ହୋଇଥାଏ, ପରବର୍ତ୍ତୀ କାଳରେ ଉଇକେଟ ନେଇପାରେ। ଟୁର୍ନାମେଣ୍ଟରେ ଅଧିନାୟକମାନେ କି କି ରଣନୀତି ଆପଣାଉଛନ୍ତି ତାହା ଲକ୍ଷ୍ୟ କରିବାର କଥା। ଦଳଗୁଡ଼ିକୁ ଅଲଗା ଅଲଗା ପରିବେଶରେ ଭିନ୍ନ ଭିନ୍ନ ଦଳ ସହ ଖେଳିବାକୁ ପଡ଼ିବ। ସମୟ ବଦଳିଛି। ସେ ଅନୁସାରେ କମେଣ୍ଟ୍ରି ବକ୍ସରେ ମୋ ସମେତ ଅନ୍ୟମାନେ ଯେଉଁମାନେ ରହିବେ ସେମାନଙ୍କୁ ଅଭିନବ ଶୈଳୀରେ ବ୍ୟାଖ୍ୟା କରିବାକୁ ପଡ଼ିବ। ଶୁବମନ ଗିଲ୍, ମହମ୍ମଦ ସିରାଜ, ଶ୍ରେୟଶ ଆୟରଙ୍କ ଉପରେ ନଜର ରହିଛି। ପ୍ରଶଂସକମାନଙ୍କୁ ଏହି ପିଢିକୁ ଆଗେଇ ନେବାକୁ ହେବ। ପ୍ରଶାସକ, ମିଡିଆ ଏବଂ ଆମେ ସବୁ ବ୍ରଡ୍‌କାଷ୍ଟର କେବଳ ବ୍ୟାଟରଙ୍କୁ ନୁହେଁ ବୋଲରମାନଙ୍କୁ ମଧ୍ୟ ସମ ପରିମାଣରେ ଗୁରୁତ୍ୱ ଦେବାକୁ ହେବ। ଏସିଆ କପ୍ ଫାଇନାଲ ମୋତେ ଖୁବ୍ ଭଲ ଲାଗିଥିଲା। ଏଥିରେ ସିରାଜ ଓ ଯଶପ୍ରୀତ ବୁମ୍‌ରାଙ୍କ ଚମତ୍କାର ବୋଲିଂ ଯୋଗୁ ଶ୍ରୀଲଙ୍କା ୫୦ ରନ ଭିତରେ ସୀମିତ ହୋଇଯାଇଥିଲା। ଭାରତ ଚତୁର୍ଥ ଥର ପାଇଁ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟକୁ ନୂତନ ଶୈଳୀରେ ଖେଳାଯାଇପାରିଲେ ଏହା ଅଧିକ ଆକର୍ଷଣୀୟ ହୋଇପାରିବ। ଏ ପ୍ରସଙ୍ଗରେ ଭାରତୀୟ ଦଳର ପ୍ରଦର୍ଶନ ସହାୟକ ହେବ। ମୋ ମତରେ ଏଥର ଭାରତ ଓ ଇଂଲଣ୍ଡ ହେଉଛନ୍ତି ଦୁଇ ପ୍ରମୁଖ ଟାଇଟଲ ଦାବିଦାର। ଉଭୟ ଦଳ ବୋଲିଂ ଓ ଫିଲ୍ଡିଂରେ ଖୁବ୍ ଭଲ। ଅନ୍ୟମାନଙ୍କ ଭଳି ବୁମ୍‌ରାଙ୍କ ଫିଟ୍‌ନେସ କାକର ବେଳେ ଭଲ ବୋଲିଂ କରିପାରୁଥିବା ବୋଲିଂ ୟୁନିଟ୍ ଉପରେ ମୋର ନଜର ରହିଛି। ମୋ ବାସସ୍ଥାନ ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରାରେ ସାମାନ୍ୟ ଉନ୍ନତି ଘଟିଛି। ବିଶ୍ୱକପ୍ ଖେଳାଯିବାକୁ ଥିବା ଅନ୍ୟ ସହରଗୁଡ଼ିକରେ ମଧ୍ୟ ମୁଁ ଖବର ନେଇଛି। ସେ ସବୁ ସ୍ଥାନରେ ପ୍ରଦୂଷଣର ହାର କମ୍ ରହିଛି। ଆକାଶ ପରିଷ୍କାର ଅଛି। ମୁଁ ଯଦିଓ ଜଣେ ବିଶେଷଜ୍ଞ ନୁହେଁ, ଟୁର୍ନାମେଣ୍ଟ ସମୟରେ କେବେ କେବେ ବର୍ଷା ଓ ପବନ ସମସ୍ୟା ସୃଷ୍ଟି କରିପାରେ ବୋଲି ମୋର ଅନୁମାନ। ବିଶ୍ୱକପ୍ ସମୟରେ ଉଭୟ ଦଶହରା/ଦୁର୍ଗାପୂଜା ଓ ଦିପାବଳୀ ପଡ଼ୁଛି। ସେ ସମୟରେ ଆମକୁ ଭଦ୍ରଲୋକ ହେବାକୁ ପଡ଼ିବ। ଆତସବାଜି ନ କରି ଆମକୁ କେବଳ ବ୍ୟାଟ ଓ ବଲ୍‌ର ଶବ୍ଦ ମଧ୍ୟରେ ସୀମିତ ରହିବାକୁ ପଡ଼ିବ।

(ଗେମ୍‌ପ୍ଲାନ୍/ ଦୀନେଶ ଚୋପ୍ରା ମିଡିଆ)।






ଆଇସିସି କ୍ରିକେଟ ବିଶ୍ୱକପ ଆରମ୍ଭ ହେବା ପୂର୍ବରୁ ବୁଧବାର ଅହମଦାବାଦରେ କ୍ୟାପ୍‌ଟେନ୍ସ ଡେ'ରେ ଯୋଗ ଦେଇଥିବା ୧୦ ଦଳର ଅଧିନାୟକ।

# ନରେନ୍ଦ୍ର ମୋଦି ଷ୍ଟାଡିୟମରେ 'କ୍ୟାପଟେନ୍ସ ଡେ'

**ଅହମଦାବାଦ,୪।୧୦(ପି.ଟି.)** ଭାରତରେ ଖେଳାଯିବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ ପୂର୍ବରୁ ବୁଧବାର ପାଳିତ ହୋଇଛି 'କ୍ୟାପଟେନ୍ସ ଡେ'। ପ୍ରଥମ ଥର ପାଇଁ ବିନା ଉଦ୍‌ଘାଟନୀ ସମାରୋହରେ ଏହି ବିଶ୍ୱକପ ଆୟୋଜିତ ହେବାକୁ ଥିବା ବେଳେ ସମସ୍ତ ୧୦ ଦଳର ଅଧିନାୟକ ବିଶ୍ୱର ସର୍ବବୃହତ କ୍ରିକେଟ ଷ୍ଟାଡିୟମରେ 'କ୍ୟାପଟେନ୍ସ ଡେ' ପାଳନ କରିଥିଲେ। ରୋହିତ ଶର୍ମା, ଟେମ୍ବା ବଭୁମା, ପ୍ୟାଟ୍ କୁମିନ୍ସ, ସ୍କଟ ଏଡୱାର୍ଡ୍ସ, କେନ୍ ୱିଲିୟମସନ, ହଶମତୁଲ୍ଲା ଶାହିଦି, ଜୋଶ ବଟଲର, ବାବର ଆଜମ, ଦସୁନ ଶନକା ଓ ଶକିବ ଅଲ୍ ହାସନ ୧୦ ଦଳର ଅଧିନାୟକ ଭାବରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ଭାରତୀୟ ଖେଳାଳି ରବି ଶାସ୍ତ୍ରୀ ଓ ଇଂଲଣ୍ଡର ଇଓନ ମୋର୍ଗାନ ଆୟୋଜକ ଭାବରେ ସମସ୍ତ ଦଳର ଖେଳାଳିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ୧୦ ଦଳର ଅଧିନାୟକ ଆସନ୍ତା ୬ ସପ୍ତାହର କ୍ରିକେଟକୁ ନେଇ ନିଜର ମତ ମଧ୍ୟ ରଖିଥିଲେ।

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଏହି ଟୁର୍ନାମେଣ୍ଟକୁ ନେଇ ଆଶାବାଦୀ ଥିବା କହିଛନ୍ତି। ମୁଁ ଦିନିକିଆ କ୍ରିକେଟର ଫ୍ୟାନ ବୋଲି ଆରମ୍ଭରୁ କହି ଆସିଛି। ଶୈଶବରୁ ଏହାକୁ ନେଇ ମୁଁ ସ୍ୱପ୍ନ ଦେଖୁଥିବା ବେଳେ ଅଧିନାୟକ ଭାବେ ଅଂଶଗ୍ରହଣ କରିବା ମୋ ପାଇଁ ସ୍ୱତନ୍ତ୍ର। ଏଠାରେ ଥିବା ସମସ୍ତ ଅଧିନାୟକ ନିଜ ଦଳ ପାଇଁ ଶ୍ରେଷ୍ଠ ସଫଳତା ହାସଲ କରିବାକୁ ପ୍ରୟାସ କରିବେ। ସମସ୍ତ ଦଳ ବିଜୟୀ ହେବାକୁ ପ୍ରୟାସ କରିବେ ତେବେ ଭାରତ ଘରୋଇ ପରିବେଶର ଫାଇଦା ଉଠାଇବାକୁ ପ୍ରୟାସ କରିବ। ଏହି ଟୁର୍ନାମେଣ୍ଟକୁ ଭାରତୀୟ ଦର୍ଶକଙ୍କ ପକ୍ଷରୁ ଢେରସାରା ଭଲପାଇବା ମିଳିବା ନେଇ ସେ ଆଶା କରିଛନ୍ତି। ଭାରତୀୟ ମାନେ କେବଳ ଭାରତୀୟ କ୍ରିକେଟ ଦଳକୁ ନୁହେଁ ବରଂ କ୍ରିକେଟକୁ ଭଲ ପାଆନ୍ତି। ତେଣୁ ଆସନ୍ତା କ୍ରିକେଟ ବିଶ୍ୱକପରେ କେବଳ ଭାରତ ମ୍ୟାଚ୍ ନୁହେଁ ବରଂ ସମସ୍ତ ମ୍ୟାଚ ଗୁଡିକରେ ଷ୍ଟାଡିୟମ ଭରପୂର ରହିବା ନେଇ ସେ ପୂର୍ବାନୁମାନ କରିଛନ୍ତି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ**

**ସ୍ଥାନ: ଅହମଦାବାଦ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ସନ୍ତୋଷ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**କଟକ, ୪।୧୦ (ସୁପ୍ରିୟା ପ୍ରିୟଦର୍ଶିନୀ):** ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫି ପାଇଁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ପକ୍ଷରୁ ବୁଧବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଝାରସୁଗୁଡାର ରାକେଶ ଓରାମଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। **ଓଡ଼ିଶା ଦଳ:** ରବି ଦେଉଳପଡ଼ିଆ, ରାଇସେନ ଟୁଡୁ, ପିଣ୍ଟୁ ସାମଲ, ସଞ୍ଜୟ ହେମ୍ବ୍ରମ, ସିଦ୍ଧାନ୍ତ ପ୍ରଧାନ, ଆନନ୍ଦ ଓରାମ, ରାକେଶ ଓରାମ, ଅରବିନ ଲାକ୍ରା, ହରିନ୍ଦର ସିଂ, ଡି. ଶ୍ରୀନାଥ, ଫଗୁ ହେମ୍ବ୍ରମ, ଦୀନବନ୍ଧୁ ଦାସ, ବିକାଶ କୁମାର ସାହୁ, ଗୋରାଚାନ୍ଦ ମାରାଣ୍ଡି, ମୋହନ ମାଝୀ, ଅର୍ପଣ ଲାକ୍ରା, ଚନ୍ଦ୍ର ମୁଦୁଲି, କାର୍ତ୍ତିକ ହାନ୍ତାଳ, ବିଶାଲ ଟିଗା, ଚନ୍ଦ୍ରକାନ୍ତ ଦାସ, ବି. ଶିବା, ରାଜା ହରିଜନ।

# ଚାପକୁ ହାତେଇବା ଗୁରୁତ୍ୱପୂର୍ଣ୍ଣ

ରିଚାର୍ଡ ହାଡଲୀ

ବିଶ୍ୱକପ୍ ୨୦୨୩ର ଓପନିଂ ଗେମ୍ ହେଉଛି ଏକ ବ୍ଲକବୁଷ୍ଟର ମ୍ୟାଚ। ଗତ ସଂସ୍କରଣର ଦୁଇ ଫାଇନାଲିଷ୍ଟଙ୍କ ମଧ୍ୟରେ ଏହା ଖେଳାଯିବ। ଏହା କ୍ରିକେଟ ଇତିହାସର ଅନ୍ୟତମ ଶ୍ରେଷ୍ଠ ଫାଇନାଲ ଥିଲା। ନିର୍ଦ୍ଧାରିତ ସମୟ ଏବଂ ସୁପର ଓଭରରେ ଦୁଇ ଦଳ ସମାନ ରନ ସ୍କୋର କରିଥିଲେ। ଅଧିକ ବାଉଣ୍ଡ୍ରି ଭିତ୍ତିରେ ଇଂଲଣ୍ଡକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ମାତ୍ର ସେତେବେଳେ ଯେପରି ଭାବେ ବିଜେତା ନିର୍ଦ୍ଧାରଣ କରାଗଲା ସେଥିରେ ମୁଁ ଖୁସି ନ ଥିଲି। ଏହା ପୂର୍ବରୁ ୧୯୯୬ରେ ଏହି ଦୁଇଦଳ ବିଶ୍ୱକପ୍ ଉଦ୍‌ଘାଟନୀ ମ୍ୟାଚରେ ପରସ୍ପରକୁ ସମାନ ଭେନ୍ୟୁରେ ପରସ୍ପରକୁ ଭେଟିଥିଲେ। ଏଥିରେ ନ୍ୟୁଜିଲାଣ୍ଡ ୧୧ ରନରେ ବିଜୟ ଲାଭ କରିଥିଲା। ବର୍ତ୍ତମାନ ଇଂଲଣ୍ଡ ଦଳ ବେଶ୍ ଶକ୍ତିଶାଳୀ ବୋଲି ଆମେ ସମସ୍ତେ ଜାଣୁ ତଥାପି ମୁଁ ସେହି ଫଳାଫଳର ପୁନରାବୃତ୍ତି ମୋର ଆଶା। କିନ୍ତୁ କାଗଜପତ୍ରରେ ବର୍ତ୍ତମାନ ଇଂଲଣ୍ଡର ପଲା ଭାରି ଅଛି। ଦଳରେ ବହୁ ପ୍ରତିଭା ଖେଳାଳି ରହିଛନ୍ତି। ବହୁ ବିକଳ୍ପ ଖେଳାଳି ମଧ୍ୟ ମହଜୁଦ ଅଛନ୍ତି। ଦଳ ସକାରାତ୍ମକ ଷ୍ଟାଇଲରେ ଖେଳୁଛି। ଟପ୍ ଅର୍ଡରର ୫ କିମ୍ବା ୬ ବ୍ୟାଟରଙ୍କ ମଧ୍ୟରେ ଜଣେ କେହି କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ରହିଲେ ମ୍ୟାଚର ଗତିପଥ ବଦଳାଇ ଦେଇପାରନ୍ତି। ଦଳର ବୋଲିଂ ଆଟାକ୍ ମଧ୍ୟ ଖୁବ୍ ପ୍ରଭାବୀ। ସମସ୍ତଙ୍କର ଉଇକେଟ ନେବାର ସାମର୍ଥ୍ୟ ରହିଛି। ବିଶ୍ୱକପ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଅନେକ ପରୀକ୍ଷା ଓ ନିରୀକ୍ଷା କରିଛି। ଦଳ ଏପର୍ଯ୍ୟନ୍ତ କମ୍ବିନେଶନ ସ୍ଥିର କରିପାରି ନାହିଁ। ଏହାର ମୁଖ୍ୟ କାରଣ ହେଉଛି। ଅଧିନାୟକ କେନ୍ ୱିଲିୟମସନଙ୍କ ଫିଟ୍‌ନେସ୍। ଇଂଲଣ୍ଡ ବିପକ୍ଷ ଓପନିଂ ମ୍ୟାଚ ସେ ଖେଳିବେ ନାହିଁ। ଦଳ ପାଇଁ ଏହା ଏକ ଶକ୍ତ ଧକ୍କା। କାର୍ଯ୍ୟସୂଚୀ ଅନୁସାରେ ନ୍ୟୁଜିଲାଣ୍ଡ ଏହାର ପରବର୍ତ୍ତୀ ୩ଟି ମ୍ୟାଚ ନେଦରଲାଣ୍ଡ୍ସ, ବାଂଲାଦେଶ ଓ ଆଫଗାନିସ୍ତାନ ବିପକ୍ଷରେ ଖେଳିବ। ସେମାଫାଇନାଲରେ ପ୍ରବେଶ କରିବାକୁ ହେଲେ ଦଳକୁ ସମସ୍ତ ମ୍ୟାଚ ଜିତିବାକୁ ପଡ଼ିବ। ନ୍ୟୁଜିଲାଣ୍ଡର ୬ରୁ ୭ଜଣ ଖେଳାଳି ଆଇପିଏଲ୍ ଖେଳିଛନ୍ତି। ଫଳତଃ ସେମାନେ ଭାରତର ଜଳବାୟୁ ସହ ଅଭ୍ୟସ୍ତ। ଆଇପିଏଲ୍‌ରେ ଡେଭନ କନୱେଙ୍କ ପ୍ରଦର୍ଶନ ଜବରଦସ୍ତ ରହିଛି। ଟପ୍ ଅର୍ଡରରେ ସେ ଜଣେ ପ୍ରଭାବଶାଳୀ ବ୍ୟାଟର। ମିଡଲ ଅର୍ଡରରେ ଯଥେଷ୍ଟ ବିକଳ୍ପ ଆକ୍ରମଣାତ୍ମକ ଖେଳାଳି ରହିଛନ୍ତି। ବୋଲିଂ ବିଭାଗରେ ଟ୍ରେଣ୍ଟ ବୋଲ୍ଟଙ୍କ ଭଳି ବୋଲର ରହିଛନ୍ତି। ନୂଆ ବଲ୍‌ରେ ସେ ନିୟମିତ ଉଇକେଟ ନେଇଆସୁଛନ୍ତି। ମ୍ୟାଟ ହେନ୍‌ରୀଙ୍କ ବୋଲିଂରେ ଦିନକୁ ଦିନ ଉନ୍ନତି ଘଟିବାରେ ଲାଗିଛି। ସୀମିତ ଓଭର କ୍ରିକେଟରେ ମିଚେଲ ସାଣ୍ଟନର ଅନ୍ୟତମ ଟପ୍ ସ୍ପିନର ବିବେଚିତ ହେଉଛନ୍ତି। ପରିଶେଷରେ ବିଶ୍ୱକପ୍ ଭଳି ଟୁର୍ନାମେଣ୍ଟରେ ଖେଳାଳି ଓ ଟିମ୍‌ଗୁଡ଼ିକ ଚାପକୁ କିପରି ହାତେଇ ପାରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ।

–(ଟିଭାକ ସ୍ପୋର୍ଟ୍ସ)




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ